ପୃଷ୍ଠା-୧୪+୪

DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୭/୨୦୨୫ (୧୪+୪=୧୮ ପୃଷ୍ଠା) | Bhubaneswar, Wednesday, December 17/2025 | Page 18 | ₹ 7.00 | RAYAGADA

୫୨ଶ ଭାଗ ୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 24 | ମୂଲ୍ୟ ₹୭/-



**୧୦୦ କୋଟି ଦାବିକଲେ ସେଲିନା**

ସ୍ୱାମୀ ପିଟର ହଗ୍‌ଙ୍କଠାରୁ ଛାଡ଼ପତ୍ର ନେବାକୁ ଯାଉଥିବା ଅଭିନେତ୍ରୀ ସେଲିନା ଜେଟଲି କ୍ଷତିପୂରଣ ଭାବରେ ୧୦୦ କୋଟି ଏବଂ ମାସିକ ଭରଣପୋଷଣ ପାଇଁ ୧୦ ଲକ୍ଷ ଦାବି କରିଛନ୍ତି। ୦୨

୧୮ **ଅଭିଜ୍ଞ କୁଣ୍ଡୁଙ୍କ ଦ୍ୱିଶତକ**

ମାଲେସିଆ ବିପକ୍ଷ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ମ୍ୟାଚରେ ଅପରାଜିତ ଦ୍ୱିଶତକ ହାସଲ କରିଛନ୍ତି ଭାରତର ଅଭିଜ୍ଞ କୁଣ୍ଡୁ।






ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଖୁଚୁରା ଧାନ ବିକ୍ରି କରି ଟୋକନ ସମସ୍ୟା ବିରୋଧରେ ଚାଷୀମାନେ ପ୍ରତିବାଦ କରୁଛନ୍ତି। (ଫଟୋ: ବି.ଶଙ୍କର)

# ୧ ଡଲାର=୯୧.୧୪ ଟଙ୍କା

ମୁମ୍ବାଇ,୧୬।୧୨



ଭାରତୀୟ ଟଙ୍କା ପୁଣି ଏହାର ସର୍ବକାଳୀନ ରେକର୍ଡ ଭାଙ୍ଗି ନୂଆ ସ୍ତରକୁ ଖସିଛି। ମଙ୍ଗଳବାର ଟ୍ରେଡିଂ ସେସନ୍‌ରେ ଡଲାର ତୁଳନାରେ ୨୩ ପଇସା ଦୁର୍ବଳ ହୋଇ ଏହାର ବିନିମୟ ମୂଲ୍ୟ ୯୧.୦୧ ପଇସାରେ ସ୍ଥିର ରହିଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଲଗାତର ଭାବେ ଭାରତୀୟ ପୁଞ୍ଜି ବଜାରରୁ ମୁହଁ ମୋଡ଼ିବା, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିରେ ବିଳମ୍ବ ଓ ଡଲାର କ୍ରମଶଃ ସବଳ ହେବା ଯୋଗୁ ଟଙ୍କାର ଏଭଳି ଅଧୋପତନ ଦେଖିବାକୁ ମିଳୁଛି ବୋଲି ଟ୍ରେଡ୍ ଏକ୍ସପର୍ଟମାନେ ମତ ଦେଇଛନ୍ତି।

କାରବାର ଆରମ୍ଭରେ ଟଙ୍କା ୩୬ ପଇସା ଦୁର୍ବଳ ହୋଇ ୯୧.୧୪ ସ୍ତରକୁ ଖସିଥିଲା, ଯାହାକି ଅଦ୍ୟାବଧି ସର୍ବକାଳୀନ ନିମ୍ନସ୍ତର। ପରେ ଏଥିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ମାତ୍ର ୫୬ଟି ସେସନ୍‌ରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୧% ହ୍ରାସ ପାଇଥିବାବେଳେ ଆଗକୁ ଆହୁରି ଦୁର୍ବଳ ହୋଇପାରେ ବୋଲି କୁହାଯାଉଛି।

# ଏସ୍‌ଆଇଆର୍‌ରେ ମୃତ ଟିଏମ୍‌ସି କାଉନ୍‌ସିଲର ଶେଷକୃତ୍ୟ ଦାବିକଲେ

ହୁଗ୍‌ଲି,୧୬।୧୨

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ମଙ୍ଗଳବାର ଚିଠା ତାଲିକା ପ୍ରକାଶ ପାଇଛି। ଉକ୍ତ ତାଲିକାରେ ହୁଗ୍‌ଲିର ତୃଣମୂଳ କଂଗ୍ରେସ (ଟିଏମ୍‌ସି) କାଉନ୍‌ସିଲର ସୂର୍ଯ୍ୟ ଦେ'ଙ୍କ ନାଁ ନ ଥିବା ଜଣାପଡ଼ିଛି। ଜିଲାର ଡଙ୍କୁନି ମ୍ୟୁନିସିପାଲିଟି ୧୮ ନମ୍ବର ୱାର୍ଡର କାଉନସିଲର ସୂର୍ଯ୍ୟଙ୍କ ନାଁ ମୃତ ବ୍ୟକ୍ତିଙ୍କ ତାଲିକାରେ ଥିବା ସେ ଦେଖିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହାର ଅଭିନବ ପ୍ରତିବାଦ ସ୍ୱରୂପ ସୂର୍ଯ୍ୟ ସମର୍ଥକମାନଙ୍କ ସହ ତୁରନ୍ତ କାଳୀପୁର ଶ୍ମଶାନକୁ ଯାଇ ନିଜ ଶେଷକୃତ୍ୟ ଦାବିରେ ବସି ରହିଥିଲେ। ପୃଷ୍ଠା-୪

# ଜିଲାପାଳଙ୍କ ଅଫିସ ଆଗରେ ଧାନ ବିକିଲେ ଚାଷୀ

**ଟୋକନ ଅବ୍ୟବସ୍ଥା**

ସମ୍ବଲପୁର,୧୬।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଧାନ ବିକ୍ରିରେ ଅଚଳାବସ୍ଥା ଲାଗି ରହିଛି। ଅମଳ ସରିଥିଲେ ବି ଟୋକନ ମିଳି ନ ଥିବାରୁ ଚାଷୀ ମଣ୍ଡିରେ ଧାନ ବିକି ପାରୁନାହାଁନ୍ତି। ଧାନ ବିକ୍ରି ପାଇଁ ଲାଗି ରହିଥିବା ଟୋକନ୍ ଅବ୍ୟବସ୍ଥା ବିରୋଧରେ ମଙ୍ଗଳବାର ଚାଷୀମାନେ ଅଭିନବ ପ୍ରତିବାଦ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଓ କଚେରି ଛକରେ ଧାନବସ୍ତା ରଖି ମାଣ ଓ ତରାଜୁରେ ଲୋକଙ୍କୁ ଖୁଚୁରା ଧାନ ବିକ୍ରି କରିଥିଲେ।

ପୂର୍ବାହ୍ନ ୧୦ଟାରେ ଚାଷୀମାନେ ପ୍ରଥମେ ଗୋଲବଜାର ଛକରେ ଏକତ୍ରିତ ହୋଇଥିଲେ। ସେଠାରେ ଜିଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଙ୍ଗଠନ ଆବାହକ ଅଶୋକ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଧାନବସ୍ତା ଧରି ପଦଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରୁ ଦୁଇଟି ଦଳରେ ଭାଗ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଓ କଚେରି ଛକରେ ଟ୍ରାକ୍ଟର ଓ ଅନ୍ୟାନ୍ୟ ଯାନରେ ଆଣିଥିବା ଧାନବସ୍ତାକୁ ରାସ୍ତା ଉପରେ ରଖି ପଥଚାରୀଙ୍କୁ ଖୁଚୁରାରେ ଧାନ ବିକ୍ରି କରିଥିଲେ। ଏହା ସହିତ ଚାଷୀମାନେ ବିଭିନ୍ନ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ.ରୋହିତ ପୂଜାରୀ ତାଙ୍କ ଶତାଧିକ ସମର୍ଥକଙ୍କ ସହ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପ୍ରତିବାଦ ସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଧାନ ବିକ୍ରି କରିଥିଲେ। କିଛି ସମୟ ପରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସେଠାରେ ପହଞ୍ଚି ୭୫ କୁଇଣ୍ଟାଲରୁ ଅଧିକ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ପ୍ରାୟ ୧୧ ହଜାର ଚାଷୀଙ୍କ ନିକଟକୁ ଟୋକନ୍ ଆସି ସାରିଛି। ଅବଶିଷ୍ଟ ଚାଷୀଙ୍କ ନାମରେ ମଧ୍ୟ ଖୁବ୍‌ଶୀଘ୍ର ଟୋକନ ଜାରି ହୋଇଯିବ। ତେଣୁ ଆଉ ଧାନ ବିକ୍ରୟ ପାଇଁ କୌଣସି ସମସ୍ୟା ରହିବ ନାହିଁ ବୋଲି କହି ଚାଷୀମାନେ ଆନ୍ଦୋଳନରୁ ଓହରି ଯିବା ଆବଶ୍ୟକ ବୋଲି କହିଥିଲେ। ଏହାପରେ ସେ ଘଟଣା ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା ପାଇଁ ଯାଇଥିଲେ।

ଏହି ପରିପ୍ରେକ୍ଷୀରେ ବରିଷ୍ଠ ଚାଷୀ ନେତା ତଥା ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଙ୍ଗଠନ ଆବାହକ ଅଶୋକ ପ୍ରଧାନ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ବୟାନକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ସେ କହିଥିଲେ, ମନ୍ତ୍ରୀ କହୁଛନ୍ତି ଚାଷୀମାନେ ଯଦି ଭାବୁ ଥାଆନ୍ତି ସରକାର ଧାନକ୍ରୟ କରିବାରେ ଅସମର୍ଥ, ତା'ହେଲେ ସେମାନେ ଖୋଲା ବଜାରରେ ବିକ୍ରି କରନ୍ତୁ। ଏହିଭଳି ମନ୍ତବ୍ୟ ରାଜ୍ୟର ଚାଷୀଙ୍କ ପ୍ରତି ଉପହାସ ସଦୃଶ। ତେଣୁ ଏହାର ପ୍ରତିବାଦ କରି ସେମାନେ ମଙ୍ଗଳବାର ଜିଲାପାଳଙ୍କ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଜିଆ ଖାଉଛି ମାଛକୁ

# ପ୍ରଦୂଷଣରୁ ସିରିଜ୍ ଦୁର୍ଘଟଣା: ୨୫ ମୃତ, ୫୯ ଆହତ

**ଦେଶରେ ଦିନକୁ ଦିନ ବାୟୁ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି। ବିଶେଷକରି ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ(ଏନ୍‌ସିଆର୍)ରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଅତି ଚିନ୍ତାଜନକ ସ୍ତରକୁ ଖସିଆସିଛି। ଏହାର ପ୍ରଭାବ କେବଳ ସ୍ୱାସ୍ଥ୍ୟ ଉପରେ ପଡୁଛି ତାହା ନୁହେଁ, ଏଥିଯୋଗୁ ଧୂଆଁ ଓ ଧୂଳିର ବହଳ ଆସ୍ତରଣ ବାୟୁମଣ୍ଡଳକୁ ବିଷାକ୍ତ କରିଦେଇଛି। ଫଳରେ ସ୍ୱଳ୍ପ ଦୃଶ୍ୟମାନତା ଯୋଗୁ ୧୦୦ ମିଟର ଦୂରକୁ ମଧ୍ୟ ଦେଖିହେଉନାହିଁ। ଦିଲ୍ଲୀ ଆଖପାଖ ଅଞ୍ଚଳ ଓ ଉତ୍ତରପ୍ରଦେଶରେ ମଙ୍ଗଳବାର ଅନେକ ସ୍ଥାନରେ ସିରିଜ ଦୁର୍ଘଟଣା ଘଟି ୨୫ ଜଣଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣାଗୁଡ଼ିକରେ ୫୯ ଆହତ ହୋଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସମ୍ପ୍ରତି ବାୟୁ ପ୍ରଦୂଷଣଜନିତ ଦୁର୍ଘଟଣା ମୃତ୍ୟୁ ରୋକିବା ଏକ ବଡ଼ ଆହ୍ୱାନ ରୂପେ ଉଭା ହୋଇଛି।**

ନୂଆଦିଲ୍ଲୀ/ମଥୁରା/ଲକ୍ଷ୍ନୌ,୧୬।୧୨(ପି.ଟି.)

ଘନ କୁହୁଡ଼ି ସାଙ୍ଗକୁ ବାୟୁ ପ୍ରଦୂଷଣଜନିତ ଧୂଳି ଓ ଧୂଆଁର ଆସ୍ତରଣ ମଙ୍ଗଳବାର ଭୋର ସମୟରେ ଉତ୍ତର ଭାରତର ଆକାଶକୁ ଆଚ୍ଛାଦିତ କରି ରଖିଥିବାବେଳେ ଯମୁନା ଏକ୍ସପ୍ରେସ୍‌ୱେରେ ସିରିଜ୍ ଦୁର୍ଘଟଣା ଘଟି ୧୩ ଜଣ ଜଳିଯାଇ ପ୍ରାଣ ହରାଇବା ସହ ଅନ୍ୟ ୪୩ ଜଣ ଆହତ ହୋଇଛନ୍ତି। ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନତା କମିଯିବାରୁ ଅଧିକ ଦୂରତା ପର୍ଯ୍ୟନ୍ତ ଦେଖାଯାଉ ନ ଥିଲା। ଫଳରେ ଏକ୍ସପ୍ରେସ୍‌ୱେର ଆଗ୍ରା-ନଏଡ଼ା ରାସ୍ତାରେ ଭୋର ୪ଟା ୩୦ ମିନିଟ୍ ସମୟରେ ୮ଟି ବସ୍ ଓ ୩ଟି ଛୋଟ ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ବଳଦେବ ଥାନା ଅଞ୍ଚଳ ମଧ୍ୟରେ ଏହି ଦୁର୍ଘଟଣା ଘଟି କେତେକ ଗାଡ଼ି ଜଳିଯାଇଥିଲା। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ମଥୁରା ଏସ୍‌ପି ଶ୍ଲୋକ କୁମାର କହିଛନ୍ତି। ବସ୍ ଓ କାର୍‌ଗୁଡ଼ିକ ଜଳିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ସେଗୁଡ଼ିକୁ ରାସ୍ତାରୁ ହଟାଇବା ପାଇଁ କ୍ରେନ୍ ଡାକିବାକୁ ପଡ଼ିଥିଲା। ପରିବାର ଲୋକଙ୍କ ସୂଚନା ସହ ମେଳ କରିବା ପାଇଁ ମୃତଦେହଗୁଡ଼ିକର ଡିଏନ୍‌ଏ ସଂଗ୍ରହ କରାଯାଇଛି। ଏପର୍ଯ୍ୟନ୍ତ ୩ ମୃତଦେହ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରାଯାଇଛି। ମୃତଦେହର ପରିଚୟ ମିଳିବା ପରେ ସେଗୁଡ଼ିକର ଶେଷକୃତ୍ୟ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ଆହତମାନଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଥିବା ଜିଲାପାଳ ଚନ୍ଦ୍ରପ୍ରକାଶ ସିଂ କହିଛନ୍ତି। ଗୁରୁତର ଆହତଙ୍କୁ ଆଗ୍ରାର ଏସ୍‌ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଥିବାବେଳେ ଅନ୍ୟ କେତେଜଣଙ୍କୁ ଦିଲ୍ଲୀ ନିଆଯାଇଛି। ରାସ୍ତା ଦୁର୍ଘଟଣାର ତଦନ୍ତ କରି ୨ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ଜିଲାପାଳ ଅତିରିକ୍ତ ଜିଲାପାଳ ଅମରେଶ କୁମାରଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଗଠନ କରିଛନ୍ତି। ଜଣେ ଡ୍ରାଇଭରଙ୍କ ବିରୋଧରେ ବଳଦେବ ଥାନାରେ ମାମଲା ରୁଜୁ ହୋଇଛି। ସେହିପରି ୟୁପିର ବସ୍ତି ଏବଂ ଉନ୍ନାଓରେ ଦୁର୍ଘଟଣା ଘଟିବାରୁ ୪ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ମିରଟ୍ ଓ ବାରାବାଙ୍କିରେ ଦୁର୍ବଳ ଦୃଶ୍ୟମାନତା ଯୋଗୁ ଦୁର୍ଘଟଣା ଆଉ ୪ ଜଣଙ୍କ ଜୀବନ ନେଇଛି।

# ଜବରଦଖଲରେ ୩୧ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜଙ୍ଗଲ ଜମି

ଭୁବନେଶ୍ୱର,୧୬।୧୨(ରବିନାରାୟଣ ଜେନା)


**ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ: ଜଙ୍ଗଲ ମନ୍ତ୍ରୀ**

ରାଜ୍ୟରେ ଜମି ଜବରଦଖଲକାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିଚାଲିଛି। ଜବରଦଖଲକାରୀମାନେ କେବଳ ଯେ ଅନାବାଦୀ, ଗୋଚର କିମ୍ବା ସରକାରଙ୍କ ଅନ୍ୟାନ୍ୟ କିସମ ଜମିକୁ ନିଜ ଦଖଲକୁ ନେଉଛନ୍ତି କିମ୍ବା ଏହାକୁ ବିକ୍ରିକରି ମାଲାମାଲ୍ ହେଉଛନ୍ତି ତା' ନୁହେଁ, ହଜାର ହଜାର ହେକ୍ଟର ବିଭିନ୍ନ କିସମର ଜଙ୍ଗଲ ଜମି ମଧ୍ୟ ନିଜ ଅକ୍ତିଆରରେ ରଖିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଜମି ଜବରଦଖଲମୁକ୍ତ କରିବା ପାଇଁ ଏବେ ରାଜସ୍ୱ ବିଭାଗର ତତ୍ପରତା ପ୍ରକାଶ ପାଇଛି। ଏହାକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମରେ ପ୍ରଶାସନିକ ଅଧିକାରୀଙ୍କୁ ଖୋଲା ଆହ୍ୱାନ ଦେଇଛନ୍ତି। ଏପରିକି ଯେଉଁଠାରେ ଜବରଦଖଲମୁକ୍ତ ହୋଇ ନ ପାରିବ ସେଠାରେ ଅଧିକାରୀଙ୍କଠାରୁ ସରକାରୀ ନିୟମ ଅନୁଯାୟୀ ଅର୍ଥ ଅସୁଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପୃଷ୍ଠା-୪

# ଆଇପିଏଲ୍: ୨୫.୨ କୋଟିରେ ଗଲେ ଗ୍ରୀନ୍

ଆବୁଧାବି,୧୬।୧୨(ପି.ଟି.)

**ଅକ୍ସନରେ ସବୁଠୁ ଦାମୀ ବିଦେଶୀ ଖେଳାଳି**




କାମେରନ୍ ଗ୍ରୀନ

ଆଗାମୀ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍) ସିଜନ ଲାଗି ମଙ୍ଗଳବାର ମିନି ଅକ୍ସନ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟ୍ରେଲିଆର ଅଲ୍‌ରାଉଣ୍ଡର କାମେରନ୍ ଗ୍ରୀନ୍‌ଙ୍କୁ ୨୫.୨୦ କୋଟି ଟଙ୍କାରେ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର) କିଣିଛି। ଫଳରେ ସେ ଆଇପିଏଲ ଇତିହାସର ସବୁଠୁ ଦାମୀ ବିଦେଶୀ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି। ଏହି ଅକ୍ସନରେ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନ ଥିବା ତଥା ଅନ୍‌କ୍ୟାପ୍‌ଡ ଖେଳାଳିଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟପକ୍ଷରେ ଚଳିତ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ସତ୍ତ୍ୱେ ପୃଥ୍ୱୀ ଶ' ଓ ସର୍ଫରାଜ ଖାନ୍‌ଙ୍କ ଭଳି ଭାରତ ପାଇଁ ଖେଳିଥିବା ଖେଳାଳି ଅନ୍‌ସୋଲ୍ଡ ରହିଛନ୍ତି।

ପୂର୍ବରୁ ସବୁଠୁ ଦାମୀ ବିଦେଶୀ ଖେଳାଳି ହେବାର ରେକର୍ଡ ଅଷ୍ଟ୍ରେଲିଆର ବାମହାତୀ ପେସର ମିଚେଲ ଷ୍ଟାର୍କ(୨୪.୭୫ କୋଟି)ଙ୍କ ନାମରେ ଥିଲା। ତେବେ ଗ୍ରୀନ୍‌ଙ୍କୁ ଆଗାମୀ ସିଜନ୍ ଲାଗି ୧୮ କୋଟି ଟଙ୍କା ଦରମା ମିଳିବ। ବଳକା ୭ କୋଟି ବିଦେଶୀ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ଅକ୍ସନର ନିୟମ ଅନୁଯାୟୀ, ବିସିସିଆଇର ଖେଳାଳିଙ୍କ ବିକାଶ ଯୋଜନାରେ ଖର୍ଚ୍ଚ ହେବ। ଶ୍ରୀଲଙ୍କା ପେସର ମାଥିଶା ପାଥିରାନାଙ୍କୁ ୧୮ ଓ ବାଂଲାଦେଶର ବାମହାତୀ ପେସର ମୁସ୍ତାଫିଜୁର ରହମାନ୍‌ଙ୍କୁ ୯.୨୦ କୋଟି ଟଙ୍କାରେ କେକେଆର ଦଳରେ ସାମିଲ କରିଛି। ଦୁଇ ପେସର ନିଜ ନିଜ ଦେଶର ସବୁଠୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

ଉତ୍ତର ପ୍ରଦେଶର ୨୦ ବର୍ଷୀୟ ବାମହାତୀ ସ୍ପିନର ପ୍ରଶାନ୍ତ ବୀର ଓ ରାଜସ୍ଥାନର ୧୯ ବର୍ଷୀୟ କିପର ବ୍ୟାଟର କାର୍ତ୍ତିକ ଶର୍ମାଙ୍କୁ ୧୪.୨୦ କୋଟି ଲେଖାଏ ଟଙ୍କାରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) କିଣିଛି। ଫଳରେ ଦୁହେଁ ଆଇପିଏଲ୍ ଇତିହାସର ସବୁଠୁ ଦାମୀ ଅନ୍‌କ୍ୟାପ୍‌ଡ ଖେଳାଳି ହେବା ରେକର୍ଡର ଅଧିକାରୀ ହୋଇଛନ୍ତି। ଜମ୍ମୁ-କଶ୍ମୀର ପେସର ଆକିବ ନବି ଦାର ୮.୪୦ କୋଟି ଓ ଭାରତୀୟ ଅଲ୍‌ରାଉଣ୍ଡର ଭେଙ୍କଟେଶ ଆୟର ୭ କୋଟି ଟଙ୍କା ମୂଲ୍ୟରେ ଯଥାକ୍ରମେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି)ରେ ସାମିଲ ହୋଇଛନ୍ତି। ପୃଷ୍ଠା-୪

# ଲକ୍ଷେ ଋଣ ନେଇଥିଲେ, ଶୁଝିବାକୁ କିଡ୍‌ନୀ ବିକିଲେ

ମୁମ୍ବାଇ,୧୬।୧୨

କୃଷକଙ୍କ ଆୟ ବୃଦ୍ଧି ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର ଅନେକ କଥା କହିଆସୁଛନ୍ତି। କିନ୍ତୁ ଏହାର ସତ୍ୟତା କେତେ ତାହା ମହାରାଷ୍ଟ୍ରର ଜଣେ ଚାଷୀଙ୍କ କ୍ଷେତ୍ରରେ ଧରାପଡ଼ିଯାଇଛି। ଚନ୍ଦ୍ରପୁର ଜିଲାର କୃଷକ ରୋଶନ ସଦାଶିବ କୁଡ଼େ ସାହୁକାରଙ୍କଠାରୁ ୧ ଲକ୍ଷ ଟଙ୍କା ଋଣ ନେଇ ଚକ୍ରବୃଦ୍ଧି ସୁଧ ଜାଲରେ ଏପରି ଛନ୍ଦି ହୋଇଗଲେ ଯେ ତାହା ୭୪ ଲକ୍ଷରେ ପହଞ୍ଚିଗଲା। ଏତେ ପରିମାଣର ଋଣ ଅର୍ଥ ପରିଶୋଧ କରିବା ପାଇଁ ଅକ୍ଷମ ରୋଶନଙ୍କୁ ଶେଷରେ କାମ୍ବୋଡିଆ ଯାଇ ନିଜ କିଡ୍‌ନୀ ବିକ୍ରି କରିବାକୁ ପଡ଼ିଛି। ଏଭଳି ସ୍ଥଳେ ନ୍ୟାୟ ନ ମିଳିଲେ ସେ ଓ ତାଙ୍କ ପରିବାର ରାଜଧାନୀ ମୁମ୍ବାଇରେ ଆତ୍ମହତ୍ୟା କରିବେ ବୋଲି ରୋଶନ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି।



ସଦାଶିବ କୁଡ଼େ

ଚାଷରେ ଲଗାତର କ୍ଷତି ସହିଆସୁଥିବା ରୋଶନ ଗୋପାଳନ କରି ଏକ ଡେଏରି ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ଅନେକ ସାହୁକାରଙ୍କଠାରୁ ୧ ଲକ୍ଷ ଟଙ୍କା ଋଣ ନେଇଥିଲେ। କିନ୍ତୁ ଭାଗ୍ୟ ପୁଣି ଦାଉ ସାଧିଲା। ଦୁଗ୍ଧଜାତ ସାମଗ୍ରୀ ବ୍ୟବସାୟ ଆଗକୁ ବଢ଼ିବା ପୂର୍ବରୁ ତାଙ୍କ ଗୋରୁ ମରିଗଲେ। ରୋଶନ ଓ ତାଙ୍କ ପରିବାର ପାଖକୁ ସାହୁକାରମାନେ ଟଙ୍କା ଅସୁଲ ପାଇଁ ଧାଇଁବାରେ ଲାଗିଲେ। ପରିଶେଷରେ ସେ ନିଜ ଜମି, ଟ୍ରାକ୍ଟର ଓ ଗହଣା ବିକି ଋଣଜାଲରୁ ମୁକୁଳିବାକୁ ଉଦ୍ୟମ କଲେ। କିନ୍ତୁ ସେସବୁ ପର୍ଯ୍ୟାପ୍ତ ନ ଥିଲା। ଫଳରେ ଜଣେ ସାହୁକାର ରୋଶନଙ୍କୁ ନିଜ କିଡ୍‌ନୀ ବିକ୍ରିକରି ଋଣମୁକ୍ତ ହେବାକୁ ପରାମର୍ଶ ଦେଇଥିଲେ। ପୃଷ୍ଠା-୪



ଏମ୍‌ଜିଏନ୍‌ଆର୍‌ଇଜିଏ ନାଁ ବଦଳାଇବା ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ଲୋକ ସଭାରେ ଭିବି-ଜି ରାମ ଜି ବିଲ୍ ଆଗତ କରିଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଅନ୍ୟ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟ ପରିସରରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଧରି ବିକ୍ଷୋଭ କରୁଛନ୍ତି।

## ସାଟେଲାଇଟ୍ ନଜରରୁ ବର୍ତ୍ତିବା ପାଇଁ ନଡ଼ାପୋଡ଼ି ସମୟ ବଦଳାଇଛନ୍ତି ଚାଷୀ: ନାସା

ୱାଶିଂଟନ,୧୬।୧୨

ଦିଲ୍ଲୀ ସମେତ ଉତ୍ତର ଭାରତରେ ବାୟୁ ପ୍ରଦୂଷଣ ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ନଡ଼ାପୋଡ଼ି ହୋଇଥିବାବେଳେ ଏହାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏହା ସତ୍ତ୍ୱେ ନଡ଼ାପୋଡ଼ି କମିବା ପରିବର୍ତ୍ତେ ବଢ଼ିଚାଲିଛି। ନଡ଼ାପୋଡ଼ି ରୋକିବା ପାଇଁ ସାଟେଲାଇଟ୍ ଯୋଗେ ଏହା ଉପରେ ନଜର ରଖାଯାଉଥିଲା। ଏହା ଜାଣିପାରି ଚାଷୀ ନଡ଼ାପୋଡ଼ି ସମୟ ବଦଳାଇଦେଇଛନ୍ତି। ଫଳରେ ନଡ଼ାପୋଡ଼ିର ଦୃଶ୍ୟକୁ ସାଟେଲାଇଟ୍ ଧରିବା ସମ୍ଭବ ହେଉନାହିଁ ବୋଲି ନାସା କହିଛି।

ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଚାଷୀମାନେ ଧାନ ଅମଳ ପରେ ନଡ଼ା ପୋଡ଼ିଥାନ୍ତି। ତେଣୁ ଅନେକ ଦଶନ୍ଧି ଧରି ଏହି ସମୟରେ ଭାରତର ଗାଙ୍ଗେୟ ସମତଳ ଅଞ୍ଚଳରେ ଧୂଆଁ, ଧୂଳି ଆକାଶକୁ ଆଚ୍ଛାଦିତ କରି ରଖିଥିବା ଦେଖିବାକୁ ମିଳୁଥିଲା। ଏବେ ଫସଲ ଅମଳ ସମୟରେ ଏଥିରେ ବ୍ୟତିକ୍ରମ ଦେଖାଯାଇଛି। ଏହାର କାରଣ ଦୈନନ୍ଦିନ ନଡ଼ା ପୋଡ଼ି ସମୟ ବଦଳିଯାଇଥିବା ନାସା ପକ୍ଷରୁ ସୋମବାର ଜାରି ବିବୃତିରେ କୁହାଯାଇଛି। ନାସା ଗୋଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରର ବାୟୁମଣ୍ଡଳ ବିଜ୍ଞାନୀ ହିରେନ୍ ଜେଠୱା କହିଛନ୍ତି, ଗତ ଅକ୍ଟୋବର ଶେଷ ସପ୍ତାହରେ ନଡ଼ାପୋଡ଼ି ବଢ଼ିବାରୁ ମାସେ ହେଲା ଦିଲ୍ଲୀ ଓ ଅନ୍ୟ କେତେକ ସହରର ବାୟୁ ଗୁଣବତ୍ତା ଅଧିକ ଖରାପ ହୋଇଚାଲିଛି। ପ୍ରାୟ ଗୋଟିଏ ଦଶନ୍ଧି ହେଲା ଭାରତରେ ଷ୍ଟବଲ୍ ବର୍ନିଂ ଉପରେ ନଜର ରଖିବା ପାଇଁ ଜେଠୱା ସାଟେଲାଇଟ୍ ତଥ୍ୟକୁ ବ୍ୟବହାର କରୁଥିଲେ। ତାଙ୍କ କହିବା ଅନୁଯାୟୀ, ପୂର୍ବରୁ ସ୍ଥାନୀୟ ସମୟ ଅପରାହ୍ନ ୧ଟାରୁ ୨ଟା ମଧ୍ୟରେ ଚାଷୀ ନଡ଼ାରେ ନିଆଁ ଲଗାଉଥିଲେ। ଏବେ ଏହି ଢାଞ୍ଚା ବଦଳିଛି। କିଛି ବର୍ଷ ହେଲ ଅପରାହ୍ନ ୪ଟାରୁ ୬ଟା ମଧ୍ୟରେ ନଡ଼ା ପୋଡ଼ାଯାଉଛି। ବାୟୁ ଗୁଣବତ୍ତା ସୂଚକାଙ୍କ କିଛିଦିନ ହେଲା ୪୦୦ ଅତିକ୍ରମ କରିଛି। ଦିଲ୍ଲୀରେ ବାୟୁ ଗୁଣବତ୍ତା ଅଧିକ ଉତ୍କଟ ହେବାରୁ ଜିଆର୍‌ଏପିର ଚତୁର୍ଥ ପର୍ଯ୍ୟାୟ କଟକଣା ଲାଗୁ କରାଯାଇଛି। ବୈଧ ପଲ୍ୟୁଶନ ନିୟନ୍ତ୍ରଣ ସାର୍ଟିଫିକେଟ ନ ଥିବା ଗାଡ଼ିଗୁଡ଼ିକୁ ତେଲ ବିକ୍ରି ନ କରିବାକୁ ଦିଲ୍ଲୀ କର୍ତ୍ତୃପକ୍ଷ ମଙ୍ଗଳବାର ଘୋଷଣା କରିଛନ୍ତି।

## ବଣ୍ଡାଇ ବିଚ୍ ଗୁଳିକାଣ୍ଡ ଶୁଟର ହାଇଦ୍ରାବାଦର ମୂଳ ବାସିନ୍ଦା

ହାଇଦ୍ରାବାଦ,୧୬।୧୨

ଅଷ୍ଟ୍ରେଲିଆର ପ୍ରସିଦ୍ଧ ବଣ୍ଡାଇ ବିଚ୍‌ରେ ଗତ ରବିବାର ଗୁଳିକାଣ୍ଡରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣକାରୀ ୫୦ ବର୍ଷୀୟ ସାଜିଦ ଅକ୍ରମ ଏବଂ ତାଙ୍କ ପୁଅ ନଭିଦ ଆକ୍ରମଣ ଇହୁଦି ଉତ୍ସବ ସ୍ଥଳରେ ଆଖିବୁଜା ଗୁଳି ଚଳାଇଥିଲେ। ପୋଲିସ ଗୁଳିରେ ସାଜିଦ ନିହତ ହୋଇଥିବାବେଳେ ନଭିଦ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସାଜିଦ ହାଇଦ୍ରାବାଦର ମୂଳ ବାସିନ୍ଦା ବୋଲି ତେଲଙ୍ଗାନା ପୋଲିସ ମଙ୍ଗଳବାର କହିଛି। ୨୭ ବର୍ଷ ପୂର୍ବେ ସେ ଅଷ୍ଟ୍ରେଲିଆ ଯାଇ ସେଠାରେ ରହିଆସୁଥିଲେ। ହାଇଦ୍ରାବାଦରେ ଥିବା ତାଙ୍କ ପରିବାର ସହ ସୀମିତ ଯୋଗାଯୋଗ ଥିଲା। ବଣ୍ଡାଇ ବିଚ୍ ଗୁଳିକାଣ୍ଡ ଏକ ଟାର୍ଗେଟେଡ୍ ଆକ୍ରମଣ ବୋଲି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିସ୍ କହିଥିଲେ। ଗୁଳିକାଣ୍ଡ ଘଟଣା ପରେ ଅଷ୍ଟ୍ରେଲିଆ ସରକାର ବନ୍ଧୁକ ଆଇନକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଲୋକ ସଭାରେ ଆସିଲା ଭିବି-ଜି ରାମ ଜି ବିଲ୍

ନୂଆଦିଲ୍ଲୀ,୧୬।୧୨(ପି.ଟି.)


ଶିବରାଜ ସିଂ ଚୌହାନ

ଗ୍ରାମାଞ୍ଚଳ ଲୋକମାନଙ୍କୁ ନିଶ୍ଚିତ କର୍ମନିଯୁକ୍ତି ଯୋଗାଇବା ପାଇଁ ଉପା ସରକର ଅମଳରୁ ଚାଲିଆସୁଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ)ର ନାଁ ବଦଳାଇବାକୁ କେନ୍ଦ୍ର ସରକାର ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) (ଭିବି-ଜି ରାମ ଜି) ବିଲ୍, ୨୦୨୫ ଅଣାଯାଇଛି। ଲୋକ ସଭାରେ ମଙ୍ଗଳବାର ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ମଧ୍ୟରେ ସରକାର ଏହି ବିଲ୍‌କୁ ଉପସ୍ଥାପନ କରିଛନ୍ତି। ବିଲ୍ ଉପସ୍ଥାପନ କରି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଥିଲେ, ସରକାର ମହାତ୍ମା ଗାନ୍ଧୀଙ୍କ ଉପରେ ବିଶ୍ୱାସ କରିବା ସହ ତାଙ୍କ ନୀତିକୁ ଅନୁସରଣ କରୁଛନ୍ତି। ନରେନ୍ଦ୍ର ମୋଦିଙ୍କ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ପୂର୍ବ ସରକାର ଅପେକ୍ଷା ବହୁତ ଅଧିକ କରିଛନ୍ତି।

ବିରୋଧୀ ସଦସ୍ୟମାନେ ବିଲ୍‌କୁ ଦୃଢ଼ ବିରୋଧ କରିବା ସହ ଏହା ଉପରେ ଅଧିକ ଯାଞ୍ଚ ପାଇଁ ସଂସଦୀୟ କମିଟିକୁ ପଠାଇବା ପାଇଁ ଦାବି କରିଥିଲେ। ମହାତ୍ମା ଗାନ୍ଧୀଙ୍କ ନାମକୁ ଯୋଜନାରୁ କଟାଯିବାକୁ ନେଇ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନ୍ୟମାନେ ପ୍ରବଳ ବିରୋଧ କରିଥିଲେ। ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଚାଲିଆସି ମହାତ୍ମା ଗାନ୍ଧୀଙ୍କ ଫଟୋ ଧରି ପ୍ରତିବାଦ ଜଣାଇଥିଲେ।

ନୂଆ ବିଲ୍ ଅନୁଯାୟୀ, ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରର କାମ କରିବାକୁ ଚାହୁଁଥିବା ଅଣକୁଶଳୀ ଲୋକଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ୧୨୫ ଦିନ ନିଶ୍ଚିତ କାମ ଯୋଗାଇ ଦିଆଯିବ। ଭିବି-ଜି ରାମ ଜି ଆଇନ କାର୍ଯ୍ୟକାରୀ ହେବାର ୬ ମାସ ମଧ୍ୟରେ ରାଜ୍ୟଗୁଡ଼ିକ ଏଥିରେ ଥିବା ବ୍ୟବସ୍ଥା ଅନୁଯାୟୀ ଯୋଜନା ଆଣିବେ। ଯୋଜନାର ଆର୍ଥିକ ଦାୟିତ୍ୱର ଏକ ବଡ଼ ଭାଗ ରାଜ୍ୟଗୁଡ଼ିକୁ ବହନ କରିବାକୁ ପଡ଼ିବ। ବିଲ୍ ଅନୁଯାୟୀ, କେନ୍ଦ୍ର ସରକାର ଯୋଜନାର ୬୦ ପ୍ରତିଶତ ବ୍ୟୟ ବହନ କରିବାକୁ ଥିବାବେଳେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ୪୦ ପ୍ରତିଶତ ଭରଣା କରିବେ। ଅନ୍ୟପକ୍ଷରେ ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର ଆଦି ହିମାଳୟାନ ରାଜ୍ୟଗୁଡ଼ିକ ଯୋଜନା ପାଣ୍ଠିର ୧୦ ପ୍ରତିଶତ ଦେବାକୁ ଥିବାବେଳେ କେନ୍ଦ୍ର ୯୦ ପ୍ରତିଶତ ଯୋଗାଇଦେବ। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବିତ ଆଇନ ଆଣିବାକୁ ସରକାର ଚାହୁଁଥିବା ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ କହିଛି। ଜଳସୁରକ୍ଷା, ଗ୍ରାମାଞ୍ଚଳର ମୁଖ୍ୟ ଭିତ୍ତିଭୂମି, ଜୀବିକା ସମ୍ପର୍କିତ ଭିତ୍ତିଭୂମି ଏବଂ ଭୀଷଣ ପାଗ ଜନିତ ସମସ୍ୟା ଦୂର ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଉପରେ ଏଥିରେ ଗୁରୁତ୍ୱ ଦିଆଯିବ।

ଏଭଳି ବିଲ୍ ଆଣି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଲୋକମାନେ ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରୁଥିବା ଅଭିଯୋଗ କରି ମଙ୍ଗଳବାର ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରିଥିଲେ। କଂଗ୍ରେସ ଏମ୍‌ପି ପ୍ରିୟଙ୍କା, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଡିଏମ୍‌କେର ଟି.ଆର୍. ବାଲୁ, ଆର୍‌ଏସ୍‌ପିର ଏନ୍.କେ. ପ୍ରେମଚନ୍ଦ୍ରନ ଓ ଅନ୍ୟମାନେ ପାର୍ଲାମେଣ୍ଟ କମ୍ପ୍ଲେକ୍ସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭରେ ସାମିଲ ହୋଇଥିଲେ। ଗାନ୍ଧିଜୀଙ୍କ ପ୍ରତି ଅପମାନ ହିନ୍ଦୁସ୍ଥାନ ସହିବ ନାହିଁ ବୋଲି ସେମାନେ ସ୍ଲୋଗାନ ଦେବା ସହ ବିଲ୍‌କୁ ପ୍ରତ୍ୟାହାର କରିନେବାକୁ ଦାବି କରିଥିଲେ।

ସରକାର ଗ୍ରାମାଞ୍ଚଳ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ଏମ୍‌ଜିଏନ୍‌ଆର୍‌ଇଜିଏକୁ ଧ୍ୱଂସ କରିଦେବାକୁ ଉଦ୍ୟମ କରୁଥିବା ପ୍ରିୟଙ୍କା ଅଭିଯୋଗ କରିଛନ୍ତି। ପୂର୍ବର ଉପା ସରକାର ସମୟରେ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲା। ନୂଆ ବିଲ୍ ଦେଶର ବହୁକୋଟି ଶ୍ରମିକଙ୍କ ବିରୋଧରେ ଅଣାଯାଇଛି। ଏହା ଗ୍ରାମସଭା ଓ ଗ୍ରାମ ପଞ୍ଚାୟତ ବିରୋଧୀ। ଏହାକୁ ତୁରନ୍ତ ଫେରାଇ ନିଆଯାଉ ବୋଲି ପ୍ରିୟଙ୍କା ଦାବି କରିଥିଲେ। ମହାତ୍ମା ଗାନ୍ଧୀ ଦେଶର ଆତ୍ମାକୁ ଜାଗ୍ରତ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ସବୁଠୁ ବଡ଼ ଭୂମିକା ନେଇଥିଲେ। ଏବେ ଭାଜପା ପାଖରେ ଅନ୍ୟ କିଛି କରିବାକୁ ନ ଥିବାରୁ ସେମାନେ କେବଳ ନାଁ ବଦଳାଉଛନ୍ତି ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ତଥା ଲୋକ ସଭା ସଦସ୍ୟ ଅଖିଳେଶ ଯାଦବ କହିଛନ୍ତି।

### ଆଜି ଦେଶବ୍ୟାପୀ ବିକ୍ଷୋଭ କରିବ କଂଗ୍ରେସ

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ଏମ୍‌ଜିଏନ୍‌ଆର୍‌ଇଜିଏ ନାଁ ବଦଳାଇବା ପାଇଁ କେନ୍ଦ୍ର ସରକାର ଆଣିଥିବା ଭିବି-ଜି ରାମ ଜି ବିଲ୍ ବିରୋଧରେ କଂଗ୍ରେସ ବୁଧବାର ଦେଶବ୍ୟାପୀ ବିକ୍ଷୋଭ କରିବାକୁ ଘୋଷଣା କରିଛି। ଅଧିକାରଭିତ୍ତିକ ଜନକଲ୍ୟାଣ ଯୋଜନାକୁ ଧ୍ୱଂସ କରିବା, ମହାତ୍ମା ଗାନ୍ଧୀ ଲିଗାସି, ଶ୍ରମିକଙ୍କ ଅଧିକାର ଓ ସଂଘୀୟ ଉତ୍ତରଦାୟିତ୍ୱ ଉପରେ ଆକ୍ରମଣ ପାଇଁ ଭାଜପା-ଆର୍‌ଏସ୍‌ଏସ୍ ଷଡ଼ଯନ୍ତ୍ର ଚଳାଇଥିବା କଂଗ୍ରେସ ଅଭିଯୋଗ କରିଛି। ସବୁ ଜିଲା ସଦର ମହକୁମାରେ ବିକ୍ଷୋଭର ଆୟୋଜନ କରିବାକୁ କଂଗ୍ରେସ ସାଧାରଣ ସମ୍ପାଦକ(ସଂଗଠନ) କେ.ସି. ବେଣୁଗୋପାଳ ସମସ୍ତ ରାଜ୍ୟ କଂଗ୍ରେସ ସଭାପତିଙ୍କୁ ପତ୍ର ଲେଖି ନିବେଦନ କରିଛନ୍ତି। କଂଗ୍ରେସ କର୍ମୀମାନେ ମହାତ୍ମା ଗାନ୍ଧୀଙ୍କ ଫଟୋ ଧରି ବିକ୍ଷୋଭ କରିବାକୁ କୁହାଯାଇଛି।

## ହଲିଉଡ୍ ନିର୍ଦ୍ଦେଶକ ରବ୍ ରେଇନର, ସ୍ତ୍ରୀଙ୍କୁ ହତ୍ୟାକଲେ ପୁଅ



ଲସ୍ ଏଞ୍ଜେଲ୍ସ,୧୬।୧୨

ହଲିଉଡ୍ ନିର୍ଦ୍ଦେଶକ ତଥା ଅଭିନେତା ରବ୍ ରେଇନର ଏବଂ ତାଙ୍କ ସ୍ତ୍ରୀ ମିଚେଲଙ୍କ ମୃତଦେହ ରବିବାର ଲସ୍ ଏଞ୍ଜେଲ୍ସସ୍ଥିତ ଘରୁ ମିଳିବା ପରେ ସେମାନଙ୍କୁ ହତ୍ୟା କରିଥିବା ଅଭିଯୋଗରେ ପୁଅ ନିକ୍‌ଙ୍କୁ ଗିରଫ କରାଯାଇଛି। ୭୮ ବର୍ଷୀୟ ରବ୍ ଏବଂ ୬୮ ବର୍ଷୀୟା ମିଚେଲଙ୍କ ଦେହରେ ଛୁରିମାଡ଼ର କ୍ଷତ ରହିଥିବାରୁ ତଦନ୍ତକାରୀ ଅଫିସରମାନେ ନିକ୍‌ଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ଜଣେ ଅଭିନେତା, ନିର୍ଦ୍ଦେଶକ ଏବଂ ଚଳଚ୍ଚିତ୍ର ନିର୍ମାତା ଭାବେ ରବ୍ ହଲିଉଡ୍‌କୁ ବହୁ ଲୋକପ୍ରିୟ ଚଳଚ୍ଚିତ୍ର ଦେଇଛନ୍ତି। ସେ ୧୯୮୪ରୁ ନିର୍ଦ୍ଦେଶନା ଦେଇଆସୁଥିଲେ। ଏହା ପୂର୍ବରୁ ସେ ଅଭିନୟରେ ଖ୍ୟାତି ଅର୍ଜନ କରିଥିଲେ। ହାରି ମେଟ୍ ସାଲି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେବା ଅବସରରେ ରବ୍‌ଙ୍କର ମିଚେଲଙ୍କ ସହିତ ଭେଟ ହୋଇଥିଲା। ୧୯୮୯ରେ ସେମାନେ ବିବାହ କରିଥିଲେ। ଉଭୟଙ୍କର ୩ ସନ୍ତାନ ରହିଛନ୍ତି।

## ବାଦ୍ ପଡ଼ିଲେ ୫୮ ଲକ୍ଷ

### ପଶ୍ଚିମବଙ୍ଗ ଚିଠା ଭୋଟର ତାଲିକା

କୋଲକାତା,୧୬।୧୨(ପି.ଟି.)

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ଚିଠା ତାଲିକା ପ୍ରକାଶ କରିଛନ୍ତି। ବିଭିନ୍ନ କାରଣରୁ ୫୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ନାମ ଭୋଟର ତାଲିକାରୁ କଟିଥିବା ଅଧିକାରୀମାନେ କହିଛନ୍ତି। କେତେଜଣ ଭୋଟରଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ କେତେଜଣ ସ୍ଥାୟୀ ଭାବେ ଅନ୍ୟତ୍ର ପଳାଇଛନ୍ତି ଏବଂ କେତେକ ଗଣନା ଫର୍ମ ଦାଖଲ କରିନାହାନ୍ତି। ଏସ୍‌ଆଇଆର୍ ପୂର୍ବରୁ ପଶ୍ଚିମବଙ୍ଗରେ ୭,୬୬,୩୭,୫୨୯ ଭୋଟର ଥିବାବେଳେ ଏବେ ୫୮,୨୦,୮୯୮ ଜଣଙ୍କ ନାଁ କଟିଯିବା ପରେ ଚିଠା ତାଲିକାରେ ୭,୦୮,୧୬,୬୩୧ ଭୋଟର ରହିଛନ୍ତି। ଆସନ୍ତାବର୍ଷ ପ୍ରଥମ ଭାଗରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଚିଠା ଭୋଟର ତାଲିକା ସହ ବୁଥ୍‌ୱାରି ନାଁ କଟିଥିବା ଭୋଟର ଏବଂ କଟିବାର କାରଣ ସମ୍ପର୍କରେ ସବିଶେଷ ତଥ୍ୟ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି। ଏଥିସହିତ ନିର୍ବାଚନ କମିଶନଙ୍କ ଭୋଟର ପୋର୍ଟାଲ ଏବଂ ଇସିଆଇଏନ୍‌ଇଟି ଆପ୍ଲିକେଶନରେ ମଧ୍ୟ ଏହା ଉପଲବ୍ଧ। ଯେଉଁମାନଙ୍କ ନାଁ କଟିଛି, ସେମାନଙ୍କ ଆବେଦନର ଶୁଣାଣି ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ପାର୍ଟନରଙ୍କ ମୁଣ୍ଡକାଟ କଲେ ଟ୍ୟାକ୍ସି ଡ୍ରାଇଭର

ଲକ୍ଷ୍ନୌ,୧୬।୧୨

ଉତ୍ତରପ୍ରଦେଶରେ ଏକ ବୀଭତ୍ସ ହତ୍ୟା ଘଟଣା ଘଟିଛି। ଜଣେ ଟ୍ୟାକ୍ସି ଡ୍ରାଇଭର ତାଙ୍କ ସ୍ତ୍ରୀ ଉମା(୩୦)ଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଜଙ୍ଗଲ ମଧ୍ୟରେ ଫିଙ୍ଗିଦେଇଥିଲେ। ଏହା ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିବାକୁ ଗାଁକୁ ଯାଇଥିଲେ। ଉମାଙ୍କ ମୃତଦେହ ହରିୟାଣାର କାଲେସର ଜାତୀୟ ଉଦ୍ୟାନ ନିକଟରୁ ମିଳିଛି। ଫଳରେ ପୋଲିସ ଆନ୍ତଃରାଜ୍ୟ ତଦନ୍ତ ଆରମ୍ଭ କରିଛି। ତଦନ୍ତରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୬ ତାରିଖରେ ଟ୍ୟାକ୍ସି ଡ୍ରାଇଭର ବିଲାଲ ଏକ ସ୍ୱିଫ୍ଟ କାର୍‌ରେ ସ୍ତ୍ରୀ ଉମାଙ୍କୁ ବସାଇ ୬ ଘଣ୍ଟା ଚଳାଇବା ପରେ କାଲେସ ଜଙ୍ଗଲର ଏକ ନିଛାଟିଆ ସ୍ଥାନକୁ ନେଇ ମୁଣ୍ଡ କାଟି ହତ୍ୟା କରିଥିଲେ। ପରେ ସେ ସାହରନପୁରସ୍ଥିତ ଘରକୁ ଯାଇ ଆମାଗୀ ବିବାହ ପାଇଁ କିଣାକିଣି କରିଥିଲେ। ପୋଲିସ ସନ୍ଦେହରେ ବିଲାଲଙ୍କୁ ନେଇଯାଇ ଜେରା କରିବା ସହ ତାଙ୍କୁ ଗିରଫ କରିଛି।

# ଦିଲ୍ଲୀରେ ପହଞ୍ଚିଥିବା ଲୁଥ୍ରା ଭ୍ରାତା ଗିରଫ

### ଗୋଆ ନାଇଟ୍‌କ୍ଲବ୍ ଅଗ୍ନିକାଣ୍ଡ ଘଟଣା


ନୂଆଦିଲ୍ଲୀ,୧୬।୧୨



ଉତ୍ତର ଗୋଆର ଆର୍ପୋରାସ୍ଥିତ ବର୍ଚ ବାଏ ରୋମିଓ ଲେନ୍ ନାଇଟ୍ କ୍ଲବ୍‌ରେ ଗତ ୬ ତାରିଖ ରାତିରେ ନିଆଁଲାଗି ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାର ମାତ୍ର ୯୦ ମିନିଟ୍ ପରେ ନାଇଟ୍ କ୍ଲବ୍ ମାଲିକ ଗୌରବ ଏବଂ ସୌରଭ ଲୁଥ୍ରା ଦେଶ ଛାଡ଼ି ଥାଇଲାଣ୍ଡର ଫୁକେଟ୍‌କୁ ପଳାଇଥିଲେ। ଥାଇ କର୍ତ୍ତୃପକ୍ଷ ବିଦା କରିଦେବା ପରେ ସେମାନେ ମଙ୍ଗଳବାର ଦିଲ୍ଲୀ ଏୟାରପୋର୍ଟରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଗୋଆ ପୋଲିସ ସେମାନଙ୍କୁ ଗିରଫ କରିଛି। ଦିଲ୍ଲୀ ବିମାନବନ୍ଦରରେ ଲୁଥ୍ରା ଭ୍ରାତାଙ୍କ ପ୍ରଥମ ଫଟୋ ଗୋଆ ପୋଲିସ ଛାଡ଼ିଛି। ସେମାନେ ଏୟାରପୋର୍ଟର ଟର୍ମିନାଲ ପାଖରେ ଛିଡ଼ାହୋଇଥିବା ଦେଖାଯାଇଛି। ପୋଲିସ ସେମାନଙ୍କୁ ଦିଲ୍ଲୀ କୋର୍ଟରେ ହାଜର କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ଆବେଦନ କରିବ। ଲୁଥ୍ରା ଭ୍ରାତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବାକୁ ଦିଲ୍ଲୀ କୋର୍ଟ ମନା କରିଦେବା ପରେ ସେମାନଙ୍କୁ ଥାଇଲାଣ୍ଡରୁ ଫେରାଇ ଆଣିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଇଣ୍ଟରପୋଲ୍ ବ୍ଲ୍ୟୁ କର୍ନର ନୋଟିସ ଜାରି ହୋଇଥିଲା।

### ଫୁରସତ୍

## ପୁରୁଷଙ୍କୁ ଅଧିକ ମ୍ୟାଉଁ କରନ୍ତି ବିରାଡ଼ି



ବିରାଡ଼ି ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ଦେଖିଲେ ଅଧିକ ମ୍ୟାଉଁ କରିଥାନ୍ତି। ତୁର୍କୀର ଅଙ୍କାରା ବିଶ୍ୱବିଦ୍ୟାଳୟର ଗବେଷକମାନେ ଗବେଷଣାରୁ ଏହା ଜାଣିବାକୁ ପାଇଛନ୍ତି। ଏନେଇ ହୋଇଥିବା ଗବେଷଣାରେ ସେମାନେ ୩୧ଟି ବିରାଡ଼ି ଓ ସେମାନଙ୍କ ମାଲିକଙ୍କ ଆଚରଣକୁ ବିଶ୍ଳେଷଣ କରିଥିଲେ। 'ଦ ନ୍ୟୁୟର୍କ ଟାଇମ୍ସ'ର ରିପୋର୍ଟ ଅନୁଯାୟୀ, ବିରାଡ଼ି ପୁରୁଷଙ୍କୁ ଅଭିବାଦନ କରିବାର ପ୍ରଥମ ୧୦୦ ସେକେଣ୍ଡ ମଧ୍ୟରେ ହାରାହାରି ୪.୩ ଥର ମ୍ୟାଉଁ କରିଥିବା ବେଳେ ମହିଳାଙ୍କୁ ଅଭିବାଦନ କରିବା ସମୟରେ ମାତ୍ର ୧.୮ ଥର ମ୍ୟାଉଁ କରିଥାନ୍ତି। ଅଧ୍ୟୟନ ତଥ୍ୟାନୁସାରେ, ପୁରୁଷମାନେ ହୁଏତ ସେମାନଙ୍କ ପୋଷା ଜୀବ ପ୍ରତି କମ୍ ଧ୍ୟାନ ଦିଅନ୍ତି, ଯାହାଫଳରେ ବିରାଡ଼ି ଧ୍ୟାନ ଆକର୍ଷଣ କରିବା ପାଇଁ ସେମାନଙ୍କ ସଙ୍କେତକୁ 'ବାଇ ଦିଅନ୍ତି'।

ଅନ୍ୟପକ୍ଷରେ, ମହିଳାମାନେ ବିରାଡ଼ିଙ୍କୁ ଅଧିକ ଧ୍ୟାନ ଦିଅନ୍ତି ଏବଂ ସେମାନଙ୍କ ଭାବନାକୁ ଭଲ ଭାବରେ ବୁଝିପାରନ୍ତି, ଯାହାକି ବିରାଡ଼ିଙ୍କର ଅଧିକ ସ୍ୱର କରିବାର ଆବଶ୍ୟକତାକୁ ହ୍ରାସ କରିଥାଏ। ଗବେଷକମାନେ କହିଛନ୍ତି 'ଆମର ଫଳାଫଳ ଦର୍ଶାଇଛି ଯେ ବିରାଡ଼ିମାନେ ପୁରୁଷ ଯତ୍ନକାରୀଙ୍କ ଆଡକୁ ଅଧିକ ଥର ଡାକନ୍ତି।' ଏହି ଅଧ୍ୟୟନ ବିରାଡ଼ିଙ୍କ ଯୋଗାଯୋଗ ଓ ଆଚରଣକୁ ବୁଝିବାରେ ସାହାଯ୍ୟ କରିବ, ଯାହା ମାଲିକ ଏବଂ ପୋଷା ଜୀବ ମଧ୍ୟରେ ସମ୍ପର୍କକୁ ମଜଭୁତ କରିପାରିବ ବୋଲି ଗବେଷଣା ରିପୋର୍ଟରେ ଦର୍ଶାଯାଇଛି।


ସେଲିନା ଜେଟଲି

## ୧୦୦ କୋଟି ଦାବିକଲେ ସେଲିନା

ମୁମ୍ବାଇ

ଅଭିନେତ୍ରୀ ସେଲିନା ଜେଟଲି ଖୁବ୍‌ଶୀଘ୍ର ସ୍ୱାମୀ ପିଟର ହଗଙ୍କଠାରୁ ଛାଡପତ୍ର ନେବାକୁ ଯାଉଛନ୍ତି। ନିକଟରେ ସେଲିନା ଅନ୍ଧେରିର ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ କୋର୍ଟରେ ହାଜର ହୋଇଥିଲେ। କୋର୍ଟ ଉଭୟ ପକ୍ଷଙ୍କୁ ଜାନୁଆରୀ ୨୭ ସୁଦ୍ଧା ଆୟ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନଭେମ୍ବରରେ ଅଭିନେତ୍ରୀଙ୍କ ଦ୍ୱାରା ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ ଅଧୀନରେ ଦାୟର କରାଯାଇଥିବା ମାମଲାର ପ୍ରଥମ ଶୁଣାଣି ସମୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା। ସେଲିନା ଜେଟଲି ସେମାନଙ୍କ ୧୫ ବର୍ଷର ବୈବାହିକ ଜୀବନ ମଧ୍ୟରେ ସ୍ୱାମୀଙ୍କ ନାଁରେ ଶାରୀରିକ ଏବଂ ମାନସିକ ଅଭିଯୋଗ କରିଛନ୍ତି। ସେ କ୍ଷତିପୂରଣ ଭାବରେ ୧୦୦ କୋଟି ଏବଂ ମାସିକ ଭରଣପୋଷଣ ପାଇଁ ୧୦ ଲକ୍ଷ ଦାବି କରିଛନ୍ତି। ଏହି ଦମ୍ପତି ୨୦୧୦ ମସିହାରେ ମୁମ୍ବାଇରେ ବିବାହ କରିଥିଲେ ଏବଂ ହଗଙ୍କ ବିଦେଶ କାର୍ଯ୍ୟ ସମୟରେ ମୁମ୍ବାଇ, ଦୁବାଇ, ସିଙ୍ଗାପୁର ଏବଂ ଅଷ୍ଟ୍ରିଆରେ ରହୁଥିଲେ। ହଗ୍ ଜଣେ ଅଷ୍ଟ୍ରିଆନ ହୋଟେଲ ବ୍ୟବସାୟୀ। ମୁମ୍ବାଇ କୋର୍ଟ ମଧ୍ୟବର୍ତ୍ତୀକାଳୀନ ସହାୟତା ବିଚାର କରିବା ପୂର୍ବରୁ ଉଭୟ ପକ୍ଷଙ୍କ ଆର୍ଥିକ ପରିସ୍ଥିତି ସ୍ପଷ୍ଟ କରିବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୨୭ ତାରିଖରେ ହେବ।

# ଖୋର୍ଦ୍ଧାରେ ହେବ ଫାର୍ମା, ମେଡିକାଲ ଡିଭାଇସ୍ ପାର୍କ



କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥି ।

ଭୁବନେଶ୍ୱର,୧୬ା୧୨
(ଅନୁରାଧା ମହାରଣା)

### ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ଓଡ଼ିଶା ଫାର୍ମାସ୍ୟୁଟିକାଲ ଓ ମେଡିକାଲ ଡିଭାଇସ୍ ନୀତିର ଶୁଭାରମ୍ଭ
- ଫାର୍ମା ଶିଳ୍ପ ସଂସ୍ଥା ସହ ୬,୨୬୩ କୋଟିର ଏମ୍ଓୟୁ, ୩୮,୪୦୬ ନିଯୁକ୍ତି ସୃଷ୍ଟି ଆଶା

ଖୋର୍ଦ୍ଧାରେ ଗୋଟିଏ ଫାର୍ମା ପାର୍କ ତଥା ଏକ ମେଡିକାଲ ଡିଭାଇସେସ୍ ପାର୍କ ପ୍ରତିଷ୍ଠା କରାଯିବ। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେବା ସହ ଏ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତ ମାନର ଡିଭାଇସ୍ ପ୍ରସ୍ତୁତ କରି ଓଡ଼ିଶା ପୂର୍ବଭାରତର ଏକ ପ୍ରମୁଖ ଫାର୍ମାକେନ୍ଦ୍ର ଭାବେ ଉଭା ହେବା ସକାଶେ ପ୍ରସ୍ତୁତ ଅଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟରେ ସମୁଦାୟ ୩୮,୪୦୬ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ସେଥିମଧ୍ୟରୁ ଫାର୍ମାସ୍ୟୁଟିକାଲ୍ସ ପାଇଁ ୩୨ଟି, ମେଡିକାଲ ଉପକରଣ ଲାଗି ୧୨ଟି ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପ ପାର୍କ ପ୍ରସ୍ତାବ ସକାଶେ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍ ନୀତି-୨୦୨୫ର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାକୁ ନିବେଶକମାନଙ୍କ ପ୍ରଥମ ପସନ୍ଦର ରାଜ୍ୟ କରିବାକୁ ସରକାର ସମସ୍ତ ପ୍ରକାର ଆବଶ୍ୟକତା ପୂରଣ କରୁଛନ୍ତି। ଏଥିସହିତ ରାଜ୍ୟରେ ଅଣପାରମ୍ପରିକ ଉଦ୍ୟୋଗକୁ ମଧ୍ୟ ବିକାଶ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ବର୍ତ୍ତମାନ ପୁଞ୍ଜି ନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ। ଧାତୁ, ଖଣିଜ ଏବଂ ରାସାୟନିକ କ୍ଷେତ୍ରଗୁଡ଼ିକୁ ଓଡ଼ିଶାରେ ଶିଳ୍ପର ମେରୁଦଣ୍ଡ ଭାବେ ଅଭିହିତ କରିବା ସହ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସମ୍ବଳକୁ ଲୋକାଭିମୁଖୀ କରିବା ପାଇଁ ଆମେ ଭିତ୍ତିଭୂମି, ନବସୃଜନ ଶକ୍ତି ଓ ଜ୍ଞାନଭିତ୍ତିକ ଅର୍ଥନୀତି ଉପରେ ଅଧିକ ଗୁରୁତ୍ୱ ଦେଇଛୁ। ଗତ ଦେଢ଼ ବର୍ଷ ଭିତରେ ରାଜ୍ୟରେ ଶିଳ୍ପର ବ୍ୟାପକ ବିବିଧକରଣ ହୋଇଛି। ଓଡ଼ିଶାରେ କେମିକାଲ୍ସ, ପେଟ୍ରୋକେମିକାଲ୍ସ, ଗ୍ରୀନ ଏନର୍ଜି, ଫିନ୍‌ଟେକ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ବୟନଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ନିବେଶ ଆସିଛି। ସେ ଆହୁରି କହିଥିଲେ, ଓଡ଼ିଶାରେ ଦେଶର ସର୍ବାଧିକ ଖଣିଜ ପଦାର୍ଥ, ତିନୋଟି ପ୍ରମୁଖ ବନ୍ଦର, ଦୁଇଟି ବାଣିଜ୍ୟିକ ବିମାନବନ୍ଦର, ୫୭୫ କିଲୋମିଟର ପରିବ୍ୟାପ୍ତ ଉପକୂଳ, ଉନ୍ନତ ରେଳ ଏବଂ ସଡ଼କ ନେଟୱର୍କ, ଅତିରିକ୍ତ ବିଦ୍ୟୁତ୍, ପର୍ଯ୍ୟାପ୍ତ ଜଳର ଉପଲବ୍ଧତା ସହ ତାଲିମପ୍ରାପ୍ତ ମାନବଶକ୍ତି ମଧ୍ୟ ଅଛି। ଏଣୁ ଓଡ଼ିଶା ପୂର୍ବଭାରତର ମ୍ୟାନୁଫାକ୍ଚରିଂ ହବ୍ ହେବାପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ ଆମ ରାଜ୍ୟର ବିକାଶ-କେନ୍ଦ୍ରିତ ଶିଳ୍ପାୟନ ରଣନୀତିକୁ ପ୍ରତିଫଳିତ କରୁଛି। ପ୍ରଗତିଶୀଳ ନୀତି, ସମର୍ପିତ ଶିଳ୍ପ ପାର୍କ, ଦକ୍ଷ ମାନବ ସମ୍ବଳ ସହିତ ଓଡ଼ିଶା ବର୍ତ୍ତମାନ ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତାଙ୍କ ପାଇଁ ଏକ ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱତୀ ଏସ୍ ଧନ୍ୟବାଦ ଦେଇଥିଲେ।

# ଘନ କୁହୁଡ଼ି : ଓଡ଼ିଶାରେ ୨ ଦିନ ପାଇଁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୧୬ା୧୨
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି ଶୀତ ଲହରୀ ଜାରି ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼, କୋରାପୁଟ ଏବଂ କନ୍ଧମାଳର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନରୁ ଅତି ଘନ କୁହୁଡ଼ି ଦେଖିବାକୁ ମିଳିଛି। ସେହିପରି କଳାହାଣ୍ଡି ଓ ଝାରସୁଗୁଡ଼ା ଆଦି ଜିଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିଛି। ଆସନ୍ତା ୨ଦିନ ୩ ଜିଲାରେ ଘନ କୁହୁଡ଼ି ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, କୋରାପୁଟ ଓ କନ୍ଧମାଳ ରହିଛି। ଅନ୍ୟପଟେ କଳାହାଣ୍ଡି, ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ ଓ କନ୍ଧମାଳର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିପାରେ। ମଙ୍ଗଳବାର ରେକର୍ଡ କରାଯାଇଥିବା ତାପମାତ୍ରା ଅନୁଯାୟୀ, ଦାରିଙ୍ଗବାଡ଼ିରେ ଦିନ ତାପମାତ୍ରା ସର୍ବାଧିକ ୨୪.୫ ଡିଗ୍ରୀ ସେଲସିୟସ୍ ଓ ରାତି ତାପମାତ୍ରା ୭.୦ ଡିଗ୍ରୀ ସେଲସିୟସ୍ ରହିଥିଲା। ରାଜ୍ୟର ସର୍ବନିମ୍ନ ତାପମାତ୍ରା କୋରାପୁଟରେ ୬.୫ ଡିଗ୍ରୀ ସେଲ୍‌ସିୟସ ରହିଥିଲା।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ପାୱାର ହାଉସ୍ ଛକ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।
- ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସ୍କୁଲ ପରିସର, କଳିଙ୍ଗ ନଗର, ଘାଟିକିଆ, ସମୟ: ଅପରାହ୍ନ ୫ଟା।

## କଟକ

- ଓଡ଼ିଶାର ରାଜବନ୍ଦୀ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ସମାରୋହ, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଖଦି ମଣ୍ଡଳ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ୬୪ତମ ଶ୍ରାଦ୍ଧ ଦିବସ, ସ୍ଥାନ: ଗୁଣନିଧି ଭବନ, ଯୋରିଆସାହି, ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ୱିମେନ୍ସ କଲେଜ ହଷ୍ଟେଲ ୱାର୍କର୍ସ ୟୁନିୟନ ପକ୍ଷରୁ ଧାରଣା, ସ୍ଥାନ: କଲେଜ ହଷ୍ଟେଲ ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ସଂସଦ ପକ୍ଷରୁ ୬୬ତମ ଶିଶିର ଉତ୍ସବ ଓ ଓଡ଼ିଆ ଲେଖକ ସମ୍ମେଳନର ଅନ୍ତିମ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ସାକ୍ଷୀଗୋପାଳ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନ, ସ୍ଥାନ: ସତ୍ୟବାଦୀ ଉଚ୍ଚବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ନଛିପୁର ହାଇସ୍କୁଲ, ପଳସା, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଦର୍ଶନ ପ୍ରସାଦ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ଡୁଙ୍ଗୁରା, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ପରିସର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ କ୍ରୀଡ଼ା ଉତ୍ସବ, ସ୍ଥାନ: ରଘୁନାରାୟଣ ପଡ଼ିଆ, ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚବିଶ ପ୍ରହର ନାମ ସଂକୀର୍ତ୍ତନ ଓ କଳସ ଶୋଭାଯାତ୍ରା, ସ୍ଥାନ: ବେଲଦାଣ୍ଡିଆ ମନ୍ଦିର ପରିସର, ସିଂଲା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବିଜୟ ଦିବସ ପାଳନ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବିଦେଇପୁର କପିଳ ମୁନିପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ, ସ୍ଥାନ: ବାରିକପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିଶୁମେଳା, ସ୍ଥାନ: ଜୟଦୁର୍ଗା ହାଇସ୍କୁଲ ପରିସର, ଧୁଷୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ସ୍ୱାସ୍ଥ୍ୟସେବିକା ସ୍ୱର୍ଗତ ରମାମଣି ରାୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା, ସ୍ଥାନ: ସାଆଁଳପୁର, ଧୁଷୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଛପୁଲିଆ, ନୂଆବଜାର, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ସକାଳ ୯ଟା।
- ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ ମ୍ୟାଚ, ସ୍ଥାନ:ମଧୁବନ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ, ସ୍ଥାନ:ବଡ଼ସାହି, ସମୟ ପୂର୍ବାହ୍ନ ୧୦ଟା୩୦।
- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (କେଜିବିଭି)ର ବାର୍ଷିକ ଉତ୍ସବ, ସ୍ଥାନ: ବଡ଼ସାହି, ସମୟ: ପୂର୍ବାହ୍ନ ୧୧ଟା।୦
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୫ତମ ଜନ୍ମଜୟନ୍ତୀ ପାଳନ, ସ୍ଥାନ: ବେଲଗଡ଼ିଆ ପ୍ୟାଲେସ୍, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସ୍ମୃତିଚାରଣ ସଭା, ସ୍ଥାନ:ଶ୍ରୀରାମଚନ୍ଦ୍ର ପାଠାଗାର(ଜୁବୁଲି ଲାଇବ୍ରେରୀ) ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ବାଇକ ରାଲି, ସ୍ଥାନ: ଏନଜିଓ ହଲ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୪୨ତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବହୁଭାଷୀ ନାଟକ ମହୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦଯାପନ, ସ୍ଥାନ: ବୁଗୁଡ଼ା ବ୍ଲକ ବାଲିପଦର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଆସିକା କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ

- ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡିଆ, ସମୟ : ସକାଳ ୮ଟା ୩୦।
- ପପୁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ : ଆଠମଲ୍ଲିକ ଲିପିଲୋଇ ଖେଳପଡ଼ିଆ, ସମୟ : ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର

- କୋଷ୍ଟଗାର୍ଡ ପକ୍ଷରୁ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ସଚେତନତା କୌଶଳ ଓ ସମୁଦ୍ରରେ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: କୋଷ୍ଟଗାର୍ଡ ବର୍ଥ, ପାରାଦୀପ ବନ୍ଦର, ସମୟ: ସକାଳ ୭ଟା ୩୦।
- ଲୁଣା ଜଙ୍ଗଲ ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର, ସ୍ଥାନ: ମାଛଧରା ବନ୍ଦର, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀମହାପୁରୁଷ ମଧୁସୂଦନ ଦାସ ପୀଠ, କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ରାଜସ୍ୱ ଅଭିଯୋଗର ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଓ ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଧ୍ୟାନ ମନ୍ଦିର, ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଖଣି ଚୋରି ନିୟନ୍ତ୍ରଣ ପାଇଁ ସଚେତନତା ସେମିନାର, ସ୍ଥାନ : ଯାଜପୁର ରୋଡ ବ୍ରାହ୍ମଣୀ ହୋଟେଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଟର କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ପଡିଆ, ସମୟ: ସକାଳ ୭ଟା୩୦।
- ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣଙ୍କ ଚତୁର୍ଦ୍ଦଶତମ ମହୋତ୍ସବ ଅବସରରେ ସାଧୁ ସମ୍ମିଳନୀ ଓ ପ୍ରବଚନ, ସ୍ଥାନ : କୋରେଇ ବ୍ଲକର ଶଙ୍ଖଚିଲା ହାଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଘୋଡାଲାଗି ପର୍ବର ୨୧ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା। ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ ଟା ୩୦।
- ୧୭ ବର୍ଷରୁ କମ ବାଳକ ବାଳିକା ଓଡିଶା ରାଜ୍ୟ ବିଦ୍ୟାଳୟ ସମୁହ ନେଟବଲ୍ ପ୍ରତିଯୋଗିତାର ୨ୟ ଦିବସ, ସ୍ଥାନ: ରଣପୁର ବି.ସି. ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଖଣ୍ଡପଡା ଶୁଭ ମଣ୍ଡପ, ସମୟ: ପୂର୍ବାହ୍ନ ୧୧.୩୦ଟା।
- ୧୬ତମ ସର୍ବ ଭାରତୀୟ ସଦାଶିବ ସ୍ମାରକୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସରେ ମୁମ୍ବାଇ ବନାମ କଳାହାଣ୍ଡି, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଳିସାଗର ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଦିବ୍ୟ ଦର୍ଶନ ସଂଘର ନବ ନିର୍ମିତ ଜ୍ଞାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବିଜୟପୁର, ଗୁଣପୁର, ସମୟ: ସକାଳ ୮ଟା।
- ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ଧର୍ମଘଟ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରିଂ ରୋଡ୍ ପାର୍ଶ୍ୱ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛକ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ରାଲି ଓ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଗାନ୍ଧୀ ପାର୍କ, ଜିଲା ଶ୍ରମ କାର୍ଯ୍ୟାଳୟ ଓ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଖରିଫ ଧାନ ମଣ୍ଡି ଶୁଭାରମ୍ଭ, ସ୍ଥାନ: ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ, ରାୟଗଡା, ସମୟ: ପୂର୍ବାହ୍ନ୧୧ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଏମ୍‌କେ ରାଇ, ଗୁଡାରି ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କାନ୍ୟାକା ପରମେଶ୍ୱରୀ ମନ୍ଦିର, ଗୁଣପୁର , ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଭାମିନି ଖେଳ ପଡିଆ, ଉମେରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଆରଏମସି ୟାର୍ଡ଼, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ସାଂସଦ ଖେଳ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଏକ ପେଡ ମାଆ କି ନାମ ୨.୦ ଉପରେ ସମୀକ୍ଷା, ସ୍ଥାନ: କୋରାପୁଟ ଓସ୍‌ୱାନ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଖେଳ ମହୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: କୋଟପାଡ଼ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ସମୟ: ଅପରାହ୍ନ ୩ଟା।
- ଜଙ୍ଗଲ ଅଧିକାର ଆଇନ ଉପରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି

- କିନ୍ନର ସମାଜ ପକ୍ଷରୁ ମୁର୍ଗୀ ମାତାଙ୍କ ପୂଜା ଆରମ୍ଭ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା।
- ପ୍ରଗତି ମହିଳା ମୋର୍ଚ୍ଚା ପକ୍ଷରୁ ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ, ସ୍ଥାନ: ପୋଟ୍ରେଲ ପଞ୍ଚାୟତ ଅଧିନସ୍ତ ଚିତାପାରି ଗ୍ରାମ, ସମୟ: ମଧ୍ୟାହ୍ନ ୨ ଟା।

## ସମ୍ବଲପୁର

- ସୌନ୍ଦର୍ଯ୍ୟ ସଚେତନତା ଓ ପ୍ରଶିକ୍ଷଣ ଶିବିର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବୀର ଛବିଳ ସାଏ ସ୍ମୃତି କମିଟି ଆୟେଜେନରେ ପ୍ରଥମ ଯୁଦ୍ଧର ମଶାଲ ଓ ତ୍ରିରଙ୍ଗା ଯାତ୍ରା, ସ୍ଥାନ : ରଣଭୂମି କୁଦୋପାଲି, ସମୟ : ଅପରାହ୍ନ ୪ଟା।
- ମାରୱାଡି ମହୋତ୍ସବ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ରେମେଡ ନିକଟସ୍ଥ ଉତ୍ସବ ସ୍ଥଳି, ସମୟ : ଅପରାହ୍ନ ୫ଟା।
- ସମ୍ବଲପୁର ଲୋକ ମହୋତ୍ସବ ସଂଯୋଜନା ସମିତିର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଫେନସିଂ ରାଜ୍ୟସ୍ତରୀୟ କନିଷ୍ଠବର୍ଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀର ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୯ଟା।

## ସୁନ୍ଦରଗଡ଼

- ପଦମପୁର ସ୍କୁଲ ପଡିଆ,ବ୍ଲକ: କୁଆଁରମୁଣ୍ଡା,ସମୟ : ପୂର୍ବାହ୍ନ ସାଢ଼େ ୧୦ଟା।

## ବରଗଡ଼

- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର, ଗାଇସିଲେଟ, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ବାବା ମହାଦେବ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ:ନୂଆଁବନ୍ଧ ମନ୍ଦିର ପରିସର, କୁଲିତା ଟୁକୁରା, ଅତାବିରା, ସମୟ:ସକାଳ ୯ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ:ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି

- ନୃତ୍ୟ ସଙ୍ଗମର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବ ଉଦ୍‌ଯାପିତ, ସ୍ଥାନ: ଭୈରବୀ ଖେଳପଡିଆ, ବୌଦ୍ଧ, ସମୟ, ସନ୍ଧ୍ୟା: ୭ଟା।

## ଦେବଗଡ଼

- ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଦାବିରେ ଜିଲା ମହିଳା ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଡାକରା, ସ୍ଥାନ: ଦେବଗଡ଼ ସହର, ସମୟ : ସକାଳ ୬ଟାରୁ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ଼ ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବର ବୈଠକ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ପ୍ରଥମ ଜୋନସ୍ତରୀୟ ୟୁନିଟ କ୍ରିକେଟ କପର ତୃତୀୟ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ମହିଳା ଓ ଶିଶୁ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ ଗୁଡାରାଜିଆ ଅହିର ସମାଜ ଭବନ ଓ ମିଛାପାଲି ସିବିଡିଏ ଭବନ, ସମୟ: ପୂର୍ବାହ୍ନ ୧୦ଟା ଓ ମଧ୍ୟାହ୍ନ ୧୨ଟା।
- ୧୭ତମ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଲଖନା ସପ୍ତମ ରଜନୀରେ ପାତ୍ର ମନ୍ତ୍ରୀଙ୍କ ସହ କୃଷ୍ଣ ବଳରାମଙ୍କ ବିନାଶ ପାଇଁ ଷଡଯନ୍ତ୍ର, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ପଶ୍ଚିମ ଓଡିଶା ଆବାସିକ ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀ ଉଦ୍‌ଯାପନ, ସ୍ଥାନ: ବିଦ୍ୟାଳୟ ପରିସର ଖଡିଆଳ, ସମୟ: ସନ୍ଧ୍ୟା ୬ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପ୍ରଥମ ରଜନୀରେ ଦେବକୀ ବସୁଦେବଙ୍କ ବିବାହ ଓ କଂସର ରାଜ୍ୟାଭିଷେକ, ସ୍ଥାନ: କୋମନା ବ୍ଲକ ତରବୋଡ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା

- ରୁଦ୍ରାଭିଷେକ ପୂଜା, ସ୍ଥାନ:କୋଇଲି ଘୁଗର ଶିବ ମନ୍ଦିର, ସମୟ:ସକାଳ ୮ଟା।
- ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବୈଠକ, ସ୍ଥାନ:ଡିଏମ୍‌ଏଫ୍ ହଲ, ଜିଲାପାଳ କାର୍ଯ୍ୟାଳୟ, ବେହେରାମାଲ, ସମୟ:ଅପରାହ୍ନ ୪ଟା ୩୦।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଗରେ କାଳିଆ ନାହିଁ କରୁଥିଲୁ**
**ସିଂଘାଣି ନାକକୁ ଦେଖି**
**ଏବେରେ କାଳିଆ ଝୁରି ମରୁଅଛୁ**
**ଧନ ଯଉବନ ଦେଖି ।**

ଝିଅଟିର ବୟସ ଯେବେ ବଢେ ସେତେବେଳେ ତା'ର ରୂପ ଓ ଚେହେରା ବଦଳିଯାଏ। ଯୌବନ ବେଳେ ସେ ଦେଖିବା ଯୋଗ୍ୟ ହୋଇଯାଏ। ଏପରିସ୍ଥଳେ ପିଲାଦିନେ ଅସୁନ୍ଦରୀ, ଅପରିଚ୍ଛନ୍ନ କହି ପାଖରେ ପୂରାଇଦେଉ ନ ଥିବା ବ୍ୟକ୍ତି ଏବେ ତା'ପ୍ରତି ଆକୃଷ୍ଟ ହୋଇ ପଛରେ ଗୋଡାଉଥିବା ଦେଖି ତାକୁ ପଛ କଥା ମନେ ପକାଇ ଝିଙ୍ଗାସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆମେ ଦୁଇଜଣ ସଂସାର ଘଡ଼ି,**
**କେବେ ହେବା ନାହିଁ ଛଡ଼ାଛଡ଼ି ।**

ବିବାହ ପରେ ପତିପତ୍ନୀ ସାରା ଜୀବନ ପାଇଁ ଏକ ଡୋରିରେ ବାନ୍ଧି ହୋଇଯାଇଥାନ୍ତି। ସେହିପରି ପରସ୍ପର ମଧ୍ୟରେ ସ୍ନେହ, ବିଶ୍ୱାସ ଓ ଭଲ ପାଇବା ଯେତେ ଅଧିକ, ସମ୍ପର୍କ ସେତେ ଦୃଢ଼ ହୋଇଥାଏ। ଜୀବନସାଥୀର ହାତ ଧରି ଶେଷ ସମୟ ପର୍ଯ୍ୟନ୍ତ ହସଖୁସିରେ ଏକାଠି ରହିବା ନେଇ ପଣ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଏସ୍‌ଆଇଆର୍‌ରେ ମୃତ...

ସେ କହିଛନ୍ତି, ମୁଁ ଜଣେ ଲୋକ ପ୍ରତିନିଧି ଅଥଚ ଭୋଟର ତାଲିକାରେ ମୋତେ ମୃତ ଘୋଷଣା କରାଯାଇଛି। ଯଦି ଜଣେ ଲୋକପ୍ରତିନିଧିଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିପାରୁଛି, ତେବେ ନିର୍ବାଚନ କମିଶନ ତାଲିକାରୁ ସହଜରେ ଅନେକ ଲକ୍ଷ ଭୋଟରଙ୍କ ନାଁ କାଟିପାରିଥିବେ। ତାଙ୍କ ନାମ କଟିବା ପାଇଁ କାଉନ୍‌ସିଲର ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଦୋଷ ଦେଇଛନ୍ତି। ନିର୍ବାଚନ କମିଶନ ଭୋଟର ତାଲିକାରେ ମୋତେ ମୃତ ଘୋଷଣା କରିଥିବାରୁ ମୋର ଶେଷକୃତ୍ୟ ପାଇଁ ଅଧିକାରୀମାନଙ୍କୁ ପଠାଇବା ଆବଶ୍ୟକ ବୋଲି କାଉନସିଲର କହିଛନ୍ତି।

### ଜିଲାପାଳଙ୍କ ଅଫିସ...

କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଖୁଚୁରାରେ ଧାନବିକ୍ରି କରି ଏକପ୍ରକାର ପ୍ରତିକାତ୍ମକ ଆନ୍ଦୋଳନ କରିଛନ୍ତି। ଆସନ୍ତା ଡିସେମ୍ବର ୧୯ରେ ସମ୍ବଲପୁରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ଏହା ସତ୍ତ୍ୱେ ଯଦି ସରକାରଙ୍କ ଜ୍ଞାନୋଦୟ ପୂର୍ବକ ଅନ୍ତତଃ ପଶ୍ଚିମ ଓଡ଼ିଶାରେ ଧାନ କ୍ରୟ ପ୍ରକ୍ରିୟାକୁ ବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବାରେ ବିଫଳ ହୁଅନ୍ତି ତା'ହେଲେ ଆନ୍ଦୋଳନର ସୀମା ସରହଦ ଉଲ୍ଲଂଘନ କରିବା ଅବଶ୍ୟମ୍ଭାବୀ ବୋଲି ସେ ଚେତାବନୀ ଦେଇଛନ୍ତି।

### ଜବରଦଖଲରେ ୩୧...

ରାଜ୍ୟରେ ୩୧ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ସଂରକ୍ଷିତ ଜଙ୍ଗଲ, ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଓ ସୁରକ୍ଷିତ ଜଙ୍ଗଲ ଏବେ ବି ଜବରଦଖଲରେ ରହିଛି। ସେସବୁକୁ ମୁକ୍ତ କରିବା ପାଇଁ ସରକାରୀ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦ ହଜାର ୯୬୪.୫୭ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜବରଦଖଲରେ ରହିଥିବାବେଳେ ୨୬ ହଜାର ୫୫ ହେକ୍ଟର ପ୍ରସ୍ତାବିତ ଜଙ୍ଗଲ ଜମି, ୧୬୬ ହେକ୍ଟର ଗ୍ରାମ୍ୟ ଜଙ୍ଗଲ ଏବଂ ୯୭୬.୯୯ ହେକ୍ଟର ସୁରକ୍ଷିତ ଜଙ୍ଗଲ ଜମି ବିଭିନ୍ନ ଲୋକଙ୍କ କବ୍‌ଜାରେ ରହିଥିଲା। ଏଥିମଧ୍ୟରୁ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ୭୫୮୦ଟି ମାମଲା ରୁଜୁ ହୋଇ ପ୍ରାୟ ୧୬ ହଜାର ୧୭୮.୪୭ ହେକ୍ଟର ଜଙ୍ଗଲ ଜମି ଜବରଦଖଲମୁକ୍ତ କରାଯାଇଛି। ଏହାବାଦ୍ ୩୧.୯୮୪ ହେକ୍ଟର ଏହିସବୁ ଜଙ୍ଗଲ ଜମି ଏବେ ବି ଜବରଦଖଲକାରୀଙ୍କ ହାତରେ ରହିଛି। ଏହାମଧ୍ୟରୁ ନବରଙ୍ଗପୁରରେ ସର୍ବାଧିକ ସଂରକ୍ଷିତ ଜଙ୍ଗଲ ଜମି ୧୧ ହଜାର ୯୪୩ ହେକ୍ଟର ଜବରଦଖଲରେ ରହିଥିବାବେଳେ ସୁନ୍ଦରଗଡ଼ରେ ୨୭୬୦ ହେକ୍ଟର, ରାୟଗଡ଼ାରେ ୧୬୦୫ ହେକ୍ଟର, କଳାହାଣ୍ଡିରେ ୧୮୫୩ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି ଜବରଦଖଲରେ ରହିଛି। ତେବେ ପୁରୀ, କଟକ, ଗଞ୍ଜାମ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଯାଜପୁରରେ ଏହି କିସମର ଜଙ୍ଗଲ ଜମି ଜବରଦଖଲରେ ନ ଥିବା ମନ୍ତ୍ରୀ ନିକଟରେ ଗୃହକୁ ପ୍ରଦାନ କରିଥିବା ତଥ୍ୟରୁ ଜଣାଯାଇଛି। ସେହିପରି ନବରଙ୍ଗପୁରରେ ସର୍ବାଧିକ ୨୫,୧୬୦ ହେକ୍ଟରରୁ ଅଧିକ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମି ଜବରଦଖଲରେ ରହିଥିବାବେଳେ ୧୬୬ ହେକ୍ଟର ଗ୍ରାମ୍ୟ ଜଙ୍ଗଲ ମଧ୍ୟ ଲୋକଙ୍କ ଅକ୍ତିଆରରେ ରହିଛି। ତେବେ ଅନ୍ୟ ୨୯ଟି ଜିଲାରେ ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲରେ ରହି ନ ଥିବାବେଳେ ୯୭୬.୯୯ ହେକ୍ଟର ସୁରକ୍ଷିତ ଜଙ୍ଗଲ ଜମିକୁ ବିଭିନ୍ନ ଜିଲାର ଲୋକେ ମାଡ଼ିବସିଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଯେଉଁ ମାମଲା କରିଛନ୍ତି ସେଥିରେ ରାୟଗଡ଼ାରେ ସର୍ବାଧିକ ୧୯୪୫ଟି ରହିଥିବାବେଳେ ନୂଆପଡ଼ାରେ ୯୦୯, କଳାହାଣ୍ଡିରେ ୯୫୬, କେନ୍ଦୁଝରରେ ୫୯୫ଟି ମାମଲା ରହିଛି। ଖୋର୍ଦ୍ଧା, ପୁରୀ, କଟକ, ବୌଦ୍ଧ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର ଓ ମୟୂରଭଞ୍ଜ ପ୍ରଭୃତି ଜିଲାରେ ଜବରଦଖଲ ମାମଲା ହୋଇ ନ ଥିବା ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି।

### ଲକ୍ଷେ ଋଣ ନେଇଥିଲେ...

ଜଣେ ଏଜେଣ୍ଟଙ୍କ ଜରିଆରେ ରୋଶନ କୋଲକାତା ଯାଇ କିଡ୍‌ନୀ ଯାଞ୍ଚ କରାଇବା ପରେ ବିକ୍ରି ପାଇଁ କାମ୍ବୋଡିଆ ଗଲେ। ସେଠାରେ ତାଙ୍କ କିଡ୍‌ନୀ ବାହାର କରାଯାଇ ୮ ଲକ୍ଷ ଟଙ୍କାରେ ବିକ୍ରି କରାଗଲା। ଏତେ ସବୁ ଘଟିଯିବା ପରେ ପୋଲିସ ତାଙ୍କ ଗୁହାରି ଶୁଣିଲାନାହିଁ। ଏବେ ସେ ମାନସିକ ଓ ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛନ୍ତି। ରୋଶନ କହିଛନ୍ତି, ରାଜ୍ୟ ସରକାର ନ୍ୟାୟ ପ୍ରଦାନ ନ କଲେ ସେ ସପରିବାର ମୁମ୍ବାଇରେ ସରକାରଙ୍କ ମୁଖ୍ୟାଳୟ ଆଗରେ ଆତ୍ମାହୁତି ଦେବେ। ଋଣ ଦେଇଥିବା ସାହୁକାରମାନେ ହେଲେ ବ୍ରହ୍ମପୁରୀର କିଶୋର ବୱାଙ୍କୁଲେ, ମନୀଷ କାଲବନ୍ଦେ, ଲକ୍ଷ୍ମଣ ଉର୍କୁଡେ, ପ୍ରଦୀପ ବୱାଙ୍କୁଲେ, ସଞ୍ଜୟ ବଲ୍ଲରପୁରେ ଓ ଲକ୍ଷ୍ମଣ ବୋର୍କାର।

### ଆଇପିଏଲ୍: ୨୫.୨...

ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟର ଡେଭିଡ୍ ମିଲର ଓ ଅନ୍‌ରିଚ ନର୍କିଆଙ୍କୁ ୨ କୋଟି ଟଙ୍କାର ବେସ୍ ପ୍ରାଇସ୍‌ରେ ଯଥାକ୍ରମେ ଡିସି ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) କିଣିଥିବା ବେଳେ ନ୍ୟୁଜିଲାଣ୍ଡର ଉଇକେଟ୍‌କିପର ବ୍ୟାଟର ଡେଭନ କନ୍‌ୱେ ଓ ଅଷ୍ଟ୍ରେଲିଆନ ପେସର ସ୍ପେନ୍‌ଶର ଜନ୍‌ସନ ଅନ୍‌ସୋଲ୍ଡ ରହିଛନ୍ତି। ଦକ୍ଷିଣ ଆଫ୍ରିକୀୟ ଓପନର କ୍ୱିଣ୍ଟନ୍ ଡି କକ୍ ୧ କୋଟି ଟଙ୍କାର ବେସ୍ ପ୍ରାଇସ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ)କୁ ଫେରିଛନ୍ତି। ପରବର୍ତ୍ତୀ ସିଜନ ଲାଗି ୩୧ ବିଦେଶୀଙ୍କ ସମେତ ୭୭ ଖେଳାଳିଙ୍କ ସ୍ଥାନ ଫାଙ୍କା ରହିଥିବାବେଳେ ୨୪୬ ଭାରତୀୟ ଓ ୧୧୩ ବିଦେଶୀଙ୍କ ସମେତ ମୋଟ୍ ୩୫୯ ଖେଳାଳି ଏହି ଅକ୍ସନରେ ଭାଗନେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ କୋଣ ସ୍ଥାନରେ ବୃହସ୍ପତି ଅବସ୍ଥାନ କରୁଥିବାରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନିଧ୍ୟରୁ ଉପକୃତ ହେବେ। ନୂଆ ଯୋଜନା ସକାଶେ ମନ ବଳାଇ ପାରନ୍ତି। ମାତ୍ର ନିର୍ମାଣାଧୀନ କାର୍ଯ୍ୟ କେତେକ ଆକସ୍ମିକ ସମସ୍ୟା କାରଣରୁ ସ୍ଥଗିତ ରହିପାରେ। ନିକଟ ସମ୍ପର୍କୀୟମାନଙ୍କ ଉପରେ ଭରଷା କରି କୌଣସି କାମ କରିପାରିବେ ନାହିଁ।

**ବୃଷ** ଲାଭଭାବରେ ଶନି ଅଭିଳାଷକୁ ପୂରଣ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବେ। ଯାହା ପାଇଁ କଷ୍ଟ ସ୍ୱୀକାର କରି ସାହାଯ୍ୟ କରିଥିଲେ ସେହି ବ୍ୟକ୍ତି ଶତ୍ରୁତା କରିପାରନ୍ତି। ଅପରିଚିତ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କାରଣରୁ ଘର ସଦସ୍ୟ ବିରକ୍ତ ହେବେ। ପ୍ରକାଶନ, ସଙ୍ଗୀତ, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତିର ସୂଚନା ରହିଛି।

**ମିଥୁନ** ଧନାଧିପତି ଚତୁର୍ଥରେ ରାହୁଦୃଷ୍ଟିରେ ଥିବାରୁ ଅର୍ଥ ସମ୍ପର୍କୀୟ ବିବାଦ ସୃଷ୍ଟି କରିବେ। ବିଶେଷ କାରଣ ନ ଥାଇ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରିପାରନ୍ତି। ପରିବାର ଭିତରେ ପୁରୁଣା କଥାର ଆଲୋଚନା ହିଁ କଳହର କାରଣ ହୋଇପାରେ। ପୁରାତନ ରୋଗର ପୀଡ଼ାବୃଦ୍ଧି ଯୋଗୁ କାମ କରିବାକୁ ନିରୁତ୍ସାହିତ ହୋଇପାରନ୍ତି।

**କର୍କଟ** ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ଅବସ୍ଥାନ କରି ପ୍ରତ୍ୟେକ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିବେ। ନିଜେ ଅସୁବିଧାରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ ପାଇଁ ଚେଷ୍ଟିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବ୍ୟଥିତ ହେବେ। ବନ୍ଧୁ ଅଭିମାନ ଭରା କଥା କହି ଆପଣ ସାହାଯ୍ୟ କରି ନ ଥିବାରୁ ଦୁଃଖପ୍ରକାଶ କରିପାରନ୍ତି।

**ସିଂହ** ବୁଧ ଓ ଶୁକ୍ରଙ୍କ ସ୍ଥିତିଜନିତ କୌଣସି ବନ୍ଧୁଙ୍କ ପ୍ରତି ଅତ୍ୟଧିକ ଅନୁରକ୍ତି ଭାବୁକ ବନେଇପାରେ। ସାଧାରଣ ଘଟଣାକୁ କେନ୍ଦ୍ରକରି ପାରିବାରିକ ସମସ୍ୟା ବଢ଼ିଯିବା କାରଣରୁ ମାନସିକ ଅସ୍ଥିରତା ଦେଖାଦେବ। ଆଜି କାମରଚାପ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଆଶ୍ୱସ୍ତି ବାକ୍ୟ ଶୁଣି ମନ ହାଲୁକା ହୋଇଯିବ।

**କନ୍ୟା** ଆପଣ ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁଟିରେ ଆପଣଙ୍କ ପ୍ରତି ଥିବା ଭଲ ମନୋଭାବକୁ ବଦଳାଇଦେବାର ଆଶଙ୍କା ଦେଖାଦେବ । ବ୍ୟବସାୟ, ପରିବହନରେ ସମସ୍ୟା ସମାଧାନ ହୋଇପାରେ। ଆନୁଷ୍ଠାନିକ କାମ ପ୍ରତି ଆନ୍ତରିକତା ବିଶିଷ୍ଟବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରିବ।

**ତୁଳା** ରାଶିସ୍ଥ ଚନ୍ଦ୍ର ପ୍ରଭାବରୁ ମନ ଯେପରି କାମ ତଦନୁରୂପ ହେବା କାରଣରୁ ଆନନ୍ଦ ଅନୁଭବ କରିବେ। ଦୀର୍ଘ ମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ। ଅନ୍ୟମାନଙ୍କ ସକାଶେ ଯେତେ ଭଲ କାମ କଲେ ମଧ୍ୟ ସେମାନେ ଆପଣଙ୍କୁ ଭୁଲ୍ ବୁଝିବେ। ଧାର୍ମିକ ଅନୁଷ୍ଠାନରେ ଯୋଗଦେଇ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି।

**ବିଛା** ଅଷ୍ଟମ ଓ ବ୍ୟୟାଧିପଙ୍କ ସଂଯୋଗ ଯୋଗୁ ଆପଣଙ୍କ କଥାବାର୍ତ୍ତା ଅନ୍ୟମାନଙ୍କ ଗ୍ରହଣୀୟ ନ ହୋଇପାରେ। ସମୟ ଭଲ ନ ଥିଲେ ମଧ୍ୟ କୌଶଳ ଅବଲମ୍ବନ କରି ଆଶା ପୂରଣ ପାଇଁ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଂଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜିବେ। ବିଶ୍ୱାସର ସହ କାମ କରନ୍ତୁ ବନ୍ଧୁଙ୍କ ସାହାଯ୍ୟର ଅଭାବ ରହିବ ନାହିଁ।

**ଧନୁ** ଗୁରୁକ୍ଷେତ୍ରସ୍ଥ ଶନି ପାରିବାରିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭକରିବା ଦିଗରେ ସହାୟକ ହୋଇପାରିବ। ବନ୍ଧୁଙ୍କ ପାଖରେ ରହିଯାଇଥିବା ଅର୍ଥ ଆଦାୟରେ ସକ୍ଷମ ହେବେ। ମାଙ୍ଗଳିକ କାମର ପ୍ରସ୍ତୁତି ସକାଶେ ବିଚଳିତବୋଧ କରିପାରନ୍ତି। ବିବାଦୀୟ ଘଟଣାରେ ନୀରବ ରହିବା ଏକ ପ୍ରକାର ଭଲ ହେବ।

**ମକର** ସପ୍ତମାଧିପତି କର୍ମସ୍ଥ ଯୋଗୁ ଆନୁଷଙ୍ଗିକ ସହଯୋଗ ପାଇ କାମ ଆଗକୁ ବଢ଼ାଇବାରେ ସମର୍ଥ ହେବେ। ସଭାସମିତି, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ଆଲୋଚନାରେ ଆପଣଙ୍କ କଥାକୁ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଆଜିର ବ୍ୟବସାୟିକ ସ୍ଥିତି ସନ୍ତୋଷଜନକ ରହିବା ଯୋଗୁ ବିଶେଷ ଖୁସି ହେବେ।

**କୁମ୍ଭ** ଆଜି ତୃତୀୟ କର୍ମାଧିପ ମଙ୍ଗଳ ଏକାଦଶରେ ରହି ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପୂରଣ କରିବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ କଷ୍ଟ ସ୍ୱୀକାର କରିପାରନ୍ତି। ସହନଶୀଳତା ଗୁଣରୁ ପ୍ରଶଂସିତ ହେବା ସାଙ୍ଗକୁ ଧୈର୍ଯ୍ୟହରା ନ ହେଲେ ଉପକୃତ ହେବେ। ଦୂରଯାତ୍ରା ସମୟରେ ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ** କର୍ମକ୍ଷେତ୍ରକୁ ଗୁରୁଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି ପ୍ରଭାବରେ ପ୍ରତିକୂଳ ପରିସ୍ଥିତିର ଚାପ କମିଯିବ। ନିକଟତର ବନ୍ଧୁଟି ଦ୍ୱାରା କାମ ହାସଲ ସହଜ ହୋଇପାରିବ। ପାରିବାରିକ ବନ୍ଧୁମିଳନରୁ ସାମୟିକ ଭାବରେ ଦୁଃଖ କେତେକାଂଶରେ ଭୁଲିଯାଇପାରନ୍ତି। ଆର୍ଥିକ ଦୁରବସ୍ଥାକୁ ସୁଧାରିବାକୁ ଯାଇ ବ୍ୟାଙ୍କ ଲୋନ୍ କରିବାକୁ ମନସ୍ଥ କରିପାରନ୍ତି।

ଆଜି ଡିସେମ୍ବର ୧୭ ତାରିଖ, ପୌଷ କୃଷ୍ଣ ତ୍ରୟୋଦଶୀ ବୁଧବାର। ରାଶିନକ୍ଷତ୍ର-ବିଶାଖା/ତୁଳା, ଦିବା ଘ.୧୦.୨୬ମି. ଗତେ ବିଛାଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୮ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୩୭ମି. ଗତେ ଘ.୧୧.୪୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୨ମି. ଗତେ ଘ୦୧.୦୩ମି. ମଧ୍ୟେ ରାହୁ କାଳ।

# ଚିଲିକାରେ ୧୦୦ ପ୍ରଜାତିର ୫ ଲକ୍ଷ ବିଦେଶୀ ପକ୍ଷୀ



ଚିଲିକାରେ ଫ୍ଲେମିଙ୍ଗୋ(ଏରା) ପ୍ରଜାତିର ପକ୍ଷୀଙ୍କ ବିଚରଣ।

## ଶିକାରୀଙ୍କ ଉପରେ ନଜର ରଖିଛି ଡ୍ରୋନ୍

ବାଲୁଗାଁ,୧୬।୧୨
(ସଂଗ୍ରାମ ପାଇକରାୟ)

ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ସୁଦୂର ବରଫାବୃତ୍ତ ରାଷ୍ଟ୍ରାଞ୍ଚଳରୁ ନୀଳାମ୍ବୁ ଚିଲିକାକୁ ରଙ୍ଗବେରଙ୍ଗର ବିଦେଶାଗତ ପକ୍ଷୀଙ୍କ ସୁଅ ଛୁଟିବାରେ ଲାଗିଛି। ଚଳିତ ମାସ ୧୫ ତାରିଖ(ସୋମବାର) ସୁଦ୍ଧା ଚିଲିକାରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ପ୍ରାୟ ୫ ଲକ୍ଷ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡିଏଫ୍ଓ ଅମ୍ଲାନ୍ ନାୟକ ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ପକ୍ଷୀ ଅଭୟାରଣ୍ୟ ନଳବଣରେ ୯୦ ପ୍ରଜାତିର ୨ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ ଦୃଷ୍ଟିଗୋଚର ହୋଇଥିବା ବେଳେ ଅବଶିଷ୍ଟ ପକ୍ଷୀ ବାହାର ଚିଲିକା ଅଞ୍ଚଳ ତଥା ଭୂଷଣ୍ଡପୁର, ମଙ୍ଗଳାଯୋଡ଼ି, ସୋରଣ, ସୁନ୍ଦରପୁର, ନଈରୀ, କାଳୁପଡ଼ା, ରାହାଣବେଲି, ସାତପଡ଼ା, କୃଷ୍ଣପ୍ରସାଦ, ଗୁରୁବାଇ, ବଡ଼ଗୋଠ, ଜହ୍ନିକୁଦା, ସିପକୁଦ, ବାଲିପାଟପୁର, ରମ୍ଭା ଆଦି ଅଞ୍ଚଳରେ ସମାଗମ ହୋଇଛନ୍ତି। ଏହି ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ନର୍ଦ୍ଦର୍ନ ପିଣ୍ଟେଲ, ୟୁରେସିଆନ ୱିଜନ୍, ଗଡ୍‌ୱାଲ, ସୋଭଲର, ଗଡ୍‌ୱିଟ୍, ବାର୍ ହେଡେଡ୍ ଗୁଜ୍ ଆଦି ପ୍ରଜାତି ରହିଛନ୍ତି। ତେବେ ଚିଲିକାର ଶୋଭାବର୍ଦ୍ଧନକାରୀ ତଥା ସବୁଠାରୁ ଆକର୍ଷଣୀୟ ଫ୍ଲେମିଙ୍ଗୋ(ଏରା) ପ୍ରଜାତିର ପକ୍ଷୀ ଚଳିତବର୍ଷ ବହୁସଂଖ୍ୟାରେ ଦେଖାଯାଇଛି। ଏହି ପକ୍ଷୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏଥର ଚିଲିକାକୁ ଅକ୍ଟୋବର ଶେଷ ସପ୍ତାହରୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଥିଲା। ତେବେ ଗତ କିଛିଦିନ ହେବ ଶୀତର ପ୍ରକୋପ ବୃଦ୍ଧି ପାଇବା ସାଙ୍ଗକୁ ପକ୍ଷୀଙ୍କ ଆଗମନ ମଧ୍ୟ ବଢ଼ିବାରେ ଲାଗିଛି। ଗତବର୍ଷ ପରି ଚଳିତ ବର୍ଷ ଜାନୁଆରୀ ତୃତୀୟ ସପ୍ତାହକୁ ପକ୍ଷୀ ଏବଂ ଡଲ୍‌ଫିନ ଗଣନା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ପକ୍ଷୀଙ୍କ ବିଚରଣରେ ଯେପରି ବାଧା ନ ଉପୁଜିବ ସେଥିଲାଗି ଅଭୟାରଣ୍ୟ ନଳବଣ ଏବଂ ଏହାର ଆଖପାଖ ଅଞ୍ଚଳରେ ମାଛଧରା ଡଙ୍ଗା ଓ ପର୍ଯ୍ୟଟକଙ୍କ ପ୍ରବେଶକୁ ବାରଣ କରାଯାଇଛି। ସେହିପରି ମଙ୍ଗଳାଯୋଡ଼ି ଅଞ୍ଚଳରେ ମଧ୍ୟ ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପକ୍ଷୀ ଶିକାରୀଙ୍କୁ ଠାବ କରିବା ପାଇଁ ସ୍ୱତନ୍ତ୍ର ଭାବେ ଡ୍ରୋନ୍ କ୍ୟାମେରା ତଟବର୍ତ୍ତୀ ଅଞ୍ଚଳରେ ପଇଁତରା ମାରୁଛି। ଏଥିସହ ସ୍ଥଳଭାଗରେ ୨ଟି ଭ୍ରାମ୍ୟମାଣ ଟିମ୍ ଏବଂ ଜଳଭାଗରେ ୨୧ଟି ଟିମ୍ ବୋଟ୍‌ରେ ପାଟ୍ରୋଲିଂ ପାଇଁ ନିୟୋଜିତ ହୋଇଛନ୍ତି। ଗ୍ରାମାଞ୍ଚଳରେ ମଧ୍ୟ ପକ୍ଷୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ପ୍ରକାଶ ଯେ, ଗତ ବର୍ଷ ଚିଲିକାରେ ୧୧ ଲକ୍ଷ ୨୭ ହଜାର ୨୨୮ ପକ୍ଷୀଙ୍କ ସମାଗମ ହୋଇଥିଲା। ତେବେ ପାଗ ଅନୁକୂଳ ରହିଲେ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ପକ୍ଷୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ବନ୍ୟପ୍ରାଣୀ ବିଭାଗ ଡିଏଫ୍ଓ ଅମ୍ଲାନ୍ ନାୟକ କହିଛନ୍ତି।

# ବିଦ୍ୟାଳୟରେ ଯୁକ୍ତ୨ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

## ସହପାଠୀଙ୍କ ସହ ପୂର୍ବ ରାତିରେ ମାରପିଟ ହୋଇଥିବା ଅଭିଯୋଗ

- ଉଚିତ ତଦନ୍ତ ପାଇଁ ମୃତ ଛାତ୍ରଙ୍କ ବାପା ଅନୁରୋଧ କଲେ
- ବ୍ୟବଚ୍ଛେଦ ରିପୋର୍ଟ, ପୋଲିସ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ



ଚାରଭଟା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଉତ୍ତ୍ୟକ୍ତ ଲୋକଙ୍କ ସହିତ ଜିଲାପାଳ ଆଲୋଚନା କରୁଛନ୍ତି।

ସୋନପୁର/ ତରଭା,୧୬।୧୨
(ମୃତ୍ୟୁଞ୍ଜୟ ଶତପଥୀ/ ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟାସ୍ଥିତ ପିଏମ୍‌ଶ୍ରୀ ଏସ୍ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଆର୍ଯ୍ୟନ ସୁନା(୧୭)ଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ଛାତ୍ରାବାସରେ ଥିବା ସମୟରେ ଆର୍ଯ୍ୟନ ହଠାତ୍ ମୂର୍ଚ୍ଛା ହୋଇ ତଳେ ପଡ଼ି ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଚାରଭଟାସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ପ୍ରେମାନନ୍ଦ ମେହେର ତାଙ୍କୁ ମୃତ ଘୋଷଣା କରିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂଚନା ଦେଇଛନ୍ତି। ଅପରପକ୍ଷରେ ସୋମବାର ସନ୍ଧ୍ୟାରେ ମୋବାଇଲକୁ ନେଇ ଆର୍ଯ୍ୟନ ଓ ସହପାଠୀଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏପରିକି ସେମାନଙ୍କ ମଧ୍ୟରେ ମାରପିଟ୍ ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା ଛାତ୍ରଙ୍କ ମଧ୍ୟରେ ମାରପିଟ୍ ଘଟଣାକୁ ଅସ୍ୱୀକାର କରିବା ସହ ମୃତ ଛାତ୍ର ସକାଳେ ଜଳପାନ କରିଥିବା ଓ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ଅପରପକ୍ଷରେ ଛାତ୍ର ମୃତ୍ୟୁ ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଚାରଭଟା ଅଞ୍ଚଳବାସୀ ଚାରଭଟା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋହଲ୍ଲା କରିଥିଲେ। ମୃତ ଛାତ୍ରଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ। ଛାତ୍ରଙ୍କୁ ମାଡ଼ ମାରି ହତ୍ୟା କରାଯାଇଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ଚାରଭଟା ଗ୍ରାମର ଜଗଦୀଶ ଦୀପ ଏବଂ ଅନ୍ୟମାନେ ଦାବି କରିଛନ୍ତି। ତରଭା ଥାନା ଓ କମସରା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥଲେ।

ମୃତ ଛାତ୍ର ଆର୍ଯ୍ୟନଙ୍କ ବାପା ବିଷ୍ଣୁ ସୁନାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଘର ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତର ବଡ଼ନୂଆପାଲି ଗାଁରେ। ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଛାତ୍ରାବାସରେ ରହି ଆର୍ଯ୍ୟନ ପାଠ ପଢୁଥିଲେ। ମଙ୍ଗଳବାର ସକାଳେ ଆର୍ଯ୍ୟନ୍ ଅଚେତ ହୋଇଯାଇଥିଲେ। ତାଙ୍କୁ ଚାରଭଟା ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖାଯାଇଛି। ସେଠାରେ ପହଞ୍ଚିବାକୁ ବିଦ୍ୟାଳୟର କର୍ମଚାରୀମାନେ ଆର୍ଯ୍ୟନଙ୍କ ବାପା ବିଷ୍ଣୁଙ୍କୁ ଖବର ଦେଇଥିଲେ। ଏହାଶୁଣି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଷ୍ଣୁ ପହଞ୍ଚିବାବେଳକୁ ଆର୍ଯ୍ୟନଙ୍କ ମୃତ୍ୟୁ ହୋଇ ସାରିଥିବା ଦେଖିବାକୁ ପାଇଥିଲେ। ତେଣୁ ଆର୍ଯ୍ୟନଙ୍କ ମୃତ୍ୟୁର ଠିକ୍ ତଦନ୍ତ ପାଇଁ ତାଙ୍କ ବାପା ବିଷ୍ଣୁ କମସରା ପାଣ୍ଡି ଅଧିକାରୀଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି। ଖବରପାଇ ଜିଲାପାଳ ଡ. ନୃପରାଜ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପୋଲିସ ବୁଧବାରଠାରୁ ତଦନ୍ତ ଆରମ୍ଭ କରିବ। ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ରାତିରେ ତରଭାରେ ଛାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ, ତରଭା ବିଡିଓ ଗଙ୍ଗାରାମ ବୁଡେକ୍, ତହସିଲଦାର ଶ୍ୱେତାଲିନା ମାହାନା, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି।




# ୩୦ଯାଏ ବଢ଼ିଲା ଅବଧି

## ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ

କଟକ,୧୬।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬-୨୭ ଶିକ୍ଷାବର୍ଷରେ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷା ଦେବା ପାଇଁ ଚଳିତବର୍ଷ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ଅବଧି ଡିସେମ୍ବର ୩୦ ତାରିଖ ଯାଏ ବଢ଼ାଇ ଦିଆଯାଇଛି। ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ପ୍ରକ୍ରିୟା ଡିସେମ୍ବର ୧୭ ତାରିଖ ରାତ୍ର ୧୧.୪୫ ମିନିଟରେ ଶେଷ ହେବାର ଥିଲା। ମାତ୍ର ଅଭିଭାବକ, ପ୍ରଧାନଶିକ୍ଷକମାନଙ୍କ ଅନୁରୋଧକ୍ରମେ ଏହି ଅବଧିକୁ ବଢ଼ାଯାଇଥିବା ବୋର୍ଡ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସୂଚନାନୁସାରେ, ୨୦୨୭ ମାଟ୍ରିକ ପରୀକ୍ଷା ପାଇଁ ରାଜ୍ୟର ସମସ୍ତ ହାଇସ୍କୁଲର ମୁଖ୍ୟମାନେ ସମ୍ପୃକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଅନ୍‌ଲାଇନ ଜରିଆରେ ଏହି କାର୍ଯ୍ୟ କରୁଛନ୍ତି। ଦିବାରାତ୍ର ୨୪ ଘଣ୍ଟିଆ ଅନ୍‌ଲାଇନରେ ପଞ୍ଜୀକରଣ କାର୍ଯ୍ୟ ଚାଲୁରହିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ୬୦ ଟଙ୍କା ହିସାବରେ ପଞ୍ଜୀକରଣ ଦେୟ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ରେଗୁଲାର ଓ କ୍ୱାସି ରେଗୁଲାର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ମଧ୍ୟ ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲରେ ପଢୁଥିବା ଏସ୍‌ସି ଓ ଏସ୍‌ଟି ବର୍ଗର ରେଗୁଲାର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ନିମନ୍ତେ କୌଣସି ଦେୟ ଲାଗିବ ନାହିଁ। ପଞ୍ଜୀକରଣ ନିମନ୍ତେ ଆବେଦନ ପତ୍ରର ଫର୍ମାଟ, ନିର୍ଦ୍ଦେଶାବଳୀ ଓ ଲିଙ୍କ୍ ଆଦି ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in-ରେ ଉପଲବ୍ଧ ହେବ। ଏହି ସମୟ ମଧ୍ୟରେ ନାମ ପଞ୍ଜୀକରଣ କରିପାରି ନ ଥିବା ଛାତ୍ରୀଛାତ୍ରମାନେ ୨୦୨୭ ମାଟ୍ରିକ ପରୀକ୍ଷା ଦେଇପାରିବେ ନାହିଁ। ଏଭଳି କ୍ଷେତ୍ରରେ ସେମାନେ ବୋର୍ଡ ଦ୍ୱାରା ପରିଚାଳିତ ପତ୍ରମାଧ୍ୟମ ପାଠ୍ୟକ୍ରମରେ ନାମ ପଞ୍ଜୀକରଣ କରି ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ।

# ୧୦୦ ଟଙ୍କା ୩୭୬ରେ ପହଞ୍ଚିଲାଣି

## ବଢୁଛି ମୁଦ୍ରାସ୍ଫୀତି

ଭୁବନେଶ୍ୱର,୧୬।୧୨ (ରବିନାରାୟଣ ଜେନା)

ଦେଶରେ କେବଳ ଯେ ମୁଦ୍ରାସ୍ଫୀତି ହାର ବଢ଼ିଚାଲିଛି ତାହା ନୁହେଁ, ଦିନକୁ ଦିନ ମୁଦ୍ରାର ବିନିମୟ ମୂଲ୍ୟ ଡଲାର ତୁଳନାରେ ହ୍ରାସ ପାଇଚାଲିଥିବାବେଳେ ତାହାକୁ ତାଳ ଦେଇ ଦର ମୁଦ୍ରାସ୍ଫୀତି ସୂଚକାଙ୍କ ବା କଷ୍ଟ୍ ଇନ୍‌ଫ୍ଲାଶନ ଇଣ୍ଡେକ୍ସ(ସିଆଇଆଇ) ବଢ଼ିଚାଲିଛି। ୨୫ ବର୍ଷ ପୂର୍ବରୁ ଯେଉଁ ଦ୍ରବ୍ୟ ବା ସମ୍ପତ୍ତିର ମୂଲ୍ୟ ୧୦୦ ଟଙ୍କା ରହିଥିଲା ତାହା ଏବେ ୩୭୬ ଟଙ୍କାରେ ପହଞ୍ଚିଲାଣି ବୋଲି ଅର୍ଥ ମନ୍ତ୍ରଣାଳୟର ସିଆଇଆଇରୁ ଜଣାଯାଇଛି। ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ କଷ୍ଟ୍ ଇନ୍‌ଫ୍ଲାଶନ ଇଣ୍ଡେକ୍ସର ମୂଳାଧାର ବର୍ଷ ଭାବେ ୨୦୦୧-୦୨କୁ ଗ୍ରହଣ କରାଯାଇଥିଲା। ଏହି ବର୍ଷ ଯେକୌଣସି ଦ୍ରବ୍ୟ କିମ୍ବା ସମ୍ପତ୍ତିର ମୂଲ୍ୟ ୧୦୦ ଟଙ୍କା ଧରା ଯାଇଥିବାବେଳେ ଏହା କ୍ରମଶଃ ବଢ଼ିଚାଲିଛି। ୧୨ ବର୍ଷରେ ଏହା ଦ୍ୱିଗୁଣ ହୋଇଛି। ତଥ୍ୟ ଅନୁଯାୟୀ, ୨୦୦୨-୦୩ ବର୍ଷରେ କଷ୍ଟ୍ ଇନ୍‌ଫ୍ଲାଶନ ହାର ୧୦୫ ଟଙ୍କା ରହିଥିବାବେଳେ ୨୦୦୩-୦୪ରେ ୧୦୯, ୨୦୦୪-୦୫ରେ ୧୧୩, ୨୦୦୫-୦୬ରେ ୧୧୭, ୨୦୦୬-୦୭ରେ ୧୨୨, ୨୦୦୭-୦୮ରେ ୧୨୯, ୨୦୦୮-୦୯ରେ ୧୩୭, ୨୦୦୯-୧୦ରେ ୧୪୮, ୨୦୧୦-୧୧ରେ ୧୬୭, ୨୦୧୧-୧୨ରେ ୧୮୪, ୨୦୧୨-୧୩ରେ ୨୦୦ ଟଙ୍କାରେ ପହଞ୍ଚିଥିଲା।

ସେହିପରି ୨୦୧୩-୧୪ରେ ସିଆଇଆଇ ୨୨୦ ଟଙ୍କାରେ ପହଞ୍ଚିଥିବାବେଳେ ୨୦୧୪-୧୫ରେ ୨୪୦, ୨୦୧୫-୧୬ରେ ୨୫୪, ୨୦୧୬-୧୭ରେ ୨୬୪, ୨୦୧୭-୧୮ରେ ୨୭୨, ୨୦୧୮-୧୯ରେ ୨୮୦, ୨୦୧୯-୨୦ରେ ୨୮୯, ୨୦୨୦-୨୧ରେ ୩୦୧, ୨୦୨୧-୨୨ରେ ୩୧୭, ୨୦୨୨-୨୩ରେ ୩୩୧, ୨୦୨୩-୨୪ରେ ୩୪୮, ୨୦୨୪-୨୫ରେ ୩୬୩ ଏବଂ ୨୦୨୫-୨୬ ଏବେ ସୁଦ୍ଧା ଏହା ୩୭୬ ଟଙ୍କାରେ ପହଞ୍ଚିଛି।

# ନବଜାତଙ୍କ ମୃତଦେହକୁ ଝୁଣି ଖାଇଲା କୁକୁର

ବାହାନଗା (ଅରୂପ କୁମାର ଦାସ)/ ସୋର (ଜନ୍ମେଜୟ ମିଶ୍ର), ୧୬।୧୨

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚିତ୍ତଳ ପଞ୍ଚାୟତ ବାଲିକିତ୍ତିରଣ ଗାଁ ରାସ୍ତାକଡ଼ରେ ନବଜାତ ଶିଶୁର ମୃତଦେହକୁ ଏକ କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ଏହି ମୃତ ଶିଶୁକୁ କେହି କିଆବୁଦା ମୂଳେ ଫିଙ୍ଗି ଦେଇଥିବା କିମ୍ବା ପୋତି ଦେଇଥିବା ଅନୁମାନ କରାଯାଉଛି। ଏନେଇ ସୋର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୩୫/୨୫) ରୁଜୁ କରାଯାଇଛି।

ବାଲିକିତ୍ତିରଣ ଗ୍ରାମ ୯ ନଂ. ୱାର୍ଡରେ ଥିବା ଚହଲାପଡିଆ ଡାହାଣକଡ଼ କିଆବୁଦା ନିକଟରୁ ସୋମବାର ସନ୍ଧ୍ୟାରେ ଗୋଟିଏ କୁକୁର ଏକ ନବଜାତ ଶିଶୁର ମୁଣ୍ଡ ଧରି ପଡିଆ ନିକଟରେ ଥିବା ଶିବ ମନ୍ଦିର ସାମ୍ନା ରାସ୍ତା ନିକଟକୁ ଆଣିଥିଲା। ତାହାକୁ ଲୋକମାନେ ଦେଖି କୁକୁରକୁ ଗୋଡ଼ାଇବା ଫଳରେ ସେ ସେଠାରେ ମୁଣ୍ଡ ଛାଡି ପଳାଇଥିଲା। କିଛି ସମୟ ପରେ ପୁନର୍ବାର ସେହି କୁକୁର ପଡିଆର ଡାହାଣ ଦିଗ ଆଡୁ କିଆବୁଦା ଭିତରୁ ପଡିଆ ମଧ୍ୟକୁ ମୃତ ଶିଶୁର ଡାହାଣ ଗୋଡ଼ ଧରି ଆସିଥିଲା। ଏହା ଦେଖି ପଡିଆରେ ଖେଳୁଥିବା ଯୁବକମାନେ କୁକୁରକୁ ଗୋଡ଼ାଇ ସୋର ପୋଲିସକୁ ଖବର ଦେଇଥିଲେ। ସୋର ଥାନା ପୋଲିସ ଓ ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ କରି ଲୋକଙ୍କ ଉପସ୍ଥିତିରେ ସେହି ପଡିଆରେ ଖଣ୍ଡ ବିଖଣ୍ଡିତ ଶରୀରକୁ ପୋତି ଦେଇଥିଲେ। ସୋର ଥାନା ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ପରେ ପୋତାଯାଇଥିବା ସ୍ଥାନକୁ ପୋଲିସ ରାତିସାରା ଜଗିରହିଥିଲା। ମଙ୍ଗଳବାର ସକାଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋତାଯାଇଥିବା ଖଣ୍ଡବିଖଣ୍ଡିତ ଶରୀର ଦୁଇଟିକୁ ଗାତରୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ବାହାନଗା ତହସିଲର ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡା ଓ ସୋର ଥାନା ଅଧିକାରୀ ମୁକୁନ୍ଦମୁରଲୀ ପାତ୍ର, ଏଏସ୍ଆଇ କୈଳାସ ପାତ୍ର ପ୍ରମୁଖ ଉପସ୍ଥିତ ରହି ତଦନ୍ତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବାଲିକିତ୍ତିରଣ ଗ୍ରାମରେ ଏଭଳି କୌଣସି ଘଟଣା କାହାରି ଘରେ ଘଟି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ନଏଡ଼ାରୁ ଠକ ଦମ୍ପତିଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

## ନିବେଶ ନାଁରେ ୧୦୦ ଜଣଙ୍କୁ ୨୦ କୋଟି ଠକେଇ ମାମଲା

ଭୁବନେଶ୍ୱର,୧୬।୧୨
(ସତ୍ୟଜିତ ରାଉତ)

ଶେୟାର ଟ୍ରେଡିଂ ଓ ନିବେଶ ନାଁରେ ପ୍ରାୟ ୧୦୦ ଜଣଙ୍କଠାରୁ ୨୦ କୋଟି ଟଙ୍କା ଠକିବା ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏକ ଠକ ଦମ୍ପତିଙ୍କୁ ଉତ୍ତରପ୍ରଦେଶ ଗ୍ରେଟର ନଏଡ଼ାରୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଟାଙ୍ଗପୁର ଗ୍ରାମର ଚନ୍ଦ୍ରଶେଖର ସାହୁ ଓ ତାଙ୍କ ସ୍ତ୍ରୀ ଝରଣା ସାହୁ। ଶୁକ୍ରବାର ଗ୍ରେଟର ନଏଡ଼ା ଅଞ୍ଚଳର ଗୌତମବୁଦ୍ଧ ନଗରରୁ ଉଭୟଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ ଏକ କୋର୍ଟରେ ହାଜର କରାଯାଇଥିଲା। ପରେ ଏହି ଦମ୍ପତିଙ୍କୁ ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ମଙ୍ଗଳବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକ ଦମ୍ପତିଙ୍କ ପାଖରୁ ଠକେଇ ସମ୍ବନ୍ଧିତ ବହୁ ଦସ୍ତାବିଜ୍ ଜବତ କରି ଇଓଡବ୍ଲ୍ୟୁ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଚନ୍ଦ୍ରଶେଖର ତାଳଚେରର ଏମ୍‌ସିଏଲ୍‌ରେ ପୂର୍ବରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲେ। ପରେ ସେଠାରୁ ଚାକିରି ଛାଡ଼ି ୨୦୨୧ରେ ସେ ଏମ୍/ଏସ୍ ଇଭୋରିଚ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିଃ ନାମରେ ନିଜର ଏକ କମ୍ପାନୀ ଖୋଲିଥିଲେ। ସ୍ତ୍ରୀ ଝରଣା କମ୍ପାନୀର ନିର୍ଦ୍ଦେଶକ ଥିବାବେଳେ ଚନ୍ଦ୍ରଶେଖର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ରହିଥିଲେ। ପ୍ରଥମେ ସେମାନେ ତାଳଚେର ହାଣ୍ଡିଧୁଆରେ ଏବଂ ପରେ ଭୁବନେଶ୍ୱର ପଟିଆରେ ଅଫିସ୍ ଖୋଲିଥିଲେ। କମ୍ପାନୀର ବିଭିନ୍ନ ଲାଭଜନକ ସ୍କିମ୍‌ରେ ଟଙ୍କା ନିବେଶ କରିବାକୁ ଏହି ଠକ ଦମ୍ପତି ବହୁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ୩୦ ମାସରେ ନିବେଶ ହୋଇଥିବା ଟଙ୍କା ଦୁଇଗୁଣା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରିଏଲ୍ ଇଷ୍ଟେଟ୍, ରିଟେଲ୍ ମାର୍ଟ, ମାଛ ଚାଷ ଓ ହୋଟେଲ ବ୍ୟବସାୟ ଆଦିରେ ଟଙ୍କା ନିବେଶ କରାଯାଉଥିବା କହିଥିଲେ। ଅଭିଯୁକ୍ତଦ୍ୱୟଙ୍କ କଥାରେ ପଡ଼ି ଓଡ଼ିଶା, ବେଙ୍ଗାଲୁରୁ, ମାଡ୍ରାସ୍, ଦିଲ୍ଲୀ ଆଦି ଅଞ୍ଚଳର ଲୋକେ ନିବେଶ କରିଥିଲେ। ପ୍ରଥମ କିଛି ମାସ ନିବେଶକାରୀଙ୍କୁ ଲାଭ ଟଙ୍କା ଦିଆଯାଇଥିଲା। ହେଲେ ପରେ ଅଭିଯୁକ୍ତଦ୍ୱୟ ଏହାର ଦୁଇ କମ୍ପାନୀ ଅଫିସକୁ ବନ୍ଦ କରି ଫେରାର ହୋଇଯାଇଥିଲେ। ଚନ୍ଦ୍ରଶେଖର କମ୍ପାନୀରେ ନିବେଶ ବ୍ୟତୀତ ଅନ୍ୟାନ୍ୟ କମ୍ପାନୀରେ ଶେୟାର ଟ୍ରେଡିଂ ନାଁରେ ମଧ୍ୟ ଟଙ୍କା ନେଇଥିଲେ। ପ୍ରଥମେ ନିବେଶକାରୀଙ୍କ ଟଙ୍କା ଚନ୍ଦ୍ରଶେଖରଙ୍କ କମ୍ପାନୀରେ ଜମା ହେଉଥିଲା। ପରେ ଏହାକୁ ଏହି ଦମ୍ପତି ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରିନେଉଥିଲେ। ଚନ୍ଦ୍ରଶେଖରଙ୍କ ଏଭଳି ଜାଲରେ ପଡ଼ି ଏମ୍‌ସିଏଲ୍ କର୍ମଚାରୀ ଜୟନ୍ତ ମିଶ୍ର ଠକେଇର ଶିକାର ହୋଇଥିଲେ। ଜୟନ୍ତ ୨୦୨୪ ଫେବୃଆରୀ ପର୍ଯ୍ୟନ୍ତ ୧.୦୫ କୋଟି ଟଙ୍କା ନିବେଶ କରିଥିଲେ। ସେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଡିସେମ୍ବର ୮ରେ ଏକ ମାମଲା (ନଂ. ୧୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା।



ଗିରଫ ଅଭିଯୁକ୍ତ ଚନ୍ଦ୍ରଶେଖର ସାହୁ

DADLS-69



ଓଡ଼ିଶାର ବରପୁତ୍ର
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୧୭ ଡିସେମ୍ବର, ୨୦୨୫
ସକାଳ ଘ.୮.୩୦ ମିନିଟ୍ ସମୟରେ ପାୱାର ହାଉସ ଛକ, ଭୁବନେଶ୍ୱରସ୍ଥିତ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସାଧାରଣ ସଭା
ପୂର୍ବାହ୍ନ-୧୧ ଘଟିକା, ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର
ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ
ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆ
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା
ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ପ୍ରକାଶ ସୋରେନ୍
ବିଧାୟକ, ବାରିପଦା
ଧନ୍ୟବାଦ ଅର୍ପଣ
ଡଃ. ରଜନୀକାନ୍ତ ବିଶ୍ୱାଳ
ଅବସରପ୍ରାପ୍ତ ପ୍ରଶାସକ ତଥା ସାଧାରଣ ସମ୍ପାଦକ, ମୟୂରଭଞ୍ଜ ସାଂସ୍କୃତିକ ସଂସଦ,ଭୁବନେଶ୍ୱର
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ,ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-15001/13/1283/2526

" ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା



# ଜିଆ ଖାଉଛି ମାଛକୁ

ଗାଡ଼ିଆରେ ବନିଶିରେ ମାଛ ଧରାଯାଉଥିବାର ଏକ ଦୃଶ୍ୟକୁ ଅବଧାରଣା କରାଯାଉ। ଜଣେ ବ୍ୟକ୍ତି ବାଉଁଶ ଛଡ଼ିରେ ସୂତା ଲଗାଇ ସେଥିରେ କଣ୍ଟା ଓହଳାଇ ଥାଏ। ସୂତାକୁ ପାଣିରେ ଭସାଇବା ଲାଗି ସୋଲ ବନ୍ଧାଯାଇ କଣ୍ଟାକୁ ଭିତରକୁ ଦିଆଯାଏ। କଣ୍ଟାରେ ଜିଆ ଗୁନ୍ଥି ଲୋକଟି ଗାଡ଼ିଆରେ ମାଛଧରେ। ଯେତେବେଳେ ମାଛ ଜିଆକୁ ଟାଣେ ସୋଲ ଉପର ତଳ ହେବା ଜାଣି ଧରାଳି ତତ୍‌କ୍ଷଣାତ୍ ତାହାକୁ ଭୁଇଁ ଉପରକୁ ଛାଟେ ଓ ମାଛ ପାଏ। ମାଛ ଧରିବା ସକାଶେ ବନିଶି ମାଧ୍ୟମ ହୋଇଥିବା ବେଳେ ଜିଆ ଥୋପର କାମ କରେ। ଆଜିର ରାଜନୈତିକ ପାଣିରୁ ମାଛ ମାରିବା ପାଇଁ ପ୍ରାୟ ପ୍ରତ୍ୟେକ ଦଳ ବନିଶି ଧରି ବସିଛନ୍ତି।

କୌତୂହଳର ବିଷୟ ହେଉଛି ଅନୁଗଭୀର ପାଣିକୁ ଦୃଷ୍ଟି ପକାଇଲେ ମାଛଙ୍କ ମେଳି ସ୍ପଷ୍ଟ ଦିଶିଯାଉଛି। ଯେତେବେଳେ ଜଣେ ଶିଳ୍ପପତିଙ୍କ ଝିଅ ବାହାଘର ମଉଜ ମଜଲିସ୍ ଆରମ୍ଭ ହେଲା ସେତେବେଳେ ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତ୍, ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର ଓ ଏନ୍‌ସିପି (ଶରଦଚନ୍ଦ୍ର ପାଓ୍ୱାର) ସାଂସଦ ସୁପ୍ରିୟା ସୁଲେ ଏକ ସଙ୍ଗେ ମଞ୍ଚ ଉପରେ ନାଚିବାର ଦୃଶ୍ୟ ଦେଶବାସୀ ଦେଖିଲେ। ସେତେବେଳେ ସମସ୍ତଙ୍କ ଛାତି କୁଣ୍ଢେ ମୋଟ ହୋଇଯାଇଥିବ। ଯେଉଁ ଦେଶବାସୀ ବୁଝିବାକୁ ଚାହିଁବେ ନାହିଁ ସେମାନଙ୍କୁ ବୁଝାଇବା ଅସମ୍ଭବ। ଯେଉଁ ନାଗରିକ ଏହି ଖେଳର ଅନ୍ତୁ ଭିତରକୁ ଦେଖିବେ ସେଥିରୁ ବୁଝିପାରିବେ ଯେ ଏହି ବିବାହ ଘଟଣା କେବଳ ନୁହେଁ, ସମଗ୍ର ଦେଶର ରାଜନେତା, ଶିଳ୍ପପତି, ଅମଲାତନ୍ତ୍ରୀ ଏବଂ ନ୍ୟାୟାଧୀଶମାନେ ମିଳିମିଶି ସୁଖଶାନ୍ତିରେ ଅଛନ୍ତି। ଏମାନଙ୍କ ମଧ୍ୟରେ କୌଣସି ଦ୍ୱେଷ କିମ୍ବା ମତଭେଦ ଥିଲା ଭଳି ମନେ ହୁଏନାହିଁ। ତାହାର ଅନେକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି ଯେଉଁଥିରୁ ମୁଖ୍ୟ କାରଣ ହେଉଛି ଯେ, ଆଜିର ରାଜନେତାମାନଙ୍କ ହୃଦୟରେ ଦେଶବାସୀଙ୍କ ପାଇଁ ତିଳେମାତ୍ର ଦରଦ ନାହିଁ। ସମସ୍ତେ ସେଥିପାଇଁ ଗୋଟିଏ ମାଛ ପରେ ଆଉ ଗୋଟେ ମାଛ ଧରିଲା ଭଳି ଉଭୟ ସରକାରୀ ଓ ଅଣସରକାରୀ ଦଳଗୁଡ଼ିକ ବନିଶି ପକାଇବାରେ ବ୍ୟସ୍ତ।

ନିକଟ ଅତୀତକୁ ଦେଖିଲେ ଗୋଟିଏ ପରେ ଗୋଟିଏ ପ୍ରସଙ୍ଗ ଜିଆ ଭଳି ଦେଶରେ ପକାଇବା ପାଇଁ ସରକାର ଚିନ୍ତା କରୁଥିବାବେଳେ ଅଣସରକାରୀ ଦଳଗୁଡ଼ିକ ସେହି ଜିଆକୁ ଖାଇବା ପାଇଁ ସମ୍ପୂର୍ଣ୍ଣ ଡ୍ରାମା କରି ଦେଶବାସୀଙ୍କୁ ବାଉଳା କରୁଛନ୍ତି। ପ୍ରଥମେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆରସି) ଭଳି କାର୍ଯ୍ୟକୁ ଏହି ଖେଳ ଦୃଷ୍ଟିକୁ ଆସିଲା। ଅବଶ୍ୟ ତା'ପୂର୍ବରୁ ବିମୁଦ୍ରୀକରଣ ଓ ଜିଏସ୍‌ଟି ଭଳି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ନିଷ୍ପତ୍ତିଗୁଡ଼ିକର କୁଫଳ ଆଜି ପର୍ଯ୍ୟନ୍ତ ଦେଶ ସହିବାକୁ ବାଧ ହେଉଛି। ପରବର୍ତ୍ତୀ ସମୟରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)ଠାରୁ ଏବର ବନ୍ଦେ ମାତରମ୍, ନ୍ୟାଶନାଲ ହେରାଲ୍ଡ ମାମଲା ଏବଂ ଆଜି ଭିତରେ ମହାତ୍ମା ଗାନ୍ଧୀଙ୍କ ନାମକୁ କାଢ଼ି ଏମ୍‌ଜିଏନ୍‌ଆରଇଜିଏସ୍‌କୁ 'ଜି ରାମ୍‌ଜି' ପୁନଃ ନାମିତ କରିବାର ଜିଆ ପୋଖରୀ ପାଣିକୁ ଗୋଳିଆ କରିଚାଲିଛି। ଅଣ ସରକାରୀ ଓ ବିରୋଧୀ ଦଳଗୁଡ଼ିକ ସେହି ଗୋଳିଆ ପାଣିର ଖୁବ୍ ଭଲ ଲାଭ ଉଠାଇ ନାଟଗାଡରେ ମଜ୍ଜିରହିବା ସହିତ ପ୍ରଚାର ଫାଇଦାରେ ରହୁଛନ୍ତି। ନ୍ୟାଶନାଲ ହେରାଲ୍ଡ ମାମଲାରେ ଗାନ୍ଧୀ ପରିବାରର ଦୁଇ ମୁଖ୍ୟ ସୁନିଶ୍ଚିତ ବନ୍ଧା ହେବେ ବୋଲି ତଳକଜିଆ ସରକାରୀ ସମର୍ଥକ ଛାତିପିଟି କହୁଥିବା ବେଳେ ଉପରର ଖେଳ ବୁଝିଲା ଭଳି ବୁଦ୍ଧି ସେମାନଙ୍କର ଜନ୍ମି ନାହିଁ ବୋଲି ସେହି ମାମଲା ଖାରଜ ଖବର ପଢ଼ିଥିବା ସମସ୍ତ ନାଗରିକ ଭଲ ଭାବେ ବୁଝି ପାରିଥିବେ। ଯଦି ଯୁକ୍ତିତର୍କରେ ମୁଣ୍ଡ ନ ପୂରାଇ ଯେକୌଣସି ଭାରତୀୟ ନାଗରିକ ଆଜିର ରାଜନୈତିକ ପରିବେଶକୁ ଦେଖିପାରିବ, ସ୍ପଷ୍ଟ ଭାବେ ଆଭ୍ୟନ୍ତରୀଣ ମୁଖାମଣା ସମ୍ପର୍କରେ ହୃଦ୍‌ବୋଧ କରିପାରିବ। ଏଥିପାଇଁ କୌଣସି ମହାନ୍ ବିଦ୍ୱାନ୍ ହେବାର ପ୍ରୟୋଜନ ନାହିଁ। ଶାସକ ଦଳର ମୁହଁଆ ସାଜିଥିବା ବ୍ୟକ୍ତି ବିଭିନ୍ନ ଅପ୍ରାସଙ୍ଗିକ ବିଷୟକୁ ଉଠାଇ ଦେଶର ଦୃଷ୍ଟିକୁ ଏପାଖସେପାଖ କରିବାରେ ସଫଳତା ପାଉପାରୁଛନ୍ତି। ସେଭଳି ବିରୋଧୀଙ୍କୁ ଅତି ଭଲ ଭାବେ ପୋଷି ରଖିବାର କଳା କେନ୍ଦ୍ରକୁ ଜଣା, ସେଥିପାଇଁ ଇଡି ଦ୍ୱାରା ଦାଏର କରାଯାଇଥିବା ନ୍ୟାଶନାଲ୍ ହେରାଲ୍ଡ ମାମଲାକୁ ସରକାରୀ ସପକ୍ଷବାଦୀ ବିଚାରପତି ଅତି ସହଜରେ ପ୍ରମାଣ ନାହିଁ କହି ଖାରଜ କରିଦେଲେ। ଏହିଭଳି ପରିସ୍ଥିତିରେ ଆଜି ଭାରତର ଜନସାଧାରଣ ପୋଖରୀ ଭିତରେ ଥିବା ମାଛଭଳି। ତଳ ସ୍ତରରେ ଆମେସବୁ ଯୁକ୍ତିତର୍କ, ହଣାକଟା ଏବଂ ମାରପିଟ କରି ଭାବୁଛୁ ଆମେ ଆମ ନେତାଙ୍କୁ ରକ୍ଷା କଲୁ। ଉପରସ୍ତରରେ ନେତା ସମସ୍ତେ ଚଟୁରେ କୋଳାକୋଳି। ପୋଖରୀରେ 'ଜିଆ ଖାଉଛି ମାଛକୁ' ଦୃଶ୍ୟ ଭାରତର ସାଧାରଣ ନାଗରିକ ଦେଖୁଛି। କିନ୍ତୁ ବୁଝିବାର ସମୟ ଯେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ କିଭଳି ଭାବେ ଖସୁଛି। ଦେଶର ଅର୍ଥନୀତି କେଉଁଠାରେ ପହଞ୍ଚିପାରିଛି ଏବଂ ଭାରତ ତା'ର ଆଜି ବୈଦେଶିକ ନୀତିରେ ସମ୍ପୂର୍ଣ୍ଣ ଅସଫଳତା ପ୍ରଦର୍ଶନ କରାଇ ପୃଥିବୀରେ ମିତ୍ରବିହୀନ ରାଷ୍ଟ୍ର ଭାବେ ମୁଣ୍ଡ ନୁଆଁଇବାକୁ ବାଧ ହେଉଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 9 | | 7 | | |
| | 5 | 9 | | 1 | | | 3 | |
| | | | 7 | | | 4 | | 1 |
| | | | | | | | | |
| | 1 | | 8 | | | | 5 | 2 |
| | 8 | 2 | | | 6 | | | 9 |
| | | | | | | | | |
| | 4 | 7 | 9 | 5 | | | | |
| | 9 | 3 | 1 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 9 | 1 | 6 | 5 | 2 | 7 | 4 |
| 5 | 6 | 2 | 9 | 4 | 7 | 1 | 3 | 8 |
| 4 | 7 | 1 | 2 | 3 | 8 | 9 | 6 | 5 |
| 3 | 4 | 8 | 5 | 2 | 1 | 6 | 9 | 7 |
| 7 | 9 | 5 | 3 | 8 | 6 | 4 | 2 | 1 |
| 2 | 1 | 6 | 4 | 7 | 9 | 8 | 5 | 3 |
| 9 | 8 | 7 | 6 | 1 | 3 | 5 | 4 | 2 |
| 1 | 5 | 4 | 7 | 9 | 2 | 3 | 8 | 6 |
| 6 | 2 | 3 | 8 | 5 | 4 | 7 | 1 | 9 |

ଗତକାଲିର ଉତ୍ତର

# ଜମି ମାଲିକାନା କୃଷକ ହାତକୁ ଯାଉ




ଗଙ୍ଗାଧର ସାମଲ

କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ, କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନି ବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦିଆଯିବ। କିନ୍ତୁ ଅସଲ କଥା ହେଉଛି, ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟଗୁଡ଼ିକ ସହିତ ସମକକ୍ଷ ନ ହେଉନାହିଁ। ଏହାର କାରଣ ରାଜ୍ୟର ୮୫ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ। କୃଷି ବିକାଶ ନିମନ୍ତେ ଅଧିକ ଜମିକୁ ଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ଓ କୀଟନାଶକ ବ୍ୟବହାର ପାଇଁ ନାମକୁମାତ୍ର ଚାଷୀଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟ ସୂତ୍ରରୁ ହେଉ ଋଣ କରିବାକୁ ବାଧ ହୁଅନ୍ତି ଅଧିକ ଅମଳ କରିବା ପାଇଁ।

ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ, ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳକୁ ବାଦ୍ ଦେଇ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହୋଇଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁମାତ୍ର ଚାଷୀଙ୍କ ହାତରେ ଅର୍ଥ ନାହିଁ, ଯଦ୍ୱାରା ସେମାନେ ଅଧିକ ଉତ୍ପାଦନ ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି, ସେମାନଙ୍କ ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛା ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି, ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ।

ମୂଳକଥା ହେଉଛି, କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ କାହିଁକି। ମୂଳ ପ୍ରସଙ୍ଗ ହେଉଛି, ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନ ଥିବାରୁ ଜମିରୁ ଅଧିକ ଫସଲ ଉତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ। ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବ ନାହିଁ।



ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ; ତେବେ ଚାଷୀକୁ ତା' ସମସ୍ୟା ପାଇଁ ଦୋଷ ଦେଇ ହେବନାହିଁ। କାରଣ ତା' ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମ୍ନା କରିବାକୁ ପଡୁଛି, ସେ ବିଷୟରେ ସମାଧାନର ଶକ୍ତି ତା' ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସେଚନର ସୁବ୍ୟବସ୍ଥା, ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା' ହାତରେ ଯଦି କିଛି ପାଣ୍ଠି ନରହେ, ତେବେ କୃଷି ସହିତ ଆନୁଷଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ। ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂର କରିବା ସମ୍ଭବ ନୁହେଁ।

ଅନେକ ବର୍ଷ ପରେ ରାଜ୍ୟରେ ନବଗଠିତ ଡବଲ ଇଞ୍ଜିନ ସରକାର କୃଷିକ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ଭାଗଚାଷୀମାନଙ୍କ ସ୍ୱାର୍ଥକୁ ଜଗିବେ ସରକାର। ଆଣିବେ ନୂଆ ଆଇନ। ଜମି ନ ଥାଇ ମଧ୍ୟ ସେମାନେ ଋଣ ପାଇପାରିବେ। ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକପ୍ରବଣ ରାଜ୍ୟରେ ବିପର୍ଯ୍ୟୟରେ ଫସଲହାନି ହେଲେ ଇନପୁଟ ସବ୍‌ସିଡି ସହ ବୀମାରାଶି ମଧ୍ୟ ପାଇବାକୁ ହକ୍‌ଦାର ହେବେ। ଏଥିପାଇଁ ସରକାର ନୀତି ଆୟୋଗ ଢାଞ୍ଚାରେ ନୂଆ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଅଣ୍ଟା ଭିଡ଼ି ଚିଠା ବିଲ୍ ପ୍ରସ୍ତୁତ କରିଛନ୍ତି। ଏ ଚିଠା ପ୍ରାଥମିକ ପର୍ଯ୍ୟାୟରେ ଅଛି। ଖୁବ୍‌ଶୀଘ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏହା ସହ ଏହି ଯୋଜନାକୁ ସଫଳ କରିବା ପାଇଁ ସରକାର ରାଜ୍ୟର ଚାଷୀ ଓ ଭାଗଚାଷୀଙ୍କ ମତାମତ ଲୋଡ଼ିଲେ। ଜମି ମାଲିକଙ୍କ ମତ ଲୋଡ଼ିବା ପରେ ସରକାର ଏ ନେଇ ଆଗେଇବା ପାଇଁ ଯାଉଛନ୍ତି।

ସୂଚନାଯୋଗ୍ୟ, ଭାଗଚାଷୀମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଆଇନରେ ସେଭଳି କିଛି ବ୍ୟବସ୍ଥା ନଥିଲା। ପ୍ରାକୃତିକ ବିପର୍ଯ୍ୟୟ ପରେ ରାଜସ୍ୱ ବିଭାଗ ଇନ୍‌ପୁଟ ସବ୍‌ସିଡି ଆକାରରେ ସହାୟତା ଦେଇଥାଏ। ମାତ୍ର ଭାଗଚାଷୀଙ୍କ ପାଇଁ କିଛି ଆଇନ ନ ଥିବାରୁ ଏହାର ଲାଭ ଜମି ମାଲିକମାନେ ପାଇଥାଆନ୍ତି। ରାଜ୍ୟ ସରକାରଙ୍କ ୨୦୧୫-୧୬ କୃଷି ଗଣନା ଦର୍ଶାଉଛି, ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଚାଷୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୯୫ ହଜାର ୧୮୪ ଭାଗଚାଷୀଙ୍କୁ ଚିହ୍ନଟ କରାଯାଇଛି। ମାତ୍ର ବେସରକାରୀ କୃଷକ ସଂଗଠନଙ୍କ ଦାବି ରାଜ୍ୟରେ ଭାଗଚାଷୀଙ୍କ ସଂଖ୍ୟା ୧୫ ଲକ୍ଷ ଡେଇଁଯିବ ବୋଲି ମତ ରଖୁଛନ୍ତି। ଭାଗଚାଷୀଙ୍କୁ ଋଣ ଯୋଗାଇବାକୁ ସରକାର 'ବଳରାମ' ଯୋଜନା ଆଣିଥିଲେ। ମାତ୍ର ଏ ଯୋଜନାର ସୁଫଳ ଭାଗଚାଷୀଙ୍କୁ ବିଶେଷ ମିଳୁନି। ଭାଗଚାଷୀମାନେ ମିଳିତ ଦେୟ ଗୋଷ୍ଠୀ ଗଠନ କରି ଏହି ଋଣ ପାଇଁ ଆବେଦନ କରୁଛନ୍ତି। ଏଥିରେ ଯାହା ଋଣ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ। ଗୋଟିଏ ଗୋଷ୍ଠୀ ସର୍ବାଧିକ ୨ଲକ୍ଷ ଟଙ୍କା ଋଣ ପାଇବାର ନିୟମ ରହିଛି। ଜାତୀୟକରଣ କିମ୍ବା ଘରୋଇ ବ୍ୟାଙ୍କଗୁଡ଼ିକ 'ବଳରାମ'ରେ ଋଣ ଦେବାକୁ କୁଣ୍ଠକୁଣ୍ଠ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରିଛନ୍ତି।

ନୂଆ ସରକାର 'ସମୃଦ୍ଧ କୃଷକ ଯୋଜନା'ରେ ୬ ହଜାର କୋଟି ଖର୍ଚ୍ଚ କରିବାକୁ ପାଣ୍ଠି ବରାଦ କରିଛନ୍ତି। ଏହି ଯୋଜନା ଅନୁଯାୟୀ ୩୮ଲକ୍ଷ ଚାଷୀଙ୍କୁ ୨୧ ହଜାର କୋଟି ଫସଲ ଋଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ବ୍ୟାଙ୍କ ଋଣ ସହ ଧାନ ବିକ୍ରି କରିବାକୁ ମଧ୍ୟ ପଞ୍ଜୀକରଣ ବେଳେ ଭାଗ ଚାଷୀଙ୍କୁ ସହାୟତା କରିବା ପାଇଁ ସ୍ୱତନ୍ତ୍ର ସେଲ ଗଠନ କରିଛନ୍ତି। ଏଠାରେ ଆମେ କହି ରଖୁଛୁ ଯେ, ଭାଗଚାଷୀ ମାଲିକଙ୍କ ନିକଟରୁ ବର୍ଷକ ପାଇଁ ଚାଷଜମି ଲିଜ୍‌ରେ ନେଇଥାନ୍ତି। ସେ ଦୁଇଜଣଙ୍କ ରାଜିନାମା ଅନୁଯାୟୀ ଏଥିପାଇଁ ଧାନ ଫସଲରୁ ଅଧା ଓ ରବି ଫସଲର ଦୁଇ ପଞ୍ଚମାଂଶ ଜମି ମାଲିକଙ୍କୁ ଦେବାକୁ ପଡ଼ିଥାଏ। ଭାଗଚାଷୀ ପ୍ରାକୃତିକ ବିପର୍ଯ୍ୟୟର କ୍ଷତି ସହେ। ଅଭାବୀ ବିକ୍ରିର ଶିକାର ହୁଏ। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ସାମିଲ ହୋଇ ପାରିନଥାଏ। ଏହାବାଦ୍ ନିଜ ନାମରେ ଜମି ପଟ୍ଟା ନ ଥିବାରୁ ସରକାରୀ ସୁବିଧା କିମ୍ବା କ୍ଷତିପୂରଣ ପାଇପାରୁନି।

ଭାଗଚାଷୀ ଆଇନ ଚିଠା ବିଲ୍ ପ୍ରସ୍ତୁତି ବେଳେ ସରକାର ସ୍ଥିର କରିଥିଲେ, ଓଡ଼ିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟ-୧୯୬୦ରେ ସରକାର ସଂଶୋଧନ ଆଣିବେ। ଜମି ମାଲିକଙ୍କ ସହ ଭାଗଚାଷୀମାନେ ଏକ ଚୁକ୍ତି କରିବେ। ଉଭୟଙ୍କ ସ୍ୱାର୍ଥକୁ ସୁହାଇଲା ଭଳି ସରକାରୀ ଫର୍ମାଟ୍‌ରେ ଏ କାଗଜପତ୍ର କାମ ହେବ। ସରପଞ୍ଚଙ୍କ ଉପସ୍ଥିତିରେ ଉଭୟ ପକ୍ଷ ଏଥିରେ ସ୍ୱାକ୍ଷର କରିବେ। ଏହାର ବୈଧତାକୁ ଆବଶ୍ୟକସ୍ଥଳେ ଯାଞ୍ଚ କରିବାକୁ ଏହାର ନକଲ ରାଜସ୍ୱ ନିରୀକ୍ଷକ ଏବଂ ତହସିଲ ଅଫିସରେ ରଖାଯିବ। ନୂଆ ବ୍ୟବସ୍ଥାରେ ଜମି ମାଲିକଙ୍କ ହାତରୁ ଜମି ଭାଗଚାଷୀ ନିକଟକୁ ଚାଲିଯିବନି କିମ୍ବା ଭାଗଚାଷୀ ମଧ୍ୟ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବନି। ଖୁବ୍‌ଶୀଘ୍ର ସରକାରୀ ଭାବେ ଏକ ଚିଠା ବିଲ୍ ପ୍ରସ୍ତୁତ ହେବାକୁ ଯାଉଛି, ଯଦ୍ୱାରା ସରକାର ଭାଗଚାଷୀଙ୍କ ସ୍ୱାର୍ଥର ସୁରକ୍ଷା କରିପାରିବେ ଏବଂ ଓଡ଼ିଶାରେ ଏହି ସ୍ୱତନ୍ତ୍ର ଆଇନ ଅନ୍ତର୍ଭୁକ୍ତ ଭାଗଚାଷୀମାନେ ଚାଷବାସରେ ଯଥେଷ୍ଟ ଅଗ୍ରଗତି କରିପାରିବେ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋ: ୮୩୨୮୯୪୮୬୪୩**

# ଆମୃଷ୍ଟ ସୁଖ ସନ୍ଧାନେ



ଶ୍ୟାମା ପ୍ରସାଦ ମିଶ୍ର

ଜଣେ ବ୍ୟକ୍ତି ଥରେ ଜଣେ ସାଧୁବାବାଙ୍କ ନିକଟରେ ପହଞ୍ଚିଲେ ଏକ ଗମ୍ଭୀର ସମସ୍ୟା ନେଇ। ବାବା ଜଣକ ତାଙ୍କୁ ଆଗମନର କାରଣ ପୁଚ୍ଛା କରନ୍ତେ ସେ ଉତ୍ତର ଦେଲେ କିଛି ଏହିପରି ଯେ ସେ ନିଜ ଘରେ ସମସ୍ତ ସଦସ୍ୟ (ଅର୍ଥାତ୍ ସ୍ତ୍ରୀ, ପୁଅଝିଅ, ମା'ବାପା)ଙ୍କୁ ନେଇ ତାଙ୍କ ଛୋଟିଆ ବାସଭବନଟିରେ ବର୍ତ୍ତମାନ ଆଉ ରହିପାରିବେ ନାହିଁ। ତାଙ୍କ ଭବନଟି ଏତେ ଛୋଟ ଯେ ସେ ଅଣନିଃଶ୍ୱାସୀ ହୋଇଗଲେଣି। ସେ ନା ଘର ଛାଡ଼ିପାରୁଛନ୍ତି ନା ରହିପାରୁଛନ୍ତି।

ସାଧୁ ଜଣକ ତାଙ୍କୁ ପଚାରିଲେ, ତୁମେ ଛେଳି, କୁକୁଡ଼ା କିଛି ପାଳିଛ କି? ବ୍ୟକ୍ତି ଜଣକ ହଁ ଭରିଲେ। ଅତଏବ ସାଧୁବାବା ପରାମର୍ଶ ଦେଲେ ଯେ- ଯଦି ସେ ତିନି ରାତି ନିଜ ଘରେ ସମସ୍ତ ପରିବାର ସଦସ୍ୟ ସହ ଛେଳି ଓ କୁକୁଡ଼ା ସମେତ ଶୟନ କରିବେ, ତା' ହେଲେ ତାଙ୍କ ଘରଟି ଅଲୌକିକ ଘଟଣା କ୍ରମରେ କିଞ୍ଚିତ ବଡ଼ ହୋଇଯିବ ତା' ପର ଦିନ। ଗୃହକର୍ତ୍ତା ସାଧୁଙ୍କ ଉପଦେଶ ମାନି ତିନି ଦିନ ଓ ତିନି ରାତି ଛେଳି ଓ କୁକୁଡ଼ାଙ୍କୁ ରାତିରେ ଘରେ ରଖି(ମେଁ ଓ କକରେ କ...) ବିନିଦ୍ର ରାତ୍ରିଯାପନ କଲେ ଚମତ୍କାର ଆଶାରେ। ଚତୁର୍ଥ ଦିବସ ପ୍ରାତଃ ସମୟରେ ସେ ଦେଖିଲେ, ଘରଟିର କଳେବରରେ କାଣିଚାଏ ପରିବର୍ତ୍ତନ ବି ହୋଇନାହିଁ। ଅତ୍ୟନ୍ତ ବିବ୍ରତ ଚିତ୍ତରେ ସେ ପହଞ୍ଚିଲେ ସାଧୁଙ୍କ ଆଶ୍ରମରେ। ବ୍ୟକ୍ତ କଲେ ଗତ ତ୍ରି-ଦିବସୀୟ ବିନିଦ୍ର ରଜନୀର ବିରକ୍ତିକର ଅଭିଜ୍ଞତା। ସାଧୁ ଜଣକ କହିଲେ ଯେ - ଆଜି ରାତିରେ ହେବ, ସେହି ବହୁ ପ୍ରତୀକ୍ଷିତ ଚମତ୍କାର - ଅର୍ଥାତ୍ ଘରଟି ବଡ଼ ହୋଇଯିବ (କିନ୍ତୁ ଆଜି ରାତିରେ ଛେଳି କିମ୍ବା କୁକୁଡ଼ା ଘର ଭିତରକୁ ଯିବା ମନା)। ବ୍ୟକ୍ତି ଜଣକ ଆନନ୍ଦ ମନରେ ପ୍ରତ୍ୟାବର୍ତ୍ତନ କଲେ ସ୍ୱଗୃହାଭିମୁଖେ। ସନ୍ଧ୍ୟା ଉପଗତ ହୁଅନ୍ତେ ନିଦ୍ରା ଗଲେ ଓ ଗୋଟିଏ କଡରେ ପରଦିନ ସୂର୍ଯ୍ୟୋଦୟ ମୁହୂର୍ତ୍ତ। ସେ ସ୍ୱପ୍ନରେ ଦେଖୁଥିଲେ - ଘରଟି ବୃଦ୍ଧି ପାଇଛି ଓ ସାଧୁ ଜଣକ ତାଙ୍କୁ ନିଦରୁ ଉଠାଉଛନ୍ତି। ସେତେବେଳକୁ ପ୍ରକୃତରେ ସାଧୁବାବା ସେଠାରେ ଉପସ୍ଥିତ। ସାଧୁ ପଚାରିଲେ - ଆଜି ଘରଟି ଲାଗୁଥିଲା କିପରି? ବ୍ୟକ୍ତି ଜଣକ ହସି ହସି ଉତ୍ତର ଦେଲେ - ମହାରାଜ, ଘରଟି ପ୍ରକୃତରେ ବୃଦ୍ଧି ପାଇନାହିଁ, କିନ୍ତୁ ଏଭଳି ସୁଖ ନିଦ୍ରା ସେ କେବେ ଯାଇଥିଲେ, ତାଙ୍କର ମନେ ନାହିଁ ଏବଂ ସ୍ୱୀକାର କରିଥିଲେ ଯେ ଆଜି ଘରଟି ତାଙ୍କୁ ଖୁବ ବଡ଼ ଅନୁଭବ ହେଉଛି ଓ ଘରଟିରେ ଶାନ୍ତି ବିରାଜମାନ କରିଛି।

ପାଠକେ! ପ୍ରକୃତରେ ସୁଖ ନିଜ ଭିତରେ ହିଁ ଥାଏ : ଏହା ମନୋବୃତ୍ତିର ହିଁ ପ୍ରଭାବ। ଜୀବନରେ ସୁଖ ଓ ଦୁଃଖ ଦୁଇଟି ଅବିଭାଜ୍ୟ ଅଂଶ। କିନ୍ତୁ ଏହାର ପ୍ରକୃତ ଅର୍ଥ ବୁଝିବାକୁ ଯେତେବେଳେ ଆମେ ଗଭୀର ଭାବେ ଚିନ୍ତା କରୁ, ଦେଖାଯାଏ ଯେ ସୁଖ ବା ଦୁଃଖ ଆଉ କେହି ଆମକୁ ଦେଇପାରେ ନାହିଁ, ସେଥିର ମୂଳ ଉତ୍ସ ହେଉଛି ଆମର ନିଜ ମନ। ମନୋବୃତ୍ତି, ଭାବନା ଏବଂ ଚିନ୍ତାଧାରା ଏତେ ପ୍ରଭାବ ପକାଏ ଯେ' ତାହା ଆମ ଜୀବନକୁ ସୁଖମୟ କିମ୍ବା ଦୁଃଖମୟ କରିଦିଏ।



ଆମେ ପ୍ରାୟତଃ ଧାରଣା କରୁ ଯେ ସୁଖ ବାହ୍ୟ ଜିନିଷରେ ରହିଛି ଅଧିକ ଧନ, ବଡ଼ ଘର, ନୂଆ ଜିନିଷ ବା ଅନ୍ୟମାନଙ୍କର ପ୍ରଶଂସା। କିନ୍ତୁ ଯଦି ସେଗୁଡ଼ିକୁ ଆମ ମସ୍ତିଷ୍କ ଉପରେ ଟିକିଏ ଜୋର୍ ଦେଇ ଭାବିବା, ଦେଖାଯାଏ ଯେ ଏହି ସବୁ ଜିନିଷ କେବଳ ଅସ୍ଥାୟୀ ଆନନ୍ଦ ଦେଇଥାଏ। ବାସ୍ତବ ସୁଖ ଥାଏ ମନରେ, ଅର୍ଥାତ୍ ମନ କେମିତି ପରିସ୍ଥିତିକୁ ଗ୍ରହଣ କରୁଛି, କେମିତି ଚିନ୍ତା କରୁଛି, କେମିତି ଦୃଷ୍ଟିକୋଣରୁ ଜୀବନକୁ ଦେଖୁଛି।

ଯେଉଁ ପରିସ୍ଥିତିରେ କିଏ କିଏ ଖୁସି ରହନ୍ତି, ଆଉ କେହି ସେହି ଏକା ପରିସ୍ଥିତିରେ ଅସନ୍ତୁଷ୍ଟ ହୋଇପାରନ୍ତି। କାରଣ ସେମାନଙ୍କର ମନୋବୃତ୍ତି ଭିନ୍ନ। ସକାରାତ୍ମକ ଚିନ୍ତାଧାରା ଥିବା ଲୋକ ଛୋଟ ଘଟଣାରେ ମଧ୍ୟ ସୁଖ ଖୋଜିନେବେ, ଯେଉଁଠି ନକାରାତ୍ମକ ଭାବନା ଥିବା ଲୋକ ସବୁଥିରେ ଦୁଃଖକୁ ଆମନ୍ତ୍ରଣ କରିଥାଏ। ମନୋବିଜ୍ଞାନ କହେ ଯେ ଆମେ ଯେଉଁ ଜିନିଷ ଦେଖୁଛୁ, ତା' କଥା ଭାବୁ, କିନ୍ତୁ ପ୍ରକୃତ କଥା ତାହା ନୁହେଁ; ବାସ୍ତବିକ ଆମେ ଯେପରି ଭାବୁଛୁ, ସେହିପରି ଦେଖୁଛୁ। ଅର୍ଥାତ୍ ବାହ୍ୟ ଜଗତ ଅଧିକ ପ୍ରଭାବଶାଳୀ ନୁହେଁ, ଆମ ଭିତରର ଭାବନାଗୁଡ଼ିକ ଆମକୁ ବାସ୍ତବତା ପ୍ରଦର୍ଶନ କରେ। ଏହି କାରଣରୁ କୁହାଯାଏ ସୁଖ ଏକ 'ମନସ୍ଥିତି', ବାହ୍ୟ ବସ୍ତୁ ନୁହେଁ।

କସ୍ତୁରୀ ମୃଗ ବନସ୍ତସାରା ଘୂରି ବୁଲେ ସୁଗନ୍ଧଯୁକ୍ତ କସ୍ତୁରୀ ସନ୍ଧାନରେ, କିନ୍ତୁ ସେ ଅଜ୍ଞ ଯେ ଯାହା ସେ ଅନୁସନ୍ଧାନରତ ପ୍ରକୃତରେ ତାହା ତା' ନିଜ ମଧ୍ୟରେ ସମାବିଷ୍ଟ। ସେହିପରି ଅନେକ ଲୋକ ସୁଖ ପାଇବାକୁ ଜୀବନଠାରୁ ଦୂରକୁ ଚାଲିଯାଆନ୍ତି, କିନ୍ତୁ ସେହି ସୁଖ ତାଙ୍କ ମନରେ ହିଁ ଥାଏ। ନିଜକୁ ଗ୍ରହଣ କରିବା, ଅଭାବ ନୁହେଁ ଆଶୀର୍ବାଦଗୁଡ଼ିକୁ ଚିହ୍ନଟ କରିବା, ଅନ୍ୟ ସହ ତୁଳନା ନ କରିବା ଓ ଧୈର୍ଯ୍ୟଧାରଣ ଏହି ସବୁ ଗୁଣ, ମନକୁ ଠିକ୍ ପଥରେ ରଖେ। ଯେମିତି ଶରୀରକୁ ସୁସ୍ଥ ରଖିବାକୁ ଅଭ୍ୟାସ ଦରକାର, ସେମିତି ମନକୁ ସୁଖୀ ରଖିବାକୁ ମଧ୍ୟ ସଚେତନ ଅଭ୍ୟାସ ଆବଶ୍ୟକ।

ସନ୍ତୋଷର ଅଭ୍ୟାସ ମନକୁ ଶାନ୍ତ କରେ। ଯେତେବେଳେ ଆମେ ନିଜର ଥିବା ଜିନିଷରେ କୃତଜ୍ଞ ହେବା ଶିଖୁ, ସେତେବେଳେ ଆମେ ଅପେକ୍ଷାର ଭାରରୁ ମୁକ୍ତି ପାଉ। ଅପେକ୍ଷା ବଢ଼ିଲେ ଦୁଃଖ ବଢ଼େ, ଅପେକ୍ଷା କମିଲେ ସୁଖ ବଢ଼େ।

ଅନ୍ୟକୁ ଖୁସି କରିବା, ସହାୟତା କରିବା, ସମ୍ପର୍କକୁ ଗଭୀର କରିବା ଏହି ସବୁ ଆମ ଅନ୍ତରାତ୍ମାରୁ ଆସୁଥିବା ସୁଖର ଉତ୍ସ। ଯିଏ ମନକୁ ସକାରାତ୍ମକ ରଖିବା ଜାଣେ, ସେ ସୁଖକୁ ଧରି ରଖିବାର ଗୁପ୍ତମନ୍ତ୍ର ଜାଣିଛି।

ଅତଏବ ସୁଖ ଖୋଜିବା ଯାତ୍ରା ମନରୁ ଆରମ୍ଭ ହୁଏ। ବାହାରୁ ଆରାମ ମିଳିପାରେ, କିନ୍ତୁ ସୁଖ ମିଳେ ନିଜର ଭିତର ପରିବେଶ ଠିକ୍ ଥିଲେ। ତେଣୁ ନିଜର ମନୋବୃତ୍ତିକୁ ସକାରାତ୍ମକ ରଖିବା, ଠିକ୍ ଭାବେ ଚିନ୍ତା କରିବା ଓ ପରିସ୍ଥିତିକୁ ସମ୍ମୁଖୀନ ହେବା ଏହି ସବୁ ହିଁ ସୁଖର ପ୍ରକୃତ ଉତ୍ପତ୍ତିସ୍ଥଳ।

ସୁଖ କେବେ ବାହାରେ ନୁହେଁ, ଆମର ମନର ଘରେ ହିଁ ଥାଏ। ଏହା ବୁଝିଗଲେ ଆମ ଜୀବନରେ ଦୁଃଖ କେବଳ ଅତିଥି ହୋଇ ଆସିବ ଓ କ୍ଷଣକେ ଅନ୍ତର୍ହିତ ହେବ ଏବଂ ସୁଖ ଆମର ନିତ୍ୟ ସଙ୍ଗୀ ହୋଇପାରିବ।

**ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ,**
**ଭଞ୍ଜନଗର, ଗଞ୍ଜାମ,**
**ମୋ : ୯୦୯୦୫୦୭୯୫୫**

## ଏଇ ଭାରତରେ

ବିଲୁପ୍ତିର ଦ୍ୱାରରେ ଥିବା ପକ୍ଷୀଙ୍କ ତାଲିକାରେ ରହିଛି ଗ୍ରେଟ ଇଣ୍ଡିଆନ ବସଟାର୍ଡ। ଏମାନଙ୍କ ସୁରକ୍ଷା ପାଇଁ ଆଗକୁ ଆସିଛନ୍ତି ରାଜସ୍ଥାନର ମରୁଭୂମିରେ ରହୁଥିବା ଲୋକେ। ରାଜସ୍ଥାନର ଗ୍ରାମୋଦୟ ସାମାଜିକ ସଂସ୍ଥାନ ନାମକ ଏକ ଏନ୍‌ଜିଓ ୨୦୨୨ରୁ ଗ୍ରେଟ୍ ଇଣ୍ଡିଆନ ବସଟାର୍ଡର ସୁରକ୍ଷା କାମରେ ଲାଗିଛନ୍ତି। ଏହା ସହ ସାମିଲ ହୋଇଛନ୍ତି ବିଷ୍ଣୋଇ ସମ୍ପ୍ରଦାୟ ଲୋକେ। ବନ ଅଧିକାରୀ, ବନ୍ୟଜନ୍ତୁ ସଂରକ୍ଷଣ ଟିମ୍ ମଧ୍ୟ ସହଯୋଗ କରୁଛି। ସବୁଠୁ ବଡ଼ ଭୂମିକା ରହୁଛି ବିଷ୍ଣୋଇ ସମ୍ପ୍ରଦାୟ ଲୋକଙ୍କର। ଏହି ସମୁଦାୟର ଯୁବସ୍ୱେଚ୍ଛାସେବୀ ସୁରକ୍ଷା ଅଭିଯାନରେ ସାମିଲ ହୋଇ ପକ୍ଷୀ ଶିକାର ଆଭାସ ପାଇବା କ୍ଷଣି ହ୍ୱିସିଲ ବଜାଉଛନ୍ତି। ସ୍ୱେଚ୍ଛାସେବୀମାନେ ସ୍କୁଲଗୁଡ଼ିକରେ ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ପକ୍ଷୀମାନଙ୍କ ପାଇଁ ବିସ୍ତୀର୍ଣ୍ଣ ଗ୍ରାସ୍ ଲ୍ୟାଣ୍ଡ ସୃଷ୍ଟି କରାଯାଉଛି। ଦେଶରେ ଥିବା ମୋଟ ଗ୍ରେଟ ଇଣ୍ଡିଆନ ବସଟାର୍ଡଙ୍କ ମଧ୍ୟରୁ ୭୫ ପ୍ରତିଶତ ଥର୍ ମରୁଭୂମିରେ ରହନ୍ତି। ୨୦୨୨ରେ ଏହି ପକ୍ଷୀ ସଂଖ୍ୟା ୯୭ ଥିଲା ଏବଂ ସଂରକ୍ଷଣ ପଦକ୍ଷେପ ଯୋଗୁ ଏବେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୭୩ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୭ ଡିସେମ୍ବର ୧୯୭୬**

- ସାମୁଦ୍ରିକ ବିଜ୍ଞାନ କ୍ଷେତ୍ରରେ ବ୍ୟାପକ ଗବେଷଣା ଚଳାଇବା ଲାଗି କେନ୍ଦ୍ର ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୋର୍ଡ ଗଠିତ।
- ସାମୋଆ ଜାତିସଂଘର ୧୪୭ତମ ସଭ୍ୟ ରାଷ୍ଟ୍ର ରୂପେ ଗୃହୀତ ହୋଇଛି।

## ଚିରନ୍ତନୀ

ହେ ବରଷା ତବ ସ୍ରୋତେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ ।
ଅନ୍ତରେ କେତେ ଜମିଲାଣି ପାପ
ବଳିଛି ଶୁଷ୍କ ନିଦାଘର ତାପ
ପୁଣ୍ୟ ନିଶାଣ ଉଡ଼ାଇ ଗଗନେ
ବଜ-ଚପଳା-ରଥେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ ।
-(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚଲାପଥରେ ବିପଦ

ମହାଶୟ,

ରାସ୍ତା କଡ଼ରେ ଧଳାଦାଗଟି ହେଉଛି ପାଦଚଲା ରାସ୍ତା ଓ ସେଥିରେ ସାଇକେଲ ଯିବା ମନା। ରାସ୍ତାରେ ଯାଉଥିବା ବସ୍, ଟ୍ରକ, ବାଇକ ଟେମ୍ପୋ, ଇ-ବସ୍ ସବୁ ବଡ଼ ଛକରେ ଟ୍ରାଫିକ୍ ଲାଇଟ ଆସିଲେ ସମସ୍ତେ ଅଟକି ରହନ୍ତି। ପୁଣି ଗ୍ରୀନ୍‌ଲାଇଟ ଜଳିଲେ ସମସ୍ତେ ଯାଆନ୍ତି। ଯିବା ଓ ଆସିବା ବାଟ ଅଲଗା। ହେଲେ ଏବେ ଆସିବା ବାଟେ କିଛି ଯାନ ଚାଲିଯାଉଛନ୍ତି ଏବଂ ଯିବା ବାଟରେ ମଧ୍ୟ ଆସୁଛନ୍ତି। ଭୁଲ୍ ବାଟରେ ଯିବା ଆସିବା ଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଅନେକ ପାଦଚଲା ରାସ୍ତାରେ ବାଇକ ଚାଲିଯାଉଛି। ଚାଲିଚାଲି ଯାଉଥିବା ଲୋକମାନେ ଜୀବନ ବଞ୍ଚାଇବା ଲାଗି ସେମାନଙ୍କୁ ବାଟ ଛାଡ଼ି ଦେଉଛନ୍ତି। ଏମିତିକା ଲୋକଙ୍କୁ ସାବାଡ଼ କରିବା ଲାଗି ଛକମାନଙ୍କରେ ପୋଲିସ ଜଗିଲେ ସବୁ ଅସୁବିଧା ଦୂର ହେବ। କିନ୍ତୁ ଜଗିବାକୁ ପୋଲିସ ଅଭାବ ଥିବା ପରିଲକ୍ଷିତ ହେଉଛି।

**-କାଳିଚରଣ ରଥ, ଗୋସାଇ ନୂଆଗାଁ, ଶାସ୍ତ୍ରୀ ନଗର, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨୬ ଜିଲାରେ ୬୦ ୱାଟରସେଡ୍ ମହୋତ୍ସବ: କନକବର୍ଦ୍ଧନ




ରାଜ୍ୟସ୍ତରୀୟ ୱାଟରସେଡ୍ ମହୋତ୍ସବରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟମାନେ।

ପାଟଣାଗଡ଼ ୧୬।୧୨
(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ୍ ଅଧୀନ ଉଲବା ଗ୍ରାମର ହାଇସ୍କୁଲ ଖେଳପଡିଆଠାରେ ରାଜ୍ୟସ୍ତରୀୟ ୱାଟରସେଡ୍ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓ ଉଦ୍‌ଘାଟନକରି କହିଛନ୍ତି, ପ୍ରଧାନମନ୍ତ୍ରୀ କୃଷି ସେଚନ ଯୋଜନା ଅନ୍ତର୍ଗତ ଜଳବିଭାଜିକା ଉନ୍ନୟନ କାର୍ଯ୍ୟରେ ଜନ ଭାଗୀଦାରିକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ, ଭୂମି ସମ୍ପଦ ବିଭାଗ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ, ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ସମନ୍ୱୟରେ ଉକ୍ତ ମହୋତ୍ସବ ଆୟୋଜନ କରାଯାଇଛି। ୨୦୨୬ ଜାନୁଆରୀରେ ରାଜ୍ୟର ୨୬ଟି ଜିଲାରେ ୬୦ଟି ୱାଟରସେଡ୍ ମହୋତ୍ସବ ପାଳନ କରାଯିବ। ଏଥିପାଇଁ ମଙ୍ଗଳବାର ଏହି ମହୋତ୍ସବର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ଭୀମସେନ ସେଠୀ, ବଲାଙ୍ଗୀର ୱାଟରସେଡ୍ ପ୍ରକଳ୍ପ ନିର୍ଦ୍ଦେଶକ ମହିତୋଷ ଦାସ, ପାଟଣାଗଡ଼ ଉପଖଣ୍ଡ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ରଜନୀ କୁମ୍ଭାର ଓ ସନ୍ତୋଷ କୁମାର ରଥ, ସୋନାଲି କୁମୁରା, ବିଡିଓ ସୁମନ ମିଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପଞ୍ଚାୟତ ୱାଟରସେଡ୍ କମିଟି ସଭାପତି ଓ ସମ୍ପାଦକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ଚାଷୀ, ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଜଣେ ଚାଷୀଙ୍କ ଜମିରେ ପୋଖରୀ ଖୋଳିବା ପାଇଁ ଭୂମି ପୂଜନ କରିଥିଲେ।

# ଜେଏସ୍‌ଡବ୍ଲ୍ୟୁ ନୂଆଗାଁ ଖଣି: ଉଜୁଡ଼ିଛି ୭୫୦ ଏକର ଜଙ୍ଗଲ

ଯାଜପୁର, ୧୬।୧୨
(ହର୍ଷବର୍ଦ୍ଧନ ବେହେରା)

କେନ୍ଦୁଝର ଜିଲା ନୂଆଗାଁସ୍ଥିତ ଜେଏସ୍‌ଡବ୍ଲ୍ୟୁର ଲୁହାପଥର ଖଣି ସମ୍ପ୍ରସାରଣ ପାଇଁ ବଡ଼ବିଲ ତହସିଲର ନୂଆଗାଁ, ବରପଦା, ଗନ୍ଧୁଲପଡା, ଗୁଆଳି, କୋହଲାରୁଡକେଲା, ପାଣ୍ଡୁଲିପୋଷି, ତୋପଡିହି ଗ୍ରାମଗୁଡିକର ପ୍ରାୟ ୩୦୦ ହେକ୍ଟର(୭୫୦ ଏକର) ଜମିରେ ବ୍ୟାପକ ଗଛ ଓ ଗୁଳ୍ମ ଅରଣ୍ୟ ନଷ୍ଟ ହୋଇଛି। ଏକଥା ଖଣି କର୍ତ୍ତୃପକ୍ଷଙ୍କ କାର୍ଯ୍ୟକାରୀ ସାରାଂଶରେ ସ୍ୱୀକାର କରାଯାଇଛି। ଖଣି ଖନନ ଦ୍ୱାରା ଜଙ୍ଗଲ ଉଜୁଡ଼ିବା ସହ ବିଭିନ୍ନ ପ୍ରଜାତିର ଉଦ୍ଭିଦ ଓ ଜୀବଜନ୍ତୁଙ୍କ ବ୍ୟାପକ କ୍ଷତି ହୋଇଥାଏ। ତେବେ କଟାଯାଇଥିବା ଗଛ ତୁଳନାରେ ବହୁଗୁଣ ଅଧିକ ଚାରାରୋପଣ କରାଯାଉଥିବା ଖଣି କର୍ତ୍ତୃପକ୍ଷମାନେ କହୁଛନ୍ତି। ବାସ୍ତବରେ ଏହାର ପୁନଃଭରଣ କେବେ ବି ସମ୍ଭବ ନୁହେଁ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରୁଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୦ରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଲିମିଟେଡ୍‌କୁ ୫୦ ବର୍ଷ ପାଇଁ ନୂଆଗାଁ ଲୁହାପଥର ଖଣି ଲିଜ୍ ଦିଆଯାଇଛି। ଏହି ଖଣିର ଉତ୍ପାଦନ ହାର ବାର୍ଷିକ ୫.୬ ମିଲିୟନ ଟନ୍(ଏମ୍‌ଟି)ରୁ ୨୦ ଏମ୍‌ଟିକୁ ବୃଦ୍ଧି କରାଯାଇଛି। ଏହାସହିତ ବାର୍ଷିକ ମୋଟ ୨.୦୧୩ ଏମ୍‌ଟି ଖନନ ପାଇଁ ଅନୁମତି ମିଳିଛି। ଲୁହାପଥର ଖଣି ସମେତ ୩୦ ଏମ୍‌ଟିର ବେନିଫିକେଶନ ପ୍ଲାଣ୍ଟ ଏବଂ ବାର୍ଷିକ ୩୦ ଏମ୍‌ଟି ସ୍ଲରି ପାଇପ୍ ପରିବହନ ନିମନ୍ତେ ଜେଏସ୍‌ଡବ୍ଲ୍ୟୁକୁ ୭୭୬.୯୬୯ ହେକ୍ଟର ଜମି ଲିଜ୍ ମିଳିଛି। ଏଥିରୁ ୪.୪% ନିର୍ମାଣ ସ୍ଥଳ, ୩୮.୨% ଜଙ୍ଗଲ ଭୂମି, ୯.୩% କୃଷି ଜମି, ୪୦.୭% ପତିତ ଜମି ଓ ୪.୫% ଜଳାଶୟ ଜମି ରହିଛି। ଏହି ଖଣି ଖନନ କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବରେ ଯନ୍ତ୍ରଚାଳିତ ଓପନ କାଷ୍ଟ ପଦ୍ଧତି ବ୍ୟବହାର କରାଯାଉଛି। ଏହାଦ୍ୱାରା ଅଞ୍ଚଳବାସୀ ସେତେଟା ନିଯୁକ୍ତି ସୁଯୋଗ ପାଇ ନ ଥିବାବେଳେ ଜଙ୍ଗଲ, ଜମି, ଜଳ ହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଏହାବାଦ୍ ଜେଏସ୍‌ଡବ୍ଲ୍ୟୁ ବେନିଫିକେଶନ ପ୍ଲାଣ୍ଟ ଏବଂ ସ୍ଲରି ପାଇପ୍ ପରିବହନ ଯୋଗୁ ଅଞ୍ଚଳବାସୀ ନାହିଁ ନ ଥିବା ବାୟୁ ଓ ଜଳ ପ୍ରଦୂଷଣର ଶିକାର ହେଉଛନ୍ତି। ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ଚିକିତ୍ସା ପାଇଁ ଖଣି ନିକଟରେ ଏକ ଡାକ୍ତରଖାନା ପ୍ରତିଷ୍ଠା ପ୍ରସ୍ତାବ ରହିଥିଲେ ବି ତାହା ଏଯାଏ ସଫଳ ହୋଇ ପାରିନାହିଁ। ଅନ୍ୟପକ୍ଷେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେତେକ ଯୋଜନା କରାଯାଇଥିଲେ ବି ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଜଙ୍ଗଲ (ସଂରକ୍ଷଣ) ଆଇନ ୧୯୮୦ର ଧାରା(୨) ଅନୁଯାୟୀ ରାଜ୍ୟରେ ବିଭିନ୍ନ ଖଣି ପ୍ରକଳ୍ପ ପାଇଁ ସେପ୍ଟେମ୍ବର ୨୦୨୩ ସୁଦ୍ଧା ୩୪,୮୦୭.୦୨ ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ହୋଇଛି। ଏଥିପାଇଁ ଭାରତ ସରକାରଙ୍କ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ଚୂଡାନ୍ତ ଅନୁମୋଦନ ମିଳିଛି। ସମ୍ପୃକ୍ତ ଅପସାରିତ ଜଙ୍ଗଲ ଜମି ପ୍ରତିବଦଳରେ ୨୬,୨୩୬.୦୩ ହେକ୍ଟର ଜଙ୍ଗଲ ଜମି ଓ ୧୫,୦୬୦.୮୧ ହେକ୍ଟର ଅଣଜଙ୍ଗଲ ଜମିରେ କ୍ଷତିପୂରଣ ବନୀକରଣ କରାଯାଇଛି। ଏହାସହ ଅନୁମୋଦନ ପ୍ରାପ୍ତ ଅପସାରିତ ଜଙ୍ଗଲ ଜମିରୁ ମୋଟ ୭,୮୦,୭୬୭ ସଂଖ୍ୟକ ଗଛ କଟାଯାଇ କ୍ଷତିପୂରକ ବନୀକରଣ ଯୋଜନାରେ ୮୫,୯୦,୭୬୬ ସଂଖ୍ୟକ ଚାରାରୋପଣ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ହେଲେ କ୍ଷତିପୂରକ ବନୀକରଣ ଯୋଜନାରେ ଜଙ୍ଗଲ ଜମିରେ ୫୬୯୯.୭୯ ହେକ୍ଟର ଓ ଅଣଜଙ୍ଗଲ ଜମିରେ ୪୩୭୫.୧୬ ହେକ୍ଟର, ସମୁଦାୟ ୧୦,୦୭୪.୯୫ ହେକ୍ଟର ଅପସାରିତ ଜମିରେ ଚାରାରୋପଣ ହୋଇ ପାରିନାହିଁ। ଏଥିମଧ୍ୟରେ କେନ୍ଦୁଝର ଜିଲାରେ ସର୍ବାଧିକ ଜମିରେ ଚାରାରୋପଣ ହୋଇପାରିନାହିଁ। ତନ୍ମଧ୍ୟରେ କଳାପର୍ବତ ଆଇରନ ମାଇନ୍ସର ୧୦.୨୧ ହେକ୍ଟର, ଜିଲିଂ ଲଙ୍ଗଲୋଟା ଖଣିର ୧୯.୫୬୧ ହେକ୍ଟର, କେ.ସି. ପ୍ରଧାନ ଆଇରନ ଓର ମାଇନ୍ସର ୧୯.୫୬ ହେକ୍ଟର, ଓଏମ୍‌ସିର 'ଗନ୍ଧମାର୍ଦ୍ଦନ ବ୍ଲକ-ବି'ର ୪୫୯.୩୪୦ ହେକ୍ଟର, ଟିସ୍କୋ ମାଙ୍ଗାନିଜ ଆଇରନ ଓର୍‌ର ୩୧୩ ହେକ୍ଟର, ଜେଏସ୍‌ଡବ୍ଲ୍ୟୁ ନୂଆଗାଁ ଓ କେଜେଏସ୍ ଖଣିର ୧୫୫.୯୬୧ ହେକ୍ଟର ଏବଂ କଟକ ଡିଭିଜନ ଯାଜପୁର ଜିଲାର କାଳିଆପାଣି କ୍ରୋମାଇଟ ମାଇନ୍ସର ୨୧.୬୨ ହେକ୍ଟର ଜମିରେ ଚାରାରୋପଣ ହୋଇପାରିନାହିଁ। ଖଣି ଅଞ୍ଚଳରେ କେତେ ପରିମାଣର ଜଙ୍ଗଲ ସୃଷ୍ଟି କରାଯାଇଛି ଓ ସେଥିରୁ କେତେସଂଖ୍ୟକ ଗଛ ବଞ୍ଚି ରହିଛି ତାହାର କୌଣସି ତଥ୍ୟ ନାହିଁ।

## ୩୪ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୬।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ମଙ୍ଗଳବାର ପୁଣି ୩୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମୁଣ୍ଡ ପାଇଁ ୮୪ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ପୋଲିସ କହିଛି। ମାଓବାଦୀ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବା ଏବଂ ଛତିଶଗଡ଼ ସରକାରଙ୍କ ପୁନର୍ବାସ ନୀତିରେ ପ୍ରଭାବିତ ହୋଇ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି । ସରକାରଙ୍କ ଥଇଥାନ ନିୟମ ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ବିଜାପୁର ପୋଲିସ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ଛତିଶଗଡ଼ରେ ମାଓବାଦୀ ସଂଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଇତିମଧ୍ୟରେ ଏନ୍‌କାଉଣ୍ଟରରେ ସଂଗଠନର ବଡ଼ ବଡ଼ ଟପ୍ କ୍ୟାଡର ମାଓବାଦୀ ନିହତ ହୋଇଥିବାବେଳେ ବହୁ ମାଓବାଦୀ ମୁଖ୍ୟସ୍ରୋତରେ ସାମିଲହେବାକୁ ଆତ୍ମସମର୍ପଣ କରୁଥିବା ଦେଖିବାକୁ ମିଳୁଛି।

# ପାର୍ସଲ ସେବାର ଅଧିକ ଉନ୍ନତି ଉପରେ ଗୁରୁତ୍ୱ




ବୈଠକରେ ଉପସ୍ଥିତ ରେଳପଥ ଅଧିକାରୀ ଓ ପାର୍ସଲ ଗ୍ରାହକ।

### ପାର୍ସଲ ଗ୍ରାହକଙ୍କ ସହ ପୂର୍ବତଟ ରେଳପଥର ବୈଠକ

ଭୁବନେଶ୍ୱର, ୧୬।୧୨
(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପାର୍ସଲ କ୍ଷେତ୍ରରେ ଅଂଶୀଦାରଙ୍କ ସହଭାଗିତାକୁ ସୁଦୃଢ଼ କରିବା ଏବଂ ବ୍ୟବସାୟ କ୍ଷେତ୍ରରେ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ 'ପାର୍ସଲ ବ୍ୟବସାୟ: ପ୍ରମୁଖ ଗ୍ରାହକ ବୈଠକ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ (ପିସିସିଏମ୍) ରୀତା ରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟାଳୟ ଏବଂ ଡିଭିଜନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରମୁଖ ପାର୍ସଲ ଗ୍ରାହକମାନେ ଆଲୋଚନା ଅଧିବେଶନରେ ଅଂଶଗ୍ରହଣ କରି ବିଭିନ୍ନ ନୀତିଗତ ପଦକ୍ଷେପ ବିଷୟରେ ସୂଚନା ଦେବା ସହ ପାର୍ସଲ ସେବାର ଆହୁରି ଉନ୍ନତି ପାଇଁ ମତାମତ ଦେଇଥିଲେ। ବୈଠକରେ ଭାରତୀୟ ରେଳପଥର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯଥା ପାର୍ସଲ ସ୍ଥାନର ଇ-ନିଲାମ, ପାର୍ସଲ କାର୍ଗୋ ଏକ୍ସପ୍ରେସ୍ ଟ୍ରେନ, ଇଣ୍ଡେଣ୍ଟେଡ ପାର୍ସଲ ଟ୍ରେନ, ଡିମ୍‌ଡ ଭିପି ଓ ପାରଦର୍ଶିତା, କ୍ଷମତା ଓ ସେବା ପ୍ରଦାନ ବୃଦ୍ଧି ପାଇଁ ଅଣାଯାଇଥିବା ବିଭିନ୍ନ ଡିଜିଟାଲ ପଦକ୍ଷେପ ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରାଯାଇଥିଲା। ପାର୍ସଲ ବ୍ୟବସାୟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟାନୁଷ୍ଠାନମୂଳକ ସମସ୍ୟା, ଯେପରିକି ଭିପି ଲିଜିଂ ପାଇଁ ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍‌ଓସି), ପ୍ଲାଟଫର୍ମରେ ପାର୍ସଲ ଷ୍ଟାକିଂ, କିଛି ନିର୍ଦ୍ଦିଷ୍ଟ ଟ୍ରେନର ଅଟକିବା ସମୟସୀମା ବୃଦ୍ଧି ଏବଂ ଅନ୍ୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଉତ୍ସବ ଛାଡ଼ି ଅପରାଧୀଙ୍କୁ ସରକାର ଧରନ୍ତୁ: ଭକ୍ତ

## ଅପରାଧୀଙ୍କୁ ଛାଡ଼ି ଦିଆଯିବନାହିଁ: ପୃଥ୍ୱୀରାଜ

ଭୁବନେଶ୍ୱର, ୧୬।୧୨
(ରବିନାରାୟଣ ଜେନା)

ରାଜ୍ୟରେ ମହିଳା ନିର୍ଯାତନା ତଥା ଧଉଳିଠାରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ବିରୋଧୀ କଂଗ୍ରେସ ସରକାରଙ୍କୁ ଏଥିନେଇ ଦାୟୀ କରିଥିବା ବେଳେ ସରକାରଙ୍କ ପକ୍ଷରୁ ଏହାର ଜବାବ ରଖାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଓଡ଼ିଶାରେ ମହିଳାବିରୋଧୀ ଅପରାଧ, ବିଶେଷକରି ନାବାଳିକାମାନଙ୍କ ବିରୋଧରେ ଅପରାଧ ନିରନ୍ତର ବଢ଼ିଚାଲିଛି। ଓଡ଼ିଶାର ପର୍ଯ୍ୟଟନସ୍ଥଳଗୁଡ଼ିକ ଅତ୍ୟନ୍ତ ଅସୁରକ୍ଷିତ ହୋଇପଡ଼ିଛି। ଗୋପାଳପୁର ହେଉ କି ବାଲିହରଚଣ୍ଡୀ ଅବା ଧଉଳି ସବୁସ୍ଥାନ ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେମାନେ ମହିଳାମାନଙ୍କୁ ନିରନ୍ତର ଟାର୍ଗେଟ୍ କରିଚାଲିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାରେ ସରକାର ତୁରନ୍ତ ଅପରାଧୀଙ୍କ ପ୍ରତି କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଉତ୍ସବ ପାଳନରେ ବ୍ୟସ୍ତ ରହିଛନ୍ତି। ଏହା ରାଜ୍ୟ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଭକ୍ତ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସରକାର ପ୍ରତ୍ୟେକ ଅପରାଧକୁ ଗୁରୁତ୍ୱର ସହ ବିଚାରକରି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିଶେଷକରି ମହିଳା ସଂକ୍ରାନ୍ତ ଅପରାଧ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଭାଜପା ସରକାରରେ ସବୁ ମାମଲାରେ ଯଥାର୍ଥ ପଦକ୍ଷେପ ନେବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ଧଉଳି ଘଟଣାରେ ମଧ୍ୟ ସରକାର ଉଚିତ୍ ପଦକ୍ଷେପ ନେବେ। ସରକାର ଫାଷ୍ଟଟ୍ରାକ୍ ମହିଳା କୋର୍ଟ ବାବଦରେ ଚିନ୍ତା କରୁଛନ୍ତି। ମହିଳାଙ୍କୁ ତ୍ୱରିତ ନ୍ୟାୟ ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Required Used Car Manager for a 4-Wheeler Automobile Dealership at Bhubaneswar.
Call: 7855040457
Send CV:
csgargsongroup@gmail.com
siddharth9909@gmail.com

REQUIRED
Admin Manager Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
csgargsongroup@gmail.com
Cc to:
siddharth9909@gmail.com
Call - +91 7855040457

HIGHWAY TRADING PVT. LTD.
REQUIRED
JUNIOR/SENIOR ACCOUNTANT
Experienced in Tally with at least 1-5 years of experience
SALES EXECUTIVE
Any Graduate with MBA / B.Com.
Walk in for interview :
MONDAY-SATURDAY - 10 A.M. TO 7 P.M.
Address : JANPATH, BHUBANESWAR
Contact : Rajiv Agarwal, M-9437006047

Staff ଆବଶ୍ୟକ
ଭୁବନେଶ୍ୱରରେ Fabrication Industry ରେ କାର୍ଯ୍ୟ ପାଇଁ Experience Mechanical/Civil Engineer, Manager, Marketing ଓ Office କାର୍ଯ୍ୟ ପାଇଁ Accountant, Data Entry Operator, Driver ଓ other staff ଆବଶ୍ୟକ। ରହିବା ଓ ଖାଇବା ସୁବିଧା ଅଛି।
Contact : 9937499625

WANTED FOR A PHARMACEUTICAL UNIT IN ODISHA
- QUALITY CONTROL OFFICER (Min. 3 years experience). Knowledge of Operation of HPLC Systems is a must.
- QUALITY ASSURANCE OFFICER (Min. 3 years experience) should be able to face ISO & GMP audit.
- LABORATORY ASSISTANT: B.Sc./B.Pharma Graduates with devotion and determination to work honestly.
- PHARMACIST: D.Pharma Graduates with devotions and determination to work honestly.
- Please apply with confidence to email: odishacareerconsul@gmail.com within 15 days of intimating expected salary.

# ପ୍ରଲୋଭନ ଦେଖାଇ ଆଦିବାସୀଙ୍କୁ ଶୋଷଣ

## ଜିଲାପାଳଙ୍କୁ ଦାବିପତ୍ର ଦେଲା ଆଦିବାସୀ ସେଙ୍ଗେଲ ଅଭିଯାନ



ସେଙ୍ଗେଲ ଅଭିଯାନ ପକ୍ଷରୁ ଜିଲାପାଳ ହେମକାନ୍ତ ସୟଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା, ୧୬।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଆଦିବାସୀମାନଙ୍କୁ ସଂସ୍କାର ଓ ପରମ୍ପରା ନାମରେ ଶୋଷଣ କରାଯାଉଛି। କୁ-ପ୍ରଥା ଦ୍ୱାରା ଅନ୍ୟାୟ, ଅତ୍ୟାଚାର, ସମ୍ବିଧାନ ବିରୋଧୀ ଏବଂ ଦେଶଦ୍ରୋହ ଭଳି କାର୍ଯ୍ୟ କରି ଅର୍ଥ ଆଦାୟ କରାଯାଉଛି । ଦେଶରେ ରହି ଆଦିବାସୀମାନେ ଭାରତର ନାଗରିକ ଓ ଏସ୍‌ଟି ନୁହନ୍ତି ବରଂ ସେମାନେ ଦେଶର ମାଲିକ ବୋଲି ପରିଚୟ ଦିଆଯାଉଛି। ଏଭଳି ପ୍ରଲୋଭନର ବଶବର୍ତ୍ତୀ ହୋଇ କେତେଜଣ ଆଦିବାସୀ ସରକାରୀ ପରିଚୟପତ୍ର ଫେରାଇ ଭାରତୀୟ ନାଗରିକତା ତ୍ୟାଗ କରୁଥିବା ଘଟଣା ଆଲୋଡନ ସୃଷ୍ଟି କରିଛି। ଏନେଇ ଆଦିବାସୀ ସେଙ୍ଗେଲ ଅଭିଯାନ ଓଡ଼ିଶା ପ୍ରଦେଶ ପାର୍ଗାନା ସହ ପୂର୍ବାଞ୍ଚଳ ବାରିପଦା ଜୋନାଲ କମିଟି ଉଦ୍‌ବେଗ ପ୍ରକାଶ କରିଛି। ସଙ୍ଗଠନର ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳ ହେମକାନ୍ତ ସୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସୟ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଜିଲାରେ ନିରୀହ ଆଦିବାସୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଶୋଷଣ କରାଯାଉଛି। ଆଦିବାସୀ ଗ୍ରାମଗୁଡ଼ିକରେ ଏକ ସଂଗଠନର କର୍ମକର୍ତ୍ତାଙ୍କ ନେତୃତ୍ୱରେ ମୁଣ୍ଡପିଛା ୩ ହଜାର ଟଙ୍କା ଆଦାୟ କରାଯାଇ ଦୁଇ ପ୍ରକାର ପରିଚୟପତ୍ର ପ୍ରଦାନ କରାଯାଉଛି। ଏହି ପରିଚୟପତ୍ର ଜରିଆରେ ଆଦିବସୀଙ୍କୁ ଦେଶର ମାଲିକ ବୋଲି କହି ଖଜଣାଠାରୁ ଆରମ୍ଭ କରି ବସ୍, ଟ୍ରେନ, ଉଡ଼ାଜାହାଜ ଓ ବିଜୁଳି ବିଲ୍ ଆଦି ସମସ୍ତ କ୍ଷେତ୍ରରେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ପ୍ରବର୍ତ୍ତାଯାଉଛି। ଆଦିବାସୀମାନେ ଭାରତର ନାଗରିକ ଓ ଏସ୍‌ଟି ନୁହନ୍ତି ସେମାନେ ଦେଶର ମାଲିକ ବୋଲି ଉକ୍ତ ସଂଗଠନ ପକ୍ଷରୁ ପ୍ରବର୍ତ୍ତାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଜିଲାର କୁସୁମୀ, ବିଶୋଇ ଓ ବାଙ୍ଗିରିପୋଷି ତହସିଲଦାରଙ୍କ ନିକଟରେ କେତେଜଣ ଆଦିବାସୀ ସେମାନଙ୍କ ଭୋଟର ଓ ଆଧାର କାର୍ଡ ଭଳି ପରିଚୟପତ୍ର ଫେରାଇ ଦେଇଥିବା ଚିତ୍ର ମଧ୍ୟ ପଦାକୁ ଆସିଛି। ଏହାଦ୍ୱାରା ନକ୍ସଲ ଓ ମାଓବାଦୀ ଭଳି ସଙ୍ଗଠନ ପ୍ରସ୍ତୁତ କରାଯାଉଛି ବୋଲି ସେଙ୍ଗେଲ ଅଭିଯାନ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଅନ୍ୟ ଏକ ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ନେତୃତ୍ୱରେ ପଥର ଖୁଣ୍ଟ ପୋତି ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଲୋକସଭା କିମ୍ବା ବିଧାନସଭାଠାରୁ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ଗ୍ରାମସଭା ବୋଲି କହି ପ୍ରତ୍ୟେକ ପଥର ଖୁଣ୍ଟ ବାବଦରେ ୧୮/୨୦ହଜାର ଟଙ୍କା ଆଦାୟ କରାଯାଉଛି। ଏପରିକି ଏହି ପଥରଖୁଣ୍ଟ ଗାଁ ମୁଣ୍ଡରେ ପୋତିଲେ ଗ୍ରାମବାସୀ ମାଲିକ ହେବା ସହ ନିଜସ୍ୱ ରାଜୁତି ଚଳାଇବେ ବୋଲି କୁହାଯାଇ ଆଦିବାସୀଙ୍କୁ ପଥଭ୍ରଷ୍ଟ କରାଯାଉଥିବା ସେଙ୍ଗେଲ ଅଭିଯାନ ଅଭିଯୋଗ କରିଛି।

ଏହା ସହିତ ପୋଲିସ କିମ୍ବା ପ୍ରଶାସନ ଗାଁ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ ଏବଂ କୌଣସି ଆଇନକାନୁନ କାର୍ଯ୍ୟକାରୀ ହେବ ନାହିଁ ବୋଲି ଗ୍ରାମବାସୀଙ୍କୁ କହି ପଥଭ୍ରଷ୍ଟ କରାଯାଉଛି। ଏଭଳି ସ୍ପର୍ଶକାତର ଘଟଣାରେ ଜିଲା ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପ୍ରଶାସନର କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠିଛି। ମିଥ୍ୟା କଥା କହି ଆଦିବାସୀଙ୍କୁ ଶୋଷଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେଙ୍ଗେଲ ଅଭିଯାନ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସେଙ୍ଗେଲ ଅଭିଯାନ ଜୋନାଲ ଉପସଭାପତି ବାହାଦୁର ମୁର୍ମୁ, ମାଝୀ-ପାର୍ଗାନା ମାଡୱାର ଜିଲା ସଭାପତି ବିକାଶ ହେମ୍ବ୍ରମ, ଯୁବ ସଭାପତି ଉଦୟନାଥ ହେମ୍ବ୍ରମ, ବିଜୟ ମାର୍ଣ୍ଡି ଓ ସୁନ୍ଦର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ସଂ. 51-SBP-TRD-OT-2025-26, ତା.10.12.2025ରିଖ
କାର୍ଯ୍ୟର ନାମ : "ମେନ୍ ଲାଇନକୁ ଅବରୋଧ ନକରି ... TRD ସମ୍ପର୍କିତ କାର୍ଯ୍ୟ"
ଆନୁମାନିକ ମୂଲ୍ୟ : ₹ 26,81,229.72, EMD : ₹ 53,600/-, ...
... www.ireps.gov.in ...
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-904/Q/25-26

ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
CCI
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬
କପା ଚାଷୀଙ୍କୁ ଆହ୍ୱାନ
ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) ...
ଶାଖା ପ୍ରମୁଖ

IFFCO
Wholly owned by Cooperatives
Indian Farmers Fertiliser Cooperative Limited
Paradeep Unit
Advertisement No. PDP/HR/App/2025 Date: 09.12.2025
Requirement of Act Apprentices for IFFCO, Paradeep Unit
Indian Farmers Fertiliser Cooperative Limited, Paradeep Unit, District - Jagatsinghpur (Odisha) invites applications for the post of Act Apprentices from candidates possessing Diploma (Chemical) / Diploma (Mechanical) / Diploma (Electrical) / Diploma (Instrumentation) / Diploma (Civil) / B.Sc.(PCM) / ITI (Fitter) / ITI (Machinist) / ITI (Welder) / ITI (Electrician) / ITI (Instrument Mechanic) / ITI (Tuner) / ITI (Mechanic Motor Vehicle) / ITI (Draughtsman Mechanical) / ITI (Draughtsman Civil) / ITI (Computer Operator and Programming Assistant) / ITI (Refrigeration & AC)
How to apply:
For details of advertisement and required qualification, age, apprenticeship, categories, emoluments, other eligibility criteria of the above-mentioned post and how to apply etc. visit our website at www.iffcoyuva.in. The online application form may also be directly accessed on https://appspd.iffco.coop/candidate/.
It is mandatory to submit an online application form.
Important Dates for candidates:
Date of opening of online application: 08.12.2025, 10.30 hrs
Date of closing of online application: 21.12.2025, 23.59 hrs
For queries / clarification : Contact No: 06722-22 4761

# ଉଦ୍‌ଯାପିତ ହେଲା ମଣ୍ଡେଇ ସ୍ୱଦେଶୀ ମେଳା



ନବରଙ୍ଗପୁର ଡ୍ୟାନ୍ସଗ୍ରୁପର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନବରଙ୍ଗପୁର,୧୬।୧୨ (ସଦାଶିବ ପ୍ରହରାଜ)

ଜିଲ୍ଲାସ୍ତରୀୟ ସ୍ୱଦେଶୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ମହେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। ପାରମ୍ପରିକ ଖାଦ୍ୟ, ଖେଟି (ରଙ୍ଗୋଲି), ଆଲୋକ ଚିତ୍ର, ସୃଜନଶୀଳ ଭିଡିଓ, ଜିଲାସ୍ତରୀୟ ସରକାରୀ କାର୍ଯ୍ୟାଳୟ ପ୍ରାୟୋଜିତ କର୍ମଯୋଗୀ ସମ୍ମାନ, ମଣ୍ଡେଇ ତ୍ୟାଗ ଓ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ,

## ସ୍ଥାନୀୟ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ

ମଣ୍ଡେଇ କମିଟି ଅଧ୍ୟକ୍ଷଙ୍କୁ ସମ୍ମାନିତ କରାଯାଇଛି। ପରେ ସ୍ଥାନୀୟ କଳାକାର, ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ସରକାରୀ ଅନୁଷ୍ଠାନ ପକ୍ଷରୁ ମେଳାରେ ସରକାରୀ ଯୋଜନାଗୁଡ଼ିକ ପ୍ରଦର୍ଶନୀ କରିଥିଲେ। ସମନ୍ୱିତ ଜନଜାତି ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ଓ ଗୃହ, ସମାଜ କଲ୍ୟାଣ, ମଙ୍ଗଳ ବିଭାଗ, ଜଙ୍ଗଲ ବିଭାଗ, ସଂସ୍କୃତି ବିଭାଗ, ଅବକାରୀ, କ୍ରୀଡ଼ା, ଜିଲା କୋଷାଗାର କାର୍ଯ୍ୟାଳୟ ଉତ୍ତମ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ଉଦ୍‌ଘୋଷକ ଭାବେ ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା, ମନୋଜ ପଟ୍ଟନାୟକ, ଡି.ଭି.ଭି. ରଞ୍ଜିତା, ଦେବଦାସ ମହାକୁଡ଼, ଚନ୍ଦନା ମଲ୍ଲିକଙ୍କୁ ସମ୍ମାନିତ କରାଯାଇଛି। ସେଣ୍ଟ୍ରାଲ ମଣ୍ଡେଇ ଓ ପଲ୍ଲିଶ୍ରୀ ଅଭିନୟ ପରିଚାଳନା ପାଇଁ ରହିଥିବା ୧୭ଗୋଟି କମିଟିର ଅଧ୍ୟକ୍ଷଙ୍କୁ ମଧ୍ୟ ମଞ୍ଚରେ ସମ୍ମାନିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ୍, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରଖାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନୂତନ ଚିନ୍ତାଧାରାର ଅଭିବୃଦ୍ଧି ଦିଗରେ ତତ୍ପର ହେବାକୁ ପରାମର୍ଶ

- ୧୩୦ ପ୍ରକଳ୍ପରୁ ରାଜ୍ୟସ୍ତରକୁ ୭ ମନୋନୀତ
- ନବରଙ୍ଗପୁର ଜିଲାସ୍ତରୀୟ ବିଜ୍ଞାନ ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ



ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ନବରଙ୍ଗପୁର, ୧୬।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରପାଳିକା ଉଚ୍ଚ ବିଦ୍ୟାଳୟରେ ନବରଙ୍ଗପୁର ଜିଲାସ୍ତରୀୟ ବିଜ୍ଞାନ ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଡିଇଓ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି, ସିଡିଏମ୍ଓ ସନ୍ତୋଷ ପଣ୍ଡା, ଜିଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଓମ୍‌କାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏଡିଇଓ ପ୍ରକାଶ ଚନ୍ଦ୍ର ମହାଲିକ, ନବରଙ୍ଗପୁର ଜିଲା ବିଜ୍ଞାନ ନିରୀକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ, ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମୀନା ବାଗ ମଞ୍ଚାସୀନ ଥିଲେ। ନୂତନ ଚିନ୍ତାଧାରାର ଅଭିବୃଦ୍ଧି ଦିଗରେ ତତ୍ପର ହେବାକୁ ଜିଲାପାଳ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ସର୍ବମୋଟ ୧୩୦ ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ସମସ୍ତ ପ୍ରକଳ୍ପ ବୁଲି ଦେଖିବା ସହ ୧୩ଟି ପ୍ରକଳ୍ପକୁ ମନୋନୀତ କରିଥିଲେ। ଏହି ୧୩ ପ୍ରକଳ୍ପ ମଧ୍ୟରୁ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅଧୀନରେ ୭ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନ ପାଇବ। ଏହି ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ବିଭାଗରେ ବିଷ୍ଣୁ ମଣ୍ଡଳ,ଅନ୍ୱେଷା ଗୁପ୍ତା, ପ୍ରତିମା ପୂଜାରୀ, ସସ୍ମିତା ଜାନି, ନରେଶ ପୂଜାରୀ, ଲଭଲି ସାହୁ, ଭୁବନ ଗଣ୍ଡ ସଫଳତା ହାସିଲ କରିଥିଲେ। ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଙ୍କିତା ଦାସ, ଦିନେଶ ହରିଜନ, ବବିତା ଜାନି ଏବଂ ମାଧ୍ୟମିକ ସ୍ତରରେ ସାଇ ମୁକେଶ ସାହୁ, ଧନମତେଇ ଭତରା, ଓମ୍ ପ୍ରକାଶ ଲେଙ୍କା ସଫଳତା ହାସିଲ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ତପନ ଖୁଣ୍ଟିଆ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ଉପଜିଲାପାଳ ପ୍ରକାଶ କୁମାର ଯୋଗଦେଇଥିଲେ। ଡିଇଓ ସାହୁ ସଭାପତିତ୍ୱ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବୈଜ୍ଞାନିକ ଚିନ୍ତାଧାରା ଅଭିବୃଦ୍ଧି ଦିଗରେ ପ୍ରଚେଷ୍ଟା ପାଇଁ ଉପଦେଶ ଦେଇଥିଲେ। ଜିଲାସ୍ତରୀୟ ବିଜ୍ଞାନମେଳା ପାଇଁ ମନୋନୀତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ମୀନା ବାଗ ଧନ୍ୟବାଦ ଦେଇଥିଲେ।

# ନବରଙ୍ଗପୁର ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ନବରଙ୍ଗପୁର,୧୬।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ୍ ବଡ଼ମସିଗାଁରେ ମଙ୍ଗଳବାର ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ଗ୍ରାମ ଦେବତୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ କ୍ରୀଡ଼ା ମଶାଲ ପ୍ରଜ୍ୱଳିତ କରାଯାଇଥିଲା। ନବରଙ୍ଗପୁର ବିଡିଓ ଡ. ସୁନୀଲ ଖରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ସାଂସଦ ଖେଳ ମହୋତ୍ସବର ଜିଲା ସଂଯୋଜକ ଅର୍ଜୁନ ତ୍ରିପାଠୀ, ଭାଜପା ଜିଲା କୁଞ୍ଜବିହାରୀ ଦାସ, କୋର୍ କମିଟି ସଦସ୍ୟ ଜ୍ୟୋତିରଞ୍ଜନ କଂସ, ବଡ଼ମସିଗାଁ ସରପଞ୍ଚ କମଲେଶ୍ୱରୀ ନାୟକ, ଶର୍ମିଷ୍ଠା ଦେଓ, ସନ୍ତୋଷ ପାତ୍ର ଅନ୍ୟ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଖେଳ ମହୋତ୍ସବରେ କ୍ରିକେଟ, ଫୁଟବଲ, ଭଲିବଲ, ୧୦୦ ମିଟର, ୨୦୦ ମିଟର ଦୌଡ଼, କବାଡ଼ି, ଖୋ ଖୋ, କୌତୁକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ସ୍କୁଲରେ ଦିଆଯାଉଛି ବୌଦ୍ଧିକ, ଆଧ୍ୟାତ୍ମିକ ଶିକ୍ଷା

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର,୧୬।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ କେନ୍ଦ୍ରୀୟ ମଙ୍ଗଳବାର ବିଦ୍ୟାଳୟ ସଙ୍ଗଠନର ୬୩ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଭିଭାବକ ଓ ଶିକ୍ଷକ ସଂଘର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଅଭିଭାବକ ପୁଷ୍ପାଞ୍ଜଳୀ ଗନ୍ତାୟତ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦେଶରେ ସାଧାରଣ ଶିକ୍ଷା ସହ ମାନସିକ, ଶାରୀରିକ, ବୌଦ୍ଧିକ ତଥା ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନକରି ନୂତନ ଯୁବ ପିଢ଼ିମାନଙ୍କ ପାଇଁ ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ଅତିଥିମାନେ ମତ ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପ୍ରତିଷ୍ଠାଠାରୁ ଅଦ୍ୟାବଧି ଯେଉଁ ସଫଳତା ଅର୍ଜନ କରିଛି ତାହାକୁ ଛାତ୍ରୀଛାତ୍ର ଅଭିନୟ ମାଧ୍ୟମରେ ଉପସ୍ଥାପନ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସହଭାଗୀ କାର୍ଯ୍ୟକ୍ରମ ପ୍ରଦର୍ଶନୀ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ହିସେବ କୁମାର ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ଶିକ୍ଷକ ପ୍ରଦୀପ କୁମାର ହୋତା ମଞ୍ଚ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସାଧନାମୟୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।


## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR (TB WING)

Advt. No. : 764 Dated : 11.12.2025

**Expression of interest for Empanelment of X-Ray Services**

**No.E-587** : Sealed proposals are invited from interested eligible agencies/vendors for empanelment to provide X-Ray services for Intensified TB Elimination Campaign in Keonjhar District. The eligible criteria, the details requirement and the formats for submission of proposals are set forth in the following RFP document which can be downloaded from the website: www.keonjhar.odisha.gov.in. Interested agency fulfilling the eligibility criteria may submit their proposal (s) separately as per application format. The details of proposal (s) completed in all respect & super scribed with **"Expression of interest for empanelment to provide X-Ray services for Intensified TB Elimination Campaign in Keonjhar District"**. The agencies have to submit their proposals to the office of the CDM&PHO, Keonjhar which should reach on or before **05/01/2026 till 05.00 P.M.** through **Speed Post/Regd. Post/Courier** only. Incomplete application in any form is liable for rejection. The undersigned reserves the right to reject any or all the proposals without assigning any reason thereof.

OIPR-10033/11/0055/2526 CDM & PHO-CUM-DMD, Keonjhar

## OFFICE OF THE COLLECTOR & DISTRICT MAGISTRATE, BALASORE (MBS & ABS, OSRTC)

No.F-97 **TENDER NOTICE**

Letter No: 287/OSRTC/BLS/25 Date: 11/12/2025

**Selection and engagement of Agency for providing Facility Management service (FMS) at Atal Bus Stand, Simulia, Balasore, Odisha**

Request for proposal is invited from eligible Firm / Agency interested to provide different Manpower services/ Facility Management Services (FMS) at Ama Bus Stand, Simulia, Balasore, Odisha on outsourcing basis. Details regarding the eligibility criteria, terms & conditions and formats of submission of tender may be downloaded from the website https://balasore.odisha.gov.in. The tender should reach the office of the undersigned by 26.12.2025 (5.00 PM). Opening date of the tender (Technical bid) will be intimated. The undersigned reserves the right to reject any or all the tenders without assigning any reason thereof.

Sd./- Collector & District Magistrate Balasore

OIPR-24242/11/0017/2526

## MUNICIPAL OFFICE, JHARSUGUDA

**"E" Procurement Notice**

Tender Call Notice No.5190/ JM, Dt.10.12.2025

**No.C-1796:** Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in.

1. Tender Reference : EO/JMC/11/2025-26
2. Tender ID No. : 2025_ORULB_123006
3. Name of the Work : Civil Construction works as mentioned in website.
4. No. of Works : As per DTCN
5. Estimated Cost : As per DTCN
6. Date & Time of availability of Bid documents in the Portal : 11.12.2025 at 06.00 PM
7. Last date & time for receipt of bids in the portal : 22.12.2025 at 06.00 PM
8. Bids received online shall be opened on : 23.12.2025 at 3.30 PM
9. Name and address of the Officer Inviting : Executive Officer, Jharsuguda Municipality
10. Further details can be seen from the procurement portal i.e. www.tenderodisha.gov.in

Sd./- Executive Officer Jharsuguda Municipality

OIPR-13165/11/0082/2526

## GOVERNMENT OF ODISHA
## OFFICE OF THE DIVISIONAL FOREST OFFICER JHARSUGUDA KENDU LEAF DIVISION

AT/PO-BADMAL, JHARSUGUDA, PIN-768202
Mob:8280342658, Email:dfokljsd@gmail.com
BID IDENTIFICATION No.DFOKL/JSG-02 of 2025-26
Order No.133/ Dated 11.12.2025

**E-Procurement Notice**
No.02, Dated 11.12.2025

**No.MM-378:** The Divisional Forest Officer, Jharsuguda K.L. Division, on behalf of Governor of Odisha invites Percentage Rate bids in **Single Cover /Double Cover** System in ONLINE MODE.

1. Nature of Work : **Construction of Forester Quarters**
2. Tender Cost : **Rs.6000/-**
3. Class of Contractor : **"C" & "D" Class Contractors**
4. Availability of bid document in the website : **10.00 Hours of 13.12.2025 to 17.30 Hours of 27.12.2025**
5. Date of Opening of Tenders : **11.30 Hours on dt.29.12.2025**
6. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum/ Addendum/ Cancellation of tender will be displayed in the website said only.

Sd./- (Salvinder Singh, OFS-1 (SB)) Divisional Forest Officer, Jharsuguda K.L. Division

OIPR-08054/11/0028/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA

'e' Procurement Notice
Bid Identification No. SE MID JSD 12/2025-26
E-mail : eemijharsuguda@gmail.com
No.3237 // MID // date. 12.12.2025

**No.A-1119** : The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works : Civil Construction work
2. Total No. of works : **02 (Two) Nos.**
3. Estimated Cost (Detail list of work annexed) : **Rs.44.72 Lakh to Rs.49.46 Lakh**
4. Class of Contractor : As mentioned against work
5. Period of completion : As mentioned against work
6. Date & time of Availability of Bid Document in the Portal : **17.12.2025 to 29.12.2025 during office hours**
7. Last date/Time for receipt of Bid in the Portal : **29.12.2025 during office hours**
8. Date/Time of Opening of Bid : **30.12.2025 at 10.00 A.M.** at Office of the S.E., MI Divn. Jharsuguda
9. Lottery Date (if necessary) : **03.01.2026 at 11.30 A.M.** at O/o the Superintending Engineer M.I. Division, Jharsuguda
10. Name & Address of the Officer Inviting the Bid : Superintending Engineer, M.I. Division, Jharsuguda
11. Mode of Payment of Bid Cost & Bid Security : **Online**

Sd./- Superintending Engineer M.I. Division, Jharsuguda

OIPR-32291/11/0026/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR

No.6248 dt.15.12.2025

1st Corrigendum to EOI Identification No. CCEKC-02/2025-26

**Expression of Interest**

**No.B-848** : The following changes are made to EOI Identification No. CCEKC - 02/2025-26 vide No. 6075 dt. 05.12.2025.

1. Letter of Invitation of the Authority along with all other relevant details of Expression of Interest (EOI) will be available in the website: www.tendersodisha.gov.in from 10:30 A.M of 23.12.2025 to 4:00 P.M of 18.01.2026. Further details with any addendum, corrigendum and cancellation can be seen from www.tendersodisha.gov.in.
2. Expression of Interest (EOI) shall be received only "On-line" latest by 4:00 P.M. on 18.01.2026.
3. Proposals received "On-line" shall be opened at 11:00 A.M. on 19.01.2026 in the Office of the Chief Construction Engineer, Keonjhar (R&B) Circle, Keonjhar-758001 in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

All other terms & conditions remained unchanged.

Sd./- Chief Construction Engineer, Keonjhar (R&B) Circle, Keonjhar

OIPR-34033/11/0103/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RWS&S DIVISION, SUNDARGARH

**"e"- Procurement Notice**
**Bid Identification No.11 of 2025-26**
Letter No.3027, Dated 08.12.2025

No.O-1749: 1) Name of Works:- Execution of Solar P.W.S. Scheme in the district of Sundargarh. 2) Total Number of Works: 2 Nos. (Detailed list available in the website). 3) Estimated Cost: From Rs.54.39 Lakhs to 81.58 Lakhs. 4) Class of Contractor: "B". 5) Period of Completion: 6 Months.

| Procurement Officer | Bid Identification No. | Availability of tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Water Supply & Sanitation Division, Sundargarh | Online Tender/ 10/RWSS/SNG/ 2025-26 | 18.12.2025 at 11.00 Hours | 07.01.2026 upto 17.00 Hours |

NB- Further details can be seen from the website **www.tendersodisha.gov.in**

Sd./- Superintending Engineer RWS&S Division, Sundargarh

OIPR-25009/11/0005/2526

## OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA

SIMILIPAL

Phone No.-(06792) 252593, Fax-256705, Email Id : dfo.similipalsouthwl@odisha.gov.in
Letter No.7667/1F/158/2025 Dated, Baripada the 12th December, 2025

**CORRIGENDUM**

Bid Id No.: DD South-BPD-06/2025-26
Project Title : REQUEST FOR PROPOSAL (RFP) FOR SELECTION OF CONSULTANT FOR PROVIDING DETAILED PROJECT REPORT FOR VARIOUS ECO-TOURISM PROJECTS OF SIMILIPAL BIOSPHERE RESERVE IN MAYURBHANJ DISTRICT

**No.MM-385** : This corrigendum is hereby issued to amend certain clauses of the RFP mentioned above. The following modifications shall be treated as part of the tender document.

| Sl. No. | Existing Clause | Revised Clause |
|---|---|---|
| 1 | Last date of Submission of Bid : 15.12.2025, 05:00 P.M. | Last Date of Submission of Bid : 19.12.2025, 05:00 P.M. |
| 2 | Date of opening of Technical Bid (Online) : 16.12.2025, 11.30 A.M. | date of Opening of Technical Bid (online) : 20.12.2025, 11:30 A.M. |
| 3 | Section 2 - Instruction to Bidders Clause 8 : Technical Evaluation (2nd Stage) Sl. No. 4(a) : team Composition - Head Architect (Minimum 15 years of field experience) (Page No. 13) | Head Architect (Minimum 10 years of field experience) |

All other terms and conditions mentioned in the original Detailed Tender Call Notice remain unchanged.

Please note : Bidders can download the above corrigendum from the official website https://tendersodisha.gov.in and are also advised to take note of the above amendments while submitting their proposals.

Sd./- Deputy Director, Similipal (South) WL Division, Baripada

OIPR-08127/11/0041/2526

## NOTIFICATION

No.MM-382: This is for information of all concerned that the following Forest Roads of Nayagarh Forest Division in Nayagarh District will remain closed to the traffic on 29th December 2025 from "0" (Zero) hour to 24 hour in accordance with the Rule 284 of the Odisha Forest Department Code-1979. The movement of traffic on the date as specified above will be violation of Section 26 of Odisha Forest Act and hence will be liable for prosecution.

**FOREST ROADS OF NAYAGARH FOREST DIVISION**

| Sl. No. | Name of the Range | Name of the Forest Road | Total length of the Forest Road (in Km) |
|---|---|---|---|
| 1 | 2 | 3 | 4 |
| 1 | Khandapada | Singhapada-Angisingi | 14.4 |
| 2 | Khandapada | Khandapada-Kaudia | 8.0 |
| 3 | Khandapada | Khalisahi-Nuapalli | 9.0 |
| 4 | Panchirida | Angisingi-Gochha | 14.4 |
| 5 | Panchirida | Gochha-Simili-Dhuanmali | 12.0 |
| 6 | Odagaon | Panchirida-Rohibanka | 21.4 |
| 7 | Daspalla | Badalasahi- Chancherapalli | 14.4 |
| 8 | Daspalla | Banigochha- Gandapaju | 1.6 |
| 9 | Daspalla & Gania | Takera-Badamul-Badasilinga-Sanasilinga | 12.2 |
| 10 | Daspalla | Khamana-Kanapaju | 6.6 |
| 11 | Daspalla | Banigochha- Chadeyapalli | 14.4 |
| 12 | Daspalla | Takera- Birigada | 6.0 |
| 13 | Mahipur | Jakeda-Lunisara | 12.8 |
| 14 | Mahipur | Gateri-Barakola | 18.0 |
| 15 | Mahipur | Lingribari-Bajrakot | 6.4 |
| 16 | Mahipur & Nayagarh | Andharakani-Kaudia | 30.0 |
| 17 | Mahipur & Nayagarh | Sampada- Gochhabari | 12.0 |
| 18 | Nayagarh | Belebani- Badruma | 8.8 |
| | | Total: | 222.4 |

OIPR-08026/11/0019/2526 Sd./- Divisional Forest Officer, Nayagarh Division

## OFFICE OF THE NOTIFIED AREA COUNCIL: G.UDAYAGIRI

No.2774 Date:12.12.2025

**"e" Tender Notice**
**Bid Identification No.GUDGR-NAC-01/2025-26**

**No.C-1798:** Bid documents consisting of work, Estimated Cost of Tender Paper, EMD, time of completion, Class of Contractors and set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

1. Name of the works : As per DTCN
2. No. of Works : 7 Nos.
3. Estimated Cost : Rs.4.17 Lakh to Rs.87.34 Lakh
4. Period of Completion : As per DTCN
5. Class of Contractor : As per DTCN
6. Date & Time of availability of bid documents in the portal: Dt.15.12.2025 at 03.00 P.M. to Dt.29.12.2025 upto 5.00 P.M.
7. Last date & time for submitting online Bid : Dt.29.12.2025 upto 5.00 P.M.
8. Bids shall be opened on : Dt.30.12.2025 at 10.00 A.M.
9. Bids shall be evaluated on : Dt.30.12.2025 at 03.00 P.M.
10. Name and address of the Officer Inviting Bid : Executive Officer, N.A.C., G.Udayagiri.

Further details can be seen from the procurement portal i.e. www.tendersodisha.gov.in.

Sd./- Executive Officer N.A.C. G. Udayagiri

OIPR-13202/11/0005/2526

## GOVERNMENT OF ODISHA
No.B-846
## SUPERINTENDING ENGINEER, BOUDH (R&B) DIVISION, BOUDH

E-mail- eeboudhrb@gmail.com

**INVITATIONS FOR BIDS (IFB)**
**"e" Procurement Notice**
Letter No.6058, dtd.12.12.2025
Bid Identification No.SE (R&B)-BDH 18/2025-26

1) Number of Work : 02 (Two) Nos. of EI work (Single Cover) and 01 (One) No. of Civil Work (Double Cover)
2) Estimated Cost : As per the Column No.3 of the table
3) Period of Completion : As per the Column No.8 of the table
4) Date & Time of availability of Bid documents in the portal : From 17.12.2025, 10.00 AM to 23.12.2025, 5.00 P.M.
5) Last date/time for seeking of Tender Clarification : 23.12.2025 upto 1.00 P.M.
6) Last date/time for receipt of bids in the portal : upto 5.00 P.M. of dated 23.12.2025
7) Date & Time of opening of tender/ Bid : 24.12.2025 at 11.30 A.M.
8) Name and address of O.I.T. : Superintending Engineer, Boudh (R&B) Division, Boudh

Further details corrigendum (s) if any issued can be seen from the website http://tendersorissa.gov.in.

Sd./- Superintending Engineer Boudh (R&B) Division, Boudh

OIPR-34134/11/0032/2526

No.JJ-73:

## Directorate of Ports & Inland Water Transport

Zone-A, Ground Floor, Fortune Tower
Chandrasekharpur, Bhubaneswar-751023
Phone:0674-2300885, Email: portsniwt.od@nic.in

**REQUEST FOR PROPOSAL (RFP) NOTICE**
No.4424/P & IWT, DATE:11.12.2025

01. Name of the Work : Request for Proposal (RFP) for "Design, Drawing, Fabrication, Construction, Supply, Commissioning of 02 (Two) nos. Electric Ro-Pax Vessel on Turnkey Basis including Launching at the designated site.
2. Bid/ Document Cost : Rs.10,000/-
3. Bid Security/EMD : Rs.2,00.000/-
4. Period of Completion : 06 (Six) Calendar Months
5. Date & Time of availability of bid document: 16.12.2025 to 30.12.2025 upto 5.00 P.M.
6. Date & Time of Bid Clarification : 16.12.2025 to 20.12.2025 upto 03.00 P.M.
7. Last date for submission of Bid : 29.12.2025 upto 05.00 P.M.
8. Date & Time of opening of Technical Bid (Cover-I): 30.12.2025 at 11.30 A.M.
9. Class of Contractor : Registered Manufacturer/ Firms
10. Name and address of Officer Inviting Tender (OIT) : **Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023, Phone-0674-2390355, Fax:2396885 e-Mail: portsniwt.od@nic.in**

Further details can be seen at https://ct.odisha.gov.in/
Any addendum/ corrigendum will be published only on the above website.

Sd./- Director Ports & IWT, Odisha

OIPR-38035/11/0057/2526

# ଜେଲ ପାଚେରିକୁ ଲାଗିଥିବା ଘର ଉଚ୍ଛେଦ ନୋଟିସକୁ ବିରୋଧ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୱାର୍ଡ ନଂ. ୩ ବାସିନ୍ଦା

ମାଲକାନଗିରି, ୧୬।୧୨ (ଦୁର୍ଯୋଧନ ପାତ୍ର)



ଦାବିପତ୍ର ଦେବାକୁ ଆସିଥିବା ୱାର୍ଡ-୩ ବାସିନ୍ଦା।

ମାଲକାନଗିରି ସଦର ମହକୁମା ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ. ୩ରେ ଥିବା ଜିଲା କାରାଗାର ପାଚେରିକୁ ଲାଗି ରହିଥିବା ଘର ଉଚ୍ଛେଦ ପାଇଁ ସରକାରଙ୍କ ତରଫରୁ ଆଦେଶ ଜାରି ହୋଇଛି। ତେବେ ୱାର୍ଡ ନଂ. ୩ରେ ଥିବା କୁମ୍ଭାରସାହି ବାସିନ୍ଦା ଏହାକୁ ବିରୋଧକରି ଜିଲାପାଳଙ୍କ ଦ୍ୱାରସ୍ଥହେବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସାହିବାସିନ୍ଦା ଉଲ୍ଲେଖ କରିଛନ୍ତି, ଆଜକୁ ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ୱାର୍ଡ ନଂ. ୩ରେ ଆମେ ପରିବାରବର୍ଗ ବସବାସ କରି ଆସୁଛୁ। ବର୍ତ୍ତମାନ ସେମାନଙ୍କୁ ଏଠାରୁ ଉଚ୍ଛେଦକରିବା କେତେଦୂର ଯଥାର୍ଥ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଯଦି କାରାଗାରକୁ ବଢ଼ାଇବାର କୌଣସି ଯୋଜନା ରହିଛି, ତେବେ କାରାଗାରକୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଗତ ୨ବର୍ଷ ପୂର୍ବେ ୱାର୍ଡ ନଂ. ୩ର ବାସିନ୍ଦାଙ୍କୁ ଏଲ୍ଆର୍‌ସି ପଟ୍ଟା ମଧ ପ୍ରଦାନ କରାଯାଇଛି। ବର୍ତ୍ତମାନ ଉକ୍ତ ସମସ୍ତ ପଟ୍ଟାକୁ ରଦ୍ଦ କରାଯାଇ ଘରଦ୍ୱାର ଖାଲି କରିବାକୁ କହୁଛନ୍ତି। ତେଣୁ ଏହାକୁ ଆମେ ବିରୋଧ କରୁଛୁ ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ଏଥିସହ ୨୦୦୨ ମସିହାରେ ପୂର୍ବତନ ଜିଲାପାଳ ମୁନିଷ ମୁଦଗିଲଙ୍କ ସମୟରେ ଜିଲା କାରାଗାର ସହର ମଧ୍ୟରେ ଥିବା ଯୋଗୁ ଏହି କାରାଗାରକୁ ଏଠାରୁ ସ୍ଥାନାନ୍ତର କରିବା ପାଇଁ ଆଦେଶ ମଞ୍ଜୁର କରିଥିଲେ। କିନ୍ତୁ ତାହା ବର୍ତ୍ତମାନ ସୁଦ୍ଧା ହୋଇପାରିନାହିଁ ବୋଲି ଜନସାଧାରଣ ଦାବି କରିଛନ୍ତି। ବର୍ତ୍ତମାନ ଦାବିପତ୍ର ପ୍ରଦାନ ସମୟରେ ପୌର ପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକ, ଉପାଧ୍ୟକ୍ଷା କବିତା ମହନ୍ତ, ଜିଲା କଂଗ୍ରେସ କମିଟି ସଭାପତି ଜି. ଶ୍ରୀନିବାସ ରାଓଙ୍କ ସହ ୨୦୦ରୁ ଊର୍ଦ୍ଧ୍ୱ ବସ୍ତି ବାସିନ୍ଦା ଉପସ୍ଥିତ ଥିଲେ।

# ଚିକିତ୍ସାବେଳେ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ଡାବୁଗାଁ, ୧୬।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଦୁର୍ଘଟଣାରେ ଗୁରୁତର ଥିବା ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧିନ ଗିଲା ଗ୍ରାମର କେଶେନ୍ଦ୍ର ଭତ୍ରା (୩୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। କେଶେନ୍ଦ୍ର ଗତ ୬ ତାରିଖ ସନ୍ଧ୍ୟାରେ କାମ ସାରି ଚାଲି ଚାଲି ଘରକୁ ଫେରୁଥିଲେ। ଏହି ସମୟରେ ଡାବୁଗାଁ - ଝୁନାପାଣି ମୁଖ୍ୟ ରାସ୍ତାରେ ବାଇକ୍ (ଓଡି-୨୪ଏ-୧୬୮୩)ରେ ଆସୁଥିବା କାମତା ଗ୍ରାମର ଗୋପୀନାଥ ପୂଜାରୀ ତାଙ୍କୁ ଧକ୍କା ଦେଇଥିଲେ। ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବାରୁ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଜୟପୁର ଜିଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତ୍ରିରେ କେଶେନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ସାନ ଭାଇ ବଇଶାଖୁ ଭତ୍ରା ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍ଆଇ ହରିହର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପଞ୍ଚନାମା କରାଇ ବ୍ୟବଚ୍ଛେଦ ପାଇଁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୨୪୯/୨୫ ରେ ଏକ ମାମଲା ରୁଜୁ କରାଯାଇଛି।

# ସ୍ଥିତି ସମୀକ୍ଷା କଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ଗ୍ରାମବାସୀଙ୍କ ସହ ବିଜେଡି ନେତା।

ମାଲକାନଗିରି/ କୋରୁକୋଣ୍ଡା, ୧୬।୧୨ (ଦୁର୍ଯୋଧନ ପାତ୍ର/ ଶିବବ୍ରତ ସାହୁ)

**ମାଲକାନଗିରି ଜିଲାରେ ହିଂସା ଘଟଣା**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ମାରିବାଡ଼ା ପଞ୍ଚାୟତର ଏମ୍ଭି-୨୬ ଓ ରାଖେଲଗୁଡ଼ା ଗ୍ରାମରେ ହୋଇଥିବା ହିଂସାକାଣ୍ଡର ୮ ଦିନ ପରେ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛି ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍। ବିଜେଡିର ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ମାଲକାନଗିରି ଜିଲା ବିଜୁ ଜନତା ଦଳ ସଭାପତି ମାନସ ମାଡକାମି, ଜିଲା ବିଜୁ ଜନତା ଦଳ ମହିଳା ନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ମଙ୍ଗଳବାର ପ୍ରଥମେ ରାଖେଲଗୁଡ଼ା ଗାଁକୁ ଯାଇ ଆଦିବାସୀ ଲୋକଙ୍କ ସହ ଆଲୋଚନା କରିଥିଲେ। କେଉଁ ପରିସ୍ଥିତିରେ ଆଦିବାସୀ ମହିଳାଙ୍କ ହତ୍ୟା ହୋଇଥିଲା ତାହାର ଚିକିନିଖି ତଥ୍ୟ ଗାଁ ଲୋକଙ୍କଠାରୁ ସଂଗ୍ରହ କରିଥିଲେ। ଏହାପରେ ବିଜେଡି ଟିମ୍ ଏମ୍ଭି-୨୬ ଗାଁକୁ ଯାଇ ଘର ଘର ବୁଲି କ୍ଷତିଗ୍ରସ୍ତ ବଙ୍ଗାଳି ଲୋକଙ୍କ ସହ ଆଲୋଚନା କରିଥିଲେ। ଆଦିବାସୀ ଲୋକେ କାହିଁକି ଏମ୍ଭି-୨୬ ଗାଁର ବଙ୍ଗାଳି ଲୋକଙ୍କ ଘର ଉପରେ ଆକ୍ରମଣ କରିବା ସହ ନିଆଁ ଲଗାଇ ସବୁ କିଛି ପୋଡି ଦେଇଥିଲେ ତାହାର ମଧ୍ୟ ଚିକିନିଖି ତଥ୍ୟ ସଂଗ୍ରହ କରିଥିଲେ। ବଙ୍ଗାଳି ସମାଜ ଓ ଆଦିବାସୀ ସମାଜ ପରସ୍ପର ମଧ୍ୟରେ ଥିବା ମତାନ୍ତର ଭୁଲି ପୁଣି ଥରେ ସୁସମ୍ପର୍କ ସ୍ଥାପନ ନେଇ ପ୍ରୟାସ କରିବାକୁ ବିଜେଡି ଟିମ୍ ପରାମର୍ଶ ଦେଇଥିଲେ। ଉଭୟ ଆଦିବାସୀ ଓ ବଙ୍ଗାଳି ଲୋକେ ଆଗାମୀ ଦିନରେ କିପରି ଶାନ୍ତି ବଜାଇ ରଖିବେ ସେ ନେଇ ବିଜେଡି ଚେଷ୍ଟା କରିବ ବୋଲି ପ୍ରଦୀପ ମାଝି କହିଛନ୍ତି। ଆଗାମୀ ଦିନରେ ଯେପରି ଆଉ କୌଣସି ହିଂସା ନ ହୁଏ ଓ ଉଭୟବର୍ଗ ବସି କଥାବାର୍ତ୍ତା ହୋଇ ଶାନ୍ତି ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, EARTH DAM DIVISION, CHITRAKONDA, DISTRICT: MALKANGIRI**

E-mail ID: executiveengineereddckd@gmail.com

e-Procurement Notice No.SE-EDD-CKD-02/2025-26

**No.A-1125:** The Superintending Engineer, Earth Dam Division, Chitrakonda on behalf of Hon'ble Governor of Odisha invites Online percentage rate tender in single cover system through e-procurement for execution of the following work. The bid should be submitted by eligible class of contractors On-line in the Govt. website www.tenderorissa.gov.in. The bidders should have necessary portal enrolment with own digital signature certificate. The registered bidders outside of ODISHA can also participate in this online tender process after necessary portal enrolment but shall have to subsequently undergo registration with the appropriate authority of the State Govt. before signing of the agreement. The bidders may submit online bids for any or all the following works. Details as below:- 1. Name of Work: As per detailed Tender Call Notice. 2. Total No. of Works: 11 (Eleven) Nos. 3. Estimated Cost of Works(s) : Varies from Rs.30.56 Lakhs to Rs.8.41 Lakhs. 4. Period of Completion: 04 Calendar Months to 02 Calendar Months.

| Procurement Officer | Bid Identification No. | Availability and Submission of Bids-Online | | Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Earth Dam Division, Chitrakonda | SE-EDD-CKD-02/2025- 26 | 20.12.2025 10.00 A.M. | 30.12.2025 upto 5.00 P.M. | 31.12.2025 , at 10.30 A.M. onwards at O/o S.E., Earth Dam Division, Chitrakonda |

Further details can be seen from the Govt. website www.tendersorissa.gov.in. Corrigendum/addendum/Cancellation of tender can also be seen in the aforesaid website.

Sd./- (Er. S.Sahu)

OIPR-32019/11/0010/2526 Superintending Engineer, Earth Dam Division, Chitrakonda, Malkangiri (O)



No.O-1762

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KHARIAR**

Phone No. 06671-224074, e-mail : eerwkhariar@gmail.com

e-Procurement Notice

**BID IDENTIFICATION NO :- RWKHR-05/2025-26 (Online)**

Bid documents consisting of Work, Estimated Cost, EMD, Cost of tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : Building Works, 2. Total No. of Works : 4 Nos., 3. Estimated Cost : 38.63 to 87.88 lakhs, 4. Period of Completion : 6 (Six) Calendar Months, 5. Other details :-

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Technical Bid | Date & Time of Opening of Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Khariar | RWKHR-05/2025-26 (Online) | 16.12.2025 At 10:00 A.M | 24.12.2025 Up to 5:00 P.M | 24.12.2025 Up to 11.00 A.M | 26.12.2025 at 11.30 A.M | 05.01.2026 at 11.00 A.M. |

Further details can be seen from the website www.tendersodisha.gov.in.

Sd./- Superintending Engineer, Rural Works Division, Khariar

OIPR-25152/11/0009/2526



No.O-1721

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**

(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER,**
**RURAL WORKS CIRCLE, BERHAMPUR**

(At/PO-Ambapua, Near Income Tax Office, Berhampur-760011, Ganjam, Odisha)

(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**Bid Identification No. Online Tender/56-2025-26/BPR**

| Identification No | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 56-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 04 Nos | From Rs.314.29 Lakhs to Rs.1020.00 Lakhs | "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/56-2025-26/BPR | 08.01.2026 at 10.00 A.M. | 22.01.2026 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.

(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer R.W.Circle, Berhampur

OIPR-25071/11/0175/2526



No.O-1770

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION:KORAPUT**

Phone: Off: (06852): 251263, email: eerwkoraput@yahoo.com

GEPNIC e-Procurement Notice

Bid Identification No.SERWKPT-ONLINE-08/2025-26

Letter No.3444 Dtd.11.12.2025

1. Name of the Work: Special Repair Road Works for the Year 2025-26. 2. Total Number of Works: 09 Nos. 3. Approximate Estimate Cost: Rs.19.94 to Rs.89.72 Lakhs (Approximately). 4. Class of Contractor: "B", "C" & "D" Class. 5. Period of Completion: 2 to 6 Months. 6. Detail Projects: As per Annexure attached. Other details as follows:

| Procurement Officer | Bid Identification No. | No. of Works | Availability of tender online bidding | | Date & Time Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| Superintending Engineer, R.W.Division, Koraput | SERWKPT-ONLINE- 08/2025-26 | 09 (Nine) No's | 17.12.2025 at 11.00 A.M. | 24.12.2025 upto 5.30 P.M. | 26.12.2025 at 11.30 AM | To be intimated Separately |

Further details can be seen from the website www.tendersodisha.gov.in/nicgep/app. All amendments, time extension, clarfications etc. will be uploaded in the website only. Bidders should regularly visit the above website to keep themselves updated. *N.B. Any Addendum or Corrigendum will be available in the Website only.

OIPR-25088/11/0017/2526 Sd./-Executive Engineer, Rural Works Division: Koraput



**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ**
**ଭୁବନେଶ୍ୱର-୭୫୧୦୧୪**

e-mail: osnakademi@gmail.com/
directorateofculture@gmail.com

No.RR-35

**ବିଜ୍ଞାପନ**

ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ତା.୨୩.୦୧.୨୦୨୬ ରିଖଠାରୁ ତା.୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିନିମନ୍ତେ ଓଡ଼ିଶୀ ନୃତ୍ୟଶିଳ୍ପୀମାନଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି।

ଇଚ୍ଛୁକ ଓଡ଼ିଶୀ ନୃତ୍ୟଶିଳ୍ପୀମାନେ ବିସ୍ତୃତ ଜୀବନୀ-ତଥ୍ୟ (Bio-data) ଏବଂ ପ୍ରଦର୍ଶନ ସୂଚନା ସହ ନିଜର ଆବେଦନ ପତ୍ର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଏବଂ ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କୁ ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ। ପ୍ରକାଶ ପାଇଥିବା ସବିଶେଷ ତଥ୍ୟ https://culture.odisha.gov.inରେ ପାଇପାରିବେ।

ସଚିବ

OIPR-03009/11/0005/2526 ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର



**OCAC** ODISHA COMPUTER APPLICATION CENTRE

**REQUEST FOR PROPOSAL**

Enq.No.:-OCAC-SEGP-SPD-0076-2024-25111

Odisha Computer Application Centre (OCAC) invites Request for Proposal (RFP) for Selection of Service Provider for Development, Implementation, Operation and Maintenance of Digital Initiatives In Animal Resource Development (ARD) Sector of Fisheries & Animal Resource Development (F&ARD) Department, Govt. of Odisha. For details please visit websites www.ocac.in & www.odisha.gov.in.

The bid shall be submitted in electronic mode only in the portal https://enivida.odisha.gov.in latest by **15.01.2026, 4:00 PM.** OCAC reserves the right to accept/ reject any / all bids without assigning any reason thereof.

General Manager(Admin), OCAC, Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

No. U-40 OIPR-16003/11/0152/2526



**OFFICE OF THE SUPERINTENDING ENGINEER**
**BOUDH (R&B) DIVISION, BOUDH**

E-mail : eeboudhrb@gmail.com

**INVITATION FOR BIDS (IFB)**

No.5993 Dated : 09.12.2025

**Cancellation of tender call Notice no. SE BDH-14/2025-26 dated 15.11.2025**

**No.B-855** : The tender invited vide Bid Identification No. SE BDH-14/2025-26 dated 15.11.2025 for Sl. No. 02 & 03 i.e., "Construction of entrance gate with renovation of Boudh (R&B) Division office at Boudh for the year 2025-26" & "Shifting of 11 KV HT Lines & LT Lines & sub-station due to road widening and strengthening work of Telibandha-Barapuduga ODR from 0/000 Km to 4/350 Km & from 4/850 Km to 17/005 Km in the District of Boudh" is hereby cancelled due to technical reason.

Sd./- Superintending Engineer Boudh (R&B) Division, Boudh

OIPR-34134/11/0034/2526



**OFFICE OF THE DIVISIONAL FOREST OFFICER,**
**BALANGIR KENDU LEAVES DIVISION**

Near R.T.O Chowk, Balangir - 767 001, Ph. No. 06652-232416, e-mail : dfoklbalangir@gmail.com

Order No.145/Date 12.12.2025

**NOTICE INVITING TENDER**

Bid Identification No. BC-DFO-KL-BLGR-02/2025-26, BC-DFO-KL-BLGR-03/2025-26, BC-DFO-KL-BLGR-04/2025-26

No.MM-374

| | | |
|---|---|---|
| 1 | Name of work | Building Works as per DTCN available in the website www.etenderodisha.gov.in |
| 2 | No. of work | Two Nos. of Forester Quarter & One No. of Forest Guard Quarter at different places of Balangir (K.L) Division, Balangir |
| 3 | No. of Covers | Single Cover |
| 4 | Estimated Cost (Excluding GST) | Rs.14,24,060.00 to Rs.18,32,203.00 |
| 5 | Period of Completion | 03 Calendar months |
| 6 | Date & Time of availability of bid document in portal | From 10.00 A.M. of Date 16.12.2025 to 05.00 P.M. of Date 25.12.2025 |
| 7 | Last date/time for receipt of bids in the portal | Up to 5.00 P.M. of Date 25.12.2025 |
| 8 | Date of opening of bid documents | At 11.30 A.M. of Date 26.12.2025 |
| 9 | Class of Contractor | "C" & "D" Class Contractor |
| 10 | Name and address of officer inviting Bid | Divisional Forest Officer, Balangir (KL) Division, Balangir |

Further, details can be seen from the e-Procurement portal www.tenderodisha.gov.in. The Addendum/Corrigendum if any will be hosted in the website only.

OIPR-08061/11/0014/2526 Sd./- Divisional Forest Officer, Balangir (K.L) Division



**GOVERNMENT OF ODISHA**
**O/o THE SUPERINTENDING ENGINEER,**
**RURAL WORKS DIVISION-II, CUTTACK**

No.O-1751

Email ID - cuttackrw2nd@yahoo.co.in, Telephone / Fax No. (0671)-2445119

**e-procurement Notice for Building Work**

Bid Identification No. SECTC-II-19 of 2025-26 dt.09.12.2025

1. Number of the work : **01 (One) number of Building for the year 2025-26**
2. Estimated Cost (Approx) : **Rs.96.84 Lakh**
3. Period of completion : **11 (Eleven) calendar months**
4. Date & time of sale & receipt of bid document online : **From 17.12.2025 at 11:00 A.M. to 29.12.2025 at 5.00 P.M.**
5. Date & time of opening of Technical bid : **30.12.2025 at 11:30 A.M.**
6. Date & time of opening of Financial bid : To be intimated later on
7. Name and address of Inviting Officer : **Superintending Engineer, R.W. Division-II, Cuttack, Nayabazar, Cuttack-753004**

Further details can be seen from the State Govt. portal **https://tendersorissa.gov.in**

Sd./- Superintending Engineer R.W. Division-II, Cuttack

OIPR-25095/11/0035/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH**

E-mail : eemisundargarh@yahoo.co.in

**'e' Procurement Notice**

**Bid Reference No. SE MID SNG 17/2025-26**

**No.A-1120** : Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works | Civil Construction work |
| 2 | No. of Works | 01 (One) Nos. |
| 3 | Estimated cost | Rs.95.93 lakh (Approximately) |
| 4 | Period of completion | 04 (Four) Calendar months |
| 5 | Date and Time of availability of bid documents in the portal | From **dt.16.12.2025** at 10.00 AM to **dt.30.12.2025** up to 5.30 PM |
| 6 | Last date / time of receipt of bids in the portal | **Dt.30.12.2025** up to 5.30 PM |
| 7 | Date of opening of Technical Bid (Cover-I) | **Dt.31.12.2025** at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

Sd./- 11.12.2025 Superintending Engineer M.I.Division, Sundargarh

OIPR-32124/11/0046/2526



**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

**No. RDM-LAA-MBJ-0010-2025-21080/ R&DM** **Dated: 11 JUN 2025**

No. XXI-23: ଯହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ମାଣିକପୁର ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ମାଣିକପୁର, ଥାନା: ବୈଶିଙ୍ଗା ନଂ. ୨୧୨, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ ଏ.୧.୬୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ମାଣିକପୁର ସବ୍-ମାଇନର ନିର୍ମାଣ ନିମନ୍ତେ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାରିପଦା।

୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ମାଣିକପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୭.୪୧ | ଏ. ୧.୬୧ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା-୧୦୯/ ୨୦୨୩
ଏ.୧.୬୧ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ ମାଣିକପୁର ସବ-ମାଇନର ନିମନ୍ତେ**

**ମୌଜା: ମାଣିକପୁର, ଥାନା: ବୈଶିଙ୍ଗା ନଂ. ୨୧୨, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୯ | ୩୨୬ | ୧.୦୦ | ୦.୨୦ | ଶାରଦ ଏକ | ଉମାକାନ୍ତ ଗିରି, ପି.: ମଧୁ ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୩୨୭ | ୧.୦୫ | ୦.୦୫ | ଶାରଦ ଏକ | |
| | ୩୨୯ | ୦.୬୨ | ୦.୧୦ | ଶାରଦ ଦୁଇ | |
| | ୩୩୩ | ୦.୬୧ | ୦.୧୮ | ଶାରଦ ଏକ | |
| ୪୨ | ୩୧୭ | ୦.୮୮ | ୦.୦୬ | ଶାରଦ ଏକ | ଚନ୍ଦ୍ର ମୋହନ ମହାନ୍ତ, ଆନନ୍ଦ ମହାନ୍ତ, ବୃନ୍ଦାବନ ମହାନ୍ତ, ନାଥ ମହାନ୍ତ, ପି.: ଜିତୁ ମହାନ୍ତ, ଜା: କୁଡୁମି, ବା: ରାଘବପୁର |
| ୪୮ | ୪୮୨ | ୦.୬୯ | ୦.୦୫ | ଶାରଦ ଏକ | ଦାମୋଦର ଗିରି, ପି.: ଅର୍ଜୁନ ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୪୮୩ | ୦.୬୫ | ୦.୦୪ | ଶାରଦ ଏକ | |
| ୫୫ | ୪୮୧ | ୦.୬୭ | ୦.୦୯ | ଶାରଦ ଏକ | ନବ କିଶୋର କର ଶାସ୍ତ୍ରୀ, ପି.: ଚକ୍ରଧର କର ଶାସ୍ତ୍ରୀ, ଜା: ବ୍ରାହ୍ମଣ, ବା: ସୁମିତ୍ରାଦେଇପୁର |
| ୬୯ | ୪୬୭ | ୧.୬୩ | ୦.୧୧ | ଶାରଦ ଏକ | ପୁରସ୍ତମ ପରିଡ଼ା, ପି.: ବନମାଳି ପରିଡ଼ା, ନିଆଶି ପରିଡ଼ା, ଚଇତନ ପରିଡ଼ା, ପି.: ଫକୀର ପରିଡ଼ା, ଜା: ରାଜୁ, ବା: ନିଜଗାଁ |
| ୭୩ | ୩୨୨ | ୦.୭୬ | ୦.୦୭ | ଶାରଦ ଏକ | ଅଜୟ କୁମାର ଗିରି, ପି.: ଅପର୍ତ୍ତୀ ଚରଣ ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୭୫ | ୩୨୧ | ୦.୮୬ | ୦.୦୫ | ଶାରଦ ଏକ | ବନମାଳି ସାହୁ, ପି.: ଗଦାଧର ସାହୁ, ଜା: ସୁନାରି ବଣିଆ, ବା: ନିଜଗାଁ |
| ୧୧୧ | ୩୨୦ | ୧.୬୩ | ୦.୦୮ | ଶାରଦ ଏକ | ମାଧବ ମାହାନ୍ତ, ପି.: ଶ୍ରୀନିବାସ ମାହାନ୍ତ, ଜା: କୁଡୁମି, ବା: ଫାଳଝରି |
| ୧୫୦/୪୪ | ୩୬୮/ ୫୯୫ | ୦.୬୯ | ୦.୦୯ | ଶାରଦ ଏକ | ବୈରାଗୀ ମହାନ୍ତ, ପି.: ଜେଠୁ ମହାନ୍ତ, ଜା: କୁଡୁମି, ବା: ତୋଟାପଡ଼ା |
| ୧୫୦/୪୭ | ୩୬୪ | ୦.୨୭ | ୦.୦୧ | ଶାରଦ ଏକ | ଶିରିଶ ଚନ୍ଦ୍ର ଗିରି, ହରିଶ୍ଚନ୍ଦ୍ର ଗିରି, ପି.: ଉମାକାନ୍ତ ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୫୦/୬୦ | ୩୨୩ | ୨.୦୦ | ୦.୧୧ | ଶାରଦ ଏକ | ସ୍କୁଲ ଓ ଗଣଶିକ୍ଷା ବିଭାଗ ମାର୍ଫତ ଚକାଡ଼ୋଳା ବିଦ୍ୟାପୀଠ, ବା: ମାଣିକପୁର |
| ୧୫୦/୬୫ | ୩୧୧ | ୧.୬୦ | ୦.୦୭ | ଶାରଦ ଏକ | ଭୀମ ମହାନ୍ତ, ନକୁଳ ମହାନ୍ତ, ସହଦେବ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି.: ସର୍ବେଶ୍ୱର ମହାନ୍ତ, ଜା: କୁଡୁମି କ୍ଷେତ୍ରୀୟ, ବା: ସଙ୍ଗାଡିହି, ଥାନା: ବେତନଟି |
| ୧୫୦/୭୩ | ୩୧୦/ ୬୧୬ | ୦.୫୯ | ୦.୦୫ | ଶାରଦ ଏକ | ଶିରିଷ ଚନ୍ଦ୍ର ଗିରି, ପି.: ଉମାକାନ୍ତ ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୫୦/୮୬ | ୩୧୬ | ୦.୪୧ | ୦.୦୮ | ଶାରଦ ଏକ | ସରସ୍ୱତୀ ଗିରି, ସ୍ୱା.: ବିଦ୍ୟାଧର ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୫୦/୮୯ | ୪୭୯/ ୬୨୪ | ୦.୨୯ | ୦.୦୬ | ଶାରଦ ଏକ | ଉମେଶ ନାଏକ, ପି.: ହରି ନାଏକ, ଜା: ଭୂୟାଁ, ବା: ସୁମିତ୍ରାଦେଇପୁର |
| ୧୫୯/୫ | ୪୭୮ | ୦.୫୧ | ୦.୦୬ | ଶାରଦ ଏକ | ପୁନ ରାମ, ପି.: ଗୁରୁ ବାରିଆ ରାମ, ଜା: ଓରାଣ, ବା: ରାଘବପୁର |
| ମୋଟ | ୨୦ ପ୍ଲଟକୁ | ଏ.୧୭.୪୧ ଡି | ଏ.୧.୬୧ ଡି | | |

Sd./ - Amin Deuli Zone

Sd./ - Revenue Inspector Deuli Zone

Sd./ - Zone Officer--cum-L.A. Collector S.I.P., Deuli Zone

Sd./ - Spl. Land Acquisition Officer S.I.P., Baripada

OIPR-24001/ 14/ 0223/2526

# ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ବିବାଦ

ରାୟଗଡ଼ା,୧୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ଗଜପତି ଛକ ନିକଟରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ କଂଗ୍ରେସ ଓ ଭାଜପା ମଧ୍ୟରେ ବିବାଦ ସୃଷ୍ଟି ହୋଇଛି । ଏହାକୁ ନେଇ ଜିଲାରେ ଏବେ ରାଜନୀତି ସରଗରମ ହୋଇଛି । ଅନ୍ୟପଟେ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବାକୁ ପୌର ନିର୍ବାହୀ ଅଧିକାରୀ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀଙ୍କୁ କହିବାରୁ କାମ ବନ୍ଦ କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ତହସିଲଦାର ପ୍ରିୟଦର୍ଶିନୀଙ୍କୁ ପଚାରିବାରୁ ଉକ୍ତ ସ୍ଥାନରେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଅନୁମତି ମିଳିଛି କି ନାହିଁ, ଉକ୍ତ ଜାଗା କେଉଁ ବିଭାଗ ଅଧୀନରେ ରହିଛି ଏବଂ ଟ୍ରାଫିକ୍ ସମସ୍ୟା ଆଦିକୁ ଦୃଷ୍ଟିରେ ରଖି କାମ ବନ୍ଦ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ସେଠାରେ ଡିମାର୍କେଶନ ଓ ଯାଞ୍ଚ ପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ତେବେ ଏ ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଓ ଜିଲା କଂଗ୍ରେସ ସଭାପତି ତଥା ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ବିଧାୟକ କାଡ୍ରାକା କହିଛନ୍ତି, ରାମଚନ୍ଦ୍ର ଉଲାକା ୨ ଥର କୋରାପୁଟ ଲୋକ ସଭା ଆସନରୁ ସଦସ୍ୟ ହେବା ସହିତ ୭ଥର ବିଧାୟକ ରହିଥିଲେ । ତତ୍କାଳୀନ ସରକାରରେ ଜଙ୍ଗଲ ଓ ପରିବେଶ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ରହିଥିଲେ । ରାମଚନ୍ଦ୍ର ଉଲାକା ନିଜ ଶେଷ ସମୟ ପର୍ଯ୍ୟନ୍ତ ରାଜନୀତିରେ ସକ୍ରିୟ ରହି ଅବିଭକ୍ତ କୋରାପୁଟ ଜିଲାର ବିକାଶରେ ଏକ ମୁଖ୍ୟ ପୁରୋଧା ସାଜିଥିଲେ । ସେହିଭଳି ଜଣେ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନରେ ଭାଜପା ସୃଷ୍ଟି କରୁଥିବା ବାଧା ଅତ୍ୟନ୍ତ ନିନ୍ଦନୀୟ । ଏମ୍‌ପି ଉଲାକା କହିଛନ୍ତି, ତାଙ୍କ ବାପା ତଥା ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକା ଅବିଭକ୍ତ କୋରାପୁଟ ଜିଲାର ଲୋକଙ୍କୁ ନିଜ ପରିବାର ଭାବି ସର୍ବଦା ଜନସମାଜର ସେବା କରୁଥିଲେ । ହେଲେ ଭାଜପା ଆଦିବାସୀଙ୍କୁ ଅବହେଳିତ ଓ ପଛୁଆ କରି ରଖିବା ପାଇଁ ଚେଷ୍ଟା କରୁଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ


ଗଜପତି ଛକ ନିକଟରେ ନିର୍ମିତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି।

■ ଭାଜପା ଆଦିବାସୀଙ୍କୁ ଉପେକ୍ଷା କରୁଛି: ସପ୍ତଗିରି

■ ଏମ୍‌ପି ପାରିବାରିକ ରାଜନୀତି କରୁଛନ୍ତି: ଭାଜପା

ମହାତ୍ମା ଗାନ୍ଧୀଙ୍କ ନାଁ କାଟୁଥିବା ଭାଜପା କେବେ ହେଲେ ଆଦିବାସୀଙ୍କ ବିକାଶ କରିବ ନାହିଁ । ତାହା ଏବେ ପ୍ରମାଣିତ ହୋଇଛି ବୋଲି ଏମ୍‌ପି ଉଲାକା କହିଛନ୍ତି। ଉକ୍ତ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ୨ ବର୍ଷ ସମୟ ଲାଗିଥିଲା। ପୌର ପରିଷଦଠାରୁ ଆରମ୍ଭକରି ତହସିଲ, ଜିଲାପାଳଙ୍କଠାରୁ ପୂର୍ବରୁ ଅନୁମତି ନିଆ ସରିଛି। ଏହାର ସମସ୍ତ ପ୍ରମାଣପତ୍ର ଆମ ନିକଟରେ ଅଛି ବୋଲି ଏମ୍‌ପି ଉଲାକା କହିଛନ୍ତି । ଡିସେମ୍ବର ୨୪ରେ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବ ଏବଂ ଏଥିରେ ଜାତୀୟ କଂଗ୍ରେସ ଦଳର ବରିଷ୍ଠ ନେତା ଅଜୟ କୁମାର ଲଲ୍ଲୁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ସଚିନ୍ ପାଇଲଟ୍, ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ସମସ୍ତ କଂଗ୍ରେସ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ୨୦ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କ ସମାବେଶରେ ଏକ ବିରାଟ ଶୋଭାଯାତ୍ରା ରାୟଗଡ଼ାରେ ହେବ ବୋଲି ଏମ୍‌ପି ଉଲାକା କହିଛନ୍ତି।

ଏ ନେଇ ଭାଜପା ନେତା ବସନ୍ତ ଉଲାକା କହିଛନ୍ତି, ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏମ୍‌ପି ତାଙ୍କ ବାପାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ପାରିବାରିକ ରାଜନୀତି ଚଳାଇଛନ୍ତି ବୋଲି ସେ କହିଛନ୍ତି । ସ୍ୱର୍ଗତ ରାମଚନ୍ଦ୍ର କୌଣସି ସ୍ୱାଧୀନତା ସଂଗ୍ରାମୀ ନୁହନ୍ତି, ବରଂ ସେ କଂଗ୍ରେସର ଜଣେ ନେତା। ତେଣୁ ରାଜନେତା ହିସାବରେ ଲୋକଙ୍କ ସେବା କରିବା ସ୍ୱାଭାବିକ । ତେବେ ଭାଜପା କେବେ ଆଦିବାସୀଙ୍କୁ ବିରୋଧ କରିନାହିଁ ବରଂ ଶହୀଦ ବିର୍ସା ମୁଣ୍ଡାଙ୍କୁ ବିଗତ ବର୍ଷରେ କଂଗ୍ରେସ ଅଣଦେଖା କରି ଆଦିବାସୀଙ୍କ ପ୍ରତି ଅବହେଳା କରିଛି। କୌଣସି ଅନୁମତି ନ ନେଇ ଏଭଳି ପ୍ରତିମୂର୍ତ୍ତି ସ୍ଥାପନ କରିବା ଦଣ୍ଡନୀୟ ବୋଲି ବସନ୍ତ ଉଲାକା କହିଛନ୍ତି।

# ୭ ମିଟର ଓସାରିଆ ହେବ ରିଂରୋଡ୍

ରାୟଗଡ଼ା,୧୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ରିଂରୋଡ୍ ସମ୍ପୂର୍ଣ୍ଣ ନିର୍ମାଣ ହେବ । ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଡିପିଆର୍ ପ୍ରସ୍ତୁତି ସରିଥିବା ବେଳେ ଏହାକୁ ଅନୁମୋଦନ ମଧ୍ୟ ମିଳିଥିବା ଜଣାପଡ଼ିଛି। ମଝିଘରିଆଣୀ ମନ୍ଦିର ନିକଟରୁ ଆରମ୍ଭ ହୋଇଥିବା ଏହି ରିଂରୋଡ୍ ମହର୍ଷି ବିଦ୍ୟାମନ୍ଦିର ପର୍ଯ୍ୟନ୍ତ ଲମ୍ବିଛି । ବର୍ତ୍ତମାନ ଏହାକୁ ମହର୍ଷି ବିଦ୍ୟାମନ୍ଦିରଠାରୁ ସମ୍ପ୍ରସାରଣ କରାଯାଇ ଏଫ୍‌ସିଆଇ ଛକ ପର୍ଯ୍ୟନ୍ତ ନିର୍ମାଣ କରାଯିବ ବୋଲି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମ୍ବିକେୟ ମିଶ୍ର ସୂଚନା ଦେଇଛନ୍ତି । ରାଜସ୍ୱ ବିଭାଗ ପକ୍ଷରୁ ମହର୍ଷି ବିଦ୍ୟାମନ୍ଦିର ନିକଟରୁ ସାଇ ଇଣ୍ଟରନ୍ୟାଶନାଲ ଛକ ପର୍ଯ୍ୟନ୍ତ ମାପଚୁପ ସରିଛି । ରିଂ ରୋଡ୍‌ର ଓସାର ୭ ମିଟର କରାଯିବା ସହ ଉଭୟ ପାର୍ଶ୍ୱରେ ଡ୍ରେନ୍ ମଧ୍ୟ ନିର୍ମାଣ କରାଯିବା ନେଇ ଯୋଜନା ରହିଛି।

ଏହି ରିଂ ରୋଡ୍ ନିର୍ମାଣ ହେଲେ ଦୁଇଚକିଆ ଓ ଚାରିଚକିଆ ଯାନ ଦେଇ ସହରରେ ଚଳପ୍ରଚଳ କରିବାରେ ସୁବିଧା ହେବ । ଫଳରେ ସହର ଦେଇ ଯାଉଥିବା ୩୨୬ନଂ. ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣା ଉପରେ ଏକ ପ୍ରକାର ଅଙ୍କୁଶ

### ୬ କୋଟି ବ୍ୟୟରେ ନିର୍ମାଣ ହେବ ରାସ୍ତା

ଲାଗିପାରିବ ଏବଂ ଲୋକଙ୍କ ଜୀବନ ସୁରକ୍ଷିତ ରହିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଏଭଳିକି ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ମଝିଘରିଆଣୀ ମନ୍ଦିର ଦର୍ଶନ ପାଇଁ ଟ୍ରେନ୍‌ରେ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏହା ବେଶ୍ ସହାୟକ ହେବ ବୋଲି କୁହାଯାଉଛି। ରିଂ ରୋଡ୍ ମହର୍ଷି ବିଦ୍ୟାମନ୍ଦିର ଦେଇ କସ୍ତୁରୀନଗରସ୍ଥିତ ଦଧିବାମନ ମନ୍ଦିର ପାର୍ଶ୍ୱ ଦେଇ ଏହି ରାସ୍ତା ଜାତୀୟ ରାଜପଥର ସାଇ ଇଣ୍ଟରନ୍ୟାଶନାଲ ଛକରେ ମିଶିବ । ସେଠାରୁ ବାରିଖୋଲା ଦେଇ ଲୋକେ ସିଧାସଳଖ କୋରାପୁଟ ରୋଡ୍‌ରେ ଥିବା ସିକିଙ୍ଗଣାଠାରେ ବାହାରିପାରିବେ ବୋଲି ଅଧୀକ୍ଷଣ ଯନ୍ତ୍ରୀ ମିଶ୍ର କହିଛନ୍ତି । ତେବେ ରାଜସ୍ୱ ବିଭାଗ ନିକଟରୁ ମିଳିଥିବା ତଥ୍ୟ ପ୍ରକାରେ କେତେଜଣ ଲୋକଙ୍କ ଜମି ଅଧିଗ୍ରହଣ କରାଯିବ । ଏହାପରେ ରାସ୍ତା ନିର୍ମାଣ ହେବ ବୋଲି ଜଣାପଡ଼ିଛି। ତେବେ ଏହି ରିଂ ରୋଡ୍ ସମ୍ପୂର୍ଣ୍ଣ ନିର୍ମାଣ ହେଲେ ରାୟଗଡ଼ା ସହରବାସୀ ବେଶ୍ ଉପକୃତ ହେବେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

# ଆବଶ୍ୟକ ସମୟରେ ମିଳୁନି ଜୁଡିସିଆଲ ଷ୍ଟାମ୍ପ, ପେପର

ରାୟଗଡ଼ା,୧୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋର୍ଟରେ ଷ୍ଟାମ୍ପ ପେପର ଓ ଜୁଡିସିଆଲ ଷ୍ଟାମ୍ପ ପାଇଁ ଉଭୟ ଆଇନଜୀବୀ ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାର୍ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି ବୋଲି ରାୟଗଡ଼ା ବାର୍ ଆସୋସିଏଶନ ସାଧାରଣ ସମ୍ପାଦକ ମଙ୍ଗଳମୂର୍ତ୍ତି ବେଉରିଆ କହିଛନ୍ତି । ସେହି ସମାନ ଅଭିଯୋଗ କରିଛନ୍ତି ବରିଷ୍ଠ ଆଇନଜୀବୀ ନବ କୁମାର କଣ୍ଟା ।

ସୂଚନା ଅନୁଯାୟୀ, ରାୟଗଡ଼ା ସହରରେ ୩ ଜଣ ଷ୍ଟାମ୍ପ ଭେଣ୍ଡର ଲାଇସେନ୍ସ ପାଇଥିବା ବେଳେ କୋର୍ଟ ପରିସରରେ କେହି ୪ଘଣ୍ଟା ମଧ୍ୟ ବସୁନାହାନ୍ତି । ଏଭଳିକି ସେମାନଙ୍କ ଘରକୁ ଯାଇ ଷ୍ଟାମ୍ପ ମାଗିଲେ ମଧ୍ୟ ମିଳୁ ନ ଥିବା ବାର୍ ଆସୋସିଏଶନ ମେମ୍ବର ଓ ଜନସାଧାରଣ ଅଭିଯୋଗ

### ନିର୍ଦ୍ଧାରିତ ସମୟରେ କୋର୍ଟରେ ବସୁନାହାନ୍ତି ଷ୍ଟାମ୍ପ ଭେଣ୍ଡର

କରିଛନ୍ତି। କୋର୍ଟ ପରିସରରେ ବସି ଷ୍ଟାମ୍ପ ବିକ୍ରିକରିବା ନେଇ ନିୟମ ରହୁଥିବା ବେଳେ ଜଣେ ଭେଣ୍ଡର ଅଳ୍ପ ସମୟ ରୁହନ୍ତି ଏବଂ ଅନ୍ୟ କେହି ଆସନ୍ତି ନାହିଁ ବୋଲି ଆଇନଜୀବୀ ବେଉରିଆ କହିଛନ୍ତି । ୧୦ଟଙ୍କିଆ ନନ୍‌ଜୁଡିସିଆଲ ଷ୍ଟାମ୍ପ ପେପର ସାଧାରଣତଃ ଅଧିକ ଆବଶ୍ୟକ ପଡ଼ିଥାଏ । ହେଲେ ଆବଶ୍ୟକ ସମୟରେ ତାହା ମିଳିବା କଷ୍ଟକର ହୋଇପଡୁଛି ବୋଲି ସେ କହିଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଆଉ କିଛି ଷ୍ଟାମ୍ପ ଭେଣ୍ଡର ନିଯୁକ୍ତି ଦେବା ସହିତ କୋର୍ଟରେ ନିର୍ଦ୍ଧାରିତ ସମୟରେ ବସିବା ପାଇଁ କଡ଼ା ନିର୍ଦ୍ଦେଶନାମା ରହିବା ଆବଶ୍ୟକ ବୋଲି ଆଇନଜୀବୀମାନେ ମତ ପ୍ରକାଶ କରିଛନ୍ତି ।


କୋର୍ଟ ପରିସରରେ ବସିଥିବା ଷ୍ଟାମ୍ପ ଭେଣ୍ଡର ।

# ନୋଡାଲ ହାୟର ସେକେଣ୍ଡାରି ସ୍କୁଲରେ କ୍ରୀଡ଼ା ଉତ୍ସବ


ଦୌଡ଼ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀ।

ମୁନିଗୁଡ଼ା,୧୬।୧୨ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ାର ନୋଡାଲ ହାୟର ସେକେଣ୍ଡାରି ସ୍କୁଲରେ ପିଏମ୍‌ଶ୍ରୀ ଯୋଜନାରେ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ମାଝୀ ନେତୃତ୍ୱ ଓ ବରିଷ୍ଠ କ୍ରୀଡା ଶିକ୍ଷକ କୃଷ୍ଣ ପ୍ରସାଦ ଗୌଡ଼ ଓ ଏସ୍.କେ. ଜାବିରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାଇସ୍କୁଲ ପରିଚାଳନା କମିଟିର ସଭାପତି ନନ୍ଦ କିଶୋର ପଟ୍ଟନାୟକ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନକରି କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ଛାତ୍ରୀଛାତ୍ର ବନ୍ଧୁତ୍ୱପୂର୍ଣ୍ଣ ଭାବେ ଖେଳିବା ସହ ଭାଇଚାରା ରଖିବା ଓ କୌଣସି ଆକ୍ରୋଶମୂଳକ ମନୋଭାବ ନ ରଖି ଖେଳିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଖେଳରେ ହାରିବା ଓ ଜିତିବା ରହିଛି, ତେଣୁ ସମସ୍ତ ଛାତ୍ରୀଛାତ୍ର ଖେଳରେ ଭାଗନେବାକୁ କହିଥିଲେ । ଏହି ଅବସରରେ ସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଏମ୍.ସାଇଲକ୍ଷ୍ମୀ, ସୁନିତା ପାଣି, ବିଜ୍ଞାନୀ ଗୌଡ଼, ସୋମନ ଶବରଙ୍କ ମିଳିତ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ଦୌଡ଼, ଲମ୍ବା ଡିଆଁ,ଡିସ୍କସ ଥ୍ରୋ, ଶର୍ଟପୁଟ୍ ଥ୍ରୋ ଆଦି ସହ ଅନ୍ୟାନ୍ୟ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଟଙ୍କଧର ମାଝୀ, ସାର୍ଥକ ଚୌଧୁରୀ, ଦୀପ୍ତିମାନ କାଡ୍ରାକା, ଶିକ୍ଷୟିତ୍ରୀ ବାଣିଶ୍ରୀ ପଣ୍ଡା, ଅଦିତି ଚୌଧୁରୀ, ମାଧୁରୀ ତ୍ରିପାଠୀ, ନନ୍ଦିନୀ ଦାସ, ଅନିତା ସ୍ୱାଇଁ, ରଶ୍ମିରେଖା ମହାପାତ୍ର, ଅଧ୍ୟାପକ ଅଭିଷେକ ପଣ୍ଡା, ସିଦ୍ଧାନ୍ତ କୁମାର ଭୋଇ, ସିଦ୍ଧାର୍ଥ ମଲ୍ଲିକ, ଅଧ୍ୟାପିକା ପୂଜା ଷଡ଼ଙ୍ଗୀ,ସୋମିଆ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ପରିଚାଳନା କରୁଛନ୍ତି। ଉକ୍ତ କ୍ରୀଡ଼ା ଉତ୍ସବ ୨ଦିନ ଧରି ଚାଲିବା ସହ ଆସନ୍ତା ୨୦ ତାରିଖରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବାସହ ବିଭିନ୍ନ କ୍ରୀଡ଼ାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

### ବନ୍ଧୁତ୍ୱପୂର୍ଣ୍ଣ ଭାବେ ଖେଳିବା ସହ ଭାଇଚାରା ରଖିବାକୁ ପରାମର୍ଶ

# ଗୁଣପୁରରେ ୫ ଓଆରଏସ୍ ଅଧିକାରୀଙ୍କୁ ନିଯୁକ୍ତି

ଗୁଣପୁର,୧୬।୧୨(ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟ ସରକାର ରାୟଗଡ଼ା ଜିଲା ଗୁଣପୁରରେ ୫ ଜଣ ଓଆରଏସ୍ ଅଧିକାରୀଙ୍କୁ ମଙ୍ଗଳବାର ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣ ସହକାରୀ ଜିଲାପାଳ ଏବଂ ୨ ଜଣ ଅତିରିକ୍ତ ତହସିଲଦାର ଏବଂ ଜଣେ ସବ୍ ରେଜିଷ୍ଟରଙ୍କୁ ନିଯୁକ୍ତି ମିଳିଛି । ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପାଇଁ ନିଯୁକ୍ତି ପାଇଥିବା ୨ଜଣ ସହକାରୀ ଜିଲାପାଳ ହେଲେ ଦୀପା ରାଣୀ ବେହେରା ଏବଂ ବିନୋଦ କୁମାର ଶବର । ସେହିପରି ଦୁଇ ଜଣ ଅତିରିକ୍ତ ତହସିଲଦାର ହେଲେ ଅଭିଲାଷ ଶତପଥୀ ଏଂ ଲିପ୍ସା କହଁର। ଜଣେ ସବ ରେଜିଷ୍ଟର ଭାବେ କଣ୍ଡାଗିରି ଧୀରେନ୍ଦ୍ର କୁମାରଙ୍କୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଏହି ନୂତନ ନିଯୁକ୍ତି ପରେ ରାଜସ୍ୱ ବିଭାଗରେ ବିଭିନ୍ନ କାର୍ଯ୍ୟରେ ଅଗ୍ରଗତି ଘଟିବ ବୋଲି ଆଶା ପ୍ରକାଶ ପାଇଛି ।

# ବିଧାୟକଙ୍କ ଫୋନ୍ ପରେ ସୀମାଦ୍ରିଙ୍କ ପରିବାରକୁ ମିଳିଲା ରାଶନ କାର୍ଡ

ଗୁଡାରି,୧୬।୧୨
(ପ୍ରମୋଦ କୁମାର ପତି )

ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ଫୋନ୍ କଲ୍‌ର ୭୨ ଘଣ୍ଟା ଭିତରେ ଗୁଡାରି ସହରର ବଡ଼ କୁମୁଟିସାହିରେ ବାସ କରୁଥିବା ସୀମାଦ୍ରିଙ୍କ ପରିବାରକୁ ମିଳିଲା ରାଶନ କାର୍ଡ। ସୂଚନା ମୁତାବକ, ବଡ଼ କୁମୁଟିସାହିରେ ବାସ କରୁଥିବା ସୀମାଦ୍ରି ସାନମୁଖା ଓ ତାଙ୍କ ପୁଅ ସୀମାଦ୍ରି ତିରୁମାଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ଖବରପାଇ ବିଧାୟକ ଗମାଙ୍ଗ ତାଙ୍କ ଘରକୁ ଗତ ଶନିବାର ସନ୍ଧ୍ୟାରେ ଯାଇଥିଲେ। ସେଠାରେ ସେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ରାଶନ କାର୍ଡ ନ ଥିବା ଜାଣିବାକୁ ପାଇଥିଲେ। ବିଧାୟକ ଗମାଙ୍ଗ ସଙ୍ଗେସଙ୍ଗେ ସ୍ଥାନୀୟ ଯୋଗାଣ ନିରୀକ୍ଷକଙ୍କୁ ଫୋନ୍ କରି ସୀମାଦ୍ରିଙ୍କ ପରିବାରକୁ ରାଶନ କାର୍ଡ ପ୍ରଦାନ ନିମନ୍ତେ କହିଥିଲେ। ଯୋଗାଣ ନିରୀକ୍ଷକ ସମସ୍ତ ନଥିପତ୍ର ଯାଞ୍ଚ କରିବା ସହ ମଙ୍ଗଳବାର ସୀମାଦ୍ରି ପରିବାରଙ୍କୁ ରାଶନ କାର୍ଡ ପ୍ରଦାନ କରିଛନ୍ତି। ସୀମାଦ୍ରିଙ୍କ ପରିବାରର ଉଭୟ ପିତା ଓ ପୁତ୍ରଙ୍କୁ ଉଚ୍ଚ ଚିକିତ୍ସା ନିମନ୍ତେ ଜିଲା ଅଧିକାରୀଙ୍କ ସହ ଯୋଗାଯୋଗ କରିଛି ଏବଂ ଉଭୟଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ସହଯୋଗ କରାଯିବ ବୋଲି ବିଧାୟକ ଗମାଙ୍ଗ କହିଛନ୍ତି । ତେବେ ରାଶନ କାର୍ଡ ପାଇବା ପରେ ପରିବାରବର୍ଗ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।


ଏମ୍‌ପି ପ୍ରତିନିଧି ଏସ୍. ମୀନକେଶ ସୀମାଦ୍ର ପରିବାରଙ୍କୁ ରାଶନ କାର୍ଡ ହସ୍ତାନ୍ତର କରୁଛନ୍ତି।

# ଜିଆଇଆଇଟି ଚାମ୍ପିୟନ, ଏକଲବ୍ୟ ରନର ଅପ୍

ଗୁଣପୁର ୧୬।୧୨( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଅଫିସ ପଡ଼ିଆରେ ଆୟୋଜିତ ଚଇତି ଟେପ୍ ଏଣ୍ଡ ହିଟ୍ ଭଲିବଲ ପ୍ରତିଯୋଗିତାରେ ଗାନ୍ଧୀ ବିଶ୍ୱବିଦ୍ୟାଳୟ ଦଳ ବିକ୍ରମପୁର ଏକଲବ୍ୟ ଆଦର୍ଶ ବିଦ୍ୟାଳୟକୁ ପରାସ୍ତକରି ଚାମ୍ପିୟନ ହୋଇଛି। ମଙ୍ଗଳବାର ସକାଳେ ଏହି ପ୍ରତିଯୋଗିତାକୁ ଚଇତି କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ଅଭିଷେକ ଦିଲୀପ ଦୁଧାଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ପ୍ରଥମେ ମ୍ୟାଚରେ ଏକଲବ୍ୟ ଦଳ ୨୫-୧୯ ପଏଣ୍ଟରେ ବିଜୟ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଗାନ୍ଧୀ ବିଶ୍ୱବିଦ୍ୟାଳୟ ଦଳ ସୁନ୍ଦର ଭାବରେ ଖେଳି ୨୫-୧୫ ପଏଣ୍ଟରେ ବିଜୟ ହୋଇ ସ୍ଥିତି ବରାବର କରିଥିଲା। ଚୂଡ଼ାନ୍ତ ତୃତୀୟ ମ୍ୟାଚରେ ଗାନ୍ଧୀ ବିଶ୍ୱବିଦ୍ୟାଳୟ ଦଳ ବିକ୍ରମପୁର ଏକଲବ୍ୟ ଦଳକୁ ୧୫-୧୦ ସ୍କୋରରେ ପରାସ୍ତକରି ଚାମ୍ପିୟନ ହୋଇଥିଲେ।

### ଚଇତି ଉପଲକ୍ଷେ ଭଲିବଲ ପ୍ରତିଯୋଗିତା

ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଏକଲବ୍ୟ ଦଳ ଗାନ୍ଧୀ ପବ୍ଲିକ ସ୍କୁଲ ଏବଂ ଗାନ୍ଧୀ ବିଶ୍ୱବିଦ୍ୟାଳୟ ଦଳ ଭାରସିଂ ଉଚ୍ଚ ବିଦ୍ୟାଳୟ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଗୁଣପୁର ବିଦ୍ୟାନିକେତନ ପବ୍ଲିକ ସ୍କୁଲ, ଜଗନ୍ନାଥ ପବ୍ଲିକ ସ୍କୁଲ, ଉଚ୍ଚ ବାଳକ ବିଦ୍ୟାଳୟ ସମେତ ମୋଟ ୭ ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରେଫରି ଭାବେ କ୍ରୀଡ଼ା ଶିକ୍ଷକ ରମାକାନ୍ତ ମିଶ୍ର, ଜୟ ପ୍ରକାଶ ସାହୁ, ରବୀନ୍ଦ୍ର ପଣ୍ଡା ଦାୟିତ୍ୱ ତୁଲାଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟ ଅତିଥି ଭାବେ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ଚଇତି କ୍ରୀଡ଼ା କମିଟିର ଅଧ୍ୟକ୍ଷ ସ୍ୱସ୍ତିକ ଜମାଦାର, ଓମ୍ବୁଡ୍ସମ୍ୟାନ ଅକ୍ଷୟ କୁମାର ଦାଶ, ଖବରଦାତା ତ୍ରିନାଥ ଖାଡ଼ଙ୍ଗା, କ୍ରୀଡ଼ା କମିଟିର ଆବାହାକ ତଥା ବ୍ଲକ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା, ଭାଜପା ରାଷ୍ଟ୍ରୀୟ ପରିଷଦ ସଭ୍ୟ ୱାଇ ଗଣପତି, ପୌର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, ରାଜ୍ୟ ଯୁବ ବିଜେଡି ଉପ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ରାମଚନ୍ଦ୍ର ପଣ୍ଡା , ବନ୍ଧନ ବ୍ୟାଙ୍କ ପରିଚାଳକ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ଓ ଜାତୀୟ ସ୍ତରରେ ଟେପ ଏଣ୍ଡ ହିଟ୍ ଭଲିବଲ ଖେଳକୁ କେବଳ ମାନ୍ୟତା ଦିଆଯାଇଥିବାରୁ ଚଳିତ ଥର ପ୍ରଥମକରି ଟେପ ଏଣ୍ଡ ହିଟ୍ ଭଲି ପ୍ରତିଯୋଗିତାକୁ ଆୟୋଜନ କରାଯାଇଥିଲା ବୋଲି କ୍ରୀଡ଼ା କମିଟି ଅଧ୍ୟକ୍ଷ ଜମାଦାର ସୂଚନା ଦେଇଥିଲେ। ଏଣିକି ସ୍କୁଲ , କଲେଜଗୁଡିକରେ ଏହି ଖେଳକୁ ବହୁଳ ମାତ୍ରାରେ ଅଭ୍ୟାସ କରିବା ନିମନ୍ତେ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। କ୍ରୀଡ଼ା କମିଟିର ସଦସ୍ୟ ସପନ ଦାଶ, ରବୀନ୍ଦ୍ର କୁମାର ପଣ୍ଡା, କିରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।


ଉପଜିଲାପାଳ ଏବଂ ଅନ୍ୟ ଅତିଥି ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ କରୁଛନ୍ତି।

# କମୁଛି ଖଲିପତ୍ରର ଚାହିଦା, ଜୀବିକା ହରାଉଛନ୍ତି ଆଦିବାସୀ

ରାୟଗଡ଼ା,୧୬।୧୨(ଆଶିଷ ରଞ୍ଜନ ପଣ୍ଡା)

ବିବାହ, ବ୍ରତଠାରୁ ଆରମ୍ଭ କରି ମନ୍ଦିର, ପିକ୍‌ନିକ୍ ଆଦିରେ ପୂର୍ବରୁ ବ୍ୟବହାର ହେଉଥିଲା ସବୁଜ ଖଲିପତ୍ର (ଶିଆଳିପତ୍ର)। ହେଲେ ରେଡିମେଡ୍ ପେପର ପ୍ଲେଟ୍ ବଜାରରେ ପ୍ରବେଶ କରିବା ପରେ ଆଉ ଖଲିପତ୍ରର ବ୍ୟବହାର ହେଉନାହିଁ। ବିଭିନ୍ନ ଭୋଜିରେ ଏବେ ଆଦୃତ ହେଉଛି ପେପର ପ୍ଲେଟ୍ । ଖଲିପତ୍ରର ଚାହିଦା କମିଯିବାରୁ ଜୀବିକା ହରାଉଛନ୍ତି ଆଦିବାସୀ ମହିଳା। ପୂର୍ବରୁ ଖଲି ପତ୍ରରେ ଖାଇବା ପରେ ତାହାକୁ ଫୋପାଡ଼ି ଦିଆଗଲେ ମଧ୍ୟ ତାହା ମାଟିରେ ମିଶି ଏହାର ଉର୍ବରତା ବଢ଼ାଉଥିଲା । କିନ୍ତୁ ବର୍ତ୍ତମାନ ପେପର ପ୍ଲେଟ୍‌ର ବହୁଳ ଭାବେ ବ୍ୟବହାରକରି ଏଣେତେଣେ ଫୋପାଡ଼ିବା ଦ୍ୱାରା ପରିବେଶ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି।

ରାୟଗଡ଼ା ଜିଲାର ସବୁଜ ବନାନୀ ମଧ୍ୟରେ ଲମ୍ବା ଲମ୍ବା ମାଳ ହୋଇ ଶିଆଳିପତ୍ର ଝୁଲୁଛି । ବିଶେଷକରି କଲ୍ୟାଣସିଂହପୁର ବ୍ଲକ୍‌ର ନିୟମଗିରି ପାହାଡ଼ ଅଞ୍ଚଳରେ ସ୍ଥାନୀୟ ଆଦିବାସୀ ମହିଳା ଏହି ଶିଆଳି ପତ୍ର ସଂଗ୍ରହକରି ମୁଣ୍ଡରେ ବୋହି ଘରକୁ ଆଣିଥାନ୍ତି । ଏହାପରେ ଘରେ ବସି ୭ରୁ ୮ଟି ଲେଖାଏ ପତ୍ରକୁ ବାନ୍ଧି ବିଡ଼ା ବିଡ଼ା କରି ଏହାକୁ ବଜାରକୁ ନେଇ ବିକ୍ରି କରନ୍ତି ଏବଂ ସେଥିରୁ ଯାହା ମିଳେ ସେଥିରେ ପରିବାର ଚଳାଇଥାନ୍ତି । କିନ୍ତୁ ଆଧୁନିକ ଯୁଗରେ ସମୟକ୍ରମେ ରଙ୍ଗବେରଙ୍ଗ ଓ ଡିଜାଇନ ପେପର ପ୍ଲେଟ୍‌ର ବ୍ୟବହାର ଯୋଗୁ ଶିଆଳିପତ୍ରରେ ପ୍ରସ୍ତୁତ ଖଲିପତ୍ର ବ୍ୟବହାର ବହୁତ କମିଯାଇଛି। ଏଭଳିକି ସହରାଞ୍ଚଳ ତ ଦୂରର କଥା ଗ୍ରାମାଞ୍ଚଳରେ ମଧ୍ୟ ଆଉ ବ୍ୟବହାର ହେଉନାହିଁ ଏହି ଖଲିପତ୍ର । ଫଳରେ ଖଲିପତ୍ର ବିକ୍ରିକରି ନିଜ ପରିବାର ଚଳାଉଥିବା ଆଦିବାସୀ ମହିଳା ରୋଜଗାର ହରାଉଛନ୍ତି ବୋଲି ନିୟମଗିରି ବାସିନ୍ଦା ଡ୍ରିଞ୍ଜୀ ସିକ୍କା କହିଛନ୍ତି। ଖଲିପତ୍ର ଆଉ ଆଗ ଭଳି ବିକ୍ରି ହେଉ ନ ଥିବାରୁ ଆମ ଜୀବିକା ଏବେ ସଙ୍କଟରେ ବୋଲି ଖଲିପତ୍ର ସଂଗ୍ରହକାରୀ ଲକ୍ଷ୍ମଣ ସିକ୍କା କହିଛନ୍ତି । ଅନ୍ୟପକ୍ଷେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ଏବେ ବି ଖଲିପତ୍ରର ଚାହିଦା ଥିବାରୁ କେତେଜଣ ଦଲାଲ ଗରିବ ଖଟିଖିଆଙ୍କଠାରୁ ଏହି ଶିଆଳିପତ୍ର କମ୍ ଦରରେ ନେଇ ଆନ୍ଧ୍ରପ୍ରଦେଶରେ ଅଧିକ ଦରରେ ବିକ୍ରିକରି ବେଶ୍ ମୁନାଫା କମାଉଛନ୍ତି ବୋଲି ଜଣେ ବ୍ୟବସାୟୀ ନୀହାର ରଞ୍ଜନ କହିଛନ୍ତି ।

ତେବେ ଖଲିପତ୍ର ବଦଳରେ ବ୍ୟବହୃତ ହେଉଥିବା ପେପର ପ୍ଲେଟ୍ ଯୋଗୁ ପରିବେଶ ଦୂଷିତହେବା ସହ କେମିକାଲ ଯୁକ୍ତ ପେପର ପ୍ଲେଟ୍ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ବୋଲି ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ଗନ୍ତାୟତ କହିଛନ୍ତି । ଏଭଳିକି ପେପର ପ୍ଲେଟ୍ ମଣିଷର ସ୍ୱାସ୍ଥ୍ୟ ପାଇଁ ହାନିକାରଣ ହୋଇଥିଲେ ହେଁ ସରକାରୀ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ବିବାହ, ବ୍ରତ, ମନ୍ଦିର ପ୍ରସାଦ ସେବନ ସବୁଠାରେ ଏହା ବେଧଡ଼କ ଭାବେ ବ୍ୟବହାର ହେଉଛି । ତେଣୁ ମଣିଷର ଉତ୍ତମ ସ୍ୱାସ୍ଥ୍ୟ ଓ ଏକ ଉତ୍ତମ ପରିବେଶ ଓ ବିଶୁଦ୍ଧ ଜଳବାୟୁ ପାଇଁ ପେପର ପ୍ଲେଟ ବନ୍ଦ କରି ଖଲିପତ୍ର ବ୍ୟବହାର କରିବାକୁ ବାଧ୍ୟ କରିବା ଉଚିତ ବୋଲି ପରିବେଶବିତ ତଥା ଅବସରପ୍ରାପ୍ତ ଅଧ୍ୟାପକ ଡ. ଦୁଷ୍ମନ୍ତ କୁମାର ମହାନ୍ତି ମତପ୍ରକାଶ କରିଛନ୍ତି। ଅନ୍ୟପଟେ ଜଙ୍ଗଲ ଓ ପରିବେଶ ବିଭାଗ, ପୌର ବିଭାଗ ଆଦି ପକ୍ଷରୁ ପଲିଥିନ୍ ବ୍ୟବହାର ନ କରିବା ପାଇଁ ସଚେତନତା କରାଯାଉଥିବା ବେଳେ ଏହା କାଗଜ କଲମରେ ସୀମିତ ରହିଯାଉଛି ବୋଲି ଲୋକେ କହିଛନ୍ତି । ଖଲି ବା ଶିଆଳିପତ୍ର ପୂର୍ବରୁ ବନ ବିଭାଗ ଅଧୀନରେ ରହିଥିଲା ଏବଂ ବର୍ତ୍ତମାନ ଏହା ପଞ୍ଚାୟତିରାଜ ବିଭାଗ ଅଧୀନକୁ ଆସିଛି । ତେଣୁ ଖଲିପତ୍ର କିଭଳି ଲୋକଙ୍କ ଦ୍ୱାରା ପୁଣି ଥରେ ଆଦୃତ ହେବ ଏବଂ ଖଲିପତ୍ର ବିକାଳି ଉତ୍ତମ ରୋଜଗାର କରିପାରିବେ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କଲ୍ୟାଣସିଂହପୁର ବିଡିଓ ମନୀଷା ଦାଶ କହିଛନ୍ତି ।


ଆଦିବାସୀ ମହିଳା ଶିଆଳି ପତ୍ରରୁ ଖଲି ପ୍ରସ୍ତୁତ କରୁଛନ୍ତି ।

### ପେପରପ୍ଲେଟ୍ ବ୍ୟବହାର ଯୋଗୁ ଦୂଷିତ ହେଉଛି ପରିବେଶ


ମହିଳାମାନେ ଜଙ୍ଗଲରୁ ଶିଆଳିପତ୍ର ସଂଗ୍ରହ କରି ଫେରୁଛନ୍ତି ।

**୫ ନିଶାସକ୍ତ ଗିରଫ**

ଜୟପୁର, (ପବନ ପାଣିଗ୍ରାହୀ): ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଅଭିଯୋଗରେ ୫ ଜଣଙ୍କୁ ଜୟପୁର ଟାଉନ ପୋଲିସ ଗିରଫ କରିଛି। ସେମାନଙ୍କୁ ନୋଟିସ ପରେ ତାଗିଦ କରି ଛଡ଼ାଯାଇଥିବା ଟାଉନ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ଗାଡ଼ି ଚାଳକଙ୍କୁ ବ୍ରେଥଆନାଲାଇଜର ରେ ଚେକିଂ କରି ୪୦ ଏମଜିରୁ ଅଧିକ ଥିବା ଲୋକଙ୍କୁ ଅଟକ ରଖି ସେମାନଙ୍କ ନାମରେ ମାମଲା ରୁଜୁ କରାଯାଉଛି। ଗାଡିଚାଳକ ମାନେ ଆବଶ୍ୟକ କାଗଜପତ୍ର ଦାଖଲ ଏବଂ କୋର୍ଟରେ ଜରିମାନା ଦେଇ ଏନଓସି ଆଣିବା ପରେ ଜବତ ଗାଡି ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।



## ସଂକ୍ଷେପରେ

### ଗଞ୍ଜେଇ ଚାଲାଣବେଳେ ୨ ଅଭିଯୁକ୍ତ ଗିରଫ

ଜୟପୁର,୧୬।୧୨(ପବନ ପାଣିଗ୍ରାହୀ)

ଗଞ୍ଜେଇ ଚାଲାଣବେଳେ ଜୟପୁର ସଦର ପୋଲିସ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମାଛକୁଣ୍ଡ ଥାନା ବିଜାଗୁଡା ଗ୍ରାମର ଗୋପୀ ବଡ଼ନାୟକ ଓ ବୈପାରୀଗୁଡ଼ା ଥାନା ବୋମେଲ ଗ୍ରାମର କୃଷ୍ଣ ଗାଦବା। ପୋଲିସ ସୂଚନାନୁଯାୟୀ ସଦର ଥାନା ଏଏସଆଇ ଅମିୟ ରଞ୍ଜନ ଶଗରିଆ, ବିଦ୍ୟାଧର ମାଝିଙ୍କ ନେତୃତ୍ୱରେ ପୋଲିସ ଜୟପୁର-ମାଲକାନଗିରି ରାସ୍ତା ୩୨୬ ନମ୍ବର ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିଲେ। ଜବାକନାଡ଼ି ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଟ୍ରାକ୍ଟର ପୋଲିସକୁ ଦେଖି ଅଟକି ଯାଇଥିଲା। ପୋଲିସ ଟ୍ରାକ୍ଟର ଯାଞ୍ଚ କରି ଏହାର ଟ୍ରଲିର ଏକ ଗୁପ୍ତ ଚାମ୍ବରରୁ ୧ କୁଇଣ୍ଟାଲ ୯୬ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଉକ୍ତ ଗଞ୍ଜେଇକୁ ଏହାକୁ ମାଛକୁଣ୍ଡ ଥାନା ଅଞ୍ଚଳରୁ ଅଣାଯାଇ ଜୟପୁର ସହର କିମ୍ବା ଆଖାପାଖ ଗ୍ରାମାଞ୍ଚଳରେ ବେପାରୀଙ୍କୁ ଦେବାକୁ ନିଆଯାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ଜୟପୁର ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### କୋରାପୁଟରୁ ଖେଳିବେ ବିକାଶ, ଅରିଜିତ


ଅରିଜିତ ମହାପାତ୍ର


ବିକାଶ ସାହୁ

ଜୟପୁର, ୧୬।୧୧(ପବନ ପାଣିଗ୍ରାହୀ)

ରାଉରକେଲା ସେକ୍ଟର ୫ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆସନ୍ତା ୧୮ରୁ ଅନୁଷ୍ଠିତ ହେବାକୁ ଥିବା ୨ ଦିନିଆ ନବମ ସର୍ବୋତ୍କୃଷ୍ଟ ପୁରୁଷ ଓ ମହିଳା ରାଜ୍ୟ ମୁଷ୍ଟି ଯୋଦ୍ଧା ଚୟନ ପ୍ରତିଯୋଗିତାରେ କୋରାପୁଟ, ଜୟପୁରରୁ ୨ ଜଣ ପ୍ରତିଯୋଗୀ ଖେଳିବେ। ୬୦-୬୫ କି. ଗ୍ରା. ବର୍ଗରେ ବିକାଶ ସାହୁ ଏବଂ + ୯୦ କି.ଗ୍ରା. ବର୍ଗରେ ଅରିଜିତ ମହାପାତ୍ର ଅଂଶଗ୍ରହଣ କରୁଛନ୍ତି। କୋରାପୁଟ ଜିଲାର ମୁଷ୍ଟିଯୁଦ୍ଧ କ୍ରୀଡ଼ା ପ୍ରତି ଅନେକଙ୍କ ଉତ୍ସାହ ଓ ଆକର୍ଷଣ ଥିବା ସତ୍ତ୍ୱେ ଏଠାରେ କୌଣସି ଆବଶ୍ୟକ ଭିତ୍ତିଭୂମି ନାହିଁ। ଅନେକ ଅନ୍ତରାୟ ସତ୍ତ୍ୱେ ମୁଷ୍ଟିଯୁଦ୍ଧ ପ୍ରଶିକ୍ଷଣ ନେଉଥିବା ଯୁବକଙ୍କୁ ଚୟନକରି କୋରାପୁଟ ଜିଲାରୁ ପ୍ରତିନିଧିତ୍ୱ କରିବାକୁ ପଠାଯାଉଛି ବୋଲି ଜିଲା କ୍ରୀଡ଼ା ସମ୍ପାଦକ ରବି ନାୟକ କହିଛନ୍ତି , ସେ ଉଭୟ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# 'ଦେଓମାଳିର ସୁନ୍ଦର ପ୍ରକୃତି, ପରିବେଶକୁ ଅନୁଭବ କର'


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିରେ ପାଳନ ହେଲା ଦେଓମାଳି ଉତ୍ସବ**

**■ପର୍ଯ୍ୟଟକଙ୍କୁ ଆକୃଷ୍ଟ ସହ ପରବ ପାଇଁ ଲୁକ୍କାୟିତ ପ୍ରତିଭା ଖୋଜିବା ଉଦ୍ଦେଶ୍ୟ**

ପଟ୍ଟାଙ୍ଗି/କୋରାପୁଟ, ୧୬।୧୨
(ଶରତ କୁମାର ଧଳ/ଅମିତାଭ ବେହେରା)

କୋରାପୁଟର ଭୂସ୍ୱର୍ଗ କୁହାଯାଉଥିବା ଓଡ଼ିଶାର ଉଚ୍ଚତମ ଶୃଙ୍ଗ ପଟ୍ଟାଙ୍ଗି ବ୍ଲକ ସ୍ଥିତ ଦେଓମାଳି ପର୍ବତ ଉପରେ ମଙ୍ଗଳବାର ଦେଓମାଳି ଉତ୍ସବ ପାଳନ କରାଯାଇଛି। ଦେଓମାଳିକୁ ଆହୁରି ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଦେଓମାଳି ଉତ୍ସବ ପାଳନ କରାଯାଇଥିବା କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଅତିଥିଭାବେ ଯୋଗଦେଇ ମତ ଦେଇଛନ୍ତି। ସେ ଦେଓମାଳିକୁ ଓଡ଼ିଶାର ସୁଇଜରଲାଣ୍ଡ ବୋଲି କହିଛନ୍ତି। ଓଡ଼ିଶାରେ ରହି ଥରେ ଦେଓମାଳି ନ ଆସିବର ଦୁଃଖର ବିଷୟ। ଏଠାକୁ ଆସି ଏହି ସୁନ୍ଦର ପ୍ରକୃତି ଓ ପରିବେଶକୁ ଅନୁଭବ କରିବାକୁ ସେ କହିଥିଲେ।

ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଦେଓମାଳି ଉତ୍ସବ ଆୟୋଜିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଉପଜିଲାପାଳ ପ୍ରେମଲାଲ ହିଆଲ, ସିଡିଓ ବେଣୁଧର ଶବର , କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ଆଇଏଏସ ସନ୍ତୋଷ ପାତ୍ର, ଜୋନ୍-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ୍ , ଜୋନ୍-୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ଗାଙ୍ଗରାପୁର ସମିତି ସଭ୍ୟା ବିମଳା ପାଙ୍ଗି, ସେମିଳିଗୁଡା ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟାବାରିଆ , ଉପାଧ୍ୟକ୍ଷ ସିବା ବାଙ୍ଗାରି , ଜିଲା ପରିଷଦ ସଭ୍ୟ ମୋହନ ଜାନି, ଚୈତନ୍ୟ ନନ୍ଦିବାଲି ଯୋଗ ଦେଇଥିଲେ। କୋରାପୁଟ ପୂର୍ବତନ ଏମ୍‌ପି ଝିନ୍ନ ହିକକା, ପୂର୍ବତନ ବିଧାୟକ ପିତମ ପାଢ଼ୀ, ପ୍ରଫୁଲ ପାଙ୍ଗି, କୋଟିଆ ସମିତି ସଭ୍ୟା ଅମ୍ବିକା ପାଙ୍ଗି , ପୂର୍ବତନ ଅଧ୍ୟକ୍ଷ ଜଗତ ଜ୍ୟୋତି ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି କିମ୍ବା କୋଟିଆ ସରପଞ୍ଚ ଲିଉ ଗେମେଲ୍‌ଙ୍କ ବ୍ୟତିତ ଅନ୍ୟ କେତେକ ପଞ୍ଚାୟତର ସରପଞ୍ଚ ମଧ୍ୟ ଅନୁପସ୍ଥିତ ଥିଲେ। ଏହାକୁ ନେଇ ଚର୍ଚ୍ଚା ହୋଇଥିଲା। ତେବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଗ୍ରାମାଞ୍ଚଳରେ ଲୁଚି ରହିଥିବା ବିଭିନ୍ନ ପ୍ରତିଭାଙ୍କୁ ଏହି ଉତ୍ସବର ମଞ୍ଚରେ ସ୍ଥାନ ଦେବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ କହିଛନ୍ତି। ଏଠାରେ ପ୍ରତିଭା ପ୍ରଦର୍ଶନ କରିବଥିବା କଳାକାରଙ୍କୁ ଜିଲାସ୍ତରରେ ହେବାକୁ ଥିବା ପରବ ମହୋତ୍ସବରେ ପରିବେଷଣ କରିବା ସୁଯୋଗ ଦିଆଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ରଙ୍ଗାରଙ୍ଗ କରିବା ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଢେମସା ନୃତ୍ୟ, ବିଭିନ୍ନ ପାରମ୍ପରିକ ନୃତ୍ୟ, ଓଡ଼ିଶୀ ନୃତ୍ୟ ଓ ମାଲକାନଗିରି ଜିଲାର କୋୟା ନୃତ୍ୟ ଜନସାଧାରଣ ଏବଂ ପର୍ଯ୍ୟକଙ୍କୁ ଆକୃଷ୍ଟ କରିଥିଲା। ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକଙ୍କ ସମେତ ବିଏସଏସଓ ସୁଧିର ସାହୁ, କୋଟିଆ ପିଇଓ କଣ୍ଡା ଗଲରୀ ଏବଂ ସମସ୍ତ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଭଶ୍ରୀ ଗନ୍ଥାୟତ ମଞ୍ଚ ପରିଚାଳନା କରିଥିଲେ।

# ଛେଳି, ମେଣ୍ଢା ପାଳନ ପ୍ରଶିକ୍ଷଣ ଶିବିର

ମାଲକାନଗିରି, ୧୬।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଛେଳି, ମେଣ୍ଢା ପାଳନ ସମ୍ବନ୍ଧୀୟ ୩ ଦିନିଆ ପ୍ରଶିକ୍ଷଣ ଶିବିର ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦେବୀପ୍ରସାଦ ଦାସ ଶିବିରକୁ ଉଦ୍‌ଘାଟନକରି ଛେଳି ଓ ମେଣ୍ଢା ପାଳନର ଉପାଦେୟତା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଆଜୋଲା ଚାଷ ମାଧ୍ୟମରେ ଛେଳି, ମେଣ୍ଢା ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ମଧ୍ୟ ଚାଷୀଙ୍କୁ ବୁଝାଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଗଗନ ଚରଣ ନାୟକ ଯୋଗଦାନକରି ଛେଳି ଓ ମେଣ୍ଢାଙ୍କୁ ରଖିବା ପାଇଁ ଭାଡ଼ି ପ୍ରଣାଳୀରେ ଘର ନିର୍ମାଣ ସମ୍ପର୍କରେ ଅବଗତ କରାଇଥିଲେ। ଉନ୍ନତ ପ୍ରଣାଳୀରେ ଛେଳି ଘର ନିର୍ମାଣ କିପରି କରାଯାଇପାରିବ ସେ ସମ୍ପର୍କରେ କହିଥିଲେ। ପରେ ଉପଖଣ୍ଡୀୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ରାଜେଶ କୁଅଁର ଛେଳିଙ୍କ ନିକଟରେ ଦେଖାଯାଉଥିବା ରୋଗ ଓ ତା'ର ପ୍ରତିଷେଧକ ଟିକା ସମ୍ପର୍କରେ ବୁଝାଇଥିଲେ। ମାଥିଲି ପ୍ରାଣୀ ଚିକିତ୍ସକ ଡ. ବିକାଶ ସର୍ଦ୍ଦାର ପାୱାର ପଏଣ୍ଟ ମାଧ୍ୟମରେ ଛେଳି ପାଳନର ସରକାରୀ ସହାୟତା ଓ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଛେଳି ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବହୁ ଉନ୍ନତ ପ୍ରଣାଳୀ ଛେଳି ଚାଷ ସମ୍ପର୍କରେ ଜାଣିପାରିଥିଲେ। ୩ ଦିନବ୍ୟାପୀ ହେବାକୁ ଥିବା ଏହି ଶିବିରରେ କ୍ଷେତ୍ର ପରିଦର୍ଶନ କରିବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୦ରୁ ଊର୍ଦ୍ଧ୍ୱ ଛେଳି, ମେଣ୍ଢା ଚାଷୀ ଅଂଶଗ୍ରହଣ କରଥିଲେ।


ଶିବିରରେ ଉପସ୍ଥିତ ଅତିଥି ଚାଷୀଙ୍କୁ ସଚେତନ କରୁଛନ୍ତି।

# ସରକାରଙ୍କ ସୁଶାସନର ପ୍ରଚାର ପାଇଁ ଭାଜପା କର୍ମୀଙ୍କୁ ଆହ୍ୱାନ

**ସୁଶାସନ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ**


ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମକର୍ତ୍ତା।

ନନ୍ଦପୁର,୧୬।୧୨ (ତୁଷାରକାନ୍ତ ମହାନ୍ତି )

ଆଗାମୀ ୨୫ ତାରିଖରେ ସୁଶାସନ ଦିବସ ପାଳନ ନିମନ୍ତେ ନନ୍ଦପୁର ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ଅଧୀନ ୨୩ ପଞ୍ଚାୟତର ସମସ୍ତ କର୍ମୀ ନିଜ ଅଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସୁଶାସନ ପ୍ରଣାଳୀ, ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିବା ସହ ଏହାର ବହୁଳ ପ୍ରଚାର ପ୍ରସାର କରିବାକୁ ପରାମର୍ଶ ଦିଆଯାଇଥିଲା। ଭେଜା ପଥପ୍ରାନ୍ତ ସେବାକେନ୍ଦ୍ରରେ ଅନୁଷ୍ଠିତ ବୈଠକରେ ଜିଲା ଭାଜପା ଉପ ସଭାପତି ସରୋଜ ମିଶ୍ର, ଜାତୀୟ ଭାଜପା କାଉନସିଲ ସଦସ୍ୟ ଜୟରାମ ଭୋଇ, ରାଜ୍ୟ ଭାଜପା କାଉନସିଲ ସଦସ୍ୟ ଭଗବାନ ମୁଦୁଲି, ନନ୍ଦପୁର ମଣ୍ଡଳ ସଭାପତି ତ୍ରିନାଥ ବାଟଘରିଆ, ପାଡୁଆ ମଣ୍ଡଳ ସମ୍ପାଦକ ଲକ୍ଷ୍ମଣ ଖରା, ପୂର୍ବତନ ମଣ୍ଡଳ ସଭାପତି ସୁଦର୍ଶନ ପାଙ୍ଗୀ, ବରିଷ୍ଠ ଭାଜପା ନେତା ଶେଖ୍ ଗଫୁର, ବ୍ଲକରେ ଥିବା ଶକ୍ତିକେନ୍ଦ୍ର (ବୁଥ) ର ପ୍ରମୁଖ ଓ ସହପ୍ରମୁଖ, ୨ଟି ମଣ୍ଡଳର ୬୧ ଜଣିଆ କାର୍ଯ୍ୟକାରୀ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଦଳୀୟ ସଂଗଠନ ଓ ଆଗାମୀ ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତ ରହିବାକୁ ଦଳୀୟ ପଦାଧିକାରୀ ଉପସ୍ଥିତ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆସନ୍ତା ୨୫ ତାରିଖରେ ନନ୍ଦପୁର ମଣ୍ଡଳ ସଭାପତି ତ୍ରିନାଥ ବାଟଘରିଆ ଓ ପାଡୁଆ ମଣ୍ଡଳ ସଭାପତି ରବି ରାମ ସିଂ ମଣ୍ଡଳର ପଦାଧିକାରୀ ଓ ବହୁଳ କର୍ମୀଙ୍କ ସହ ନନ୍ଦପୁର ସର୍ବେଶ୍ୱର ମନ୍ଦିର ଓ ପାଡୁଆ ବଡଦେବତା ମନ୍ଦିରରୁ ବାଇକ୍ ଶୋଭାଯାତ୍ରାରେ ବାହାରି ଭେଜା ପଥପ୍ରାନ୍ତ ସେବାକେନ୍ଦ୍ରରେ ଏକଜୁଟ ହେବେ ବୋଲି ସ୍ଥିର ହୋଇଥିଲା। ସେଠାରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ସୁଶାସନ ଦିବସ ପାଳନ କରାଯିବ। ଜିଲାସ୍ତରୀୟ ଭାଜପା ପଦାଧିକାରୀ ଉକ୍ତ ଦିନ ଉପସ୍ଥିତ ରହିବେ। ସୁଶାସନ ଦିବସ ପାଳନ ସହ ଏକ ମାସ ଧରି ଚାଲିଥିବା ଆତ୍ମନିର୍ଭର ଭାରତ ଯାତ୍ରାର ସମାପନ ଦିବସ ପାଳନ କରାଯିବ ବୋଲି ଉପସଭାପତି ସରୋଜ ମିଶ୍ର ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ପାପଡାହାଣ୍ଡି,୧୬।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି କାଠ କୋର୍ପୋରେସନ ସମ୍ମୁଖରେ ମଙ୍ଗଳବାର ୨ ବାଇକ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ ନବରଙ୍ଗପୁର ସେନାପତି ସାହିର ମୃତ୍ୟୁଞ୍ଜୟ ହିଆଲ ଓ ବିଜୟ ବେନିୟା ପାପଡ଼ାହାଣ୍ଡି ବ୍ଲକ ଚନ୍ଦ୍ରପୁର ଗ୍ରାମରୁ ସନ୍ଧ୍ୟାରେ ଘରକୁ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ପାପଡ଼ାହାଣ୍ଡି ଆସୁଥିବା ଏକ ବାଇକ ସହ ସେମାନଙ୍କ ଧକ୍କା ହୋଇଥିଲା। ଏଥିରେ ତିନି ଜଣ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା। ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ମୃତ୍ୟୁଞ୍ଜୟ ଓ ବିଜୟଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପାପଡ଼ାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଖବର ଲେଖା ଯିବା ସୁଦ୍ଧା ମୃତକଙ୍କ ପରିଚୟ ମିଳିନାହିଁ।

# ନବରଙ୍ଗପୁରରୁ ଭାଗନେବେ ୩୪ ଛାତ୍ରୀଛାତ୍ର

**ରାଜ୍ୟସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତା**

ନବରଙ୍ଗପୁର, ୧୬।୧୨(ସଦାଶିବ ପ୍ରହରାଜ)


ରାଜ୍ୟସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲାରୁ ୩୪ ଛାତ୍ରୀଛାତ୍ର ଭାଗନେବେ। ସେମାନେ ମଙ୍ଗଳବାର ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ମଙ୍ଗଳ ବିଭାଗ ବିଦ୍ୟାଳୟ ଦ୍ୱାରା ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ କରାଯାଇଥିଲା। ଏଠାରେ ଏକକ ସଙ୍ଗୀତ, ଦଳଗତ ନୃତ୍ୟ, ବିଜ୍ଞାନ ମେଳା, ବକ୍ତୃତା ଆଦି ପ୍ରତିଯୋଗିତାର ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩୪ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରରେ ଭାଗନେବାକୁ ଚୟନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଆଦିବାସୀ ପଡ଼ିଆରେ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସର୍ଗିଫୁଲ କାର୍ଯ୍ୟକ୍ରମରେ ସେମାନେ ଭାଗନେବେ। ଗାଇଡ୍ ଶିକ୍ଷକଙ୍କ ସମେତ ୩୯ ଜଣ ଗସ୍ତ କରିଥିବା ସୂଚନା ମିଳିଛି। ଏନେଇ ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ନିବେଦିତା ବିଶ୍ୱାଳ, କ୍ରୀଡ଼ା ପ୍ରଶିକ୍ଷକ କାଳୀକିଙ୍କର ପଟ୍ଟନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଓ ଶୁଭେଚ୍ଛା ଜଣାଇଛନ୍ତି।


ଭୁବନେଶ୍ୱର ଗସ୍ତରେ ବାହାରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

### ନନ୍ଦପୁରରେ ତୁଷାରପାତ

ନନ୍ଦପୁର/ ଲମତାପୁଟ, ୧୬।୧୨
(ତୁଷାରକାନ୍ତ ମହାନ୍ତି/ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ନନ୍ଦପୁର ଓ ଲମତାପୁଟ ବ୍ଲକ ଅଞ୍ଚଳର କୁଜାମ୍ବ ଓ କମେଲ ଗ୍ରାମାଞ୍ଚଳରେ ତୁଷାରପାତ ହେଉଛି। ଶୀତ ଲହରୀ ଦିନକୁ ଦିନ ବଢୁଛି। ଜିଲାର ଏପରି ପାଗ ଯୋଗୁ ଏବେ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି।



# କୋରାପୁଟ ବନାଞ୍ଚଳରେ ଜାତୀୟ ବ୍ୟାଘ୍ର ଗଣନା କାର୍ଯ୍ୟ ଆରମ୍ଭ

**୬ ରେଞ୍ଜରେ ୭୩ ଟିମ୍ ଗଣନାରେ ସାମିଲ**

କୋରାପୁଟ,୧୬।୧୨(ଅମିତାଭ ବେହେରା)

କୋରାପୁଟ ବନାଞ୍ଚଳରେ ମଙ୍ଗଳବାରଠାରୁ ଜାତୀୟ ବ୍ୟାଘ୍ର ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟରେ କୋରାପୁଟ ବନାଞ୍ଚଳର ଥିବା କୋରାପୁଟ, ଲମତାପୁଟ, ବାଲଡା, ସେମିଳିଗୁଡା, ଲକ୍ଷ୍ମୀପୁର, ନାରାୟଣପାଟଣା ଆଦି ୬ଟି ରେଞ୍ଜରେ ମୋଟ ୭୩ ଟିମ ନିୟୋଜିତ ହୋଇଛନ୍ତି। ପ୍ରାୟ ୨୦୦ ବନ କର୍ମଚାରୀ ଏଥିରେ ସାମିଲ ହୋଇଥିବା କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି ଭାସ୍କର ରାଓ ପ୍ରକାଶ କରିଛନ୍ତ। ଏହି ଗଣନା କାର୍ଯ୍ୟ ଚଳିତ ମାସ ୨୧ ତାରିଖ ଯାଏ ଅର୍ଥାତ ୬ ଦିନ ଧରି ଚାଲିବ ବୋଲି ସେ ପ୍ରକାଶ କରିଛନ୍ତି। ଜିଲାର ବିଶେଷ କରି ଲକ୍ଷ୍ମୀପୁର, ପଟାଙ୍ଗି ବ୍ଲକର ସୁଙ୍କି, ଆମ୍ବବାଲି, ଲମତାପୁଟ ବ୍ଲକର ମାଛକୁଣ୍ଡ, ଅନେକଡେଲି, ବୈପାରୀଗୁଡାର ରାମଗିରି ସଂରକ୍ଷିତ ଅଞ୍ଚଳ, ନାରାୟପାଟଣା ଆଦି ବ୍ଲକ ଅଞ୍ଚଳରେ ଘଞ୍ଚ ଜଙ୍ଗଲ ରହିଥିବାବେଳେ ଏଥିରେ ବାଘ ରହିଥିବା ଅନୁମାନ କରାଯାଇଛି।

# ଖେଳ୍ ମହୋତ୍ସବ ଉଦ୍‌ଘାଟିତ

କୋଟପାଡ଼, ୧୬।୧୨
(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଭୈରବ ପଡିଆ ଓ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଭାରତ ସରକାରଙ୍କ ଖେଲ୍ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଉଚ୍ଚ ବିଦ୍ୟାଳୟ ପରିସରରେ ସକାଳ ୧୦ଟାରେ ଆୟୋଜିତ କ୍ରୀଡା ମହୋତ୍ସବରେ ବିଭିନ୍ନ ପଞ୍ଚାୟତର ଖେଳାଳି, ବିଦ୍ୟାଳୟର ଖେଳାଳି ଏକାଠି ହୋଇ ଆଦିବାସୀ ଢେମ୍‌ସା ନାଚ ସହ ଶୋଭାଯାତ୍ରାରେ ବହାରି ସହର ଆରାଧ୍ୟ ଦେବୀ ମା' ମାଉଲି ମନ୍ଦିରରେ ପହଞ୍ଚି ପୂଜାପାଠ କରିଥିଲେ। ସେଠାରୁ ମଶାଲ ଆଣି ସହର ପରିକ୍ରମା କରି ଭୈରବ ପଡିଆରେ ପହଞ୍ଚିଥିଲେ। କୋଟପାଡ ବିଧାୟକ ରୂପୁ ଭତରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ଆକାଶ ଜେନା ପ୍ରମୁଖ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ଉତ୍ସବ ଶୁଭାରମ୍ଭ କରିଥିଲେ। ୨ ଦିନ ଧରି ଚାଲିବାକୁ ଥିବା ଉକ୍ତ ପ୍ରତିଯୋଗିତାରେ ୧୭ଟି ପଞ୍ଚାୟତର ବହୁ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୧୦୦ ମିଟର, ୨୦୦ମିଟର ଦୌଡ଼, କ୍ରିକେଟ, ଭଲିବଲ, ଫୁଟବଲ, କବାଡି, ଖୋକୋ, ଲଙ୍ଗଜମ୍ପ ଇତ୍ୟାଦିରେ ଅଂଶ ଗ୍ରହଣ କରିଥିଲେ । ଫୁଟବଲ, କ୍ରିକେଟ ମ୍ୟାଚ ଭୈରବ ପଡିଆରେ ଅନୁଷ୍ଠିତ ହେଉଥିବା ବେଳେ ବାକି ସବୁ ଖେଳ ଉଚ୍ଚ ବିଦ୍ୟାଳୟ ପରିସର ପଡିଆରେ ଅନୁଷ୍ଠିତ ହେଉଛି । ଏଥିରେ ଯେଉଁ ଖେଳାଳି ଚୟନ ହେବେ ସେମାନଙ୍କୁ ଆଗାମୀ ଦିନରେ ଜିଲାସ୍ତରକୁ ପଠାଯିବ।


ଢେମ୍‌ସା ନାଚ ସହ ଶୋଭାଯାତ୍ରାରେ ବାହାରିଛନ୍ତି ଛାତ୍ରଛାତ୍ରୀ।

# ପର୍ଯ୍ୟଟକଙ୍କୁ ବିଭୋର କରୁଛି ତଳମାଳିର ସୌନ୍ଦର୍ଯ୍ୟ

କୋରାପୁଟ,୧୬।୧୨(ଅମିତାଭ ବେହେରା)


ତଳମାଳିରେ ପର୍ଯ୍ୟଟକମାନେ।

ପ୍ରାକୃତିକ ଶୋଭା ରାଶିରେ ଭରା କୋରାପୁଟ ଜିଲା। ଏଠାକାର ଶାବର ଶ୍ରୀକ୍ଷେତ୍ର, ଦେଓମାଳି, ମାଛକୁଣ୍ଡ ଜଳପ୍ରପାତ ଭଳି ଅନେକ ପର୍ଯ୍ୟଟନ ସ୍ଥଳୀ ଦୀର୍ଘଦିନ ଧରି ପର୍ଯ୍ୟଟକଙ୍କୁ ବିଭୋର କରୁଛି। ଏବେ ଜିଲାର ତଳମାଳି ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣ। କୋରାପୁଟ ଜିଲାର ସେମିଳିଗୁଡ଼ା ବ୍ଲକର ଉପରକାଣ୍ଟି ଏବଂ କୋରାପୁଟ ବ୍ଲକର ଡୁମୁରିପଦର ମଧ୍ୟ ଭାଗରେ ରହିଛି ତଳମାଳି। ଦକ୍ଷିଣ ଭାରତର ସିନେ ପ୍ରଯୋଜକ ତେଲୁଗୁ ଚଳଚ୍ଚିତ୍ର କମ୍ରେଡ କଲ୍ୟାଣ, ପୁଷ୍ପା-୨, ଘାଟି, ଏସ୍‌ଏସ୍‌ଏମବି-୨୯ ଭଳି ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ସୁଟିଂ ତଳମାଳିରେ କରାଯାଇଛି। ସନେମା ପରଦାରେ ତଳମାଳିର ସୌନ୍ଦର୍ଯ୍ୟ ଦେଖି ଏଠାରେ ଏବେ ପର୍ଯ୍ୟଟକଙ୍କ ଭିଡ଼। ବର୍ତ୍ତମାନ ପର୍ଯ୍ୟଟନ ଋତୁରେ ଜିଲା ଏବଂ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକଙ୍କ ଆଗମନ ହେଉଛି। ଏଠାରେ ପାଗ ସବୁବେଳେ ଭିନ୍ନ ରୁହେ। ବର୍ଷାଦିନେ ବାଦଲ ଏହି ପାହାଡ଼ର ଘାସ ଗାଲିଚାକୁ ଛୁଇଁ ଚାଲିଥାଏ। ପାହାଡ଼ ପାଦଦେଶରେ ବହୁତଗୁଡ଼ିଏ ଝରଣା ରହିଛି। ତାହାର ପାଣି ଛୋଟ ନଦୀ ଆକାରରେ ବହି ଯାଇଛି। ଯାହାକୁ ଦେଖିବାକୁ ପର୍ଯ୍ୟଟକ ଆସୁଛନ୍ତି।

କୋରାପୁଟ ଜିଲାର ସେମିଳିଗୁଡ଼ା ସଦରରେ ପହଞ୍ଚି ସେଠାରୁ ବୁଧାରୀ ପଞ୍ଚାୟତର ଘାଟିରସ୍ତା ଦେଇ ପେଣ୍ଡାନାମ, ପୁଣି ସେଠାରୁ ଘାଟି ରାସ୍ତା ଦେଇ ତଳମାଳି ପାହାଡ଼ ପାଦ ଦେଶରେ ପହଞ୍ଚିବାକୁ ହୁଏ। ଏହା ଦେଓମାଳି ଭଳି ପ୍ରତୀୟମାନ ହେଉଥିଲେ ମଧ୍ୟ ଏହାର ଢାଞ୍ଚା ଅଲଗା। ତଳମାଳି ପାହାଡ଼ରେ ବିରାଟ ସମତଳ ଅଞ୍ଚଳ ରହିଛି। ଯାହାକି ଘାସରେ ପରିପୂର୍ଣ୍ଣ ଓ ଚାରିପଟେ ଜଙ୍ଗଲ। ଏହି ବିରାଟ ଘାସ ଗାଲିଚା ପ୍ରକୃତିର ଅବଦାନ ବୋଲି କୁହାଯାଏ। ଉକ୍ତ ପାହଡ଼ ଉପରେ ଏକ ଛୋଟିଆ ପୋଖରୀ ତୁଲ୍ୟ ଜଳରାଶି ରହିଛି। ଯହାକି ତାହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଲୁହା ତୋରଣ ଓ ଭିଉ ପଏଣ୍ଟ କରାଯାଇଛି। ଉକ୍ତ ପାହାଡ଼ ପ୍ରବେଶ ପଥରେ ଅତି ସୁନ୍ଦର ଦୁଇ ପଟେ ବଡ଼ ବଡ଼ ଆଦିବାସୀ ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। ଆଦିବାସୀ ଲୋକ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇଥିବାର କଳା ବଣ ସ୍ଥାପନ କରାଯାଇଛି। ପାହାଡ଼ର ପାଦଦେଶର ତଳମାଳ ସେଲ୍ଫି ପଏଣ୍ଟ ସହ ଘାସ ଗାଲିଚାର ଚାରିପଟେ ରାଜକୀୟ ଲୌହ ତୋରଣ ସ୍ଥାପନ କରଯାଇଛି। ପର୍ଯ୍ୟଟକମାନେ ଏଠି ବସି ପାହାଡ଼ ତଳର ଦୃଶ୍ୟ ଉପଭୋଗ କରିପାରିବେ। ତଳମାଳିକୁ ଆସୁଥିବା ପର୍ଯ୍ୟଟକ ଏହାର ଆଖପାଖ ଅଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀ ଯଥା ପେଣ୍ଡାକାମ, ଫୁଟସିଲ, ହାତୀମୁଣ୍ଡା, ପାଟ୍ଟଯୋଡ଼ିପଦର, ମାଟିଆସୁମଣ୍ଡି, ଟାକୁବେଡ଼ି ଆଦିର ମଜା ନେଇପାରିବେ।

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ
## (ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)
## ଅଧିସୂଚନା

ନମ୍ବର ୧୬୩୬୫ ତାରିଖ ୨୮.୧୦.୨୦୨୫

No.III-05: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଢେଙ୍କାନାଳ** ଜିଲ୍ଲାର M/s **ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍, ଢେଙ୍କାନାଳ ଇସ୍ପାତ କାରଖାନା** ନିର୍ମାଣ ନିମନ୍ତେ ମୌଜା-**ନୟା ଭାଗିରଥୀପୁର ପୂର୍ବବାଡ**, ଥାନା-ମୋଟଙ୍ଗା, ନଂ-40, ତହସିଲ-**ଓଡାପଡା**, ଜିଲ୍ଲା-**ଢେଙ୍କାନାଳ**ରେ ନିମ୍ନ ତଫସିଲମତେ ପ୍ରାୟ **ଏ: ୧୯,୪୯୦୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-M/s **ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍, ଢେଙ୍କାନାଳ ଇସ୍ପାତ କାରଖାନା ।**

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- **ଜମି ମୁଖ୍ୟ ଜେନେରାଲ ମ୍ୟାନେଜର ଇଡ୍‌କୋ (IDCO)**

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- For Setting of Railway siding with approach road to NH-55, M/s ରୁଙ୍ଗ୍‌ଟା **ମାଇନ୍ସ ଲିମିଟେଡ୍, ଢେଙ୍କାନାଳ ଇସ୍ପାତ କାରଖାନା ।**

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- **ଏଥିସହିତ ସଂଲଗ୍ନ କରାଯାଇଛି ।**

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- **ଉପଜିଲ୍ଲାପାଳ, ଢେଙ୍କାନାଳ।**

୬. ଜମିର ବିବରଣୀ- **ଏଥି ସହିତ ଜମି ସଂଲଗ୍ନ କରାଯାଇଛି ।**

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, M/s **ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍, ଢେଙ୍କାନାଳ ଇସ୍ପାତ କାରଖାନା । ଢେଙ୍କାନାଳଙ୍କ** କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ/ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ । ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ **ଢେଙ୍କାନାଳ** ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, ଢେଙ୍କାନାଳ

## ମୌଜା-ନୟା ଭାଗିରଥୀପୁର ପୂର୍ବବାଡ଼, ଥାନା-ମୋଟଙ୍ଗା-୪୦, ତହସିଲ-ଓଡ଼ାପଡ଼ା, ଜିଲ୍ଲା-ଢେଙ୍କାନାଳ, ମୋଟ ରକବା – ଏ. ୧୯.୪୯୦

| କ୍ରମିକ ନଂ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନମ୍ବର | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଉଦୟ ନାଥ ନନ୍ଦ, ମଦନ ନନ୍ଦ, ପ୍ରମୋଦ ନନ୍ଦ, ପି: ଅନନ୍ତ ନନ୍ଦ, ବ୍ରଜବନ୍ଧୁ ନନ୍ଦ, ନୀଳମଣି ନନ୍ଦ, ଅପିର୍ତି ନନ୍ଦ, ମହେଶ୍ୱର ନନ୍ଦ, ପି:ପ୍ରାଣବନ୍ଧୁ ନନ୍ଦ, ଭାଗୀରଥି ନନ୍ଦ, ଜଗଦାନନ୍ଦ ନନ୍ଦ, ପି:ଲକ୍ଷ୍ମୀଧର ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ | ୭ | ୧୧୩୪ | ପତିତ | ୦.୦୫୦ | ୦.୦୫୦ | |
| ୨ | | | ୧୧୩୩ | ପତିତ | ୦.୦୬୦ | ୦.୦୬୦ | |
| ୩ | | | ୧୧୦୧(ସ୍ଥି) | ଶାରଦ ଏକ | ୦.୧୬୦ | ୦.୧୪୦ | |
| | | | | | ମୋଟ | **୦.୨୫୦** | |
| ୪ | ଗୋପବନ୍ଧୁ ମିଶ୍ର, ପି:ହଟନାଥ ମିଶ୍ର, ବ୍ରଜବନ୍ଧୁ ମିଶ୍ର, ପି:ହାଡିବନ୍ଧୁ ମିଶ୍ର, ବଂଶୀଧର ମିଶ୍ର, ସୁରେଶ ମଶ୍ର, ରମେଶ ମିଶ୍ର, ସନ୍ତୋଷ ମିଶ୍ର, ପି:ପ୍ରାଣବନ୍ଧୁ ମିଶ୍ର, ରବି ନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପି:ଆନନ୍ଦ ମିଶ୍ର, ମୀନ କେତନ ମିଶ୍ର, ପି:ଯଦୁନାଥ ମିଶ୍ର, କନକ ମିଶ୍ର, ସ୍ୱା:ସୁଦର୍ଶନ ମିଶ୍ର, ଲକ୍ଷ୍ମୀ ମିଶ୍ର, ସ୍ୱା:ଉଦୟ ନାଥ ମିଶ୍ର, ଅଭିମନ୍ୟୁ ମିଶ୍ର, ପି:ଗିରିଧାରୀ ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | ୧୮ | ୧୧୨୮ | ପତିତ | ୦.୦୫୦ | ୦.୦୫୦ | |
| ୫ | | | ୧୧୨୯ | ପତିତ | ୦.୦୫୦ | ୦.୦୫୦ | |
| ୬ | | | ୧୧୩୯ | ଶାରଦ ତିନି | ୦.୦୮୦ | ୦.୦୮୦ | |
| | | | | | ମୋଟ | **୦.୧୮୦** | |
| ୭ | ଗୋପବନ୍ଧୁ ମିଶ୍ର, ପି:ହଟନାଥ ମିଶ୍ର, ବ୍ରଜବନ୍ଧୁ ମିଶ୍ର, ପି:ହାଡିବନ୍ଧୁ ମିଶ୍ର, ବଂଶୀଧର ମିଶ୍ର, ସୁରେଶ ମିଶ୍ର, ରମେଶ ମିଶ୍ର, ସନ୍ତୋଷ ମିଶ୍ର, ପି:ପ୍ରାଣବନ୍ଧୁ ମିଶ୍ର, ରବି ନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପି:ଆନନ୍ଦ ମିଶ୍ର, ମୀନ କେତନ ମିଶ୍ର, ପି:ଯଦୁନାଥ ମିଶ୍ର, କନକ ମିଶ୍ର, ସ୍ୱା:ସୁଦର୍ଶନ ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | ୧୯ | ୧୦୪୨ | ଶାରଦ ତିନି/୨ | ୦.୧୦୦ | ୦.୧୦୦ | ମୌଖିକ ଦାନ ସୂତ୍ରେ ଦଖଲ ରାମଚନ୍ଦ୍ର ନନ୍ଦ, ପିତା-ପାତ୍ର ନନ୍ଦ, ବ୍ରାହ୍ମଣ ନିଜଗାଁ |
| ୮ | | | ୧୧୪୧ | ଶାରଦ ତିନି | ୦.୦୬୦ | ୦.୦୬୦ | |
| | | | | | ମୋଟ | **୦.୧୬୦** | |
| ୯ | ଚିନ୍ତାମଣି ଶତପଥୀ, ରାଜରାଣୀ ଶତପଥୀ, ରଜନି ଶତପଥୀ, ଲାଲାଦିନୀ ଶତପଥୀ, ପି: ଜଗମୋହନ ଶତପଥୀ, ଜା:ବ୍ରାହ୍ମଣ, ବା:ନିଜଗାଁ | ୨୫ | ୧୧୧୯ | ନାଳ | ୦.୦୩୦ | ୦.୦୩୦ | |
| ୧୦ | ଯୋଗିନାଥ ମହାପାତ୍ର, ପି:ରାମଚନ୍ଦ୍ର ମହାପାତ୍ର, ଜା: ବ୍ରାହ୍ମଣ, ବା:ନିଜଗାଁ | ୨୯ | ୧୦୩୩ | ପତିତ | ୦.୦୮୦ | ୦.୦୮୦ | |
| ୧୧ | | | ୧୦୯୮ | ପତିତ | ୦.୦୧୦ | ୦.୦୧୦ | |
| | | | | | ମୋଟ | **୦.୦୯୦** | |
| | ଯୋଗିନାଥ ମିଶ୍ର, ପି: ଭଗବାନ ମିଶ୍ର, ବାସନ୍ତୀ ମିଶ୍ର, ପି:ଧର୍ମାନନ୍ଦ ମିଶ୍ର, ଚମ୍ପା ମିଶ୍ର, ସ୍ୱା:ଧର୍ମାନନ୍ଦ ମିଶ୍ର, ମାୟାଧର ମିଶ୍ର, ପି:ଭଗବାନ ମିଶ୍ର, ରାମଚନ୍ଦ୍ର ମିଶ୍ର, ପି:ରତ୍ନାକର ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ, କିସ୍ମତ ଆଠଅଣା, ବା:ପ୍ରଶ୍ନ କୁମାର ମିଶ୍ର, ନଳିନୀ ମିଶ୍ର, ପି: ଜୟକୃଷ୍ଣ ମିଶ୍ର, ସରୋଜିନୀ ମିଶ୍ର, ସ୍ୱା-ଜୟକୃଷ୍ଣ ମିଶ୍ର, ରାଜ କିଶୋର ମିଶ୍ର, ମୋହନ ମିଶ୍ର, ପି:ହୃଷୀକେଶ ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ କିସ୍ମତ ଆଠଅଣା ବା:ନିଜଗାଁ | ୩୩ | ୧୧୩୧ | ପତିତ | ୦.୦୬୦ | ୦.୦୬୦ | |
| ୧୨ | | | ୧୧୩୨ | ପତିତ | ୦.୦୬୦ | ୦.୦୬୦ | |
| | | | | | ମୋଟ | **୦.୧୨୦** | |
| ୧୪ | ତ୍ରିଲୋଚନ ଦାସ, ପି:ଭାଗୀରଥି ଦାସ, ମାମା ଦାସ, ପି:ମାଗୁଣୀ ଦାସ, ଗୁରୁବାରୀ ଦାସ, ସ୍ୱା:ମାଗୁଣୀ ଦାସ, ବାବୁଲି ଦାସ, ଯଜ୍ଞେଶ୍ୱର ଦାସ, କୁନା ଦାସ, ପି:ରାଧାମୋହନ ଦାସ, ଦୁତୀକା ଦାସ, ସ୍ୱା:ରାଧାମୋହନ ଦାସ, ଦଣ୍ଡଧର ଦାସ, ପି:କୃପାସିନ୍ଧୁ ଦାସ, ହୃଦାନନ୍ଦ ଦାସ, ନିତ୍ୟାନନ୍ଦ ଦାସ, ପି:ହାଡିବନ୍ଧୁ ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ | ୩୭ | ୧୧୬୨(ସ୍ଥି) | ପତିତ | ୦.୩୪୦ | ୦.୨୬୦ | |
| ୧୫ | ଦୁଃଖବନ୍ଧୁ ଦାସ, ସଦାନନ୍ଦ ଦାସ, ପି:ବୈଷ୍ଣବ ଦାସ, ସାଧବାଣୀ ଦାସ, ସ୍ୱା:କୃପାସିନ୍ଧୁ ଦାସ, ପରମାନନ୍ଦ ଦାସ, ପି:ବାଳକୃଷ୍ଣ ଦାସ, ନେତ୍ରମଣି ଦାସ, ସ୍ୱା:ବାଳକୃଷ୍ଣ ଦାସ, ମକୁନ୍ଦ ଦାସ, ପି:ମହେଶ୍ୱର ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ | ୪୧ | ୧୧୨୨ | ପତିତ | ୦.୨୧୦ | ୦.୨୧୦ | |
| ୧୬ | | | ୧୧୨୩ | ପତିତ | ୦.୨୫୦ | ୦.୨୫୦ | |
| ୧୭ | | | ୧୧୪୮ | ଶାରଦ ଦୁଇ | ୦.୨୬୦ | ୦.୨୬୦ | |
| ୧୮ | | | ୧୧୪୭ | ଶାରଦ ଦୁଇ/୩ | ୦.୩୧୦ | ୦.୩୧୦ | |
| | | | | | ମୋଟ | **୧.୦୩୦** | |
| ୧୯ | ହରିବନ୍ଧୁ ନନ୍ଦ, ପ୍ରାଣବନ୍ଧୁ ନନ୍ଦ, ପି:ଧନେଶ୍ୱର ନନ୍ଦ, ବିଭୂତି ଭୂଷଣ ନନ୍ଦ, ମାନସୀ ନନ୍ଦ, ପି:ବ୍ରଜବନ୍ଧୁ ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ | ୪୫ | ୧୦୩୫ | ପତିତ | ୦.୧୯୦ | ୦.୧୯୦ | |
| ୨୦ | | | ୧୦୩୪ | ପତିତ | ୦.୧୭୦ | ୦.୧୭୦ | |
| ୨୧ | | | ୧୦୧୨ | ପତିତ | ୦.୨୨୦ | ୦.୨୨୦ | |
| ୨୨ | | | ୧୦୧୧ | ପତିତ | ୦.୨୨୦ | ୦.୨୨୦ | |
| ୨୩ | | | ୧୧୨୧ | ନାଳ | ୦.୧୦୦ | ୦.୧୦୦ | |
| ୨୪ | | | ୧୧୨୭ | ନାଳ | ୦.୦୨୦ | ୦.୦୨୦ | |
| ୨୫ | | | ୧୧୦୦(ସ୍ଥି) | ଶାରଦ ଏକ/୨ | ୦.୪୪୦ | ୦.୧୭୦ | |
| ୨୬ | | | ୧୧୩୭ | ଶାରଦ ଦୁଇ | ୦.୦୬୦ | ୦.୦୬୦ | |
| | | | | | ମୋଟ | **୧.୧୫୦** | |
| ୨୭ | ବଳରାମ ନନ୍ଦ, ପି:ଯୋଗିନାଥ ନନ୍ଦ, ଦିଗାମ୍ବର ନନ୍ଦ, ତାପସ କୁମାର ନନ୍ଦ, ଅନୁପମା ନନ୍ଦ, ଶଶିରେଖା ନନ୍ଦ, ପି:ବଂଶୀଧର ନନ୍ଦ, କୁମୁଦିନୀ ନନ୍ଦ, ସ୍ୱା:ବଂଶୀଧର ନନ୍ଦ, ଜା:ବ୍ରାହ୍ମଣ, ବା:କୁଞ୍ଜବିହାରୀପୁର | ୬୫ | ୧୧୪୨ | ଶାରଦ ଦୁଇ/୨ | ୦.୪୬୦ | ୦.୪୬୦ | |
| ୨୮ | | | ୧୧୩୮ | ଶାରଦ ଦୁଇ | ୦.୪୦୦ | ୦.୪୦୦ | |
| | | | | | ମୋଟ | **୦.୮୬୦** | |
| ୨୯ | ବସନ୍ତ କୁମାର ଶତପଥୀ, ନିରଞ୍ଜନ ଶତପଥୀ, ପି:ପୀତବାସ ଶତପଥୀ, ସୁଲୋଚନା ଶତପଥୀ, ସ୍ୱା:ପୀତବାସ ଶତପଥୀ, ଜା:ବ୍ରାହ୍ମଣ, ବା:ନିଜଗାଁ | ୬୬ | ୧୦୭୮ | ନାଳ | ୦.୦୪୦ | ୦.୦୪୦ | |
| ୩୦ | | | ୧୦୭୭ | ପତିତ | ୦.୦୯୦ | ୦.୦୯୦ | |
| | | | | | ମୋଟ | **୦.୧୩୦** | |
| ୩୧ | ବସନ୍ତ କୁମାର ରଥ, ବିଜୟ କୁମାର ରଥ, ବିନୟ କୁମାର ରଥ, କୁନ୍ତ କୁମାରୀ ରଥ, କୁନ୍ତଳା କୁମାରୀ ରଥ, କମଳା ରଥ କୁସୁମ ରଥ, ଶୁଲି ରଥ, ଗୁନୁ ରଥ, କୁନୁ ରଥ, ପି:ବୃନ୍ଦାବନ ରଥ,ହାରାମଣି ରଥ, ସ୍ୱା.ବୃନ୍ଦାବନ ରଥ, ରଘୁନାଥ ରଥ, ରଜନିକାନ୍ତ ରଥ, ଅକ୍ଷୟ କୁମାର ରଥ, ସୁଷମା ରଥ, ଚପଳା ରଥ, ପି:ସୁଦର୍ଶନ ରଥ, ନିଶାମଣି ରଥ, ସ୍ୱା:ସୁଦର୍ଶନ ରଥ, ଆନନ୍ଦ ରଥ, କାଳନ୍ଦୀ ଚରଣ ରଥ, ସନାତନ ରଥ, ପି:ଦିନବନ୍ଧୁ ରଥ, ଜା:ବ୍ରାହ୍ମଣ, ବା:ନିଜଗାଁ | ୬୭ | ୧୦୪୫ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୩୨ | | | ୧୦୯୩(ସ୍ଥି) | ଶାରଦ ଏକ | ୦.୧୮୦ | ୦.୦୯୦ | |
| | | | | | ମୋଟ | **୦.୧୯୦** | |
| ୩୩ | ବାଇଧର ନନ୍ଦ, ସୁଦର୍ଶନ ନନ୍ଦ, ଗଦାଧର ନନ୍ଦ, ପି:ଚକ୍ରଧର ନନ୍ଦ, ପଙ୍କଜିନୀ ନନ୍ଦ, ସ୍ୱା:ଦଣ୍ଡଧର ନନ୍ଦ, ଜୟକୃଷ୍ଣ ନନ୍ଦ, ଦେବରାଜ ନନ୍ଦ, ପି:ଲମ୍ବୋଦର ନନ୍ଦ, ହୃଷୀକେଶ ନନ୍ଦ, ଶଙ୍କର ନନ୍ଦ, ତ୍ରିଲୋଚନ ନନ୍ଦ, ପି:ଜମ୍ବେଶ୍ୱର ନନ୍ଦ, ଲାବଣ୍ୟ ନନ୍ଦ, ସ୍ୱା:ଜମ୍ବେଶ୍ୱର ନନ୍ଦ, ଶିବରାମ ନନ୍ଦ, ଦୁର୍ଗା ପ୍ରସାଦ ନନ୍ଦ, ପି:ଚିନ୍ତାମଣି ନନ୍ଦ, ଆରତ ନନ୍ଦ, ସୋମନାଥ ନନ୍ଦ, ପି:କୁଳମଣି ନନ୍ଦ, ଲାବଣ୍ୟ ନନ୍ଦ, ସ୍ୱା:କୁଳମଣି ନନ୍ଦ, ବଳରାମ ନନ୍ଦ, ସତ୍ୟବାଦୀ ନନ୍ଦ, ପି:ଚନ୍ଦ୍ରଶେଖର ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ | ୭୩ | ୧୦୬୨ | ପତିତ | ୦.୩୦୦ | ୦.୩୦୦ | |
| ୩୪ | | | ୧୦୬୩ | ଶାରଦ ତିନି | ୦.୦୬୫ | ୦.୦୬୫ | |
| ୩୫ | | | ୧୦୬୪(ସ୍ଥି) | ଶାରଦ ତିନି | ୦.୨୧୦ | ୦.୦୫୦ | |
| ୩୬ | | | ୧୦୭୦(ସ୍ଥି) | ଶାରଦ ତିନି | ୦.୨୩୦ | ୦.୧୫୦ | |
| ୩୭ | | | ୧୦୬୯(ସ୍ଥି) | ଶାରଦ ତିନି | ୦.୨୭୦ | ୦.୧୭୦ | |
| ୩୮ | | | ୧୦୭୧(ସ୍ଥି) | ଶାରଦ ଦୁଇ | ୦.୨୭୦ | ୦.୧୬୦ | |
| ୩୯ | | | ୧୦୨୯ | ପତିତ | ୦.୨୫୦ | ୦.୨୫୦ | |
| ୪୦ | | | ୧୦୮୦ | ନାଳ | ୦.୦୩୦ | ୦.୦୩୦ | |
| | | | | | ମୋଟ | **୧.୧୭୫** | |
| ୪୧ | ବାଉରିବନ୍ଧୁ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ପି:ଯଦୁନାଥ ମହାପାତ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | ୭୫ | ୧୧୦୫ | ନାଳ | ୦.୦୧୦ | ୦.୦୧୦ | |
| ୪୨ | | | ୧୦୨୫ | ପତିତ | ୦.୧୯୦ | ୦.୧୯୦ | |
| | | | | | ମୋଟ | **୦.୨୦୦** | |
| ୪୩ | ବିନୋଦ କୁମାର ମହାପାତ୍ର, ପି:ଲମ୍ବୋଦର ମହାପାତ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | ୮୦ | ୧୦୨୦ | ପତିତ | ୦.୦୧୦ | ୦.୦୧୦ | |
| ୪୪ | ଭାଗୀରଥି ନନ୍ଦ, ପି:ଲକ୍ଷ୍ମୀଧର ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ | ୮୭ | ୧୦୯୯ | ଶାରଦ ଦୁଇ | ୦.୦୭୦ | ୦.୦୭୦ | |
| ୪୫ | ସନ୍ତୋଷ କୁମାର ମିଶ୍ର, ସୁରେଶ କୁମାର ମିଶ୍ର, ସୁଧାଂଶୁ କୁମାର ମିଶ୍ର, ସିତାଂଶୁ କୁମାର ମିଶ୍ର, ସୁଶାନ୍ତ କୁମାର ମିଶ୍ର, ଗୀତାରାଣୀ ମିଶ୍ର, ଉଷାରାଣୀ ମିଶ୍ର, ସନ୍ଧ୍ୟାରାଣୀ ମିଶ୍ର, ପି:ମଦନ ମୋହନ ମିଶ୍ର, ଲକ୍ଷ୍ମୀ ମିଶ୍ର, ସ୍ୱା: ମଦନ ମୋହନ ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | ୯୨ | ୧୦୯୫ | ଶାରଦ ତିନି | ୦.୧୮୦ | ୦.୧୮୦ | |
| ୪୬ | | | ୧୧୩୬ | ପତିତ | ୦.୦୭୦ | ୦.୦୭୦ | |
| | | | | | ମୋଟ | ୦.୨୫୦ | |
| ୪୭ | ମଦନ ମୋହନ ଆଚାର୍ଯ୍ୟ, ବସନ୍ତ ଆଚାର୍ଯ୍ୟ, ପି:ଅନନ୍ତ ଆଚାର୍ଯ୍ୟ, ଜା:ବ୍ରାହ୍ମଣ, ବା:ନିଜଗାଁ | ୯୪ | ୧୦୧୫ | ଶାରଦ ତିନି | ୦.୩୩୦ | ୦.୩୩୦ | |
| ୪୮ | | | ୧୧୧୫ | ପତିତ | ୦.୨୩୦ | ୦.୨୩୦ | |
| ୪୯ | | | ୧୧୧୬ | ପତିତ | ୦.୧୦୦ | ୦.୧୦୦ | |
| | | | | | ମୋଟ | **୦.୬୬୦** | |
| ୫୦ | ମଦନ ମୋହନ ନନ୍ଦ, ଶିବ ପ୍ରସାଦ ନନ୍ଦ, ପି:ଭାଗବତ ନନ୍ଦ, ଶୁକଦେବ ନନ୍ଦ, ଗଣେଶ୍ୱର ନନ୍ଦ, ପି:ପ୍ରାଣବନ୍ଧୁ ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ | ୯୮ | ୧୦୪୪ | ଶାରଦ ତିନି | ୦.୧୨୦ | ୦.୧୨୦ | |
| ୫୧ | | | ୧୦୪୬ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୫୨ | | | ୧୦୩୬ | ପତିତ | ୦.୧୩୦ | ୦.୧୩୦ | |
| ୫୩ | | | ୧୧୦୭ | ଶାରଦ ଦୁଇ | ୦.୧୨୦ | ୦.୧୨୦ | |
| ୫୪ | | | ୧୧୫୯ | ପତିତ | ୦.୧୯୦ | ୦.୧୯୦ | |
| ୫୫ | | | ୧୧୧୪ | ପତିତ | ୦.୦୭୦ | ୦.୦୭୦ | |
| | | | | | ମୋଟ | **୦.୭୩୦** | |
| ୫୬ | ମଦନ ମୋହନ ନନ୍ଦ, ଶିବ ପ୍ରସାଦ ନନ୍ଦ, ପି:ଭାଗବତ ନନ୍ଦ, ଶୁକଦେବ ନନ୍ଦ, ଗଣେଶ୍ୱର ନନ୍ଦ, ପି: ପ୍ରାଣବନ୍ଧୁ ନନ୍ଦ, ମାଳିଆ ନନ୍ଦ, ସ୍ୱା:ପ୍ରାଣବନ୍ଧୁ ନନ୍ଦ, ହରମୋହନ ନନ୍ଦ, ଲଳିତ ନନ୍ଦ, ପି:ରାମଚନ୍ଦ୍ର ନନ୍ଦ, ନରେନ୍ଦ୍ର ନନ୍ଦ, ରବୀନ୍ଦ୍ର ନନ୍ଦ, ପି: ନିତ୍ୟାନନ୍ଦ ନନ୍ଦ, ଭିକାରୀ ଚରଣ ନନ୍ଦ, ଯୋଗିନାଥ ନନ୍ଦ, ପି:ନାରାୟଣ ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ | ୯୯ | ୧୦୪୩ | ଶାରଦ ତିନି | ୦.୨୧୦ | ୦.୨୧୦ | |
| ୫୭ | | | ୧୦୪୭ | ଶାରଦ ତିନି | ୦.୦୪୦ | ୦.୦୪୦ | |
| ୫୮ | | | ୧୦୪୮ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୫୯ | | | ୧୦୪୯ | ଶାରଦ ତିନି | ୦.୦୪୦ | ୦.୦୪୦ | |
| ୬୦ | | | ୧୦୫୦ | ଶାରଦ ତିନି | ୦.୦୨୦ | ୦.୦୨୦ | |
| ୬୧ | | | ୧୦୫୧ | ଶାରଦ ତିନି | ୦.୦୫୦ | ୦.୦୫୦ | |
| ୬୨ | | | ୧୦୫୨ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୬୩ | | | ୧୦୫୩ | ଶାରଦ ତିନି | ୦.୧୪୦ | ୦.୧୪୦ | |
| ୬୪ | ମଦନ ମୋହନ ନନ୍ଦ, ଶିବ ପ୍ରସାଦ ନନ୍ଦ, ପି:ଭାଗବତ ନନ୍ଦ, ଶୁକଦେବ ନନ୍ଦ, ଗଣେଶ୍ୱର ନନ୍ଦ, ପି: ପ୍ରାଣବନ୍ଧୁ ନନ୍ଦ, ମାଳିଆ ନନ୍ଦ, ସ୍ୱା:ପ୍ରାଣବନ୍ଧୁ ନନ୍ଦ, ହରମୋହନ ନନ୍ଦ, ଲଳିତ ନନ୍ଦ, ପି:ରାମଚନ୍ଦ୍ର ନନ୍ଦ, ନରେନ୍ଦ୍ର ନନ୍ଦ, ରବୀନ୍ଦ୍ର ନନ୍ଦ, ପି: ନିତ୍ୟାନନ୍ଦ ନନ୍ଦ, ଭିକାରୀ ଚରଣ ନନ୍ଦ, ଯୋଗିନାଥ ନନ୍ଦ, ପି:ନାରାୟଣ ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ | ୯୯ | ୧୦୫୪ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୬୫ | | | ୧୦୫୫ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୬୬ | | | ୧୦୫୭ | ତଇଲା ଏକ | ୦.୫୭୦ | ୦.୫୭୦ | |
| ୬୭ | | | ୧୦୫୮ | ଶାରଦ ତିନି | ୦.୧୩୦ | ୦.୧୩୦ | |
| ୬୮ | | | ୧୦୫୯ | ଶାରଦ ତିନି | ୦.୧୧୦ | ୦.୧୧୦ | |
| ୬୯ | | | ୧୦୬୦ | ପାଳ ଏକ | ୦.୪୮୦ | ୦.୪୮୦ | |
| ୭୦ | | | ୧୦୪୧ | ଶାରଦ ତିନି/୨ | ୦.୦୬୦ | ୦.୦୬୦ | |
| ୭୧ | | | ୧୦୪୦ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୭୨ | | | ୧୦୩୯ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୭୩ | | | ୧୦୩୮ | ଶାରଦ ତିନି | ୦.୩୦୦ | ୦.୩୦୦ | |
| ୭୪ | | | ୧୦୩୭ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୭୫ | ମଦନ ମୋହନ ନନ୍ଦ, ଶିବ ପ୍ରସାଦ ନନ୍ଦ, ପି:ଭାଗବତ ନନ୍ଦ, ଶୁକଦେବ ନନ୍ଦ, ଗଣେଶ୍ୱର ନନ୍ଦ, ପି: ପ୍ରାଣବନ୍ଧୁ ନନ୍ଦ, ମାଳିଆ ନନ୍ଦ, ସ୍ୱା:ପ୍ରାଣବନ୍ଧୁ ନନ୍ଦ, ହରମୋହନ ନନ୍ଦ, ଲଳିତ ନନ୍ଦ, ପି:ରାମଚନ୍ଦ୍ର ନନ୍ଦ, ନରେନ୍ଦ୍ର ନନ୍ଦ, ରବିନ୍ଦ୍ର ନନ୍ଦ, ପି: ନିତ୍ୟାନନ୍ଦ ନନ୍ଦ, ଭିକାରୀ ଚରଣ ନନ୍ଦ, ଯୋଗିନାଥ ନନ୍ଦ, ପି:ନାରାୟଣ ନନ୍ଦ, ଜା:ବ୍ରାହ୍ମଣ, ବା:ନିଜଗାଁ | ୯୯ | ୧୦୩୧ | ପତିତ | ୦.୪୬୦ | ୦.୪୬୦ | |
| ୭୬ | | | ୧୧୧୧ | ନାଳ | ୦.୧୫୦ | ୦.୧୫୦ | |
| ୭୭ | | | ୧୧୧୨ | ପତିତ | ୦.୧୫୦ | ୦.୧୫୦ | |
| ୭୮ | | | ୧୧୧୦ | ଶାରଦ ଏକ | ୦.୦୮୦ | ୦.୦୮୦ | |
| ୭୯ | | | ୧୧୦୯ | ଶାରଦଦୁଇ | ୦.୧୨୦ | ୦.୧୨୦ | |
| ୮୦ | | | ୧୧୦୮ | ଶାରଦ ଏକ | ୦.୨୦୦ | ୦.୨୦୦ | |
| ୮୧ | | | ୧୧୬୦ | ପତିତ | ୦.୦୫୦ | ୦.୦୫୦ | |
| ୮୨ | | | ୧୧୧୩ | ଶାରଦ ତିନି | ୦.୨୦୦ | ୦.୨୦୦ | |
| ୮୩ | | | ୧୦୫୬ | ପତିତ | ୦.୨୩୦ | ୦.୨୩୦ | |
| | | | | | ମୋଟ | **୪.୩୧୦** | |
| ୮୪ | ମଧୁସୂଦନ ଦାସ, ମାଧବାନନ୍ଦ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଭଗମୋହନ ଦାସ, ପି:ଲକ୍ଷ୍ମୀଧର ଦାସ, ଦୁଃଖବନ୍ଧୁ ଦାସ, ସଦାନନ୍ଦ ଦାସ, ପି:ବୈଷ୍ଣବ ଦାସ, ସାଧବାଣୀ ଦାସ, ସ୍ୱା:କୃପାସିନ୍ଧୁ ଦାସ, ପୁନି ଦାସ, ସରୋଜିନୀ ଦାସ, ପଙ୍କଜିନୀ ଦାସ, ପି:କୃପାସିନ୍ଧୁ ଦାସ, ନେତ୍ରମଣି ଦାସ, ସ୍ୱା:ବାଳକୃଷ୍ଣ ଦାସ, ପରମାନନ୍ଦ ଦାସ, ପି:ବାଳକୃଷ୍ଣ ଦାସ, ମକୁନ୍ଦ ଦାସ, ପି:ମହେଶ୍ୱର ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ | ୧୦୩ | ୧୧୫୮ | ପତିତ | ୦.୬୦୦ | ୦.୬୦୦ | |
| ୮୫ | | | ୧୧୬୪ (ସ୍ଥି) | ପତିତ | ୦.୩୧୦ | ୦.୨୫୦ | |
| ୮୬ | | | ୧୧୬୫ | ଆଡି | ୦.୧୧୦ | ୦.୧୧୦ | |
| ୮୭ | | | ୧୧୬୬(ସ୍ଥି) | ଜଳାଶୟ ଦୁଇ | ୦.୨୪୦ | ୦.୧୭୦ | |
| ୮୮ | | | ୧୧୫୪ | ପତିତ | ୦.୧୩୦ | ୦.୧୩୦ | |
| ୮୯ | | | ୧୧୬୭(ସ୍ଥି) | ଆଡି | ୦.୦୬୦ | ୦.୦୨୦ | |
| | | | | | ମୋଟ | **୧.୨୮୦** | |
| ୯୦ | ଲକ୍ଷ୍ମୀଧର ସତପଥି, ପି:ଲିଙ୍ଗରାଜ ସତପଥି, ଜା:ବ୍ରାହ୍ମଣ, ବା:ନିଜଗାଁ | ୧୩୨ | ୧୦୯୨ (ସ୍ଥି) | ଶାରଦ ଏକ | ୦.୧୬୦ | ୦.୦୧୦ | |
| ୯୧ | | | ୧୧୬୮(ସ୍ଥି) | ପତିତ | ୦.୧୪୦ | ୦.୦୫୦ | |
| | | | | | ମୋଟ | ୦.୦୬୦ | |
| ୯୨ | ଶଚିଦାନନ୍ଦ ସତପଥି, କିଶୋର ଚନ୍ଦ୍ର ସତପଥି, ପି:ଦିନବନ୍ଧୁ ସତପଥି, ଜା:ବ୍ରାହ୍ମଣ, ବା:ନିଜଗାଁ | ୧୪୦ | ୧୦୭୩ | ନାଳ | ୦.୦୮୦ | ୦.୦୮୦ | |
| ୯୩ | | | ୧୦୭୨(ସ୍ଥି) | ପତିତ | ୦.୩୩୦ | ୦.୨୬୦ | |
| | | | | | ମୋଟ | ୦.୩୪୦ | |
| ୯୪ | ଶିବରାମ ମିଶ୍ର, ପି:ମାଗୁଣି ମିଶ୍ର, ବନମାଳି ମିଶ୍ର, ବାଳକୃଷ୍ଣ ମିଶ୍ର, ତ୍ରିଲୋଚନ ମିଶ୍ର, ନୀଳମଣି ମିଶ୍ର, ପି:ଚକ୍ରଧର ମିଶ୍ର, ରାମଚନ୍ଦ୍ର ମିଶ୍ର, ପି:କେଶବ ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | ୧୪୪ | ୧୦୨୭ | ପତିତ | ୦.୨୦୦ | ୦.୨୦୦ | |
| ୯୫ | | | ୧୦୨୬ | ପତିତ | ୦.୧୫୦ | ୦.୧୫୦ | |
| ୯୬ | | | ୧୧୦୪ | ନାଳ | ୦.୨୦୦ | ୦.୨୦୦ | |
| ୯୭ | | | ୧୦୨୮ | ପତିତ | ୦.୧୨୦ | ୦.୧୨୦ | |
| | | | | | ମୋଟ | **୦.୬୭୦** | |
| ୯୮ | ସୁକାନ୍ତି ମିଶ୍ର, ବାସନ୍ତି ମିଶ୍ର, ମିନତୀ ମିଶ୍ର, ପି:ଉଦୟ ନାଥ ମିଶ୍ର, ଲକ୍ଷ୍ମୀ ମିଶ୍ର, ସ୍ୱା:ଉଦୟନାଥ ମିଶ୍ର, ଅଭିମନ୍ୟୁ ମିଶ୍ର, ପି:ଗିରିଧାରୀ ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | ୧୫୧ | ୧୧୪୦ | ଶାରଦ ତିନି | ୦.୦୮୦ | ୦.୦୮୦ | ଜବର ଦଖଲ, ରବି ନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପି.ଆନନ୍ଦ ଚନ୍ଦ୍ର ମିଶ୍ର, କମଳିନୀ ମିଶ୍ର, ସ୍ୱା.ଆନନ୍ଦ ଚନ୍ଦ୍ର ମିଶ୍ର, ମୀନକେତନ ମିଶ୍ର, ପି.କଦୁ ନାଥ ମିଶ୍ର, ଜା.ବ୍ରାହ୍ମଣ, ବା:ନିଜଗାଁ |
| ୯୯ | ଧୀରେନ୍ କୁମାର ଶତପଥୀ, ପି:ନାରାୟଣ ସତପଥୀ, ଜିତେନ୍ କୁମାର ସତପଥୀ, ସ୍ନେହଲତା ଶତପଥୀ, ଝରଣା ଶତପଥୀ, ମମତା ଶତପଥା, ପି:ନାରାୟଣ ଶତପଥୀ, ଜା: ବ୍ରାହ୍ମଣ, ବା: ବୀରଦରପଡ଼ା, ତାଳଚେର ଟାଉନ, ଅନୁଗୁଳ | ୧୫୩ | ୧୦୭୬(ସ୍ଥି) | ଶାରଦ ତିନି | ୦.୧୧୦ | ୦.୦୯୦ | |
| ୧୦୦ | | | ୧୧୫୩ | ପତିତ | ୦.୩୬୦ | ୦.୩୬୦ | |
| ୧୦୧ | | | ୧୧୫୨ | ଶାରଦ ତିନି | ୦.୨୪୦ | ୦.୨୪୦ | |
| ୧୦୨ | | | ୧୧୫୧ | ପତିତ | ୦.୨୪୦ | ୦.୨୪୦ | |
| ୧୦୩ | | | ୧୧୫୦ | ଶାରଦ ଦୁଇ | ୦.୩୧୦ | ୦.୩୧୦ | |
| | | | | | ମୋଟ | **୧.୨୪୦** | |
| ୧୦୪ | ମିନକେତନ ମହାପାତ୍ର, ପି: ଗୋବିନ୍ଦ ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୬୩/୧୪୮ | ୧୧୩୦ | ପତିତ | ୦.୦୯୦ | ୦.୦୯୦ | |
| ୧୦୫ | ଗୋଲେଖ ବିହାରୀ ପୃଷ୍ଟି, ପି: ମହାଦେବ ପୃଷ୍ଟି, ଜା: ଖଣ୍ଡାୟତ, ବା: ନାଧରା | ୧୬୩/୧୮୦ | ୧୧୪୫ | ଶାରଦ ଦୁଇ | ୦.୧୦୦ | ୦.୧୦୦ | |
| ୧୦୬ | | | ୧୧୪୪ | ଶାରଦ ତିନି | ୦.୦୪୦ | ୦.୦୪୦ | |
| | | | | | ମୋଟ | **୦.୧୪୦** | |
| ୧୦୭ | ପ୍ରେମଲତା ଦାଶ, ସ୍ୱା: ମାଗୁଣି ଦାଶ, ଅନ୍ତର୍ଯ୍ୟାମୀ ଦାଶ, ଶିବ ପ୍ରସାଦ ଦାଶ, ମନ୍ମଥ ନାଥ ଦାଶ, ବିଣାପାଣି ଦାଶ, ପି: ରାଧାମୋହନ ଦାଶ ରାମଚନ୍ଦ୍ର ଦାଶ, ଉମାକାନ୍ତ ଦାଶ, ତରୁଲତା ଦାଶ, ପୁଷ୍ପଲତା ଦାଶ, ପି: ଦଣ୍ଡଧର ଦାଶ, ସୂର୍ଯ୍ୟମଣୀ ଦାଶ, ସ୍ୱା: ଦଣ୍ଡଧର ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ | ୧୬୩/୧୯୨ | ୧୦୮୨ | ନାଳ | ୦.୦୪୦ | ୦.୦୪୦ | |
| ୧୦୮ | | | ୧୦୮୩ | ପତିତ | ୦.୧୩୦ | ୦.୧୩୦ | |
| | | | | | ମୋଟ | **୦.୧୭୦** | |
| ୧୦୯ | ଗୋଲେକ ବିହାରୀ ପୃଷ୍ଟି, ପି: ମହାଦେବ ପୃଷ୍ଟି, ଜା: ଖଣ୍ଡାୟତ, ବା: ନାଧରା | ୧୬୩/୨୦୦ | ୧୧୪୬ | ଶାରଦ ଦୁଇ | ୦.୨୨୦ | ୦.୨୨୦ | |
| ୧୧୦ | | | ୧୧୪୩ | ଶାରଦ ଦୁଇ | ୦.୦୬୦ | ୦.୦୬୦ | |
| | | | | | ମୋଟ | **୦.୨୮୦** | |
| ୧୧୧ | ପ୍ରମୋଦ କୁମାର ନନ୍ଦ, ବିନୋଦ ବିହାରୀ ନନ୍ଦ, ପି: ହର ମୋହନ ନନ୍ଦ, ଦିଲେଶ୍ୱର ନନ୍ଦ, ଲାଲା ନନ୍ଦ, ଯୁକ୍ତା ନନ୍ଦ, ପି: ନଗେନ୍ଦ୍ର ନନ୍ଦ, ରବି ନାରାୟଣ ନନ୍ଦ, ପି: ନିତ୍ୟାନନ୍ଦ ନନ୍ଦ, କୁଞ୍ଜ ବିହାରୀ ନନ୍ଦ, ବିଧୁ ଭୂଷଣ ନନ୍ଦ, ଗଗନ ବିହାରୀ ନନ୍ଦ, ପି: ଲଳିତ ନନ୍ଦ, ଜା: ବ୍ରାହ୍ମଣ, ବା: ନିଜଗାଁ। | ୧୬୩/୨୦୩ | ୧୦୨୧ | ଶାରଦ ତିନି/୨ | ୦.୩୩୦ | ୦.୩୩୦ | |
| ୧୧୨ | ନିଳିମା ମିଶ୍ର, ସ୍ୱା: ବଳରାମ ମିଶ୍ର, ଜା: ବ୍ରାହ୍ମଣ, ବା: ବଣିଆ ସାହି, ଅନୁଗୋଳ | ୧୬୩/୨୧୯ | ୧୧୦୨ | ଶାରଦ ଏକ | ୦.୦୪୦ | ୦.୦୪୦ | |
| ୧୧୩ | ମଦନ ମୋହନ ଦ୍ୱିବେଦୀ, ପି: ବିଦ୍ୟାଧର ଦ୍ୱିବେଦୀ, ବିଜୟ କୁମାର ଦ୍ୱିବେଦୀ, ମଳୟ କୁମାର ଦ୍ୱିବେଦୀ, ସୁଶାନ୍ତ କୁମାର ଦ୍ୱିବେଦୀ, ପି: ଅପର୍ତୀ ଦ୍ୱିବେଦୀ, ଜା: ବ୍ରାହ୍ମଣ,ବା:ନିଜଗାଁ | ୧୬୩/୨୪୮ | ୧୦୨୩ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୧୧୪ | | | ୧୦୧୬ | ଶାରଦ ତିନି | ୦.୨୮୦ | ୦.୨୮୦ | |
| | | | | | ମୋଟ | **୦.୩୪୦** | |
| ୧୧୫ | ଶଙ୍କର ଶତପଥୀ, ପି: ନିତ୍ୟାନନ୍ଦ ଶତପଥୀ, ଜା: ବ୍ରାହ୍ମଣ, ବା: ନିଜଗାଁ। | ୧୬୩/୨୫୦ | ୧୦୭୯ | ନାଳ | ୦.୦୭୦ | ୦.୦୭୦ | |
| ୧୧୬ | | | ୧୦୮୪ (ସ୍ଥି) | ପତିତ | ୦.୦୬୦ | ୦.୦୫୦ | |
| | | | | | ମୋଟ | **୦.୧୨୦** | |
| ୧୧୭ | ଅରୁଣ କୁମାର ନନ୍ଦ, ଅଶୋକ କୁମାର ନନ୍ଦ, ଅନନ୍ତ କୁମାର ନନ୍ଦ, ଅଶେଷ କୁମାର ନନ୍ଦ, ପି: ରାଜ କିଶୋର ନନ୍ଦ, କମଳିନୀ ନନ୍ଦ, ସ୍ୱା: ରାଜ କିଶୋର ନନ୍ଦ, ଜା: ବ୍ରାହ୍ମଣ, ବା: ନିଜଗାଁ। | ୧୬୩/୨୯୪ | ୧୦୬୩/୧୯୧୭ (ସ୍ଥି) | ଶାରଦ ତିନି | ୦.୧୭୫ | ୦.୧୭୫ | |
| ୧୧୮ | କୁଳମଣୀ ଦାଶ, ନିଳମଣୀ ଦାଶ, ଗୋକୁଳାନନ୍ଦ ଦାଶ, ପି: ଦୁର୍ଯ୍ୟୋଧନ ଦାଶ, ଜା: ଗୋପାଳ, ବା: ନାଧରା | ୧୬୩/୩୧୫ | ୧୦୮୫ (ସ୍ଥି) | ଶାରଦ ଏକ | ୦.୩୮୦ | ୦.୦୩୦ | |
| ୧୧୯ | ଦିପକ କୁମାର ନନ୍ଦ, ପି: ଗଣେଶ୍ୱର ନନ୍ଦ, ଜା: ବ୍ରାହ୍ମଣ, ବା: ନିଜଗାଁ। | ୧୬୩/୩୩୪ | ୧୦୫୮/୧୯୪୪ | ଶାରଦ ତିନି | ୦.୧୩୦ | ୦.୧୩୦ | |
| ୧୨୦ | ପ୍ରଫୁଲ୍ଲ କୁମାର ମହାପାତ୍ର, ପି: ଚନ୍ଦ୍ରଶେଖର ମହାପାତ୍ର, ଜା: ବ୍ରାହ୍ମଣ, ବା: ନୟାଭାଗିରଥିପୁର ପୂର୍ବବାଡ | ୧୬୩/୪୭୪ | ୧୦୩୨ | ପତିତ | ୦.୩୨୦ | ୦.୩୨୦ | |
| ୧୨୧ | | | ୧୦୯୭ | ଶାରଦ ଏକ | ୦.୦୯୦ | ୦.୦୯୦ | |
| | | | | | ମୋଟ | **୦.୪୧୦** | |
| ୧୨୨ | ସୌଭାଗ୍ୟ କୁମାର ମହାପାତ୍ର, ପି: ଭିକାରୀ ଚରଣ ମହାପାତ୍ର, ଜା: ବ୍ରାହ୍ମଣ, ବା: ସଦାଶିବପୁର | ୧୬୩/୪୭୬ | ୧୦୯୪ (ସ୍ଥି) | ଶାରଦ ଦୁଇ | ୦.୧୯୦ | ୦.୧୭୦ | |
| ୧୨୩ | ହୃଦାନନ୍ଦ ଦାଶ, ପି: ହାଡ଼ିବନ୍ଧୁ ଦାଶ, ଜା: ବ୍ରାହ୍ମଣ, ବା: ନୟାଭାଗିରଥିପୁର ପୂର୍ବବାଡ଼ | ୧୬୩/୪୯୮ | ୧୧୦୬ | ଶାରଦ ଏକ | ୦.୦୬୦ | ୦.୦୬୦ | |
| ୧୨୪ | ପ୍ରଶାନ୍ତ କୁମାର ଦାଶ, ପି: ତ୍ରିଲୋଚନ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ। | ୧୬୩/୫୧୩ | ୧୧୦୩ | ନାଳ | ୦.୧୪୦ | ୦.୧୪୦ | |
| ୧୨୫ | | | ୧୧୨୬ | ନାଳ | ୦.୧୧୦ | ୦.୧୧୦ | |
| | | | | | ମୋଟ | **୦.୨୫୦** | |
| ୧୨୬ | ପ୍ରଦୀପ କୁମାର ଦାଶ, ପି: ତ୍ରିଲୋଚନ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ। | ୧୬୩/୫୧୪ | ୧୦୯୬ | ଶାରଦ ଦୁଇ | ୦.୦୬୦ | ୦.୦୬୦ | |
| ୧୨୭ | ଧୀରେନ କୁମାର ଶତପଥୀ, ଜିତେନ୍ କୁମାର ଶତପଥୀ, ସ୍ନେହଲତା ଶତପଥୀ, ଝରଣା ଶତପଥୀ, ମମତା ଶତପଥୀ, ପି: ନାରାୟଣ ଶତପଥୀ, ଜା: ବ୍ରାହ୍ମଣ, ବା: ବୀରଦରପଡ଼ା, ତାଳଚେର ଟାଉନ, ଅନୁଗୁଳ | ୧୬୩/୫୨୧ | ୧୦୭୫ | ପତିତ | ୦.୦୩୦ | ୦.୦୩୦ | |
| ୧୨୮ | | | ୧୧୩୫ | ପତିତ | ୦.୦୮୦ | ୦.୦୮୦ | |
| | | | | | ମୋଟ | **୦.୧୧୦** | |

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ

# ଅପରାଧୀ ବୁଦ୍ଧିଆଙ୍କୁ ପୋଲିସ ଗୁଳି

■ଡାକ୍ତରଖାନାରେ ଭର୍ତ୍ତି, ସହଯୋଗୀ ଫେରାର
■ବୁଦ୍ଧିଆ ନାମରେ ୫୦ରୁ ଉର୍ଦ୍ଧ୍ୱ ମାମଲା ରହିଛି: ଏସ୍‌ପି

ଭଦ୍ରକ,୧୬।୧୨(ସନାତନ ରାଉତ)


ଆହତ ବୁଦ୍ଧିଆ

ଭଦ୍ରକରେ ମଙ୍ଗଳବାର ଭୋର ସମୟରେ ଟାଉନ ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧୀ ବାଲେଶ୍ୱର ଜିଲା ଚୁଡ଼ିଗଡ଼ିଆ ଅଞ୍ଚଳର କମଳାକାନ୍ତ ଦାସ(ବୁଦ୍ଧିଆ) ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁଯାୟୀ, ବିଭିନ୍ନ ମାମଲାରେ ମୋଷ୍ଟ ୱାଣ୍ଟେଡ ବୁଦ୍ଧିଆ ଚରମ୍ପା ରେଳ ଷ୍ଟେଶନରେ ଥିବା ନେଇ ପୋଲିସକୁ ଭୋର ୪ଟା ବେଳେ ଖବର ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟାଉନ ପୋଲିସ ସଦଳବଳ ରେଳ ଷ୍ଟେଶନରେ ପହଞ୍ଚିଥିଲା। ପୋଲିସକୁ ଦେଖି ବୁଦ୍ଧିଆ ତାଙ୍କର ଜଣେ ସହଯୋଗୀ ସହ ଏକ ନମ୍ବର ବିହୀନ କଳା ପଲ୍‌ସର୍‌ରେ ଖସିଯାଉଥିବା ବେଳେ ପୋଲିସ ତାଙ୍କ ପିଛା କରିଥିଲା। ବୁଦ୍ଧିଆ ପ୍ରଥମେ ପୋଲିସ ଉପରକୁ ୪ ରାଉଣ୍ଡ ଗୁଳି ମାରିଥିଲେ। ପରେ ରେଳ ଷ୍ଟେଶନ ପାଖ ମାଲଗୋଦାମ ନିକଟରେ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଗୋଟିଏ ଗୁଳି ମାରିଥିବା ବେଳେ ତାହା ବୁଦ୍ଧିଆଙ୍କ ଡାହାଣ ଗୋଡ଼ ଆଣ୍ଠୁ ତଳେ ବାଜିଥିଲା। ଆହତ ଅବସ୍ଥାରେ ବୁଦ୍ଧିଆଙ୍କୁ ଛାଡ଼ି ସହଯୋଗୀ ଫେରାର ହୋଇଯାଇଥିଲେ। ବୁଦ୍ଧିଆଙ୍କ ନିକଟରୁ ଏକ ବନ୍ଧୁକ ଜବତ ସହ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପୋଲିସ ସୁରକ୍ଷା ବଳୟରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତେବେ ବୁଦ୍ଧିଆ ବହୁ ଅପରାଧରେ ସମ୍ପୃକ୍ତ ଥିବାବେଳେ ତାଙ୍କ ନାମରେ ବାଲେଶ୍ୱର ଓ ଭଦ୍ରକ ଜିଲା ସମେତ ରାଜ୍ୟର ବିଭିନ୍ନ ଥାନାରେ ୫୦ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ଏସ୍‌ପି ମନୋଜ ରାଉତ କହିଛନ୍ତି। ପୂର୍ବରୁ ଲୁଟ୍ ଘଟଣାରେ ସେ ପୋଲିସ ଉପରକୁ ମଧ୍ୟ ଗୁଳି ଚଳାଇ ଖସିଯାଇଥିଲେ। ମୋଷ୍ଟ ୱାଣ୍ଟେଡ ତାଲିକାରେ ସେ ରହିଥିଲେ। ଭଦ୍ରକରେ ସେ ଏକ ବଡ଼ଧରଣରେ ଡକାୟତି ଯୋଜନା କରୁଥିବା ଏବଂ ଭୋର ସମୟରେ ସେ ରେଳ ଷ୍ଟେଶନରେ ଥିବା ସୂଚନା ମିଳିଥିଲା। ବୁଦ୍ଧିଆ ନାମରେ କେଉଁ ଥାନାରେ କ'ଣ ମାମଲା ରହିଛି ଭେରିଫିକେଶନ ପାଇଁ ବିଭିନ୍ନ ଥାନାକୁ ଖବର କରାଯାଇଛି। ଫେରାର ହୋଇଥିବା ସହଯୋଗୀଙ୍କୁ ଧରିବାକୁ ସବୁଆଡ଼େ ନାକାବନ୍ଦୀ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅପରପକ୍ଷେ ଏହି ଏନ୍‌କାଉଣ୍ଟର ପରେ ଅନ୍ୟ ଅପରାଧୀଙ୍କ ଭିତରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ବନ୍ଧୁକ ଦେଖାଇ ସୁନା ବ୍ୟବସାୟୀଙ୍କ ଘରେ ଡକାୟତି

୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ନେଇଯାଇଥିବା ଅଭିଯୋଗ

କେନ୍ଦୁଝର/ଢେଙ୍କିକୋଟ,୧୬।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ନୀଳମଣି ମଣ୍ଡଳ)


ବ୍ୟବସାୟୀଙ୍କ ଘର ନିକଟରେ ପୋଲିସ ବିଶେଷଜ୍ଞ ଟିମ୍ ତଦନ୍ତ କରୁଛି।


କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନାଠାରୁ ଅଧ କି.ମି. ଦୂରରେ ସୁନାଗହଣା ବ୍ୟବସାୟୀ ସଞ୍ଜୟ ରାଣାଙ୍କ ଘରେ ସୋମବାର ରାତିରେ ଡକାୟତି ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ରୁପା ଗହଣା ନେଇଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ତନାଘନା ଚଳାଇଛି। ଦୁର୍ବୃତ୍ତମାନେ ଥାନା ସମ୍ମୁଖ ଦେଇ ହରିଚନ୍ଦନପୁର ଆଡ଼କୁ ପଳାଇଥିଲେ। ମଙ୍ଗଳବାର ସକାଳେ ପୋଲିସ ବିଶେଷଜ୍ଞ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଛି। ଏନେଇ ସଞ୍ଜୟ ପଣ୍ଡାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପଣ୍ଡାପଡ଼ା ଥାନାରେ ଏକ ମାମଲା (ନଂ.୨୮୮/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ସୋମବାର ରାତି ୮ଟା ବେଳେ ସଞ୍ଜୟ ଦୋକାନ ବନ୍ଦ କରି ସୁନା ରୁପା ଗହଣା ଏକ ବ୍ୟାଗ୍‌ରେ ଧରି ଘରକୁ ଯାଇଥିଲେ। ଘରେ ବ୍ୟାଗ୍ ରଖି ମାର୍କେଟ ଆସିଥିଲେ। ତାଙ୍କୁ ପିଛା କରିଥିବା ୩ ଦୁର୍ବୃତ୍ତ କିଛି ସମୟ ପରେ ଘର ପାଖରେ ପହଞ୍ଚି କବାଟ ବାଡ଼େଇ ସଞ୍ଜୟ ବୋଲି ଡାକ ପକାଇଥିଲେ। ତାଙ୍କ ମା' ସଞ୍ଜୟ ଘରେ ନାହିଁ, ବଜାରକୁ ଯାଇଛି ବୋଲି କହିଥିଲେ। ଏହାପରେ ଜଣେ ଦୁର୍ବୃତ୍ତ ସଞ୍ଜୟଙ୍କୁ ୩୦ ହଜାର ଟଙ୍କା ଦେବାର ଥିଲା ବୋଲି କହିବାରୁ ତାଙ୍କ ମା' କବାଟ ଖୋଲିବା କ୍ଷଣି ସେମାନେ ବନ୍ଧୁକ ଓ ଛୁରୀ ଧରି ଘର ଭିତରକୁ ପଶି ଯାଇଥିଲେ। ଦୁର୍ବୃତ୍ତମାନେ ଭୟଭୀତ କରି ଗହଣା ଥିବା ବ୍ୟାଗ୍ ଓ ଘର ଲକର ଖୋଲି ଟଙ୍କା ନେଇଯାଇଥିଲେ। ସେଥିରେ ଜଣେ ବ୍ୟବସାୟୀଙ୍କୁ ଦେବା ପାଇଁ ସଞ୍ଜୟ ରଖିଥିବା ପ୍ରାୟ ୬ଲକ୍ଷ ଟଙ୍କା ମଧ୍ୟ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ଲୁଟ୍ ପରେ ସେମାନେ ଚାରିଚକିଆ ଗାଡ଼ିରେ ଫେରାର ହୋଇଯାଇଥିଲେ। ତେବେ ସେହି ଗାଡ଼ିରେ ଚାଳକ ଥିଲେ ନା ନିଜେ ଲୁଟ୍ କରି ଗାଡ଼ି ଧରି ଫେରାର ହୋଇଗଲେ ଜଣାପଡ଼ି ନାହିଁ। ସେମାନେ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ ବୋଲି ସୂଚନା ମିଳିଛି। ପଣ୍ଡାପଡ଼ା ମେଡ଼ିକାଲ ନିକଟରେ ଏକାନ୍ତ ସ୍ଥାନରେ ଉକ୍ତ ଘର ଥିବାବେଳେ ଶୀତଦିନ ଯୋଗୁ ରାତି ୮ଟା ପରେ ରାସ୍ତାଘାଟ ଶୁନ୍‌ଶାନ୍ ହୋଇଯାଇଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି ଡକାୟତି କରି ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ପୋଲିସ ସବୁ ଥାନାକୁ ଜଣାଇ ରାସ୍ତା ନାକାବନ୍ଦୀ କରି ଛାନ୍‌ଭିନ୍ କରିଥିଲେ ହେଁ ଦୁର୍ବୃତ୍ତମାନଙ୍କୁ ଠାବ କରିପାରିନାହିଁ। ସ୍ଥାନୀୟ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜକୁ ଆଧାର କରି ଚଢ଼ାଉ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ପଣ୍ଡାପଡ଼ା ଥାନା ଆଇଆଇସି ଲକ୍ଷ୍ମୀକାନ୍ତ ପ୍ରଧାନ କହିଛନ୍ତି।

# ବିକ୍ରମଙ୍କ ସମେତ ୫ ଅଭିଯୁକ୍ତଙ୍କ ଜାମିନ ଖାରଜ

ବ୍ରହ୍ମପୁର,୧୬।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡା ହତ୍ୟା ମାମଲା


ବିକ୍ରମ କୁମାର ପଣ୍ଡା

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ୫ ଜଣ ଜାମିନ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇଛି। ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ, ଆଇନଜୀବୀ ତଥା ବିଜେଡି ନେତା ମଦନ ମୋହନ ଦଳାଇ, ବ୍ୟବସାୟୀ ସୁନୀଲ ହୋତା ଓ ଶୂନ୍ୟ ଦାସଙ୍କ ଜାମିନ ଆବେଦନର ଶୁଣାଣି କରି ମଙ୍ଗଳବାର ଗଞ୍ଜାମ ଜିଲା ଅତିରିକ୍ତ ଜିଲାଜଜ୍-୩ୟ ବିବସ୍ୱତ ଗୌତମ ଖାରଜ କରିଛନ୍ତି।

ପୂର୍ବରୁ ଉପରୋକ୍ତ ୫ ଅଭିଯୁକ୍ତ ନିଜ ଓକିଲଙ୍କ ଜରିଆରେ ଖଲାସ ପିଟିଶନ ଓ ଜାମିନ ଆବେଦନ କରିଥିଲେ । ଗତ ୧୨ ତାରିଖରେ ଏହାର ଶୁଣାଣି ହୋଇଥିଲା । ଉଭୟ ପକ୍ଷଙ୍କ ଓକିଲ ମଧରେ ଜବାବସୁଆଲ ହୋଇଥିଲା। ସରକାରୀ ଓକିଲ ଅଭିଯୁକ୍ତଙ୍କ ଜାମିନକୁ ଦୃଢ଼ ବିରୋଧ କରିଥିଲେ। ସେହିଦିନ କୋର୍ଟରେ ଜାମିନ ଶୁଣାଣି ହୋଇଥିଲେ ମଧ ଜଜ୍ ରାୟ ସଂରକ୍ଷିତ ରଖିଥିଲେ। ମଙ୍ଗଳବାର ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ଖାରଜ କରାଯାଇଥିବା ସ୍ୱତନ୍ତ୍ର ପିପି କାଳୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୬ ତାରିଖରେ ପୀତବାସଙ୍କୁ ତାଙ୍କ ଘର ନିକଟରେ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ବିକ୍ରମ ଓ ପିଣ୍ଟୁ ସମେତ ମୋଟ ୧୬ ଜଣଙ୍କୁ ପର୍ଯ୍ୟାୟକ୍ରମେ ଗିରଫ କରିଥିଲା। ସେମାନଙ୍କ ୧୫ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଥିବା ବେଳେ ଶିବଶଙ୍କର ଫୁଲବାଣୀ ଜେଲରେ ଅଛନ୍ତି।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଢେଙ୍କାନାଳ,୧୬।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଟୋଲରପଶି ଗ୍ରାମରେ ଘଟିଥିବା କାହ୍ନା ମଳିକ ହତ୍ୟାକାଣ୍ଡର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ପ୍ରଣତି ସାହା ମାମଲାର ଅଭିଯୁକ୍ତ ଗିରିଧାରୀ ମଳିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ୨୭ ଅଗଷ୍ଟ ୨୦୨୧ରେ ଘରୁ ବାହାରିଯାଇଥିବା କାହ୍ନା ରାତିରେ ଫେରି ନ ଥିଲେ। ମା' ଶାନ୍ତି ମଳିକ ଏ ନେଇ ନିହଲ ପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭୮/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲା। ଅଭିଯୁକ୍ତ ଗିରିଧାରୀଙ୍କୁ ଗିରଫ କରାଯିବା ପରେ କାହ୍ନାଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା। ଏହି ମାମଲାର ସିଟି ସେସନ୍ସ କେସ୍ ନଂ. ୮୬/୨୦୨୨ର ବିଚାର କରି ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଅଭିଯୁକ୍ତ ଗିରିଧାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ପରିଚାଳନା କରିଥିଲେ।

# ୨ ନାଇଜେରୀୟଙ୍କୁ ୩ ବର୍ଷ ୫ ମାସ, ଭାରତୀୟ ମହିଳାଙ୍କୁ ୧ବର୍ଷ ୫ ମାସ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୧୬।୧୨(ବାଞ୍ଛାନିଧି ଦେ)

ସାଇବର ଠକେଇ ମାମଲା

ଏକ ସାଇବର ଠକେଇ ମାମଲାର ଶୁଣାଣି କରି ମଙ୍ଗଳବାର ବାଲେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ପବିତ୍ରମୋହନ ପଣ୍ଡା ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨ ନାଇଜେରୀୟ ସାମସୋମ୍ ଏମିକେ ଏଲିକା ଓ ଇମାନୁଏଲ୍ ନମାମୀଙ୍କୁ ୩ବର୍ଷ ୫ମାସ ଲେଖାଏ ସଶ୍ରମ କାରାଦଣ୍ଡ ସହ ଜଣେ ଭାରତୀୟ ମହିଳା ତଥା ଇମାନୁଏଲ୍ ନମାମୀଙ୍କ ସ୍ତ୍ରୀ ଟି. ସୁଚିମ୍‌ଙ୍କୁ ୧ବର୍ଷ ୫ମାସ ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ସମସ୍ତ ଦୋଷୀଙ୍କୁ ଅଧିକ ୬ମାସ ଲେଖାଏଁ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସୂଚନା ଯେ, ଉପରୋକ୍ତ ୩ ଦୋଷୀ ସାଇବର ଠକେଇରେ ଲିପ୍ତ ଥିଲେ। ବିଭିନ୍ନ ଲୋକଙ୍କୁ ଫେସବୁକ୍‌ରେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାନ୍ତି। ବନ୍ଧୁତା ସ୍ଥାପନ ପରେ ବିଭିନ୍ନ ଦେଶରୁ ସେମାନଙ୍କର ଗିଫ୍ଟ ଆସିଥିବା କୁହନ୍ତି। କଷ୍ଟମ୍ ଅଫିସର ହୋଇ କଷ୍ଟମ୍ ଚାର୍ଜ ମାଗନ୍ତି। ନ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଧମକ ଦିଅନ୍ତି। ସେମାନଙ୍କ କଥାରେ ଲୋକମାନେ ଫସି ଯାଇ ଠକାମିର ଶିକାର ହୁଅନ୍ତି। ବାଲେଶ୍ୱର ଜିଲା ବାଲିଆ ଅଞ୍ଚଳର ଜଣେ ଅଧିକାରୀ ଅପରାଧୀଙ୍କ ଜାଲରେ ଫଶି ଅଭିଯୁକ୍ତମାନଙ୍କୁ ୩୦ଲକ୍ଷ ୩୩ହଜାର ୪୫ଟଙ୍କା ଦେଇ ସାଇବର ଠକାମିର ଶିକାର ହୋଇଥିଲେ। ଏନେଇ ସେ ଗତ ୨୦୨୨ ଏପ୍ରିଲ ୧୩ ତାରିଖରେ ବାଲେଶ୍ୱର ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ୨୦୨୨ ଅଗଷ୍ଟରେ ଦିଲ୍ଲୀରୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଟି. ସୁଚିମ୍‌ଙ୍କୁ ଜାମିନ ମିଳିଥିବା ବେଳେ ଅନ୍ୟ ଦୁଇଜଣ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିଲେ। ସମସ୍ତ ସାକ୍ଷୀ, ପ୍ରମାଣ ଓ ଦସ୍ତାବିଜକୁ ଆଧାର କରି ବିଚାରପତି ଦୋଷୀମାନଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଲତିକା ରଣା ମାମଲା ପରିଚାଳନା କରୁଥିଲେ।

## Business

# ବିଦ୍ୟୁତ୍ ସଙ୍କଟ ମଧ୍ୟରେ ସୁରକ୍ଷା ଜମାରାଶି ଦାବିକୁ ବିରୋଧ

ଭୁବନେଶ୍ୱର,୧୬।୧୨ (ଅନୁରାଧା ମହାରଣା)




ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓଏସ୍‌ମେ) ଓଡ଼ିଶାର ସମସ୍ତ ମାଇକ୍ରୋ, ସ୍ମଲ ଏବଂ ମିଡିୟମ ଉଦ୍ୟୋଗ ପକ୍ଷରୁ ବିଦ୍ୟୁତ୍‌ସଙ୍କଟ ସତ୍ତ୍ୱେ ଟାଟା ପାୱାର ବିତରଣ କମ୍ପାନୀଗୁଡ଼ିକ ଦ୍ୱାରା ଶିଳ୍ପ ଉପଭୋକ୍ତାମାନଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମାରାଶି ଦାବି କରାଯାଉଥିବା ଅଭିଯୋଗ ହୋଇଛି। ଓଏସ୍‌ମେ ଅଭିଯୋଗ ଅନୁସାରେ, ଓଡ଼ିଶାର ବିଭିନ୍ନ ଶିଳ୍ପ ଅଞ୍ଚଳରେ ପ୍ରତିଦିନ ଏବଂ ଦୀର୍ଘସମୟ ଧରି ଲୋଡ୍ ସେଡିଂ ହେଉଥିବା ସମୟରେ ଟାଟା ପାୱାର ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଉପରେ ଅତିରିକ୍ତ ଆର୍ଥିକ ଭାର ଧାର୍ଯ୍ୟ କରୁଛି। ଅଘୋଷିତ ଏବଂ ଅନିୟମିତ ବିଦ୍ୟୁତ୍ ବିଚ୍ଛିନ୍ନତା କାରଣରୁ ଶିଳ୍ପଗୁଡ଼ିକ ପ୍ରତିଦିନ ଉତ୍ପାଦନ, ଡେଲିଭରି ଏବଂ କର୍ମଚାରୀ ପରିଚାଳନାରେ ଭାରି ବାଧା ସହିତ ବହୁ କୋଟି ଟଙ୍କାର କ୍ଷତି ସହୁଛନ୍ତି। ଉତ୍ପାଦନମୂଳକ ଶିଳ୍ପଗୁଡ଼ିକ ପାଇଁ ବିଦ୍ୟୁତ୍‌ର ଅବିରତ ଯୋଗାଣ ଅତ୍ୟାବଶ୍ୟକ। ଉତ୍ପାଦନ ପ୍ରକ୍ରିୟା ଚାଲୁଥିବା ସମୟରେ ହଠାତ୍ ବିଦ୍ୟୁତ୍ ବନ୍ଦ ହେଲେ କେବଳ କାମ ଅଟକିଯାଏ ନୁହେଁ, ବରଂ ଅଧା ତିଆରି ସାମଗ୍ରୀ ନଷ୍ଟ ହେବା, ଯନ୍ତ୍ରପାତିର ସେଟିଂ ଭାଙ୍ଗିବା, ରିଜେକ୍ସନ ହାର ବଢ଼ିବା ଏବଂ କଞ୍ଚାମାଲର ଅପଚୟ ହେବା ଭଳି ଗୁରୁତର ସମସ୍ୟା ସୃଷ୍ଟି ହୁଏ। ଅନେକ ମାମଲାରେ ଅଧା ତିଆରି ସାମଗ୍ରୀକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିବାକୁ ପଡୁଛି, ଯାହା ପାଇଁ କୌଣସି କ୍ଷତିପୂରଣର ବ୍ୟବସ୍ଥା ନାହିଁ । ଏନେଇ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବିଦ୍ୟୁତ୍ ଯୋଗାଣ ସର୍ତ୍ତାବଳୀ କୋଡ୍ ୨୦୧୯ର ଧାରା ୫୩, ୫୪, ୫୫ ଏବଂ ୫୬ ଅନୁସାରେ ଅତିରିକ୍ତ ସୁରକ୍ଷା ଜମାରାଶି ଦାବିର ଆଇନଗତତା, ତର୍କସଙ୍ଗତତା ଏବଂ ନ୍ୟାୟସଙ୍ଗତତା ଉପରେ ଗଭୀର ପ୍ରଶ୍ନ ଉଠାଇଛନ୍ତି। ଏହାସହ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ଶିଳ୍ପ ଉପଭୋକ୍ତାଙ୍କ ଉପରେ ଲାଗୁ କରାଯାଇଥିବା ଅତିରିକ୍ତ ସୁରକ୍ଷା ଜମାରାଶି ତୁରନ୍ତ ଫେରସ୍ତ ସହ ଓଡ଼ିଶାର ସମସ୍ତ ଶିଳ୍ପ ଏବଂ ଶିଳ୍ପ ଏଷ୍ଟେଟଗୁଡ଼ିକୁ ନିରବଚ୍ଛିନ୍ନ ଏବଂ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ଦାବି କରାଯାଇଛି। ବିଦ୍ୟୁତ୍ ବିଚ୍ଛିନ୍ନତା ହେତୁ ଶିଳ୍ପଗୁଡ଼ିକୁ ହୋଇଥିବା ଆର୍ଥିକ କ୍ଷତି ପାଇଁ କ୍ଷତିପୂରଣ କିମ୍ବା ସମନ୍ୱୟ ବ୍ୟବସ୍ଥା ପାଇଁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଚେୟାରମ୍ୟାନ ଗୌରୀଶଙ୍କର ଦାଶ, ଜେନେରାଲ ସେକ୍ରେଟାରି ସାତ୍ତ୍ୱିକ ସ୍ୱାଇଁ, ସେକ୍ରେଟାରି ଏକଜିକ୍ୟୁଟିଭ୍ ବିପନ୍ନ ନାରାୟଣ ମହାନ୍ତି, ଆସିଷ୍ଟାଣ୍ଟ ସେକ୍ରେଟାରି ଏକଜିକ୍ୟୁଟିଭ୍ ପ୍ରତ୍ୟୁଷ ମହାରଣା, କଟକ ଜିଲା ସେକ୍ରେଟାରି ରୁଦ୍ରାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାରାଣସୀ ହେବ ରେଳ ଲୋକୋମୋଟିଭ ରପ୍ତାନି ହବ୍

ଭୁବନେଶ୍ୱର,୧୬।୧୨ (ଅନୁରାଧା ମହାରଣା)



ବାରାଣସୀ ଲୋକୋମୋଟିଭ ୱାର୍କସ (ବିଏଲ୍‌ଡବ୍ଲ୍ୟୁ) ମୋଜାମ୍ବିକ୍‌କୁ ଷଷ୍ଠ ସ୍ୱଦେଶୀ ୩୩୦୦ ହର୍ସ ପାୱାର ଏସି-ଏସି ଡିଜେଲ-ଇଲେକ୍ଟ୍ରିକ ଲୋକୋମୋଟିଭ ରପ୍ତାନି କରି ଲୋକୋମୋଟିଭ ନିର୍ମାଣ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଭାରତ ପାଇଁ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ୧୦ଟି ଲୋକୋମୋଟିଭ ନିର୍ମାଣ ଏବଂ ରପ୍ତାନି ପାଇଁ ଏକ ଚୁକ୍ତି ଅଧୀନରେ ଏହି ଲୋକୋମୋଟିଭଗୁଡ଼ିକର ଯୋଗାଣ ଏମ୍/ଏସ୍ ରାଇଟ୍ସ ମାଧମରେ କାର୍ଯ୍ୟକାରୀ କରାଯାଉଛି। ପ୍ରଥମ ଦୁଇଟି ଲୋକୋମୋଟିଭ ୨୦୨୫ ଜୁନ୍‌ରେ ପଠାଯାଇଥିଲା। ସେପ୍ଟେମ୍ବରରେ ତୃତୀୟ, ଅକ୍ଟୋବରରେ ଚତୁର୍ଥ ଏବଂ ଡିସେମ୍ବର ୧୨ରେ ପଞ୍ଚମ ଲୋକୋମୋଟିଭ ପଠାଯାଇଥିଲା। ୧୫ ଡିସେମ୍ବରରେ ୬ଷ୍ଟ ଲୋକୋମୋଟିଭ୍ ପଠାଯାଇଛି। ଭାରତୀୟ ରେଳ ଅଧୀନରେ ବାରାଣସୀରେ ଅବସ୍ଥିତ ଏକ ସାର୍ବଜନୀନ କ୍ଷେତ୍ରର ଉଦ୍ୟୋଗ, ଲୋକୋମୋଟିଭ ଉତ୍ପାଦନ ପାଇଁ ଏକ ପ୍ରମୁଖ ରପ୍ତାନି କେନ୍ଦ୍ର ଭାବରେ ଉଭାହେଉଛି। ସ୍ୱଦେଶୀ ଡିଜାଇନ ଏବଂ ଉନ୍ନତ ରେଳ ପ୍ରଯୁକ୍ତିବିଦ୍ୟାର ନିର୍ମାଣରେ ଏହାର ବିଶେଷଜ୍ଞତା ବ୍ୟବହାରକରି, ବିଏଲ୍‌ଡବ୍ଲ୍ୟୁ ବିଶ୍ୱ ରେଳ ବଜାରରେ ଭାରତର ଉପସ୍ଥିତିକୁ ମଜଭୁତ କରୁଛି। ୨୦୧୪ ମସିହାରୁ ବିଏଲ୍‌ଡବ୍ଲ୍ୟୁ ଶ୍ରୀଲଙ୍କା, ମ୍ୟାନ୍‌ମାର ଏବଂ ମୋଜାମ୍ବିକ ଭଳି ଦେଶଗୁଡ଼ିକୁ ଲୋକୋମୋଟିଭ ରପ୍ତାନି କରିଛି। ମେକ୍ ଇନ୍ ଇଣ୍ଡିଆ ଏବଂ ମେକ୍ ଫର୍ ଦି ୱାର୍ଲ୍ଡର ଦୃଷ୍ଟିକୋଣ ସହିତ ସଂଯୁକ୍ତ, ଏହି ରପ୍ତାନିଗୁଡ଼ିକ ବିଶ୍ୱ ସ୍ତରରେ ପ୍ରଚଳିତ ବିଭିନ୍ନ ଗଜ୍ ସିଷ୍ଟମ ପାଇଁ ରୋଲିଂ ଷ୍ଟକ୍ ଡିଜାଇନ, ନିର୍ମାଣ ଏବଂ ଯୋଗାଣ କରିବାର ଭାରତୀୟ ରେଳପଥର କ୍ଷମତାକୁ ପ୍ରଦର୍ଶନ କରୁଛି। ଏହିଭଳି ପଦକ୍ଷେପ ମାଧମରେ, ଭାରତୀୟ ରେଳପଥ ରେଳ ରୋଲିଂ ଷ୍ଟକ୍ ଏବଂ ସମ୍ବନ୍ଧିତ ସେବାର ଏକ ନିର୍ଭରଯୋଗ୍ୟ ରପ୍ତାନିକାରୀ ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରୁଛି। ଏପର୍ଯ୍ୟନ୍ତ ଭାରତ ୟୁରୋପୀୟ ରାଷ୍ଟ୍ର ଯେପରିକି ୟୁକେ, ଫ୍ରାନ୍ସ, ସ୍ପେନ୍, ଜର୍ମାନୀ, ଇଟାଲୀ ଆଦିକୁ ମେଟ୍ରୋ କୋଚ୍, ବଗି, ଯାତ୍ରୀ କୋଚ, ଲୋକୋମୋଟିଭ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରେଳ ଉପକରଣ ରପ୍ତାନି କରିଛି। ଆଫ୍ରିକାରେ ମୋଜାମ୍ବିକ୍, ଗିନି, ଦକ୍ଷିଣ ଆଫ୍ରିକା ଆଦି ରହିଛି। ଅନ୍ୟାନ୍ୟ ପ୍ରମୁଖ ଦେଶ ଯେଉଁଠାରେ ରପ୍ତାନି ହୋଇଥିବା ଉପକରଣଗୁଡ଼ିକ ମଧରେ ମ୍ୟାନ୍‌ମାର, ବାଂଲାଦେଶ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, କାନାଡା ଏବଂ ମେକ୍ସିକୋ ରହିଛି।

# ବିଓବିର ଜଗତପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୧୨ (ଅନୁରାଧା ମହାରଣା)



ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ସ୍ଥାନାନ୍ତରିତ ଏବଂ ନବୀକରଣ ହୋଇଥିବା ନୂତନ ଜଗତପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଶାଖା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଏହି ଶାଖାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରା ଏବଂ କଟକ କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଗୌତମ ପାଲ ଉପସ୍ଥିତ ଥିଲେ। ଜଗତପୁର ଶାଖାର ଶାଖା ମୁଖ୍ୟ ଦେବାଶିଷ ରାଉତ ଏବଂ ଶାଖାର ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୫୦ରୁ ଅଧିକ ଗ୍ରାହକ ଏଥିରେ ଯୋଗଦେଇଥିଲେ। ସୂଚନା ଥାଉକି, ବ୍ୟାଙ୍କ ଅଫ୍ ବରୋଦା ହେଉଛି ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ। ରାଜ୍ୟରେ ଏହାର ୨୦୨ଟି ଶାଖା ରହିଛି।



| କ୍ରମିକ ସଂଖ୍ୟା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନମ୍ବର | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧୨୯ | ହିମାଂଶୁ ଭୂଷଣ ଦାଶ, ପି: ମଧୁସୂଦନ ଦାଶ, ଜା: ବ୍ରାହ୍ମଣ, ବା: N3/174, IRC VILLAGE, BHUBANESWAR, 751015 | ୧୬୩/ ୫୬୩ | ୧୧୫୫ | ଶାରଦ ତିନି | ୦.୧୪୦ | ୦.୧୪୦ | |
| ୧୩୦ | ପ୍ରଣବ ଦାଶ, ଓମ ପ୍ରକାଶ ଦାଶ, ପ୍ରିତିପଦ ଦାଶ, ପି: ମାଧବାନନ୍ଦ | ୧୬୩/ ୫୬୪ | ୧୧୪୯ | ଶାରଦ ଦୁଇ | ୦.୬୮୦ | ୦.୬୮୦ | |
| ୧୩୧ | ଦାଶ, ଜା: ବ୍ରାହ୍ମଣ ବା: ଧଳପୁର, ଥା- ମୋଟଙ୍ଗା, ଜିଲ୍ଲା - ଢେଙ୍କାନାଳ | | ୧୧୫୬ | ଶାରଦ ଦୁଇ | ୦.୨୩୦ | ୦.୨୩୦ | |
| | | | | | ମୋଟ | ୦.୯୧୦ | |
| | | | | | ମୋଟ ରକବା- ଏ | ୧୯.୪୯୦ | |

OIPR-24034/14/0010/2526


# ଗୋ-ଟୁ-ମାର୍କେଟ୍ ଷ୍ଟ୍ରାଟେଜି କର୍ମଶାଳା ଆୟୋଜିତ

ଭୁବନେଶ୍ୱର,୧୬।୧୨ (ଅନୁରାଧା ମହାରଣା)

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନ ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଦିନକିଆ ଗୋ-ଟୁ-ମାର୍କେଟ୍ ଷ୍ଟ୍ରାଟେଜି କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଓ-ହବ୍ ଅଡିଟୋରିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିଚ୍‌ବେଟର.ଏଆଇ ଅନୁଷ୍ଠାନର ପ୍ରତିଷ୍ଠାତା ବିନିତ ଅଗ୍ରୱାଲ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବଜାରକୁ ନୂଆକରି ପ୍ରଡକ୍ଟ ଆସିବା ପୂର୍ବରୁ ଓ ପରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ଅବଗତ କରାଇଥିଲେ। ରାମ୍ପ (ରେଜିଂ ଆଣ୍ଡ ଏକ୍ସିଲରେଟିଂ ଏମ୍‌ଏସ୍‌ଏମ୍‌ଇ ପର୍ଫମାନ୍ସ) ପ୍ରୋଗ୍ରାମ ଅଧୀନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୱାକାଥନ୍




ଭୁବନେଶ୍ୱର,୧୬।୧୨ (ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ୧୧୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କର୍ମଚାରୀ ଏବଂ ସମାଜର ସୁସ୍ଥତାକୁ ଉତ୍ସାହିତ କରିବା ପାଇଁ ଦେଶବ୍ୟାପୀ ୱାକାଥନ୍‌ର ଆୟୋଜନ କରାଯାଇଛି। 'ଫିଟ୍ ରୁହନ୍ତୁ-ସୁସ୍ଥ ରୁହନ୍ତ' ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ଏହି ୱାକାଥନ୍ ବ୍ୟସ୍ତବହୁଳ ବୃତ୍ତିଗତ ପରିବେଶରେ ଶାରୀରିକ ସୁସ୍ଥତା, ମାନସିକ ସୁସ୍ଥତା ଏବଂ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ୱାକାଥନ୍‌ରେ ବହୁସଂଖ୍ୟାରେ ବ୍ୟାଙ୍କର କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅନୁଷ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାବାଲେଙ୍କା ପୁଣି ପ୍ଲେୟର ଅଫ୍ ଦି ଇୟର

**ନ୍ୟୁୟର୍କ, ୧୬।୧୨ (ଏପି)**

ଆରିନା ସାବାଲେଙ୍କା ସୋମବାର କ୍ରମାଗତ ଦ୍ୱିତୀୟ ଥର ଡବ୍ଲ୍ୟୁଟିଏ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ୟୁଏସ୍ ଓପନ ଜିତିବା ଏବଂ ଅନ୍ୟ ଦୁଇଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ ସହ ନମ୍ବର-୧ ଭାବେ ସିଜନ ଶେଷ କରିଥିଲେ। ଏଥିଯୋଗୁ ତାଙ୍କୁ ମିଡିଆ ପ୍ୟାନେଲରୁ ପାଖାପାଖି ୮୦% ଭୋଟ୍ ମିଳିଥିଲା। ଗତ ୨୫ ବର୍ଷ ମଧ୍ୟରେ ଲଗାତର ଏହି ପୁରସ୍କାର ପାଇବାରେ ସେ ସେରେନା ୱିଲିୟମ୍ସ ଓ ଇଗା ସ୍ୱିଟେକ୍ଙ୍କ ପରେ ତୃତୀୟ ଖେଳାଳି। ବେଲାରୁଷର ୨୭ ବର୍ଷୀୟା ସାବାଲେଙ୍କା ୨୦୨୫ରେ ୬୩ଟି ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ୧୨ଟିରେ ପରାଜିତ ହୋଇଛନ୍ତି ଏବଂ ୯ଟିରେ ସେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏଥି ସହିତ ସେ ୧୫ ନିୟୁତ ଡଲାର ପୁରସ୍କାର ରାଶି ଲାଭ କରିଛନ୍ତି, ଯାହାକି ଏକ ଟୁର୍ ରେକର୍ଡ। ୨୦୨୫ରେ ସେ ବର୍ଷସାରା ନମ୍ବର-୧ ରହିଆସିଛନ୍ତି। ସୂଚନାଯୋଗ୍ୟ, ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନ ମାଡିସନ କିଜ୍‌ଙ୍କଠାରୁ ପରାଜିତ ହୋଇ ସେ ରନରଅପ୍ ହୋଇଥିଲେ। ଜୁନ୍‌ରେ ଫ୍ରେଞ୍ଚ ଓପନ ଫାଇନାଲରେ ସେ କୋକୋ ଗଫ୍‌ଙ୍କଠାରୁ ପରାଜିତ ହୋଇଥିଲେ। ଜୁଲାଇରେ ସେ ୱିମ୍ବଲଡନ ସେମିଫାଇନାଲରେ ପ୍ରବେଶ କରି ସେ ଆମାଣ୍ଡା ଆନିସିମୋଭାଙ୍କଠାରୁ ପରାଜିତ ହୋଇଯାଇଛନ୍ତି। ଅନ୍ୟପକ୍ଷରେ ଆନିସିମୋଭା ମୋଷ୍ଟ ଇମ୍ପ୍ରୁଭଡ୍ ପ୍ଲେୟର ପୁରସ୍କାର ପାଇଁ ମନୋନୀତ ହୋଇଥିଲେ।


## ଜନ୍ମଦିନ ଶୁଭେଚ୍ଛା



**ଅନୁଷ୍କା ପ୍ରିୟଦର୍ଶିନୀ(ଗୁନୁ)**
DOB:17.12.2012
**କୋରଙ୍ଗା, ତରବୋଇ, ଜଟଣୀ, ଖୋର୍ଦ୍ଧା**
ଆଜି ତୋର ତ୍ରୟୋଦଶତମ ଜନ୍ମବାର୍ଷିକ ଅବସରରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ବାବା- ସୁକାନ୍ତ, ମାମା- ରାଜଶ୍ରୀ(ରିଙ୍କୁ), ମିମି, ବା, ମାମୁ, ମାଇଁ, ଜେଜେ, ଜେଜେମା, ବଡବୋଉ, ବଡବାପା, ଦାଦା, ଖୁଡ଼ୀ, ଭାଇ- ରିଶି, ଆଦି, ବୀର, ଚିନ୍ଟୁ, ପିଣ୍ଟୁ, ଗୁଡୁଲୁ, ରିତୁନ, ଭଉଣୀ- ଗେଲି, ଦୀୟା, ପ୍ରିୟା, ଗୁଗୁଲୁ, ବେବି, ଶ୍ରୀୟା, ମଉସା, ମାଉସୀ, ପିଉସା, ପିଉସୀ ଏବଂ ବନ୍ଧୁ ଓ ପରିବାରବର୍ଗ।


# ମାର୍ଚ୍ଚ ୨୬ରୁ ମେ ୩୧ ମଧ୍ୟରେ ହେବ ଆଇପିଏଲ୍

**ମୁମ୍ବାଇ, ୧୬।୧୨ (ପି.ଟି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସଂସ୍କରଣ ମାର୍ଚ୍ଚ ୨୬ରୁ ମେ' ୩୧ ମଧ୍ୟରେ ଖେଳାଯିବ। ମାତ୍ର ଆର୍‌ସିବିର ଘରୋଇ ଗ୍ରାଉଣ୍ଡ ବେଙ୍ଗାଲୁରୁରେ ଓପନିଂ ମ୍ୟାଚ୍ ଖେଳାଯାଉଛି କି ନା ତାହା ଉପରେ ଅନେକେ ଲକ୍ଷ୍ୟ ରଖିଛନ୍ତି। ନିୟମାନୁସାରେ, ଆଇପିଏଲ୍ ୨୦୨୫ ଟାଇଟଲ ବିଜେତା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ହୋମ୍ ଗ୍ରାଉଣ୍ଡ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଓପନିଂ ମ୍ୟାଚ୍ ଖେଳାଯିବା ଉଚିତ। ମାତ୍ର ସେଠାରେ ହେବ କି ନା ତାହା ଲକ୍ଷ୍ୟ କରିବା କଥା। ଯଦିଓ ଏହି ଭେନ୍ୟୁ କର୍ଣ୍ଣାଟକ ରାଜ୍ୟ ସରକାରଙ୍କଠାରୁ ସର୍ତ୍ତମୂଳକ କ୍ଲିୟରାନ୍ସ ହାସଲ କରିଛି, ତଥାପି ଚଳିତବର୍ଷ ଜୁନ୍‌ରେ ଆର୍‌ସିବିର ବିଜୟ ଉତ୍ସବ ପାଳନ ବେଳେ ଏକ ଦଳାଚକଟା ଘଟଣାରେ ୧୧ଜଣ ଖେଳପ୍ରେମୀଙ୍କ ମୃତ୍ୟୁ ଘଟିଥିଲା।

# ଫର୍ମୁଲା ୱାନ୍ କ୍ୟାଲେଣ୍ଡରକୁ ଫେରିବ ପର୍ତ୍ତୁଗାଲ

**ପ୍ୟାରିସ, ୧୬।୧୨ (ଏପି):** ଡଚ୍ ଗ୍ରାଁ ପ୍ରି ବଦଳରେ ୨୦୨୭ ଓ ୨୦୨୮ରେ ଫର୍ମୁଲା ୱାନ କ୍ୟାଲେଣ୍ଡରକୁ ଫେରିବ ପର୍ତ୍ତୁଗାଲ। ପୂର୍ବରୁ କରୋନା ଭାଇରସ ମହାମାରୀ ସମୟରେ ପୋର୍ଟିମାଓ ନିକଟବର୍ତ୍ତୀ ଅଲ୍ ଗାରେଭ ଇଣ୍ଟରନ୍ୟାଶନାଲରେ ସର୍କିଟରେ ୨୦୨୦ ଓ ୨୦୨୧ରେ ଫର୍ମୁଲା ୱାନ ଆୟୋଜିତ ହୋଇଥିଲା।

# ମହିଳା ଫୁଟବଲ: ଓଡ଼ିଶା ପୋଲିସ ଚାମ୍ପିୟନ

**ଭୁବନେଶ୍ୱର, ୧୬।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ମହିଳା ଫୁଟବଲ ଲିଗ୍‌ରେ ଓଡ଼ିଶା ପୋଲିସ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଓଡ଼ିଶା ପୋଲିସ ୫-୦ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ଫଳରେ ପଏଣ୍ଟ ଭିତ୍ତିରେ ଓଡ଼ିଶା ପୋଲିସ ଟାଇଟଲ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ପ୍ୟାରୀ ଖାଖା ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ଯଶୋଦା ମୁଣ୍ଡା ଓ ସତ୍ୟବତୀ ଖାଡ଼ିଆ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ୟାରୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁଜିତ କୁମାର ପାତ୍ରୋ, ଶିବ ସାମନ୍ତରାୟ, ଶିବ ଦେହୁରି ଓ ସୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ସୁଦୀପ୍ତା ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।



ଚାମ୍ପିୟନ ଓଡ଼ିଶା ପୋଲିସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# କୁଚ୍ ବିହାର ଟ୍ରଫି : ହିମାଚଳ ପ୍ରଦେଶ ୧୮୧: ଓଡ଼ିଶା ୪୪/୦

**ବଲାଙ୍ଗୀର, ୧୬।୧୨**
**(ବୀରେନ୍ଦ୍ର କୁମାର ଝାଙ୍କର)**

ମଙ୍ଗଳବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ(୧୯ ବର୍ଷରୁ କମ୍) ମ୍ୟାଚ୍ ମଙ୍ଗଳବାର ଆରମ୍ଭ ହୋଇଛି। ଟସ୍ ଜିତି ହିମାଚଳ ପ୍ରଦେଶ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦବସରେ ସମସ୍ତ ଉଇକେଟ ହରାଇ ଦଳ ୧୮୧ ରନ୍ କରିଥିଲା। ହିମାଚଳ ପ୍ରଦେଶ ପକ୍ଷରୁ ଆଦିତ୍ୟ କଟାରିଆ ସର୍ବାଧିକ ୫୭, ଅର୍ପିତ୍ ସିଂ ୪୧, କବୀର ସିଂ ୩୭ ରନ୍ ସଂଗ୍ରହ କରିଥିଲେ। ଓଡ଼ିଶା ପକ୍ଷରୁ ସଫଳ ବୋଲର ଭାବେ ପ୍ରିୟାଂଶୁ ମହାନ୍ତି ସର୍ବାଧିକ ୭ଟି ଉଇକେଟ, ସମ୍ବିତ ବେଜ୍ ଓ ରାଜ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ତା'ର ପ୍ରଥମ ଇନିଂସ ଆରମ୍ଭକରି ମଙ୍ଗଳବାର ଖେଳ ଶେଷ ସୁଦ୍ଧା କୌଣସି ଉଇକେଟ ନ ହରାଇ ୪୪ ରନ୍ ସଂଗ୍ରହ କରିଛି। ସମ୍ବିତ ବେଜ୍ ୨୫ ଓ ଅଭିଜିତ ଦାସ ୧୮ ରନ କରି ଅପରାଜିତ ଅଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଏବଂ ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦାନ କରିଥିଲେ। ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେଉଛି।



ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।


# Classified Everyday
0674-2580101, 9692975378



MATRIMONIAL

**BRIDE WANTED**

Handsome Khandayat Boy 1997, 5'8" B-Tech Serving Accenture, Bhubaneswar, SUNASANSAR. 9937512659. D-2827

ଝିଅ ଆବଶ୍ୟକ: ଚାକିରି କରି ଏକାକୀ ରହୁଥିବା, 49-ବୟସ, Divorce ପୁଅପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-2826



REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452. D-227

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



CONSTRUCTION

Construct Your Home With Tata Rod, Ultratech Cement, Colour Electrical, PHD, Door Complete 1350/-. 9827152441. D-2828




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, Dhananjaya Behera, S/o. Pabitra Behera, Resident of Village-Brahmapur, P.O.-Bedapada, P.S.- Rasol, Dist.- Dhenkanal, Odisha- 759019 declare that I have changed my minor daughter's name from SOUNYASHREE BEHERA to SWAYAM SHREE BEHERA on dtd.16.12.2025 before Executive Magistrate, Hindol.
Dhananjaya Behera
D-2839

By virtue of affidavit, No.- 4788, I, Pradeep Kumar Debta, S/o. Keshaba Debta, Resident of Debta Colony, W.D. No.- 13, Bargarh- 768028, I do here by declare that henceforth, I shall be known as Pradeep Debta for all purposes. D-2841

I, Jai Pattanayak, W/o. Chakradhar Pattanayak resident of Vill./P.O.- Nimabahali, P.S.-Balimi, Dist.- Dhenkanal, Odisha- 759121, declare that I have changed my name from JAITRI PATTANAYAK to JAI PATTANAYAK on dtd. 15.12.2025 before Executive Magistrate, Hindol.
Jai Pattanayak
D-2840

By virtue of an affidavit sworn before the Executive Magistrate, Boudh, No.1688, Dtd.16.12.25, I, Nandini Sethy, W/o. Sanjit Kumar Sethy, R/o. Village-Palaspat, P.O.- Ramgarh, P.S./Dist.- Boudh (Odisha) PIN- 762013 declare that I have changed the name of my son from Sukant Sethi to Sukanta Sethy. Henceforth, he shall be known as Sukanta Sethy for all purposes.
Nandini Sethy
D-2842

By virtue of an affidavit dtd.16.12.2025 sworn before Executive Magistrate, Bhadrak, I, Kaberi Patra, W/o.- Biswajit Mallick, Vill.– Samaraipur, P.O.- Gelpur, P.S.- Bhadrak (R), Dist.- Bhadrak, Odisha, PIN- 756181 declare that I have changed my son's name from Ayush Mallick to Ayushman Mallick. Henceforth, he shall be known as Ayushman Mallick for all purposes. D-2843

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

**ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ**
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



**ଵ ଅନୁପମା ସାହୁ**
ସ୍ୱାମୀ - ଵ ମଦନମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୧୭.୧୨.୨୦୧୩
ମାଆ,
ଜୀବନର ଋଣ ଶୁଝି ଆରପାରିକୁ ଚାଲିଗଲ। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଆମର ପାଥେୟ ହେଉ।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ପରିଜନ

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**ଵ ଶଶାଙ୍କ ଶେଖର ସାମନ୍ତ**
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ, ଓଡ଼ିଶା
ଆବିର୍ଭାବ : ୩୦.୦୫.୧୯୪୨
ତିରୋଧାନ : ୧୫.୧୨.୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହିତ : ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ।

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଵ ଧଜେନ୍ଦ୍ର ବରିସଲ**
ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୪।୦୩।୧୯୩୯
ତିରୋଧାନ: ୦୭।୧୨।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ-ବୋହୂ: ପ୍ରମୋଦ- ସୁଜାତା, ପ୍ରଦୀପ- ସ୍ମୃତିଶିଖା (19 No. WARD, CORPORATOR, BMC)
ଝିଅ-ଜ୍ୱାଇଁ: ଶ୍ୟାମସୁନ୍ଦର-ନିରୁପମା, ମିହିର- ମନୋରମା
ନାତି- ନାତୁଣୀ: ବିଶାଲ, ଭିପୁଲ, ତ୍ରୀଶା, ରାଜା, ରୋହନ ଏବଂ ପରିବାରବର୍ଗ।

**ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଵରମାମଣୀ ରାୟ(ରମାଦିଦି)**
ସ୍ଥାନ- ଶାଆଁଳପୁର, ଧୂଷୁରୀ
ଆବିର୍ଭାବ- ୦୭।୦୬।୧୯୪୩
ତିରୋଧାନ- ୧୭।୧୨।୨୪
ଚାହୁଁଚାହୁଁ ବରଷଟେ ବିତିଗଲାଣି। ପ୍ରତିଟି ମୁହୂର୍ତ୍ତରେ ଆମେ ତୁମର ଅନୁପସ୍ଥିତି ଉପଲବ୍ଧି କରୁଛୁ। ତୁମର ହସହସ ମୁହଁ, କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱବୋଧ, ପରୋପକାରିତା କଥା ଆମମାନଙ୍କ ପ୍ରେରଣାର ଉତ୍ସ ହୋଇ ରହିଛି। ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁପରିଜନ ଓ ପରିବାରବର୍ଗ।



# LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର, (ଶ୍ରୀ ଆଶୁତୋଷ ସାମଲ, OAS (SAG)),
ଅତିରିକ୍ତ ରିଭିଜନ କୋର୍ଟ ନଂ. ୨ ଅଧିକାରୀଙ୍କ ନ୍ୟାୟାଳୟ
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ନଅ ମହଲା, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.୩୫୪/୨୦୨୪
(ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା - ୧୫(ବି) ଅନୁଯାୟୀ)
ଶ୍ରୀ ଅଜୟ କୁମାର ରାଉତ ....ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓଗେର .... ପ୍ରତିବାଦୀମାନେ
ପ୍ରତିବାଦୀ ନଂ.୬, କରୁଣାକର ସାହୁ, ପି.- ଵ ଭାଗୁଲି ସାହୁ,
ସା/ ପୋ.ଅ./ ଥାନା- ମଂଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
ଦେୱାନୀ ଆଇନର ଅର୍ଡର- ୫ ରୁଲ୍-୨୦ ଅନୁଯାୟୀ ନୋଟିସ
ଏତଦ୍ୱାରା ଅତ୍ର ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି । ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି ।
ଜମିର ତଫସିଲ
ମୌଜା- ଭୁବନେଶ୍ୱର ସହର, ୟୁନିଟ୍- ୩୯, ଗାଡକଣ, ଥାନା- ନିୟୁ କ୍ୟାପିଟାଲ ନଂ.୨୫, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.୨୧୦୫, ହାଲ୍ ପ୍ଲଟ ନଂ.୫୨୬୪ ଏ.୦.୧୩୦ଡି. ସ୍ୱଧରୁ ଏ.୦.୦୪୫ଡି., ସାବକ ମୌଜା- ଗାଡକଣ, ସାବକ ଖାତା ନଂ.୫୧୨, ସାବକ ପ୍ଲଟ୍ ନଂ.୨୬୫୭, ଏ.୦.୧୩୦ ଡି. କ୍ରୟବୃତ୍ତି ଏ.୦.୦୪୪୫ଡି., ମୌଜା- ଗାଡକଣ, ପ୍ରି- ସାବକ ଖାତା ନଂ.୫୨୬, ପ୍ରି- ସାବକ ପ୍ଲଟ ନଂ.୩୩୫୦, ଏ.୦.୧୪ ଡି.
ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.୨, ଓଡ଼ିଶା ଭୁବନେଶ୍ୱର ବିଭାଗୀୟ ମୁଖ୍ୟ ଦପ୍ତର, ୯ ମହଲାଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୨୬.୧୨.୨୫ରିଖ ଦିବା ଘ୧୧:୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲ ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ନିୟମ ଅନୁଯାୟୀ ମୋକଦ୍ଦମା ଫଇସଲା କରାଯିବ ।
ତା.୦୮.୧୨.୨୦୨୫ ଅଦାଲତଙ୍କ ଆଦେଶକ୍ରମେ
ଭୁବନେଶ୍ୱର ସ୍ୱା/- କୋର୍ଟ ଅଫିସର
ଅତିରିକ୍ତ କମିଶନର,
ଅତିରିକ୍ତ ରିଭିଜନ କୋର୍ଟ ନଂ.୨, ଭୁବନେଶ୍ୱର
ଧ-୨୮୪୬

ମାନ୍ୟବର ଅତିରିକ୍ତ କମିଶନର, (ଶ୍ରୀ ଆଶୁତୋଷ ସାମଲ, OAS (SAG)),
ଅତିରିକ୍ତ ରିଭିଜନ କୋର୍ଟ ନଂ. ୨ ଅଧିକାରୀଙ୍କ ନ୍ୟାୟାଳୟ
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ନଅ ମହଲା, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.୩୮୪/୨୦୨୪
(ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା - ୧୫(ବି) ଅନୁଯାୟୀ)
ଶ୍ରୀମତୀ ସଂଯୁକ୍ତା ନନ୍ଦ ....ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓଗେର ....ପ୍ରତିବାଦୀମାନେ
ପ୍ରତିବାଦୀ ନଂ. ୬, କରୁଣାକର ସାହୁ, ପି.- ଵ ଭାଗୁଲି ସାହୁ,
ସା/ପୋ.ଅ./ ଥାନା- ମଂଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଦେୱାନୀ ଆଇନର ଅର୍ଡର-୫ ରୁଲ୍-୨୦ ଅନୁଯାୟୀ ନୋଟିସ
ଏତଦ୍ୱାରା ଅତ୍ର ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି । ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି ।
ଜମିର ତଫସିଲ
ମୌଜା- ଭୁବନେଶ୍ୱର ସହର, ୟୁନିଟ୍- ୩୯, ଗାଡକଣ, ଥାନା- ନିୟୁ କ୍ୟାପିଟାଲ ନଂ.୨୫, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.୨୧୦୫, ହାଲ୍ ପ୍ଲଟ ନଂ.୫୨୬୪ ଏ.୦.୧୩୦ଡି. ସ୍ୱଧରୁ ଏ.୦.୦୪୪ଡି., ସାବକ ମୌଜା- ଗାଡକଣ, ସାବକ ଖାତା ନଂ.୫୧୨, ସାବକ ପ୍ଲଟ ନଂ.୨୬୫୭, ଏ.୦.୧୩୦ ଡି. କ୍ରୟବୃତ୍ତି ଏ.୦.୦୪୪ଡି., ମୌଜା- ଗାଡକଣ, ପ୍ରି- ସାବକ ଖାତା ନଂ.୫୨୬, ପ୍ରି- ସାବକ ପ୍ଲଟ୍ ନଂ.୩୩୫୦, ଏ.୦. ୧୪ ଡି.
ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.୨, ଓଡ଼ିଶା ଭୁବନେଶ୍ୱର ବିଭାଗୀୟ ମୁଖ୍ୟ ଦପ୍ତର, ୯ ମହଲାଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୨୬.୧୨.୨୫ରିଖ ଦିବା ଘ୧୧:୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲ ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ନିୟମ ଅନୁଯାୟୀ ମୋକଦ୍ଦମା ଫଇସଲା କରାଯିବ ।
ତା.୦୮.୧୨.୨୦୨୫ ଅଦାଲତଙ୍କ ଆଦେଶକ୍ରମେ
ଭୁବନେଶ୍ୱର ସ୍ୱା/- କୋର୍ଟ ଅଫିସର
ଅତିରିକ୍ତ କମିଶନର,
ଅତିରିକ୍ତ ରିଭିଜନ କୋର୍ଟ ନଂ.୨, ଭୁବନେଶ୍ୱର
ଧ-୨୮୪୭

# ସୂର୍ଯ୍ୟକୁମାର, ଗିଲ୍‌ଙ୍କ ଉପରେ ନଜର


କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

ଲକ୍ଷ୍ନୌ,୧୬।୧୨(ପି.ଟି.)

ବୁଧବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଖେଳାଯିବ। ସିରିଜ୍‌ରେ ୨-୧ରେ ଆଗୁଆ ଥିବା ଭାରତୀୟ ଦଳ ଏହି ମ୍ୟାଚ୍‌କୁ ଜିତି ସିରିଜ୍ ଜିତିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଅନ୍ୟପକ୍ଷରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଚତୁର୍ଥ ମ୍ୟାଚ୍‌କୁ ଜିତି ସିରିଜ୍‌କୁ ବରାବର କରିବା ଲକ୍ଷ୍ୟରେ ରହିଛି। ଗତ ସିରିଜ୍‌ରେ ଶୁବମନ ଗିଲ୍ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଖରାପ ପ୍ରଦର୍ଶନ ଚର୍ଚ୍ଚାରେ ବିଷୟ ପାଲଟିଛି। ଏଣୁ ଏହି ଦୁଇଜଣଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ।

ତୃତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଦ୍ୱାରା ଧାର୍ଯ୍ୟ ୧୧୮ ରନ୍ ଟାର୍ଗେଟ୍‌ର ପିଛା କରୁଥିବା ବେଳେ ସୂର୍ଯ୍ୟଙ୍କ ନିକଟରେ ଫର୍ମକୁ ଫେରିବାର ସୁଯୋଗ ଥିଲା। ହେଲେ ସେ ବିଫଳ ହୋଇଥିଲେ। ଏପରିକି ସେ ଫାଇନ୍ ଲେଗ୍ ଅଞ୍ଚଳରେ ତାଙ୍କର ଟ୍ରେଡ୍‌ମାର୍କ ଶଟ୍ ମାରିବାରେ ମଧ୍ୟ ବିଫଳ ହୋଇଥିଲେ। ଖରାପ ଫର୍ମ ସମ୍ପର୍କରେ ସୂର୍ଯ୍ୟ କହିଛନ୍ତି, ମୁଁ ନେଟ୍ସରେ ଖୁବ୍ ସୁନ୍ଦର ବ୍ୟାଟିଂ କରୁଛି। ମୋ ନିୟନ୍ତ୍ରଣରେ ଯାହା ଅଛି, ମୁଁ ତାହା କରିବାକୁ ଉଦ୍ୟମ କରୁଛି। ଯେତେବେଳେ ରନ୍ ଆସିବାର ଥିବ ନିଶ୍ଚିତ ଆସିବ। ମୁଁ ଖରାପ ଫର୍ମରେ ନାହିଁ। କିନ୍ତୁ ମୁଁ ରନ୍ କରିପାରୁନାହିଁ। ତେବେ ଗତ ଏକବର୍ଷ ହେଲା ତାଙ୍କ ପ୍ରଦର୍ଶନ ଚିନ୍ତାଜନକ ରହିଛି। ଚଳିତ ସିଜନରେ ଟି୨୦ ଫର୍ମାଟ୍‌ରେ ଭାରତୀୟ ଅଧିନାୟକଙ୍କ ଆଭରେଜ୍ ୧୫ରୁ କମ୍ ରହିଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ସେ ଗୋଟିଏହେଲେ ଅର୍ଦ୍ଧଶତକ କରିନାହାନ୍ତି। ୧୨ ମାସ ମଧ୍ୟରେ ସେ କେବଳ ୨ଥର ୨୦ରୁ ଅଧିକ ବଲ୍ ଖେଳିପାରିଛନ୍ତି। ଟି୨୦ ବିଶ୍ୱକପ୍‌କୁ ଦୁଇମାସରୁ କମ୍ ସମୟ ରହିଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଟିମ୍ ଇଣ୍ଡିଆ ପାଇଁ ଅଧିନାୟକ ଓ ମୁଖ୍ୟ ବ୍ୟାଟର ଗିଲ୍ ଫର୍ମକୁ ଫେରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଉପଅଧିନାୟକ ଗିଲ୍ ଖରାପ ଫର୍ମ ସହ ସଂଘର୍ଷ କରୁଛନ୍ତି। ତାଙ୍କ ଉପସ୍ଥିତି ଯୋଗୁ ଟପ୍ ଅର୍ଡର ଅସ୍ଥିର ହୋଇପଡ଼ିଛି। ଗିଲ୍ ଓପନର ଭାବେ ନିଜ ସ୍ଥାନ ପକ୍କା କରିଥିବା ସଞ୍ଜୁ ସାମ୍‌ସନଙ୍କ ବଦଳରେ ଖେଳୁଛନ୍ତି। ପ୍ରଥମେ ସାମ୍‌ସନଙ୍କୁ ମିଡଲ ଅର୍ଡରରେ ଖେଳାଯିବା ପରେ ଏବେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଉନାହିଁ। ଗିଲ୍ ଟେଷ୍ଟ ଓ ଦିନିକିଆରେ ଜବରଦସ୍ତ ପ୍ରଦର୍ଶନ କରିଥିବା ବେଳେ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କ ପ୍ରଦର୍ଶନ ଭଲ ନାହିଁ। ଧର୍ମଶାଳାର ଲୋ ସ୍କୋରିଂ ମ୍ୟାଚ୍‌ରେ ସେ ୨୮ ବଲ୍‌ରେ ୨୮ ରନ୍ କରିବାକୁ ସକ୍ଷମ ହୋଇଥିଲେ।

**ଆଜି ଭାରତ-ଦକ୍ଷିଣ ଆଫ୍ରିକା ଚତୁର୍ଥ ଟି୨୦**

ଅକ୍ଷର ପଟେଲଙ୍କ ଅସୁସ୍ଥତା ଯୋଗୁ ସାହବାଜ ନଦିମ୍‌ଙ୍କୁ ଦଳରେ ସାମିଲ କରାଯାଇଛି। କିନ୍ତୁ ନଦିମ୍‌ଙ୍କ ଉପସ୍ଥିତି ସତ୍ତ୍ୱେ କୁଲଦୀପ ଯାଦବଙ୍କୁ ଖେଳିବା ସୁଯୋଗ ମିଳିବାର ବିଶେଷ ସମ୍ଭାବନା ରହିଛି। ବ୍ୟକ୍ତିଗତ କାରଣରୁ ଗତ ମ୍ୟାଚ୍‌ରେ ଖେଳି ନ ଥିବା ଯଶପ୍ରୀତ ବୁମ୍‌ରାଙ୍କ ଉପଲବ୍ଧତାକୁ ନେଇ ଅନିଶ୍ଚିତତା ରହିଛି। ତାଙ୍କ ଅନୁପସ୍ଥିତିରେ ଅର୍ଶଦୀପ ସିଂ ଓ ହର୍ଷିତ ରାଣା ନୂଆ ବଲରେ ଭଲ ବୋଲିଂ କରିଥିଲେ।

ଅନ୍ୟପକ୍ଷରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳକୁ ଜିତିବା ପାଇଁ ଖେଳାଳିଙ୍କଠାରୁ ସ୍ଥିର ପ୍ରଦର୍ଶନର ଆବଶ୍ୟକତା ରହିଛି। ଗତବର୍ଷ ଜୁନ୍‌ରେ ଟି୨୦ ବିଶ୍ୱକପ୍ ଫାଇନାଲ ପରଠାରୁ ଦକ୍ଷିଣ ଆଫ୍ରିକା ୨୮ରୁ ୧୮ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ପରାଜିତ ହୋଇଛି, ଯାହାକି ଦଳର ଅସ୍ଥିର ପ୍ରଦର୍ଶନକୁ ଦର୍ଶାଉଛି। ଦଳରେ ଲଗାତର ପରିବର୍ତ୍ତନ କାରଣରୁ ଖେଳାଳିଙ୍କୁ ରିଦିମ୍ ଫେରିପାଇବାକୁ ସମୟ ଲାଗୁଛି। ଗତ ସଂସ୍କରଣର ରନରଅପ୍ ପାଖରେ ଟି୨୦ ବିଶ୍ୱକପ୍ ପାଇଁ ଚୂଡ଼ାନ୍ତ ଏକାଦଶ ନିର୍ଣ୍ଣୟ କରିବା ଲାଗି ଆଉ ୫ଟି ମ୍ୟାଚ୍ ରହିଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ତିଲକ ବର୍ମା, ହାର୍ଦ୍ଦିକ୍ ପାଣ୍ଡ୍ୟା, ଶିବମ ଦୁବେ, ଜିତେଶ ଶର୍ମା(ଉଇକେଟ୍‌କିପର), ହର୍ଷିତ ରାଣା, ଅର୍ଶଦୀପ ସିଂ, ବରୁନ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରମ(ଅଧିନାୟକ), କ୍ୱିଣ୍ଟନ ଡି କକ୍(ଉଇକେଟ୍‌କିପର), ରିଜା ହେଣ୍ଡ୍ରିକ୍ସ, ଡେୱାଲ୍ଡ ବ୍ରେଭିସ, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ୍ ମିଲର, ମାର୍କୋ ଜାନସେନ, କର୍ବିନ ବୋଶ୍ଚ, ଲୁଙ୍ଗି ଏନ୍‌ଗିଡି, କେଶବ ମହାରାଜ, ଓଟନିଲ ବାର୍ଟମାନ/ଅନ୍‌ରିଚ ନର୍କିଆ।

# ବିଜୟ ସହ ଓଡ଼ିଶାର ଅଭିଯାନ


ଅତିଥିଙ୍କ ଗହଣରେ ଓଡ଼ିଶା ଜୁନିୟର ଭଲିବଲ ଦଳ।

**ଜାତୀୟ ଜୁନିୟର ଭଲିବଲ**

ଭୁବନେଶ୍ୱର, ୧୬।୧୨ (ତପନ ସ୍ୱାଇଁ)

ରାଜସ୍ଥାନର ଝୁନଝୁନୁଠାରେ ୪୯ତମ ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପ୍ ମଙ୍ଗଳବାର ଆରମ୍ଭ ହୋଇଛି। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ବାଳିକା ଓ ବାଳକ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ବାଳିକା ବର୍ଗରେ ଓଡ଼ିଶା ଦଳ ୩-୦ (୨୫-୧୩, ୨୫-୬, ୨୫-୩)ରେ ଲଦାଖକୁ ପରାସ୍ତ କରିଛି। ସେହିପରି ଓଡ଼ିଶା ବାଳକ ଦଳ ୩-୦ (୨୫-୧୮, ୨୫-୧୫, ୨୫-୧୪)ରେ ଦାଦ୍ରା ଆଣ୍ଡ ନଗର ହାଭେଲିକୁ ହରାଇଛି। ପ୍ରଭାବୀ ପ୍ରଦର୍ଶନ ସହ ବିଜୟ ଅଭିଯାନ ଆରମ୍ଭ କରିଥିବାରୁ ବାଳିକା ଓ ବାଳକ ଦଳକୁ ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ବାଳିକା ଦଳ: ଶ୍ରୀବିଦ୍ୟା ଦାଶ (ଅଧିନାୟିକା), ଲିମା ସାହୁ, ଦେବସ୍ମିତା ଭଞ୍ଜ, ତୃପ୍ତିରେଖା ସାହୁ, ଅର୍ପିତା ଅପରାଜିତ ସାହୁ, ମାମି ଗୋଛାୟତ, ଦିବାନୀ ମାଝି, ତ୍ରିପୁରା ମାଝି, ପ୍ରଞ୍ଜଲ ରାଉତରାୟ, ଦୀପାଞ୍ଜଳି ସାହୁଆ, ସ୍ୱପ୍ନା ଦାସ, ପ୍ରିୟଙ୍କା ଜେନା। ମୁଖ୍ୟ କୋଚ୍: ବିଶ୍ୱଜିତ ଦାସ, ସହକାରୀ କୋଚ୍: ମଧୁସ୍ମିତା ସାହୁ। ଓଡ଼ିଶା ବାଳକ ଦଳ: ମନୋଜ ଦାସ (ଅଧିନାୟକ), ମୃତ୍ୟୁଞ୍ଜୟ ସାହୁ, ଦେବାଶିଷ ଜେନା, ଆୟୁଷ୍ମାନ ମହାପାତ୍ର, କାହ୍ନା ନାଏକ, ତୋଫାନ କିସାନ, ଚନ୍ଦନ ନାୟକ, ବିଜୟ ସୋରି, ଶାନ୍ତନୁ ବେହେରା, ମୋସେ ଖରା, ଆଲୋକ ରଞ୍ଜନ ନାଏକ, ଚନ୍ଦନ ରାଉତ। ମୁଖ୍ୟ କୋଚ୍ ରମେଶ ଚନ୍ଦ୍ର ଓଝା।

# ପଦକ ବିଜେତା କିଟ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା



ଅଚ୍ୟୁତ ସାମନ୍ତଙ୍କ ସହ ସମ୍ବର୍ଦ୍ଧିତ କିଟ୍ କ୍ରୀଡ଼ାବିତ୍।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଭୁବନେଶ୍ୱର, ୧୬।୧୨(ତପନ ସ୍ୱାଇଁ)

ରାଜସ୍ଥାନରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୮ ବ୍ରୋଞ୍ଜ୍ ସମେତ ମୋଟ ୨୧ଟି ପଦକ ହାସଲ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ ଏବଂ ଦଳଗତ ସ୍ୱର୍ଣ୍ଣ ବିଜେତାଙ୍କୁ ୧ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୭୫ ହଜାର ଏବଂ ବ୍ରୋଞ୍ଜ୍ ପଦକ ବିଜେତାଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ''ଏହା କେବଳ କିଟ୍ ଓ କିସ୍ ପାଇଁ ନୁହେଁ, ସମଗ୍ର ଓଡ଼ିଶା ଲାଗି ଗର୍ବ ଓ ଗୌରବର ବିଷୟ। କିଟ୍ ସର୍ବଦା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦେଇଆସୁଛି। ଆଗାମୀ ଦିନରେ କିଟ୍ ଓ କିସ୍‌ର କ୍ରୀଡ଼ାବିତ୍‌ମାନେ ଅଲିମ୍ପିକ୍ସରେ ପଦକ ହାସଲ କରିବେ'' ବୋଲି ଅଚ୍ୟୁତ ଏହି ଅବସରରେ ପ୍ରକାଶ କରିଛନ୍ତି। ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ମୋଟ୍ ୩ଟି ମିଟ୍ ରେକର୍ଡ ସହ କିଟ୍ ଭାରତର ୨୨୨ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୭ମ ସ୍ଥାନରେ ରହିପାରିଛି। ଏହି ପ୍ରତିଯୋଗିତାରେ କିଟ୍ ପୁରୁଷ ଟେନିସ୍ ଦଳ, ପୁରୁଷ ଓ ମହିଳା ରଗ୍‌ବୀ ଦଳ, ମହିଳା ହକି ଦଳ, ପୁରୁଷ ୪x୧୦୦ ମିଟର ରିଲେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ମହିଳା ସନ୍ତରଣରେ କିଟ୍ ବିଶ୍ୱବିଦ୍ୟାଳୟ ଦଳଗତ ଭାବେ ୧୦ଟି ପଦକ ସହ ପ୍ରଥମ ରନରଅପ୍ ହୋଇଛି। ସେହିପରି ମହିଳା ଭାରୋତ୍ତୋଳନରେ କିଟ୍ ଛାତ୍ରୀ ମାଗାନ୍ତି କୀର୍ତ୍ତି, ପୁରୁଷ ଶଟ୍‌ପୁଟ୍‌ରେ ସନ୍ଦୀପ୍ ସିଂ ଗିଲ, ମହିଳା ହେପ୍ଟାଥଲନ୍‌ରେ ଇଶା ନେଗି, ମହିଳା ସାଇକ୍ଲିଂରେ ଖୁଇରାମ ରେଜିଆ ଦେବୀ, ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ରିଦ୍ଧିକା ମିତାପଲ୍ଲୀ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲକରି ଗୌରବ ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଓ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ନର୍ଥ ଆମେରିକା ଓପନ୍ ଚେସ୍‌ରେ ଭାଗନେବେ ସୌମ୍ୟ



ଭୁବନେଶ୍ୱର, ୧୬।୧୨(ତପନ ସ୍ୱାଇଁ)

ଲସ୍‌ଭେଗାସ୍‌ଠାରେ ୩୫ତମ ନର୍ଥ ଆମେରିକା ଓପନ୍ ଚେସ୍ ଚାମ୍ପିୟନଶିପ୍ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟ ପୂର୍ବରୁ ସୌମ୍ୟ କାଲିଫର୍ନିଆର ସାକ୍ରାମେଣ୍ଟୋଠାରେ ଏକ ଅନ୍ତର୍ଜାତୀୟ ରେଟିଂ ଟୁର୍ନାମେଣ୍ଟରେ ଖେଳିବା କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତା ଚଳିତ ମାସ ୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଦୁଇ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସମର୍ଥନ କରିଥିବାରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ତାଙ୍କ ନିଯୁକ୍ତି ସଂସ୍ଥା ପୋଷ୍ଟାଲ ବିଭାଗକୁ ସୌମ୍ୟ ଧନ୍ୟବାଦ ଜଣାଇଛନ୍ତି।

# ସପ୍ନା ଗିଲ୍‌ଙ୍କ ନିର୍ଯାତନା ଅଭିଯୋଗକୁ ଶ'ଙ୍କ ଖଣ୍ଡନ

ମୁମ୍ବାଇ,୧୬।୧୨(ପି.ଟି.)

ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପ୍ନା ଗିଲ୍ ଆଣିଥିବା ନିର୍ଯାତନା ଅଭିଯୋଗକୁ ଭାରତୀୟ କ୍ରିକେଟର ପୃଥ୍ୱୀ ଶ' ମଙ୍ଗଳବାର ଖଣ୍ଡନ କରିବା ସହ ଭିତ୍ତିହୀନ କହିଛନ୍ତି। ଏପରିକି ସର୍ବସାଧାରଣରେ ତାଙ୍କ ଛବିକୁ ମଳିନ କରିବା ଓ ଶସ୍ତା ଲୋକପ୍ରିୟତା ହାସଲ ଉଦ୍ଦେଶ୍ୟ ସହିତ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ଦାବି କରିଛନ୍ତି।

ଏକ ସବ୍‌ବର୍ନ ହୋଟେଲରେ ସେଲ୍‌ଫି ଉଠାଇବାକୁ ନେଇ ଶ'ଙ୍କ ସହ ଯୁକ୍ତିତର୍କ ଓ ପରେ ତାଙ୍କୁ ଆକ୍ରମଣ କରିବା ଘଟଣାରେ ସପ୍ନାଙ୍କୁ ୨୦୨୩ ଫେବୃଆରୀରେ ଗିରଫ କରାଯାଇଥିଲା। ଜାମିନ ପାଇବା ପରେ ସପ୍ନା ଅନ୍ଧେରୀସ୍ଥିତ ଏୟାରପୋର୍ଟ ଥାନାରେ ଶ', ତାଙ୍କ ବନ୍ଧୁ ଆଶିଷ ଯାଦବ ଓ ଅନ୍ୟମାନଙ୍କ ନାମରେ ନିର୍ଯାତନା ଓ ମର୍ଯ୍ୟାଦାହାନି ଭଳି ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଏଫ୍‌ଆଇଆର୍ ରୁଜୁ କରି ନ ଥିଲା। ଏଥିଯୋଗୁ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶ ଲାଗି ସପ୍ନା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାଜିଷ୍ଟ୍ରେଟ୍ ଫୌଜଦାରି କାର୍ଯ୍ୟବିଧି ସଂହିତାର ୨୦୨ ଧାରା ଅଧୀନରେ ପୋଲିସକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ଗିଲ ସେସନ୍ସ କୋର୍ଟରେ ୨୦୨୪ ଏପ୍ରିଲରେ ଓକିଲ ଅଲୀ କାଶିଫ ଖାନ୍‌ଙ୍କ ଜରିଆରେ ଏକ ଆବେଦନ କରିଥିଲେ। ଅନେକଥର ବିଫଳ ହେବା ପରେ ଶ' ମଙ୍ଗଳବାର ନିଜ ପକ୍ଷ ରଖିଛନ୍ତି। ସେ ଉତ୍ତରରେ ଦର୍ଶାଇଛନ୍ତି, ୨୦୨୩ରେ ଏକ ପବ୍‌ରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବା ପରେ ବ୍ୟକ୍ତିଗତ ପ୍ରତିଶୋଧ ଉଦ୍ଦେଶ୍ୟ ସହିତ ସପ୍ନା ମହିଳା କାର୍ଡ ଖେଳୁଛନ୍ତି। ବର୍ତ୍ତମାନ କରାଯାଇଥିବା ଆପରାଧିକ ଆବେଦନ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଏଥିରେ କୌଣସି ସତ୍ୟତା ନାହିଁ। ମୋତେ ବଦ୍‌ନାମ କରିବା ଉଦ୍ଦେଶ୍ୟରେ ଏହି ମାମଲା ଦାଏର କରାଯାଇଛି।

# ଓଡ଼ିଶା ଜୁନିୟର ଫେନ୍‌ସିଂ ଦଳର ପ୍ରଶିକ୍ଷଣ ଆରମ୍ଭ

ଭୁବନେଶ୍ୱର, ୧୬।୧୨(ତପନ ସ୍ୱାଇଁ)

ଜାତୀୟ ଜୁନିୟର ଫେନ୍‌ସିଂ ପ୍ରତିଯୋଗିତା ଆସନ୍ତା ଜାନୁଆରୀ ୫ରୁ ୧୦ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଫେନ୍‌ସିଂ ହଲ୍‌ଠାରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୬ ଦିନ ଧରି ଚାଲିବ। ମୋଟ ୩୦ ଖେଳାଳି ଏହି ଶିବିରରେ ରହିବେ ଏବଂ ୭ ଜଣ କୋଚ୍ ତାଲିମ୍ ପ୍ରଦାନ କରିବେ। ପ୍ରଦର୍ଶନ ଭିତ୍ତିରେ ୨୪ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି ସଂଘ ରାଜ୍ୟ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ବଲାଙ୍ଗୀର ଅତିରିକ୍ତ ଏସ୍.ପି. ଗୁଣନିଧି ମଲିକ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଫେନ୍‌ସିଂ କୋଚ୍ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତିରଞ୍ଜନ ଠାକୁର, ସୁକାନ୍ତ ସେଠ୍, କରିସ୍ମା ରାଉତ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସୁଭଦ୍ରା ବେହେରା, ବୁଦ୍ଧିରାଜ ବିଶ୍ୱାଳ, ସସ୍ମିତା ଗଡ଼ତିଆ, ଜିତେନ୍ଦ୍ର ନାଏକ, କରୁଣାକର ନାଏକ, ବିଭୂତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ପୁରୁଷ ହ୍ୟାଣ୍ଡବଲ ଦଳ ବିଜୟୀ

ଭୁବନେଶ୍ୱର, ୧୬।୧୨(ତପନ ସ୍ୱାଇଁ)

ପଶ୍ଚିମବଙ୍ଗ ହୁଗୁଳି ଜିଲା ଚିନସୁରାଠାରେ ଚାଲିଥିବା ୫୪ତମ ଜାତୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ହିମାଞ୍ଚଳ ପ୍ରଦେଶକୁ ୨୮-୨୦ ଗୋଲରେ ପରାସ୍ତ କରିଛି। ଓଡ଼ିଶା ଏହାର ପରବର୍ତ୍ତୀ ୨ ମ୍ୟାଚ୍ ଝାଡ଼ଖଣ୍ଡ ଓ ଛତିଶଗଡ଼ ସହିତ ଖେଳିବ।

# ମାଲେସିଆକୁ ୩୧୫ ରନରେ ହରାଇଲା ଭାରତ

**ଅଭିଜ୍ଞାନଙ୍କ ଦ୍ୱିଶତକ**

ଦୁବାଇ, ୧୬।୧୨ (ପି.ଟି.)

ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ ମାଲେସିଆକୁ ୩୧୫ରନରେ ପରାସ୍ତ କରିଛି। ଅଭିଜ୍ଞାନ କୁଣ୍ଡୁ (୨୦୯*) ଙ୍କ ଅପରାଜିତ ଦ୍ୱିଶତକ ଏବଂ ଦୀପେଶ ଦେବେନ୍ଦ୍ରନ (୫/୨୨)ଙ୍କ ୫ ଉଇକେଟ ସଫଳତାକୁ ପାଥେୟ କରି ଭାରତ ଏହି ବଡ଼ ବିଜୟ ହାସଲ କରିଛି। ଯୁଥ୍ ଅନ୍ତର୍ଜାତୀୟ ଦିନିକିଆରେ ଭାରତର ଏହା ହେଉଛି ଦ୍ୱିତୀୟ ବୃହତ୍ ବିଜୟ। ପୂର୍ବରୁ ୨୦୨୨ରେ ଭାରତ ୩୨୬ରନରେ ଉଗାଣ୍ଡାକୁ ପରାସ୍ତ କରିଥିଲା। କୁଣ୍ଡୁ ଯୁଥ୍ ଅନ୍ତର୍ଜାତୀୟ ଦିନିକିଆରେ ଜଣେ ଭାରତୀୟ ଖେଳାଳି ହିସାବରେ ପ୍ରଥମ ଦ୍ୱିଶତକ ହାସଲ କରି ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ତାଙ୍କ ବିସ୍ଫୋରକ ଦ୍ୱିଶତକୀୟ ଇନିଂସରେ ୧୨୫ ବଲ୍‌ରୁ ସମ୍ମୁଖୀନ ହୋଇ ୧୭ ଚୌକା ଓ ୯ ଛକା ଲଗାଇଥିଲେ। ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟରେ ବିପୁଳ ୪୦୮ ରନ ସଂଗ୍ରହ କରିଥିଲା। ଭାରତର ଦୁଇ ବୋଲର କିଶାନ ସିଂ ଓ ଉଦ୍ଧବ ମୋହନ ଗୋଟିଏ ଲେଖାଏଁ ଉଇକେଟ ନେଇ ମାଲେସିଆକୁ ପ୍ରାରମ୍ଭିକ ଧକ୍କା ଦେଇଥିଲେ। ହାମ୍‌ଜା ପାଙ୍ଗି (୩୫)ଙ୍କ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ମାଲେସିଆ ୩୨.୧ଓଭରରେ ୯୩ ରନରେ ଅଲଆଉଟ ହୋଇଯାଇଥିଲା।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ରାସ୍ତାରେ ଚାଲିଗଲା ୪ ଜୀବନ

ଢେଙ୍କାନାଳ ଜିଲାରେ ୨୦୨୫ ବର୍ଷରେ ବଢ଼ିଥିଲା ଦୁର୍ଘଟଣା ଓ ମୃତାହତଙ୍କ ସଂଖ୍ୟା। ଜାନୁଆରୀରୁ ଡିସେମ୍ବର ମଧ୍ୟରେ ମୋଟ ୪୦୧ ଦୁର୍ଘଟଣା ଘଟି ୧୮୪ ଜଣଙ୍କ ଜୀବନହାନି ହୋଇଥିବାବେଳେ ୩୨୩ଜଣ ଆହତ ହୋଇଥିଲେ। ମେ ମାସରେ ସର୍ବାଧିକ ୪୫ଟି ସଡ଼କ ଦୁର୍ଘଟଣାରେ ୨୧ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ସବୁଠୁ ବଡ଼ ଦୁର୍ଘଟଣା ଘଟିଥିଲା ୨୦୨୫ ଅକ୍ଟୋବର ୧୭ରେ। କାମାକ୍ଷାନଗରସ୍ଥିତ ୫୩ ନମ୍ବର ଜାତୀୟ ରାଜପଥର ମାଳପୁରା ଓଭରବ୍ରିଜ୍ ନିକଟରେ ଏକ ଗାଡ଼ି ବାଇକ୍‌କୁ ଧକ୍କା ଦେବାରୁ ବାଇକ୍‌ରେ ଥିବା କେନ୍ଦୁଝର ଜିଲା ଆନନ୍ଦପୁର ବଡ଼ଦାଣ୍ଡ ସାହିର ଭାବଗ୍ରାହୀ କାରୁଆ (୩୦), ସ୍ତ୍ରୀ ଜାନକୀ (୨୬), ଝିଅ ଗୀତାଞ୍ଜଳି (୭) ଓ ଶାଳକଙ୍କ ଝିଅ (ଝିଆରୀ) ନାଣ୍ଡି (୫)ଙ୍କ ଜୀବନଦୀପ ଲିଭିଯାଇଥିଲା। ଭାବଗ୍ରାହୀ ଯାଜପୁର ଜିଲା କାଳିଆପାଣିଠାରେ ଥିବା ଏକ କମ୍ପାନୀର ଗେଷ୍ଟ ହାଉସ୍‌ରେ କାର୍ଯ୍ୟ କରୁଥିଲେ।

**୨୦୨୫ ମସିହା ଆରମ୍ଭରୁ ଘଟିଥିଲା ରକ୍ତପାତ। ସର୍ବସମ୍ମୁଖରେ ଜଣେ ଯୁବକଙ୍କୁ ୫୦ ଖଣ୍ଡ କରାଯିବା ଚାଞ୍ଚଲ୍ୟ ଖେଳାଇ ଦେଇଥିଲା ଢେଙ୍କାନାଳରେ। ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ରାଜ୍ୟ ସରକାର ଯାହାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ, ତାଙ୍କୁ ଶିକାରୀମାନେ ଗୁଳିକରିବା ଚକିତ କରିଦେଇଥିଲା ଢେଙ୍କାନାଳକୁ। ସ୍ୱର୍ଣ୍ଣ ପଦକ ସହ ରେକର୍ଡ ସୃଷ୍ଟିକରି ଢେଙ୍କାନାଳର ପ୍ରୀତିସ୍ମିତା ଓ ବିଦ୍ୟୁସ୍ମିତା ଭୋଇ ଗୌରବ ଆଣିଥିବାବେଳେ ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ଗାଁ ନୀଳକଣ୍ଠପୁରକୁ ବରପୁତ୍ର ଆଦର୍ଶ ଗ୍ରାମ ଭାବେ କେନ୍ଦ୍ର ସରକାରଙ୍କ ଘୋଷଣା ବେଶ୍ ଗର୍ବର ବିଷୟ ଥିଲା ଢେଙ୍କାନାଳବାସୀଙ୍କ ପାଇଁ। ହାତୀ-ମଣିଷ ବିବାଦରେ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ୩୩ ଜଣଙ୍କ ଜୀବନହାନି ଯେତିକି ଉଦ୍‌ବେଗ ବଢ଼ାଇଥିଲା, ପର୍ଯ୍ୟଟନର ପରିବୃଦ୍ଧି ଓ ଦୀର୍ଘବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ତାଳଚେର ମେଡିକାଲ କଲେଜରେ ଶିକ୍ଷାଦାନ ସହ ଚିକିତ୍ସା ଆରମ୍ଭ ଅନୁଗୋଳ ଜିଲା ପାଇଁ ବିଦାୟୀ ବର୍ଷର ସେତିକି ଆଶ୍ୱସ୍ତିକର ଖବର ଥିଲା।**



# ଉଦ୍‌ବେଗ

୨୦୨୫ରେ ଢେଙ୍କାନାଳ ଜିଲାରେ ବଢ଼ିଥିଲା ହାତୀ ସଂଖ୍ୟା। ବୃଦ୍ଧି ପାଇଥିଲା ହାତୀ-ମଣିଷ ବିବାଦ। ବିଗତ କେଇବର୍ଷ ହେଲା ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ହାତୀଜନିତ ମୃତ୍ୟୁ ସଂଖ୍ୟା ଯେପରି ବଢ଼ିଚାଲିଛି ତାହା ପରିବେଶବିତ୍‌ଙ୍କ ଚିନ୍ତା ବଢ଼ାଇଦେଇଛି। କେତେବେଳେ ଗୋଟିଏ ଦିନରେ ୨ ଜଣ ତ ଆଉକେବେ କେଇ ଘଣ୍ଟା ମଧ୍ୟରେ ହାତୀ ୩ ଜଣଙ୍କୁ ଦଳିଦେବା ପରି ଘଟଣା ଦେଖିବାକୁ ମିଳିଥିବାରୁ ଏହା ବେଶ୍ ଉଦ୍‌ବେଗର କାରଣ ହୋଇଛି। ବିଦାୟୀ ବର୍ଷରେ ଅନୁଗୋଳ ଜିଲାରେ ୧୦ ମୁଣ୍ଡ ଗଡ଼ାଇଛି ଏହି ଐତିହ୍ୟ ପ୍ରାଣୀ। ତେବେ ଏହି ସଂଖ୍ୟା କ୍ଷେତ୍ରରେ ଢେଙ୍କାନାଳ ଜିଲା କେଇପାଦ ଆଗରେ ରହିଛି। ୨୦୨୫ରେ ଢେଙ୍କାନାଳ ଜିଲାରେ ୨୩ଜଣଙ୍କ ଜୀବନ ନେଇଛି ହାତୀ। ଏହି ଜିଲାରେ ହାତୀ ସଂଖ୍ୟା ରାଜ୍ୟର ସର୍ବାଧିକ। ଏଠାରେ ମୋଟ ୩୫୦ ହାତୀ ରହିଥିବା ଗଣନାରୁ ଜଣାପଡ଼ିଛି। ତେବେ ସେଥିରୁ ୨୧୫ ହାତୀ କେବଳ ହିନ୍ଦୋଳ ଉପଖଣ୍ଡରେ ଥିବାରୁ ଏଠାରେ ହାତୀ-ମଣିଷ ସଂଘର୍ଷ ଅଧିକମାତ୍ରାରେ ଦେଖିବାକୁ ମିଳୁଛି। ହିନ୍ଦୋଳ ରେଞ୍ଜର ରାସୋଳ, ଖଜୁରିଆକଟା ଆଦି ସେକ୍ସନରେ ହାତୀ ଉପଦ୍ରବ ସବୁଠାରୁ ଅଧିକ। ଗତ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ହାତୀ ଆକ୍ରମଣରେ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହିନ୍ଦୋଳ ଉପଖଣ୍ଡରେ ଘଟିଛି। ବାଘଧରିଆ ଗ୍ରାମରେ ଜୁଲାଇ ୩୧ ତାରିଖରେ ୩ ଜଣଙ୍କ ଜୀବନ ନେଇଥିଲା ହାତୀ। ଏହି ଘଟଣା ପରଠାରୁ ଏକପ୍ରକାର ଆତଙ୍କିତ ହୋଇ ଦିନ କାଟୁଛନ୍ତି ହିନ୍ଦୋଳ ଉପଖଣ୍ଡବାସୀ। ସେହିପରି ମଣିଷ ସହ ବିବାଦ ଯୋଗୁ ଢେଙ୍କାନାଳରେ ୬ଟି ହାତୀଙ୍କ ଅକାଳ ମୃତ୍ୟୁ ମଧ୍ୟ ଘଟିଛି। ତେବେ ସୋଲାର ଫେନସିଂ ତାର ହାତୀଙ୍କ ଜୀବନ ନେବା ବିଦାୟୀ ବର୍ଷରେ ଅନୁଗୋଳ ପାଇଁ ବେଶ୍ ଚର୍ଚ୍ଚିତ ଖବର ଥିଲା।

## ଚମକିଲେ ପ୍ରୀତିସ୍ମିତା, ବିଦ୍ୟୁସ୍ମିତା



୨୦୨୫ ବର୍ଷରେ କ୍ରୀଡ଼ାକ୍ଷେତ୍ରରେ ଢେଙ୍କାନାଳକୁ ମିଳିଥିଲା ଅନେକ ସଫଳତା। ଅନ୍ତର୍ଜାତୀୟ ଭାର ଉତ୍ତୋଳନରେ ସଫଳତା ସହ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ବିଜେତା ହୋଇପାରିଥିଲେ ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ। ସେହିପରି ଅହମଦାବାଦଠାରେ ରାଜ୍ୟଗୋଷ୍ଠୀ ଭାର ଉତ୍ତୋଳନ ପ୍ରତିଯୋଗିତାରେ ୪୪ କେଜି କାଟେଗୋରିରେ ପ୍ରୀତିସ୍ମିତା ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଜାତୀୟ ଅସ୍ମିତା ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ପାଇଥିଲେ ଢେଙ୍କାନାଳର ବିଦ୍ୟୁସ୍ମିତା ଭୋଇ। ଅହମଦାବାଦଠାରେ ରାଜ୍ୟଗୋଷ୍ଠୀ ଭାର ଉତ୍ତୋଳନ ପ୍ରତିଯୋଗିତାର ଜୁନିୟର ମହିଳା ବିଭାଗରେ ବିଦ୍ୟୁସ୍ମିତା ସ୍ୱର୍ଣ୍ଣ ପଦକ ହାସଲ କରିବା ସହିତ ନୂତନ ରେକର୍ଡ ସୃଷ୍ଟି କରିଥିଲେ। ସେହିପରି ପୂର୍ବାଞ୍ଚଳ ହକି ପ୍ରତିଯୋଗିତାରେ ଢେଙ୍କାନାଳ ବାଳିକା ଦଳ ଯାଜପୁରକୁ ହରାଇ ଚାମ୍ପିୟନ ହେବା ବିଦାୟୀ ବର୍ଷରେ ଜିଲା କ୍ରୀଡ଼ା ପାଇଁ ଉଲ୍ଲେଖନୀୟ ଘଟଣା ଥିଲା।

## ମେଡିକାଲ କଲେଜରେ ମୋହର




୨୦୧୪ରୁ ୨୦୨୫। ଦୀର୍ଘ ୧୧ ବର୍ଷର ପ୍ରତୀକ୍ଷା ପରେ ତାଳଚେର ମେଡିକାଲ କଲେଜ ବା ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବାଜିଲା ମୋହର। ୨ ସେପ୍ଟେମ୍ବର ୨୦୨୫ରେ ଜାତୀୟ ଭେଷଜ କମିଶନ(ଏନ୍‌ଏମ୍‌ସି) ପକ୍ଷରୁ ତାଳଚେର ମେଡିକାଲ କଲେଜକୁ ମିଳିଲା ବିଧିବଦ୍ଧ ଅନୁମତି। ଏହାପରେ ୧୦୦ ସିଟ୍‌ରେ ମେଡିକାଲ ଛାତ୍ରୀଛାତ୍ରଙ୍କ ନାମଲେଖା ସହ ଆରମ୍ଭ ହୋଇଥିଲା ପାଠପଢ଼ା। ୨୦୨୫ ବର୍ଷରେ ଅନୁଗୋଳ ଜିଲା ପାଇଁ ଏହାଥିଲା ସବୁଠୁ ବଡ଼ ସଫଳତା। ଏଥିସହ ଦୀର୍ଘବର୍ଷ ଧରି ଏହି ମେଡିକାଲ କଲେଜ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଚାଲିଥିବା ଆନ୍ଦୋଳନର ଏକପ୍ରକାର ପରିସମାପ୍ତି ଘଟିଥିଲା। ଏହି ମେଡିକାଲ କଲେଜର ଭିତ୍ତିଭୂମି ନିର୍ମାଣ ଏମ୍‌ସିଏଲ୍ ପକ୍ଷରୁ କରାଯାଇଥିବା ବେଳେ ଏଥିପାଇଁ ଖର୍ଚ୍ଚ କରାଯାଇଥିଲା ୫ଶହ କୋଟିରୁ ଅଧିକ ଟଙ୍କା। ୨୦୧୯ରେ ଏହି ମେଡିକାଲ କଲେଜ କୋଠାର ଉଦ୍‌ଘାଟନ କରାଯାଇଥିଲେ ହେଁ ଏମ୍‌ସିଏଲ୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଦାୟିତ୍ୱ ଠେଲାଠେଲି ପାଇଁ ଏହା କାର୍ଯ୍ୟକ୍ଷମ ହେବାକୁ ଦୀର୍ଘବର୍ଷ ଲାଗିଯାଇଥିଲା।



## ଶ୍ରେଷ୍ଠ ଫରେଷ୍ଟ ଗାର୍ଡଙ୍କୁ ଗୁଳି

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ନିଜିଗଡ ସେକ୍ସନର ଫରେଷ୍ଟ ଗାର୍ଡ ପ୍ରହଲ୍ଲାଦ ପ୍ରଧାନଙ୍କୁ ୨୩ ମେ ୨୦୨୫ ରାତିରେ ବନ୍ୟପ୍ରାଣୀ ଶିକାରୀମାନେ ଗୁଳିକରି ହତ୍ୟା କରିବା ରାଜ୍ୟରେ ଚହଳ ପକାଇ ଦେଇଥିଲା। କୋଇ ସଂରକ୍ଷିତ ଜଙ୍ଗଲର ତଣ୍ଟିଚିରା ଗ୍ରାମ ପାଖରେ କେତେଜଣ ଶିକାରୀ ରାତିରେ ବନ୍ୟପ୍ରାଣୀ ଶିକାର ପାଇଁ ପ୍ରସ୍ତୁତ ହେଉଥିବା ଖବରପାଇ ପ୍ରହଲ୍ଲାଦ ସେଠାରେ ପହଞ୍ଚିଥିଲେ। ଏକ କାଜୁଜଙ୍ଗଲ ଭିତରେ ଥିବା ଚାଳଘରେ ଶିକାରୀ ଥିବା ଜାଣି ଚଢ଼ାଉ କରିବା ବେଳେ ତାଙ୍କୁ ଶିକାରୀମାନେ ଗୁଳି କରି ହତ୍ୟା କରିଥିଲେ। ହତ୍ୟାର ୨ମାସ ପୂର୍ବରୁ ପ୍ରହଲ୍ଲାଦ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କୃତ ହୋଇଥିଲେ।

## ନୀଳକଣ୍ଠପୁର 'ବରପୁତ୍ର ଆଦର୍ଶ ଗ୍ରାମ'



ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ଗାଁ ଢେଙ୍କାନାଳ ଜିଲା ଭୁବନ ବ୍ଲକ ମହୁଲପାଳ ସାମିଲକଣପାଳ ପଞ୍ଚାୟତସ୍ଥିତ ନୀଳକଣ୍ଠପୁରକୁ କେନ୍ଦ୍ର ସରକାର ଦେଇଥିଲେ 'ବରପୁତ୍ର ଆଦର୍ଶ ଗ୍ରାମ' ମାନ୍ୟତା। ୨୦୨୫ ଜୁନ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଏହା ଘୋଷଣା କରିବା ପରେ ଢେଙ୍କାନାଳ ଜିଲାବାସୀ ବେଶ୍ ଗର୍ବ ଅନୁଭବ କରିଥିଲେ। ଏପରି କି ନୀଳକଣ୍ଠପୁରସ୍ଥିତ ଶହୀଦ ପୀଠରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇ ଏହାକୁ ସ୍ୱାଗତ କରାଯାଇଥିଲା। ବରପୁତ୍ର ଆଦର୍ଶ ଗ୍ରାମ ଭାବେ ଘୋଷଣା ହୋଇଥିବାରୁ ଶହୀଦ ବାଜି ରାଉତଙ୍କ ସ୍ମୃତିରକ୍ଷା ପାଇଁ ନୀଳକଣ୍ଠପୁରରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ଘୋଷଣା କରାଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ୫ ଅକ୍ଟୋବର ୨୦୨୫ରେ ନୀଳକଣ୍ଠପୁରରେ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ପାଳନ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

# ପର୍ଯ୍ୟଟନର ପରିବୃଦ୍ଧି



## ମନ୍ଦରଗିରି ପର୍ବତ



ଅନୁଗୋଳ ସହରଠାରୁ ୧୦ କିଲୋମିଟର ଦୂର ଚନ୍ଦ୍ରବାହାଳ ଗାଁରେ ଥିବା ମନ୍ଦରଗିରି ପର୍ବତକୁ ୨୦୨୫ରେ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ ରାଜ୍ୟ ସରକାର। ମନ୍ଦରଗିରି ପର୍ବତ ଉପରେ ପ୍ରାଚୀନ ଗୁମ୍ଫା ସହିତ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ମନ୍ଦିର ରହିଥିବାବେଳେ ପଶ୍ଚିମଭାଗରେ ଥିବା ପୁରୁଣାଗଡ଼, ବଡ଼କେରା, ଡୁମୁଣୀ ଆଦି ଅଞ୍ଚଳ ଗୋବର୍ଦ୍ଧନ ପର୍ବତ ଭାବେ ପରିଚିତ। ପ୍ରତିବର୍ଷ ମାଘ ମାସରେ ମନ୍ଦରଗିରି ଉପରେ ହେଉଥିବା ମାଘ ମେଳା ଓ ଯଜ୍ଞ ବେଶ୍ ପ୍ରସିଦ୍ଧ। ମନ୍ଦରଗିରି ପର୍ବତ ଔଷଧୀୟ ବୃକ୍ଷଲତାରେ ଭରପୂର। ଭାଦ୍ରବ ଓ ଆଶ୍ୱିନ ମାସରେ ସ୍ଥାନୀୟ ଅଞ୍ଚଳର ଲୋକେ ବନଦୁର୍ଗା, ଅନନ୍ତ ଗୁମ୍ଫା ଓ ଅନନ୍ତ ଶୟନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ଔଷଧୀୟ ଗଛର ଡାଳ, ପତ୍ର ଓ ଚେର ସଂଗ୍ରହ କରିଥାନ୍ତି। ଟ୍ରେକିଂ କରିବାକୁ ଅନେକ ଯୁବପିଢ଼ି ଏହି ପର୍ବତକୁ ପସନ୍ଦ କରିଥାନ୍ତି।

## ନାରାୟଣ ସେବାଶ୍ରମ



୨୦୨୫ରେ ଅନୁଗୋଳ ଜିଲା ପର୍ଯ୍ୟଟନରେ ଘଟିଥିଲା ପରିବୃଦ୍ଧି। ଯୋଡ଼ିହୋଇଥିଲା ୩ଟି ନୂଆ ନାମ। ଜିଲାର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ବଁଅରପାଳ ବ୍ଲକ କୁକୁଡ଼ାଙ୍ଗସ୍ଥିତ ନାରାୟଣ ସେବାଶ୍ରମକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଥିଲା। ଏହା ବଁଅରପାଳ ବ୍ଲକ ଅଞ୍ଚଳ ପାଇଁ ଖୁସି ଆଣିଦେଇଥିବା ବେଳେ ଜିଲାର ପର୍ଯ୍ୟଟନ ମାନଚିତ୍ରରେ ନୂଆ ପଦଚିହ୍ନ ସୃଷ୍ଟି ହୋଇଥିଲା। ବଁଅରପାଳ ବ୍ଲକ ସଦର ମହକୁମାଠାରୁ ଅଳ୍ପ ଦୂର ନନ୍ଦିରା ନଦୀକୂଳ କୁକୁଡ଼ାଙ୍ଗ ନିକଟରେ ପୂର୍ବରୁ ଥିବା ଲଣ୍ଡା ପାହାଡ଼ରେ ସୃଷ୍ଟି କରାଯାଇଥିଲା ସବୁଜିମା। ଏହି ଉପବନରେ ତୁଳସୀ ବଣ, ବିଭିନ୍ନ ଔଷଧୀୟ ବୃକ୍ଷ, ଫୁଲ, ଫଳ ଗଛ, ଶୋ' ଗଛ ସହ କଂକ୍ରିଟ ପାଦଚଲା ରାସ୍ତା, ବିଭିନ୍ନ ଦେବଦେବୀ ଏବଂ ମହାପୁରୁଷଙ୍କ ପଥର ମୂର୍ତ୍ତି, ପର୍ଯ୍ୟଟକଙ୍କ ବସିବା ପାଇଁ ପକ୍କା ବେଞ୍ଚ ନିର୍ମାଣ କରାଯାଇଥିଲାବେଳେ ଧାର୍ମିକ ଅନୁଚିନ୍ତନ, ସଭା, ସତ୍‌ସଙ୍ଗ ଆଦି ପାଇଁ ବ୍ୟବସ୍ଥା ଥିବାରୁ ଏହି ସ୍ଥାନ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସିଥିଲା। ବିଶେଷକରି 'ମୁକ୍ତି ମାର୍ଗ' ଉଦ୍ୟାନରେ ଅନେକ ସମୟରେ ଜିଲା ପ୍ରଶସନ, ଲୋକ ପ୍ରତିନିଧିମାନେ ପହଞ୍ଚି ଚାରାରୋପଣ କରୁଥିବାରୁ ଏହା ରାଜ୍ୟ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲା।

## ଶୈବପୀଠ ଦେଉଳଝରି



କିଆବଣ ମଧ୍ୟରେ ପୂଜା ପାଉଛନ୍ତି ପ୍ରଭୁ ସିଦ୍ଧେଶ୍ୱର। ଏହି ପୀଠ ମଧ୍ୟ ଦେଇ ପ୍ରବାହିତ ହେଉଛି ୫ଟି କ୍ଷୁଦ୍ର ଚିରସ୍ରୋତା ଝରଣା। ଦେଉଳ ଓ ଝରର ଅପୂର୍ବ ସମନ୍ୱୟ ଯୋଗୁ ପୀଠର ନାମ ହୋଇଛି ଦେଉଳଝରି। ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ଦେଉଳଝରିକୁ ୨୦୨୫ରେ ରାଜ୍ୟ ସରକାର ଦେଇଥିଲେ ପର୍ଯ୍ୟଟନସ୍ଥଳୀର ମାନ୍ୟତା। ପ୍ରକୃତି ଓ ଶିବଙ୍କ ମିଳନ ସ୍ଥଳ ଭାବରେ ପରିଚିତ ଏହି ଦେଉଳଝରିର ଅଧିକାଂଶ ଭାଗ କିଆ, କେତକୀ ବଣରେ ପରିପୂର୍ଣ୍ଣ। ଏଠାରେ ଥିବା ଏହି ଲିଙ୍ଗର ନିମ୍ନଭାଗକୁ ଏକ ଉଷ୍ଣଝର ଅନବରତ ଧୋଇବାରେ ଲାଗିଛି। ଦେଉଳଝରି ପରିସରସ୍ଥ ମାହେଶ୍ୱରୀ ମନ୍ଦିର ସମ୍ମୁଖରେ ରହିଛି ଉଷ୍ଣଜଳ କୁଣ୍ଡ। ଏଠାରେ ଥିବା କୁଣ୍ଡଗୁଡ଼ିକ ମଧ୍ୟରୁ ସବୁଠାରୁ ଉତ୍ତପ୍ତ ଜଳକୁଣ୍ଡର ଉତ୍ତାପ ହେଉଛି ୧୩୫ ଡିଗ୍ରୀ ସେଲ୍‌ସିୟସ।

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ
## (ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)
## ଅଧିସୂଚନା

ନମ୍ବର ୧୬୩୭୩ ତାରିଖ ୨୮.୧୦.୨୦୨୫

No.III-03: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଢେଙ୍କାନାଳ ଜିଲ୍ଲାର M/S ରୁଙ୍ଗଟା ମାଇନ୍ସ ଲିମିଟେଡ, ଢେଙ୍କାନାଳ ଇସ୍ପାତ କାରଖାନା ନିର୍ମାଣ ନିମନ୍ତେ ମୌଜା-ଉପର ବାଘଲୁଣ୍ଡା, ଥାନା-ମୋଟଙ୍ଗା, ନଂ-୩୪, ତହସିଲ-ଓଡାପଡା, ଜିଲ୍ଲା-ଢେଙ୍କାନାଳରେ ନିମ୍ନ ତଫସିଲମତେ ପ୍ରାୟ ଏ: ୧୭,୪୩୦୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-M/S ରୁଙ୍ଗଟା ମାଇନ୍ସ ଲିମିଟେଡ, ଢେଙ୍କାନାଳ ଇସ୍ପାତ କାରଖାନା ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଜମି ମୁଖ୍ୟ ଜେନେରାଲ ମ୍ୟାନେଜର
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- For Setting of Railway siding with approach road to NH-55, M/S ରୁଙ୍ଗଟା ମାଇନ୍ସ ଲିମିଟେଡ୍, ଢେଙ୍କାନାଳ ଇସ୍ପାତ କାରଖାନା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଏଥିସହିତ ସଂଲଗ୍ନ କରାଯାଇଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଢେଙ୍କାନାଳ ।
୬. ଜମିର ବିବରଣୀ- ଏଥି ସହିତ ଜମି ସଂଲଗ୍ନ କରାଯାଇଛି ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, M/S ରୁଙ୍ଗଟା ମାଇନ୍ସ ଲିମିଟେଡ, ଢେଙ୍କାନାଳ ଇସ୍ପାତ କାରଖାନା, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, ଢେଙ୍କାନାଳ

### ମୌଜା-ଉପର ବାଘଲୁଣ୍ଡା, ଥାନା-ମୋଟଙ୍ଗା-୪୭, ତହସିଲ-ଓଡାପଡା, ଜିଲ୍ଲା-ଢେଙ୍କାନାଳ, ମୋଟ ରକବା - ଏ. ୧୭.୪୩୦

| କ୍ରମିକ ସଂଖ୍ୟା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନମ୍ବର | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଅର୍ଜୁନ ବେହେରା, ନକୁଳ ବେହେରା, ପି:ଗୋବିନ୍ଦ ବେହେରା, ଶିବରାମ ବେହେରା, କମଳା ବେହେରା, ବିମଳା ବେହେରା, ପି:ଭୀମ ବେହେରା, ଶଶିକା ବେହେରା, ସ୍ୱା:ଭୀମ ବେହେରା, ଜା: କେଉଟ, ବା:ନିଜଗାଁ | ୩ | ୮୩ | ଶାରଦ ତିନି | ୦.୦୬୦ | ୦.୦୬୦ | ଜବର ଦଖଲ, ଆତଙ୍ଗ ନାଏକ, ଅଚ୍ୟୁତ ନାଏକ, ପି.ଶତୃଘନ ନାଏକ, ନେତ ନାଏକ, ସ୍ୱା.ଲୋକନାଥ ନାଏକ, ଜା.ପାଣ, ବା.ନିଜଗାଁ |
| ୨ | | | ୧୫୯ | ଶାରଦ ତିନି | ୦.୨୯୦ | ୦.୨୯୦ | |
| ୩ | | | ୧୫୭ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୪ | ଅର୍ଜୁନ ବେହେରା, ନକୁଳ ବେହେରା, ପି:ଗୋବିନ୍ଦ ବେହେରା, ଶିବରାମ ବେହେରା, କମଳା ବେହେରା, ବିମଳା ବେହେରା, ପି:ଭୀମ ବେହେରା, ଶଶିକା ବେହେରା, ସ୍ୱା:ଭୀମ ବେହେରା, ଜା: କେଉଟ, ବା:ନିଜଗାଁ | ୩ | ୧୫୬ | ଶାରଦ ତିନି | ୦.୦୨୦ | ୦.୦୨୦ | ଜବର ଦଖଲ, ତ୍ରିଲୋଚନ ସାହୁ, ପି.ବୃନ୍ଦାବନ ସାହୁ, ଜା.ଚଷା, ବା.ନିଜଗାଁ |
| ୫ | | | ୧୧୯ | ପତିତ | ୦.୦୭୦ | ୦.୦୭୦ | |
| | | | | | ମୋଟ | ୦.୫୪୦ | |
| ୬ | ଅଭିମନ୍ୟୁ ସାହୁ, ପି: କହ୍ନେଇ ସାହୁ, ନିରଞ୍ଜନ ସାହୁ, ନରୋତମ ସାହୁ, ଦମୟନ୍ତି ସାହୁ, ପି:ମାୟାଧର ସାହୁ, ଜାତକ ସାହୁ, ସ୍ୱା:ମାୟାଧର ସାହୁ, ଜା:ଚଷା, ବା:ନିଜଗାଁ | ୬ | ୩୭୭ | ପତିତ | ୦.୧୧୦ | ୦.୧୧୦ | ଅଭିମନ୍ୟୁ ସାହୁ ଅଂଶପକ୍ଷେ ଖରିଦ ସୂତ୍ରେ ଦଖଲ, ବସନ୍ତ କୁମାର ସାହୁ, ବିଜୟ କୁମାର ସାହୁ, ବ୍ରହ୍ମାନନ୍ଦ ସାହୁ, ପି.ପଦନ ସାହୁ, ଜା.ଚଷା, ବା.ତଳବା ଘଲୁଣ୍ଡା, ରେଜେଷ୍ଟ୍ରି ଦଲିଲ ନମ୍ବର ୩୦୨୫ ତା.୨୮. ୦୪. ୭୬ ଜର ସମନ ଟ. ୭୦୦.୦୦ |
| ୭ | ଅଭିମନ୍ୟୁ ସାହୁ, ପି: କହ୍ନେଇ ସାହୁ, ଗଙ୍ଗାଧର ସାହୁ, ପି:ଅନାଦି ସାହୁ, ନିରଞ୍ଜନ ସାହୁ, ନରୋତମ ସାହୁ, ଦମୟନ୍ତି ସାହୁ, ପି:ମାୟାଧର ସାହୁ, ଜାତକ ସାହୁ, ସ୍ୱା:ମାୟାଧର ସାହୁ, ଆଦିତ୍ୟ ପ୍ରସାଦ ସାହୁ, ଉମା ସାହୁ, ଭାମା ସାହୁ, ଶ୍ରୀମତୀ ସାହୁ, ପି:ବୈଷ୍ଣବ ସାହୁ, ଦୁର ସାହୁ, ସ୍ୱା: ବୈଷ୍ଣବ ସାହୁ, ଜା:ଚଷା, ବା:ନିଜଗାଁ | ୯ | ୬୧ | ଶାରଦ ଦୁଇ | ୦.୦୭୦ | ୦.୦୭୦ | ଜବର ଦଖଲ, ଚାନ୍ଦ ସାହୁ, ସ୍ୱା:କାଶି ସାହୁ, ଜା:ଚଷା, ବା:ନିଜଗାଁ |
| ୮ | | | ୧୧୩ | ଶାରଦ ତିନି | ୦.୦୪୦ | ୦.୦୪୦ | ଜବରଦଖଲ ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଜା.ଚଷା, ବା.ନିଜଗାଁ |
| ୯ | | | ୪୮ | ଶାରଦ ତିନି | ୦.୦୨୦ | ୦.୦୨୦ | ଜବରଦଖଲ ହରିହର ସାହୁ, ପି.କୁଳମଣି ସାହୁ, ଜା.ଚଷା, ବା.ନିଜଗାଁ |
| | | | | | ମୋଟ | ୦.୧୩୦ | |
| ୧୦ | ଆତଙ୍ଗ ନାଏକ, ଅଚ୍ୟୁତ ନାଏକ, ପି:ଶତୃଘନ ନାଏକ, ନେତ ନାଏକ, ସ୍ୱା: ଲୋକନାଥ ନାଏକ, ଜା:ପାଣ, ବା:ନିଜଗାଁ | ୧୧ | ୮୮ | ଶାରଦ ତିନି | ୦.୦୭୦ | ୦.୦୭୦ | |
| ୧୧ | | | ୧୪୩ | ପତିତ | ୦.୦୬୦ | ୦.୦୬୦ | |
| | | | | | ମୋଟ | ୦.୧୩୦ | |
| ୧୨ | ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଜା:ଚଷା, ବା:ନିଜଗାଁ | ୧୫ | ୧୪୬(ସ୍ଥ) | ଶାରଦ ତିନି | ୦.୪୮୦ | ୦.୨୬୦ | |
| ୧୩ | | | ୧୧୫/ ୧୭୦୩ | ଶାରଦ ତିନି | ୦.୦୨୦ | ୦.୦୨୦ | ଜବର ଦଖଲ ଗଙ୍ଗାଧର ସାହୁ, ପି.ଅନାଦି ସାହୁ, ଜା.ଚଷା, ବା.ନିଜଗାଁ |
| | | | | | ମୋଟ | ୦.୨୮୦ | |
| ୧୪ | ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଶ୍ରୀନିବାସ ସାହୁ, ତ୍ରିଲୋଚନ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ | ୧୬ | ୬୪ | ଶାରଦ ଦୁଇ | ୦.୦୩୦ | ୦.୦୩୦ | |
| ୧୫ | | | ୯୭ | ଶାରଦ ଦୁଇ | ୦.୨୬୦ | ୦.୨୬୦ | |
| ୧୬ | | | ୯୮ | ଶାରଦ ଦୁଇ | ୦.୨୬୦ | ୦.୨୬୦ | |
| ୧୭ | | | ୫୭ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୧୮ | | | ୫୮ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୧୯ | | | ୭୯ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୨୦ | | | ୮୨ | ଶାରଦ ତିନି | ୦.୧୨୦ | ୦.୧୨୦ | |
| ୨୧ | | | ୧୩୩ | ଶାରଦ ତିନି | ୦.୧୧୦ | ୦.୧୧୦ | |
| ୨୨ | | | ୧୩୪ | ଶାରଦ ତିନି | ୦.୦୯୦ | ୦.୦୯୦ | |
| ୨୩ | ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଶ୍ରୀନିବାସ ସାହୁ, ତ୍ରିଲୋଚନ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ | ୧୬ | ୧୩୨ | ଶାରଦ ତିନି | ୦.୧୨୦ | ୦.୧୨୦ | |
| ୨୪ | | | ୧୩୧ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୨୫ | | | ୧୩୬ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୨୬ | | | ୧୩୭ | ଶାରଦ ତିନି | ୦.୧୨୦ | ୦.୧୨୦ | |
| ୨୭ | | | ୧୨୪ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୨୮ | | | ୧୨୫ | ଶାରଦ ତିନି | ୦.୦୯୦ | ୦.୦୯୦ | |
| ୨୯ | | | ୯୬(ସ୍ଥ) | ଶାରଦ ଦୁଇ | ୦.୨୬୦ | ୦.୨୦୦ | |
| ୩୦ | | | ୧୬୮ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୩୧ | | | ୧୯୫(ସ୍ଥ) | ଶାରଦ ତିନି | ୦.୧୧୦ | ୦.୦୭୦ | |
| ୩୨ | ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଶ୍ରୀନିବାସ ସାହୁ, ତ୍ରିଲୋଚନ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ | ୧୬ | ୧୭୦ | ଶାରଦ ତିନି | ୦.୧୬୦ | ୦.୧୬୦ | |
| ୩୩ | | | ୩୮୦ | ଶାରଦ ଏକ | ୦.୦୪୦ | ୦.୦୪୦ | |
| ୩୪ | | | ୩୮୨ | ତଇଲା ଏକ | ୦.୬୦୦ | ୦.୬୦୦ | |
| ୩୫ | | | ୩୮୩ | ତଇଲା ଏକ | ୦.୧୩୦ | ୦.୧୩୦ | |
| ୩୬ | | | ୩୯୮(ସ୍ଥ) | ଶାରଦ ଏକ | ୦.୩୮୦ | ୦.୨୯୦ | |
| ୩୭ | | | ୪୦୦ | ତଇଲା ଏକ | ୦.୦୩୦ | ୦.୦୩୦ | |
| ୩୮ | | | ୪୦୩(ସ୍ଥ) | ଶାରଦ ଏକ | ୦.୧୪୦ | ୦.୦୪୦ | |
| ୩୯ | | | ୪୦୨(ସ୍ଥ) | ତଇଲା ଏକ | ୦.୧୨୦ | ୦.୦୮୦ | |
| | | | | | ମୋଟ | ୩.୪୦୦ | |
| ୪୦ | ଉମେଶ ପ୍ରସାଦ ସାହୁ, ପି: ଦୁର୍ଯ୍ୟୋଧନ ସାହୁ, ତ୍ରିଲୋଚନ ସାହୁ, ଶ୍ରୀନିବାସ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ନଳିନୀ କୁମାର ସାହୁ, ବସନ୍ତ କୁମାର ସାହୁ, କୁଞ୍ଜ ସାହୁ, ଲତା ସାହୁ, ପି:ଦାମୋଦର ସାହୁ, ତିଲୋତ୍ତମା ସାହୁ, ସ୍ୱା:ଦାମୋଦର ସାହୁ, ଭୋଳେଶ୍ୱର ସାହୁ, ପି:ଉମାନାଥ ସାହୁ, ବିଶ୍ୱମ୍ଭର ସାହୁ, ମହେଶ୍ୱର ସାହୁ, ପି:ଜଳଧର ସାହୁ, ଲୋକନାଥ ସାହୁ, ପି:ହାଡିବନ୍ଧୁ ସାହୁ, ଭୀମ ସାହୁ, ପି:ମହନ ସାହୁ, ରତ୍ନାକର ସାହୁ, ଦିବାକର ସାହୁ, ପି:ବିଦ୍ୟାଧର ସାହୁ,ରସାନନ୍ଦ ସାହୁ, ପି:ଉପେନ୍ଦ୍ର ସାହୁ, ବଂଶିଧର ସାହୁ, ଲିଙ୍ଗରାଜ ସାହୁ, ପି:ହୃଦାନନ୍ଦ ସାହୁ, ଦୟାନିଧି ସାହୁ, ଭାସ୍କର ସାହୁ, ହରିହର ସାହୁ, ଶିଦ୍ଧେଶ୍ୱର ସାହୁ, ପି:କୁଳମଣି ସାହୁ, ଜା:ଚଷା, ବା:ନିଜଗାଁ | ୧୮ | ୭୦ | ଆଡି | ୦.୨୪୦ | ୦.୨୪୦ | |
| ୪୧ | | | ୯୯ | ଆଡି | ୦.୨୩୦ | ୦.୨୩୦ | |
| ୪୨ | | | ୭୧ | ଜଳାଶୟ ଦୁଇ | ୧.୧୨୦ | ୧.୧୨୦ | |
| ୪୩ | | | ୭୨ | ଆଡି | ୦.୨୨୦ | ୦.୨୨୦ | |
| ୪୪ | | | ୮୯ | ଆଡି | ୦.୨୬୦ | ୦.୨୬୦ | |
| | | | | | ମୋଟ | ୨.୦୭୦ | |
| ୪୫ | ଗୁରୁବାରିଆ ସାହୁ, କାଳନ୍ଦି ସାହୁ,ଦୁର୍ଯ୍ୟୋଧନ ସାହୁ, ସର୍ବେଶ୍ୱର ସାହୁ, ପି:ନରହରି ସାହୁ, ଜା:ଚଷା, ବା:ନିଜଗାଁ | ୨୪ | ୧୧୮ | ପତିତ | ୦.୦୨୦ | ୦.୦୨୦ | |
| ୪୬ | ଜଦୁ ସାହୁ, ତ୍ରିନାଥ ସାହୁ, ପି:କାଶି ସାହୁ, ଜା:ଚଷା, ବା:ରାଣୀବଣିଆ | ୩୨ | ୧୨୯ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୪୭ | | | ୯୩(ସ୍ଥ) | ଶାରଦ ତିନି | ୦.୦୬୦ | ୦.୦୩୦ | |
| ୪୮ | | | ୪୪ | ପତିତ | ୦.୦୪୦ | ୦.୦୪୦ | |
| | | | | | ମୋଟ | ୦.୧୭୦ | |
| ୪୯ | ତ୍ରିଲୋଚନ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ | ୩୪ | ୩୭୯ | ଶାରଦ ଏକ/ ୩ | ୦.୨୩୦ | ୦.୨୩୦ | |
| ୫୦ | କାଳିଆ ନାୟକ, ଗୁଲି ନାୟକ, ରଇବାରୀ ନାୟକ, ପି:ଦ୍ୱାରୀ ନାୟକ, ଜା:ଚଷା, ବା:ନିଜଗାଁ | ୩୮ | ୧୪୧ | ଶାରଦ ତିନି | ୦.୧୬୦ | ୦.୧୬୦ | |
| ୫୧ | | | ୧୬୬ | ଶାରଦ ତିନି | ୦.୦୬୦ | ୦.୦୬୦ | |
| | | | | | ମୋଟ | ୦.୨୨୦ | |
| ୫୨ | ପଙ୍କଜ ଲୋଚନ ନନ୍ଦ, ପି:ଭାବଗ୍ରାହୀ ନନ୍ଦ, ଜା:ବ୍ରାହ୍ମଣ, ବା:ନୟାଭାଗିରଥିପୁର ପୂର୍ବବାଡ | ୪୬ | ୧୪୪ | ଶାରଦ ତିନି | ୦.୩୨୦ | ୦.୩୨୦ | |
| ୫୩ | ପ୍ରଫୁଲ୍ଲ କୁମାର ସାହୁ, ନଳିନି କୁମାର ସାହୁ, ବସନ୍ତ କୁମାର ସାହୁ, ଲତା ସାହୁ, କୁଞ୍ଜ ସାହୁ, ପି:ଦାମୋଦର ସାହୁ, ରଘୁନାଥ ସାହୁ, ପି:ଭୋଳେଶ୍ୱର ସାହୁ, ସୁଜିତ ସାହୁ, ସୁନିତା ସାହୁ, ପି:ସିତାନାଥ ସାହୁ, ସୁଭାଗିନି ସାହୁ, ସ୍ୱା:ସିତାନାଥ ସାହୁ, ରାଜବତି ସାହୁ, ସ୍ୱା:ଭୋଳେଶ୍ୱର ସାହୁ, ଜା:ଚଷା, ବା:ନିଜଗାଁ | ୪୯ | ୧୦୧ | ଶାରଦ ଦୁଇ | ୦.୧୯୦ | ୦.୧୯୦ | |
| ୫୪ | | | ୫୯ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୫୫ | | | ୮୫ | ଶାରଦ ତିନି | ୦.୦୭୦ | ୦.୦୭୦ | |
| ୫୬ | | | ୮୦ | ଶାରଦ ତିନି | ୦.୧୫୦ | ୦.୧୫୦ | |
| ୫୭ | | | ୧୭୧ | ଶାରଦ ତିନି | ୦.୨୧୦ | ୦.୨୧୦ | |
| ୫୮ | | | ୧୩୮ | ଶାରଦ ତିନି | ୦.୧୮୦ | ୦.୧୮୦ | |
| ୫୯ | ପ୍ରଫୁଲ୍ଲ କୁମାର ସାହୁ, ନଳିନି କୁମାର ସାହୁ, ବସନ୍ତ କୁମାର ସାହୁ, ଲତା ସାହୁ, କୁଞ୍ଜ ସାହୁ, ପି:ଦାମୋଦର ସାହୁ, ରଘୁନାଥ ସାହୁ, ପି:ଭୋଳେଶ୍ୱର ସାହୁ, ସୁଜିତ ସାହୁ, ସୁନିତା ସାହୁ, ପି:ସିତାନାଥ ସାହୁ, ସୁଭାଗିନି ସାହୁ, ସ୍ୱା:ସିତାନାଥ ସାହୁ, ରାଜବତି ସାହୁ, ସ୍ୱା:ଭୋଳେଶ୍ୱର ସାହୁ, ଜା:ଚଷା, ବା:ନିଜଗାଁ | ୪୯ | ୧୬୫ | ଶାରଦ ତିନି | ୦.୦୭୦ | ୦.୦୭୦ | |
| ୬୦ | | | ୩୮୪ | ତଇଲା ଏକ | ୦.୧୨୦ | ୦.୧୨୦ | |
| ୬୧ | | | ୯୯/ ୧୬୭୭ | ଆଡି | ୦.୦୪୦ | ୦.୦୪୦ | |
| ୬୨ | | | ୧୬୯ | ଶାରଦ ତିନି | ୦.୨୧୦ | ୦.୨୧୦ | |
| ୬୩ | | | ୧୯୪(ସ୍ଥ) | ଶାରଦ ତିନି | ୦.୧୪୦ | ୦.୦୩୦ | |
| | | | | | ମୋଟ | ୧.୩୫୦ | |
| ୬୪ | ପ୍ରଫୁଲ୍ଲ କୁମାର ସାହୁ, ନଳିନି କୁମାର ସାହୁ, ବସନ୍ତ କୁମାର ସାହୁ, ଲତା ସାହୁ, କୁଞ୍ଜ ସାହୁ, ପି:ଦାମୋଦର ସାହୁ, ତିଳୋତ୍ତମା ସାହୁ, ସ୍ୱା:ଦାମୋଦର ସାହୁ, ରଘୁନାଥ ସାହୁ, ପି:ଭୋଳେଶ୍ୱର ସାହୁ, ସୁଜିତ ସାହୁ, ସୁନିତା ସାହୁ, ପି:ସିତାନାଥ ସାହୁ, ସୁଭାଗିନି ସାହୁ, ସ୍ୱା:ସିତାନାଥ ସାହୁ, ରାଜବତି ସାହୁ, ସ୍ୱା:ଭୋଳେଶ୍ୱର ସାହୁ, ଜା:ଚଷା, ବା:ନିଜଗାଁ | ୫୦ | ୬୪/ ୧୭୨୭ | ଶାରଦ ଦୁଇ | ୦.୦୩୦ | ୦.୦୩୦ | |
| ୬୫ | ବଳରାମ ନନ୍ଦ, ପି:ଯୋଗିନାଥ ନନ୍ଦ, ଦିଗମ୍ବର ନନ୍ଦ, ତାପସ କୁମାର ନନ୍ଦ, ଅନୁପମା ମହାପାତ୍ର, ଶଶିରେଖା ଦାଶ, ପି:ବଂଶୀଧର ନନ୍ଦ, କୁମୁଦିନୀ ନନ୍ଦ, ସ୍ୱା:ବଂଶିଧର ନନ୍ଦ, ଜା:ବ୍ରାହ୍ମଣ, ବା:କୁଞ୍ଜବିହାରୀପୁର | ୫୪ | ୧୩୦ | ଶାରଦ ତିନି | ୦.୦୫୦ | ୦.୦୫୦ | |
| ୬୬ | | | ୧୪୦ | ଶାରଦ ତିନି | ୦.୧୨୦ | ୦.୧୨୦ | |
| | | | | | ମୋଟ | ୦.୧୭୦ | |
| ୬୭ | ବସନ୍ତ ସାହୁ, ବିନୟ ସାହୁ, ବ୍ରହ୍ମାନନ୍ଦ ସାହୁ, ପି:ପଦନ ସାହୁ, ଜା:ଚଷା, ବା:ତଳବାଘଲୁଣ୍ଡା | ୫୫ | ୩୭୮ | ଶାରଦ ଏକ | ୦.୧୭୦ | ୦.୧୭୦ | |
| ୬୮ | ପ୍ରେମାନନ୍ଦ ସାହୁ, ଟଙ୍କଧର ସାହୁ, ଗୋଲାପ ସାହୁ, ମମତା ସାହୁ, ରିନାବାଳା ସାହୁ, ପି:ବଂଶିଧର ସାହୁ, ବିନୟ ସାହୁ, ବିମଳ କୁମାର ସାହୁ, ଦ୍ରୌପଦୀ ସାହୁ, ନିରୁପମା ସାହୁ, ପି:ଲିଙ୍ଗରାଜ ସାହୁ, ଜା:ଚଷା, ବା:ନିଜଗାଁ | ୫୬ | ୭୭ | ଶାରଦ ତିନି | ୦.୧୨୦ | ୦.୧୨୦ | ଦଖଲ ବଂଶିଧର ସାହୁ । |
| ୬୯ | | | ୫୨ | ଶାରଦ ଦୁଇ | ୦.୦୬୦ | ୦.୦୬୦ | ଦଖଲ ଲିଙ୍ଗରାଜ ସାହୁ |
| ୭୦ | | | ୧୦୬ | ପତିତ | ୦.୦୩୦ | ୦.୦୩୦ | ଦଖଲ ବଂଶିଧର ସାହୁ |
| ୭୧ | ପ୍ରେମାନନ୍ଦ ସାହୁ, ଟଙ୍କଧର ସାହୁ, ଗୋଲାପ ସାହୁ, ମମତା ସାହୁ, ରିନାବାଳା ସାହୁ, ପି:ବଂଶିଧର ସାହୁ, ବିନୟ ସାହୁ, ବିମଳ କୁମାର ସାହୁ, ଦ୍ରୌପଦୀ ସାହୁ, ନିରୁପମା ସାହୁ, ପି:ଲିଙ୍ଗରାଜ ସାହୁ, ଜା:ଚଷା, ବା:ନିଜଗାଁ | ୫୬ | ୯୧ | ଶାରଦ ତିନି | ୦.୦୭୦ | ୦.୦୭୦ | ଦଖଲ ଲିଙ୍ଗରାଜ ସାହୁ |
| ୭୨ | | | ୧୭୫ | ଶାରଦ ତିନି | ୦.୧୦୦ | ୦.୧୦୦ | ଦଖଲ ଲିଙ୍ଗରାଜ ସାହୁ |
| ୭୩ | | | ୧୭୨ | ଶାରଦ ତିନି | ୦.୧୦୦ | ୦.୧୦୦ | ଦଖଲ ବଂଶିଧର ସାହୁ |
| ୭୪ | | | ୩୮୫ | ତଇଲା ଏକ | ୦.୦୫୦ | ୦.୦୫୦ | ଦଖଲ ଇଜିମାଲି |
| | | | | | ମୋଟ | ୦.୫୩୦ | |
| ୭୫ | ବିନୋଦ ବାରିକ, ପି:ରଘୁନାଥ ବାରିକ, ଜା:ଭଣ୍ଡାରି, ବା:ରାଣିବଣିଆ, ଶୁକ ବାରିକ, ପି:ରଘୁନାଥ ବାରିକ, ଜା:ଭଣ୍ଡାରି, ବା:ରାଣିବଣିଆ, ସୁଧାକର ବାରିକ, ପି:ରଘୁନାଥ ବାରିକ, ଜା:ଭଣ୍ଡାରି, ବା:ରାଣିବଣିଆ, ଜବରଦଖଲ, ବା:ଝଗୁଡୁ ବେହେରା, ପି:ହାଡିବନ୍ଧୁ ବେହେରା, ଜା:ତଅଁଳା, ବା:ନିଜଗାଁ | ୫୭ | ୭୩ | ଶାରଦ ଦୁଇ | ୦.୧୦୦ | ୦.୧୦୦ | ଜବର ଦଖଲ ବା:ଝଗୁଡୁ ବେହେରା, ପି:ହାଡିବନ୍ଧୁ ବେହେରା, ଜା:ତଅଁଳା, ବା:ନିଜଗାଁ |
| ୭୬ | ବିଶ୍ୱମ୍ଭର ସାହୁ, ମହେଶ୍ୱର ସାହୁ, ପି:ଜଳଧର ସାହୁ, ଜା:ଚଷା, ବା:ନିଜଗାଁ | ୫୮ | ୫୧ | ଶାରଦ ତିନି | ୦.୦୯୦ | ୦.୦୯୦ | |
| ୭୭ | | | ୧୦୮ | ଶାରଦ ତିନି | ୦.୦୨୦ | ୦.୦୨୦ | ଜବରଦଖଲ ଭୀମ ସାହୁ, ପି:ମହନ ସାହୁ, ଜା:ଚଷା, ବା:ନିଜଗାଁ |
| ୭୮ | | | ୩୭୬ | ପତିତ | ୦.୦୬୦ | ୦.୦୬୦ | |
| ୭୯ | ବିଶ୍ୱମ୍ଭର ସାହୁ, ମହେଶ୍ୱର ସାହୁ, ପି:ଜଳଧର ସାହୁ, ଜା:ଚଷା, ବା:ନିଜଗାଁ | ୫୮ | ୩୮୮ | ତଇଲା ଏକ | ୦.୦୩୦ | ୦.୦୩୦ | ଜବରଦଖଲ ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଶ୍ରୀନିବାସ ସାହୁ, ତ୍ରିଲୋଚନ ସାହୁ |
| ୮୦ | | | ୩୮୯ | ଶାରଦ ଏକ | ୦.୦୨୦ | ୦.୦୨୦ | ଜବରଦଖଲ ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଶ୍ରୀନିବାସ ସାହୁ, ତ୍ରିଲୋଚନ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ |
| | | | | | ମୋଟ | ୦.୨୨୦ | |
| ୮୧ | ବିଶ୍ୱମ୍ଭର ସାହୁ, ମହେଶ୍ୱର ସାହୁ, ପି:ଜଳଧର ସାହୁ, ଭୀମ ସାହୁ, ପି:ମହନ ସାହୁ, ଦୟାନିଧି ସାହୁ, ଭାସ୍କର ସାହୁ, ହରିହର ସାହୁ, ସିଦ୍ଧେଶ୍ୱର ସାହୁ, ପି:କୁଳମଣି ସାହୁ, ରସାନନ୍ଦ ସାହୁ, ପି:ଉପେନ୍ଦ୍ର ସାହୁ, ବଂଶୀଧର ସାହୁ, ଲିଙ୍ଗରାଜ ସାହୁ, ପି:ହୃଦାନନ୍ଦ ସାହୁ, ଲୋକନାଥ ସାହୁ, ପି:ହାଡିବନ୍ଧୁ ସାହୁ, ରତ୍ନାକର ସାହୁ, ଦିବାକର ସାହୁ, ପି: ବିଦ୍ୟାଧର ସାହୁ, ଜା:ଚଷା, ବା:ନିଜଗାଁ, ଗନ୍ଧର୍ବ ବିଶ୍ୱାଳ, ପି:ଶ୍ୟାମ ବିଶ୍ୱାଳ, ଜା:ଚଷା, ବା:ବାବନ୍ଧ, ଚାନ୍ଦ ସାହୁ, ସ୍ୱା:କାଶିନାଥ ସାହୁ, ଜା:ଚଷା, ବା:ରାଣୀବଣିଆ | ୫୯ | ୧୫୩ | ଶାରଦ ତିନି | ୦.୧୬୦ | ୦.୧୬୦ | |
| ୮୨ | | | ୧୦୪ | ପତିତ | ୦.୦୩୦ | ୦.୦୩୦ | |
| ୮୩ | | | ୧୪୭ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୮୪ | | | ୩୯୨ | ତଇଲା ଏକ | ୦.୦୩୦ | ୦.୦୩୦ | |
| ୮୫ | | | ୩୯୩ | ଶାରଦ ଏକ | ୦.୦୨୦ | ୦.୦୨୦ | ଜବରଦଖଲ ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ |
| | | | | | ମୋଟ | ୦.୩୪୦ | |

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ

| କ୍ରମିକ ସଂଖ୍ୟା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନମ୍ବର | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୮୬ | ବିଶ୍ୱମ୍ବର ସାହୁ, ମହେଶ୍ୱର ସାହୁ, ପି:ଜଳଧର ସାହୁ, ରତ୍ନାକର ସାହୁ, ଦିବାକର ସାହୁ, ପି:ବିଦ୍ୟାଧର ସାହୁ, ବଂଶୀଧର ସାହୁ, ଲିଙ୍ଗରାଜ ସାହୁ, ପି:ହୃଦାନନ୍ଦ ସାହୁ, ଲୋକନାଥ ସାହୁ, ପି:ହାଡିବନ୍ଧୁ ସାହୁ, ରସାନନ୍ଦ ସାହୁ, ପି:ଉପେନ୍ଦ୍ର ସାହୁ, ଦୟାନିଧି ସାହୁ, ଭାସ୍କର ସାହୁ, ହରି ସାହୁ, ସିଦ୍ଧେଶ୍ୱର ସାହୁ, ପି:କୁଳମଣି ସାହୁ, ଜା:ଚଷା, ବା:ନିଜଗାଁ | ୬୧ | ୧୧୦/ ୧୭୦୧ | ଶାରଦ ତିନି | ୦.୦୨୦ | ୦.୦୨୦ | |
| ୮୭ | ଭିକାରି ବେହେରା, ଅଦେଇ ବେହେରା, ପି:ଜଦୁ ବେହେରା, ଜା:କେଉଟ, ବା:ନିଜଗାଁ | ୬୫ | ୮୭ | ଶାରଦ ତିନି | ୦.୦୬୦ | ୦.୦୬୦ | ଜବରଦଖଲ ଆତଙ୍ଗ ନାଏକ, ଅଚୁତ ନାଏକ, ପି:ଶତୃଘନ ନାଏକ, ନେତ ନାଏକ, ସ୍ୱା:ଲୋକନାଥ ନାଏକ, ଜା:ପାଣ, ବା:ନିଜଗାଁ |
| ୮୮ | | | ୮୪ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୮୯ | | | ୧୬୧ | ଶାରଦ ତିନି | ୦.୧୬୦ | ୦.୧୬୦ | |
| ୯୦ | | | ୧୬୦ | ଶାରଦ ତିନି | ୦.୦୫୦ | ୦.୦୫୦ | ଜବର ଦଖଲ ଅର୍ଜୁନ ବେହେରା, ନକୁଳ ବେହେରା, ପି.ଗୋବିନ୍ଦ ବେହେରା, ଶିବରାମ ବେହେରା, ପି.ଭୀମ ବେହେରା, ଜା.କେଉଟ, ବା:ନିଜଗାଁ |
| ୯୧ | | | ୧୫୮ | ଶାରଦ ତିନି | ୦.୧୦୦ | ୦.୧୦୦ | |
| | | | | | ମୋଟ | ୦.୪୩୦ | |
| ୯୨ | ନିଳମଣୀ ସାହୁ, ରଘୁ ସାହୁ, ପି:ଭୀମ ସାହୁ, ଜା:ଚଷା, ବା:ନିଜଗାଁ | ୬୬ | ୬୦ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୯୩ | | | ୧୨୩ | ଶାରଦ ତିନି | ୦.୦୪୦ | ୦.୦୪୦ | |
| ୯୪ | | | ୧୭୪(ସ୍ମ) | ଶାରଦ ତିନି | ୦.୦୭୦ | ୦.୦୪୦ | |
| ୯୫ | | | ୩୮୬ | ଶାରଦ ଏକ | ୦.୦୨୦ | ୦.୦୨୦ | ଜବରଦଖଲ ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ |
| ୯୬ | | | ୩୮୭ | ତଇଳା ଏକ | ୦.୦୪୦ | ୦.୦୪୦ | |
| ୯୭ | | | ୪୩ | ପତିତ | ୦.୦୪୦ | ୦.୦୪୦ | |
| | | | | | ମୋଟ | ୦.୨୬୦ | |
| ୯୮ | ମାଗତା ସାହୁ, ନାଥ ସାହୁ, ପି:ଚୌଧୁରୀ ସାହୁ, ଜା:ଚଷା, ବା:ନିଜଗାଁ | ୬୮ | ୧୬୨ | ଶାରଦ ତିନି | ୦.୦୨୦ | ୦.୦୨୦ | |
| ୯୯ | | | ୧୬୩ | ଶାରଦ ତିନି | ୦.୦୩୦ | ୦.୦୩୦ | |
| ୧୦୦ | | | ୧୫୫ | ଶାରଦ ତିନି | ୦.୧୧୦ | ୦.୧୧୦ | |
| ୧୦୧ | | | ୧୫୪ | ଶାରଦ ତିନି | ୦.୧୧୦ | ୦.୧୧୦ | |
| | | | | | ମୋଟ | **୦.୨୭୦** | |
| ୧୦୨ | ମାଗତା ସାହୁ, ନାଥ ସାହୁ, ପି:ଚୌଧୁରୀ ସାହୁ, ଗୋବର୍ଦ୍ଧନ ସାହୁ, କାଳନ୍ଦି ସାହୁ, ଦୁର୍ଯ୍ୟୋଧନ ସାହୁ, ସର୍ବେଶ୍ୱର ସାହୁ, ପି:ନରହରି ସାହୁ, ଜା:ଚଷା, ବା:ନିଜଗାଁ | ୭୦ | ୬୬ | ଶାରଦ ଦୁଇ | ୦.୦୪୦ | ୦.୦୪୦ | |
| ୧୦୩ | | | ୬୭ | ଶାରଦ ଦୁଇ | ୦.୦୮୦ | ୦.୦୮୦ | |
| ୧୦୪ | | | ୭୫ | ଶାରଦ ଦୁଇ | ୦.୦୬୦ | ୦.୦୬୦ | |
| ୧୦୫ | | | ୫୦ | ଶାରଦ ତିନି | ୦.୦୨୦ | ୦.୦୨୦ | |
| ୧୦୬ | | | ୧୧୭ | ପତିତ | ୦.୦୪୦ | ୦.୦୪୦ | |
| | | | | | ମୋଟ | ୦.୨୪୦ | |
| ୧୦୭ | ମୁରଲି ବେହେରା, ଘଣ୍ଟି ବେହେରା, ବୁଧେଇ ବେହେରା, ରମା ବେହେରା, ଆବୁଇ ବେହେରା, ପି:ପବିତ୍ର ବେହେରା, ପାତୁ ବେହେରା, କୁଆଙ୍ଗ ବେହେରା, ପି:ସନୁ ବେହେରା, ଜା:ତଅଁଳା, ବା:ନିଜଗାଁ | ୭୪ | ୨୦୨ ସ୍ମ | ଶାରଦ ତିନି | ୦.୦୮୦ | ୦.୦୩୦ | ବେଆଇନ ଖରିଦ ସୂତ୍ରେ, ଦଖଲ ଭୋଳେଶ୍ୱର ସାହୁ, ପି.ଉମାନାଥ ସାହୁ, ଜା:ଚଷା, ବା:ନିଜଗାଁ ରେଜେଷ୍ଟ୍ରି ଦଲିଲ ନମ୍ବର ୩୨୭୦, ତା. ୧୨.୦୫.୭୨, ଜରସମନ ଟ.୮୦୦.୦୦ |
| ୧୦୮ | | | ୧୨୧ | ଶାରଦ ତିନି | ୦.୦୯୦ | ୦.୦୯୦ | ଜବର ଦଖଲ ଦ୍ୱାରି ନାୟକ, ପି:ପଂଚୁ ନାୟକ, ଜା:ଚଷା, ବା:ନିଜଗାଁ |
| | | | | | ମୋଟ | ୦.୧୨୦ | |
| ୧୦୯ | ରତ୍ନାକର ସାହୁ, ଦିବାକର ସାହୁ, ପି:ବିଦ୍ୟାଧର ସାହୁ, ଜା:ଚଷା, ବା:ନିଜଗାଁ | ୭୬ | ୭୪ | ଶାରଦ ଦୁଇ | ୦.୧୦୦ | ୦.୧୦୦ | ଜବରଦଖଲ, ସାଧୁ ଚରଣ ସାହୁ, ପି:ମହାଦେବ ସାହୁ, ଜା: ଚଷା, ବା: ତଳ ବାଘଲୁଣ୍ଡା |
| ୧୧୦ | | | ୫୬ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୧୧୧ | | | ୧୫୨ | ଶାରଦ ତିନି | ୦.୨୪୦ | ୦.୨୪୦ | |
| ୧୧୨ | | | ୧୨୮ | ଶାରଦ ତିନି | ୦.୧୨୦ | ୦.୧୨୦ | ଜବରଦଖଲ ସାଧୁ ଚରଣ ସାହୁ, ପି:ମହାଦେବ ସାହୁ, ଜା: ଚଷା, ବା: ତଳ ବାଘଲୁଣ୍ଡା |
| ୧୧୩ | ରତ୍ନାକର ସାହୁ, ଦିବାକର ସାହୁ, ପି:ବିଦ୍ୟାଧର ସାହୁ, ଜା:ଚଷା, ବା:ନିଜଗାଁ | ୭୬ | ୧୨୬ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୧୧୪ | | | ୧୯୭(ସ୍ମ) | ଶାରଦ ତିନି | ୦.୧୦୦ | ୦.୦୨୦ | ଜବର ଦଖଲ ସାଧୁଚରଣ ସାହୁ, ପି:ମହାଦେବ ସାହୁ, ଜା: ଚଷା, ବା: ତଳ ବାଘଲୁଣ୍ଡା |
| ୧୧୫ | | | ୩୯୬ | ତଇଳା ଏକ | ୦.୦୩୦ | ୦.୦୩୦ | |
| ୧୧୬ | | | ୩୯୭ | ଶାରଦ ଏକ | ୦.୦୪୦ | ୦.୦୪୦ | ଜବର ଦଖଲ ସଦାନନ୍ଦ ସାହୁ, ପି.ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ |
| | | | | | ମୋଟ | ୦.୭୩୦ | |
| ୧୧୭ | ରତ୍ନାକର ସ୍ୱାଇଁ, ପି:କେଶବ ସ୍ୱାଇଁ, ଜା: ଖଣ୍ଡାୟତ, ବା:ନାଧରଡା | ୭୭ | ୧୦୦ | ଶାରଦ ଦୁଇ | ୦.୦୪୦ | ୦.୦୪୦ | |
| ୧୧୮ | | | ୬୯ | ଶାରଦ ଦୁଇ | ୦.୧୦୦ | ୦.୧୦୦ | |
| ୧୧୯ | | | ୬୮ | ଶାରଦ ଦୁଇ | ୦.୧୦୦ | ୦.୧୦୦ | |
| | | | | | ମୋଟ | **୦.୨୪୦** | |
| ୧୨୦ | ରସାନନ୍ଦ ସାହୁ, ପି:ଉପେନ୍ଦ୍ର ସାହୁ, ଜା:ଚଷା, ବା:ନିଜଗାଁ | ୭୮ | ୧୨୭ | ଶାରଦ ତିନି | ୦.୦୮୦ | ୦.୦୮୦ | ଜବର ଦଖଲ ରତ୍ନାକର ସାହୁ, ଦିବାକର ସାହୁ, ପି:ବିଦ୍ୟାଧର ସାହୁ, ଜା:ଚଷା, ବା:ନିଜଗାଁ |
| ୧୨୧ | | | ୧୦୫ | ପତିତ | ୦.୦୨୦ | ୦.୦୨୦ | |
| ୧୨୨ | | | ୯୦ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୧୨୩ | | | ୧୭୬(ସ୍ମ) | ଶାରଦ ତିନି | ୦.୧୦୦ | ୦.୦୬୦ | |
| ୧୨୪ | ରସାନନ୍ଦ ସାହୁ, ପି:ଉପେନ୍ଦ୍ର ସାହୁ, ଜା:ଚଷା, ବା:ନିଜଗାଁ | ୭୮ | ୧୭୩(ସ୍ମ) | ଶାରଦ ତିନି | ୦.୧୮୦ | ୦.୧୧୦ | |
| ୧୨୫ | | | ୩୯୪ | ଶାରଦ ଏକ | ୦.୦୩୦ | ୦.୦୩୦ | ଜବର ଦଖଲ ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ |
| ୧୨୬ | | | ୩୯୫ | ତଇଳା ଏକ | ୦.୦୩୦ | ୦.୦୩୦ | |
| | | | | | ମୋଟ | ୦.୪୧୦ | |
| ୧୨୭ | ବିଭୂତି ଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ପି: ରାମଚନ୍ଦ୍ର ସାହୁ, ସୁକାନ୍ତି ସାହୁ, ସ୍ୱା:ଈଶ୍ୱର ଚନ୍ଦ୍ର, ତ୍ରିନାଥ ସାହୁ, ଆରତି ସାହୁ, ସନ୍ଧ୍ୟାରାଣୀ ସାହୁ, ପି:ଈଶ୍ୱର ଚନ୍ଦ୍ର ସାହୁ, ସରଣ ସାହୁ, ବିଜୁଳି ସାହୁ, ଜହ୍ନ ସାହୁ, ଗୋଲାପ ସାହୁ, ପି:ଲୋକନାଥ ସାହୁ, ନିର୍ମଳ ଚନ୍ଦ୍ର ସାହୁ, ମାନସ ରଞ୍ଜନ ସାହୁ, ମନୋରଞ୍ଜନ ସାହୁ, ପି: ଆଦିତ୍ୟ ପ୍ରସାଦ ସାହୁ, ପ୍ରତିକ ପ୍ରିୟଦର୍ଶନୀ ସାହୁ, ପି: ନିରାକାର ସାହୁ, ବବିତା ସାହୁ, ସ୍ୱା:ନିରାକାର ସାହୁ, ରଶ୍ମିତା, ସ୍ୱା:ସମ୍ବିତ ସାହୁ, ସନୁ ସାହୁ, ପି:ସମ୍ବିତ ସାହୁ, ବିଜୟଲକ୍ଷ୍ମୀ ସାହୁ, ଅହଲ୍ୟା, ଲିପନ ସାହୁ, ପି:ଆଦିତ୍ୟ ପ୍ରସାଦ ସାହୁ, ଜା:ଚଷା, ବା:ନିଜଗାଁ | ୮୧ | ୧୩୫ | ଶାରଦ ତିନି | ୦.୩୯୦ | ୦.୩୯୦ | |
| ୧୨୮ | | | ୧୪୫ | ଶାରଦ ତିନି | ୦.୦୭୦ | ୦.୦୭୦ | |
| ୧୨୯ | | | ୧୪୨ | ଶାରଦ ତିନି | ୦.୧୩୦ | ୦.୧୩୦ | |
| ୧୩୦ | | | ୧୦୭ | ପତିତ | ୦.୦୪୦ | ୦.୦୪୦ | |
| ୧୩୧ | | | ୩୯୯ | ତଇଳା ଏକ | ୦.୦୬୦ | ୦.୦୬୦ | |
| | | | | | ମୋଟ | ୦.୬୯୦ | |
| ୧୩୨ | ସାଧୁ ଚରଣ ସାହୁ, ପି:ମହାଦେବ ସାହୁ, ଜା:ଚଷା, ବା:ତଳବାଘଲୁଣ୍ଡା | ୮୯ | ୬୩ | ଶାରଦ ଦୁଇ | ୦.୦୬୦ | ୦.୦୬୦ | |
| ୧୩୩ | | | ୬୮ | ଶାରଦ ତିନି | ୦.୦୨୦ | ୦.୦୨୦ | |
| ୧୩୪ | | | ୧୬୭ | ଶାରଦ ତିନି | ୦.୦୭୦ | ୦.୦୭୦ | ଜବରଦଖଲ ରତ୍ନାକର ସାହୁ, ଦିବାକର ସାହୁ, ପି:ବିଦ୍ୟାଧର ସାହୁ, ଜା:ଚଷା, ବା:ନିଜଗାଁ |
| | | | | | ମୋଟ | ୦.୧୫୦ | |
| ୧୩୫ | ଶିଖର ବିଶ୍ୱାଳ, ପି:ସୁନିଆ ବିଶ୍ୱାଳ, ଜା:ଚଷା, ବା: ତଳବାଘଲୁଣ୍ଡା | ୯୦ | ୧୧୫ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୧୩୬ | | | ୧୧୬ | ଶାରଦ ତିନି | ୦.୧୨୦ | ୦.୧୨୦ | |
| | | | | | ମୋଟ | ୦.୨୨୦ | |
| ୧୩୭ | ନବିନ ନାଏକ, ପି:ଦର୍ପଣୀ ନାଏକ, ଜା:ମାଟିଆ, ବା:ନିଜଗାଁ, ପଳାତକ ପକ୍ଷେ ଦଖଲ ବା:ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ତ୍ରିଲୋଚନ ସାହୁ, ଶ୍ରୀନିବାସ ସାହୁ, ସଦାନନ୍ଦ ସାହୁ, ପି: ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ | ୧୦୭ | ୪୦୧ | ତଇଳା ଏକ | ୦.୦୭୦ | ୦.୦୭୦ | |
| ୧୩୮ | ଶ୍ରୀ ମହିମା ଗୋସ୍ୱାମୀ ବିଜେ ଯୋରନ୍ଦା ଜବର ଦଖଲ ବା: ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଜା:ଚଷା, ବା:ନିଜଗାଁ | ୧୧୫ | ୧୧୪/ ୧୭୦୨ | ଶାରଦ ତିନି | ୦.୦୨୦ | ୦.୦୨୦ | |
| ୧୩୯ | ସାଧୁଚରଣ ସାହୁ, ପି:ମହାଦେବ ସାହୁ, ଜା:ଚଷା, ବା:ତଳବାଘଲୁଣ୍ଡା | ୧୨୧ /୧ | ୬୨ | ଶାରଦ ଦୁଇ | ୦.୩୦୦ | ୦.୩୦୦ | |
| ୧୪୦ | ରାମଚନ୍ଦ୍ର ନନ୍ଦ, ପି:ଗଙ୍ଗାଧର ନନ୍ଦ, ଜା:ବ୍ରାହ୍ମଣ, ବା:ଧଳପୁର | ୧୨୧ /୨ | ୧୫୧ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୧୪୧ | | | ୧୫୦ | ଶାରଦ ତିନି | ୦.୦୭୦ | ୦.୦୭୦ | |
| | | | | | ମୋଟ | ୦.୧୩୦ | |
| ୧୪୨ | ରାମଚନ୍ଦ୍ର ନନ୍ଦ, ପି:ଗଙ୍ଗାଧର ନନ୍ଦ, ଜା:ବ୍ରାହ୍ମଣ, ବା:ଧଳପୁର | ୧୨୧ /୬ | ୯୨ | ଶାରଦ ତିନି | ୦.୦୭୦ | ୦.୦୭୦ | |
| ୧୪୩ | ସାଧୁ ଚରଣ ସାହୁ, ପି:ମହାଦେବ ସାହୁ, ଜା:ଚଷା, ବା:ତଳବାଘଲୁଣ୍ଡା | ୧୨୧ /୮ | ୬୫ | ଶାରଦ ଦୁଇ | ୦.୦୪୦ | ୦.୦୪୦ | |
| ୧୪୪ | | | ୭୬ | ଶାରଦ ଦୁଇ | ୦.୦୭୦ | ୦.୦୭୦ | |
| ୧୪୫ | | | ୮୬ | ଶାରଦ ତିନି | ୦.୧୦୦ | ୦.୧୦୦ | |
| | | | | | ମୋଟ | ୦.୨୧୦ | |
| ୧୪୬ | କାଳିଆ ନାୟକ, ଗୁଲି ନାୟକ, ରଇବାରୀ ନାୟକ, ପି:ଦୁଆରୀ ନାୟକ, ଜା:ଚଷା, ବା:ନିଜଗାଁ | ୧୨୧ /୧୮ | ୧୪୦/ ୧୭୭୦ | ଶାରଦ ତିନି | ୦.୧୭୦ | ୦.୧୭୦ | |
| ୧୪୭ | ଜଙ୍ଗେଶ ପ୍ରସାଦ ଶତପଥୀ, ପି:ଲକ୍ଷ୍ମୀଧର ଶତପଥୀ, ଜା:ବ୍ରାହ୍ମଣ, ବା:ଧଳପୁର | ୧୨୧ /୩୦ | ୧୬୪ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୧୪୮ | ଶିଖର ବିଶ୍ୱାଳ, ପି:ସୁନିଆଁ ବିଶ୍ୱାଳ, ଜା:ଚଷା, ବା: ତଳବାଘଲୁଣ୍ଡା | ୧୨୧ /୮୩ | ୧୨୦ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୧୪୯ | ବଇରା ମହାଳିକ, ପି:କୁଞ୍ଜ ମହାଳିକ, ଜା:କେଉଟ, ବା:ନିଜଗାଁ | ୧୨୧ /୯୧ | ୧୬୧/ ୧୮୪୬ | ଶାରଦ ତିନି | ୦.୧୪୦ | ୦.୧୪୦ | |
| ୧୫୦ | ଅଖିଳ ବିଶ୍ୱାଳ, ସୁଧୀର ବିଶ୍ୱାଳ, ପି:ଶିଖର ବିଶ୍ୱାଳ, ଜା:ଚଷା, ବା:ତଳବାଘଲୁଣ୍ଡା | ୧୨୧/ ୧୦୩ | ୧୧୧ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୧୫୧ | ଉଦୟନାଥ ସାହୁ, କାଳନ୍ଦୀ ଚରଣ ସାହୁ, ପି:ଲୋକନାଥ ସାହୁ, ଜା:ଚଷା, ବା:ତଳବାଘଲୁଣ୍ଡା | ୧୨୧ /୧୨୧ | ୧୦୨(ସ୍ମ) | ଶାରଦ ଦୁଇ | ୦.୩୨୦ | ୦.୨୨୦ | |
| ୧୫୨ | କିଶୋର ଚନ୍ଦ୍ର ବେହେରା, ପି:ପାତୁ ବେହେରା, ଜା:ଗୋପାଳ, ବା:ତଳବାଘଲୁଣ୍ଡା | ୧୨୧/ ୧୩୪ | ୯୫(ସ୍ମ) | ଶାରଦ ଦୁଇ | ୦.୨୬୦ | ୦.୨୦୦ | |
| ୧୫୩ | କିଶୋର ଚନ୍ଦ୍ର ବେହେରା, ପି:ପାତୁ ବେହେରା, ଜା:ଗୋପାଳ, ବା:ତଳବାଘଲୁଣ୍ଡା | ୧୨୧/ ୧୬୧ | ୧୩୯ | ଶାରଦ ତିନି | ୦.୧୮୦ | ୦.୧୮୦ | |
| ୧୫୪ | ଶିଖର ବିଶ୍ୱାଳ, ପି:ସୁନିଆଁ ବିଶ୍ୱାଳ, ଜା:ଚଷା, ବା: ତଳବାଘଲୁଣ୍ଡା | ୧୨୧/ ୧୬୬ | ୧୧୪ | ଶାରଦ ତିନି | ୦.୦୩୦ | ୦.୦୩୦ | |
| ୧୫୫ | ନୃସିଂହଚରଣ ସାହୁ, ପି: ନିଳମଣି ସାହୁ, ଜା:ଚଷା, ବା:ନିଜଗାଁ | ୧୨୧/ ୧୭୦ | ୫୫ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୧୫୬ | ପ୍ରତିମା ସାହୁ, ସ୍ୱା:ନିରୋଦ କୁମାର ସାହୁ, ଜା:ଚଷା, ବା: ନିଜଗାଁ | ୧୨୧/ ୨୦୮ | ୧୦୧/ ୧୯୫୦ | ଶାରଦ ଦୁଇ | ୦.୨୫୦ | ୦.୨୫୦ | |
| ୧୫୭ | କରୁଣାକର ସାହୁ, ପି:ନବକିଶୋର ସାହୁ, ଶ୍ରୀକାନ୍ତ ସାହୁ, ଜଗନ୍ନାଥ ସାହୁ, ପି:ଦୟାନିଧି ସାହୁ, ଜା:ଚଷା, ବା:ନିଜଗାଁ | ୧୨୧/ ୨୦୯ | ୧୨୨ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୧୫୮ | | | ୧୪୯ | ଶାରଦ ତିନି | ୦.୦୬୦ | ୦.୦୬୦ | |
| | | | | | ମୋଟ | ୦.୧୪୦ | |
| ୧୫୯ | ମଧୁସୂଦନ ସାହୁ, ପି:ଭାସ୍କର ସାହୁ, ଜା:ଚଷା, ବା:ନିଜଗାଁ | ୧୨୧/ ୨୧୦ | ୫୩ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୧୬୦ | | | ୮୧ | ଶାରଦ ତିନି /୨ | ୦.୦୬୦ | ୦.୦୬୦ | |
| ୧୬୧ | | | ୪୬ | ଶାରଦ ତିନି | ୦.୧୧୦ | ୦.୧୧୦ | |
| ୧୬୨ | | | ୧୪୮ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୧୬୩ | ମଧୁସୂଦନ ସାହୁ, ପି:ଭାସ୍କର ସାହୁ, ଜା:ଚଷା, ବା:ନିଜଗାଁ | ୧୨୧/ ୨୧୦ | ୩୭୫ | ତଇଳା ଏକ | ୦.୧୫୦ | ୦.୧୫୦ | |
| ୧୬୪ | | | ୪୫ | ଶାରଦ ତିନି | ୦.୦୫୦ | ୦.୦୫୦ | |
| ୧୬୫ | | | ୪୭ | ଶାରଦ ତିନି | ୦.୦୨୦ | ୦.୦୨୦ | |
| | | | | | ମୋଟ | ୦.୫୧୦ | |
| ୧୬୬ | ଦୁଷ୍ମନ୍ତ ସାହୁ, ସଞ୍ଜୟ ସାହୁ, ପି:ହରିହର ସାହୁ, ଜା:ଚଷା, ବା:ନିଜଗାଁ | ୧୨୧/ ୨୧୧ | ୫୪ | ଶାରଦ ତିନି | ୦.୦୫୦ | ୦.୦୫୦ | |
| ୧୬୭ | ନିରୋଦ ସାହୁ, କ୍ଷୀରୋଦ ସାହୁ, ଅରବିନ୍ଦ ସାହୁ ପି:ସିଦ୍ଧେଶ୍ୱର ସାହୁ, ଜା: ଚଷା, ବା:ନିଜଗାଁ | ୧୨୧/ ୨୧୨ | ୪୯ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୧୬୮ | କରୁଣାକର ସାହୁ, ପି: ନବକିଶୋର ସାହୁ, ଶ୍ରୀକାନ୍ତ ସାହୁ, ଜଗନ୍ନାଥ ସାହୁ, ପି:ଦୟାନିଧି ସାହୁ, ମଧୁସୂଦନ ସାହୁ, ପି: ଭାସ୍କର ସାହୁ, ଦୁଷ୍ମନ୍ତ ସାହୁ, ସଞ୍ଜୟ ସାହୁ, ପି:ହରିହର ସାହୁ, ନିରୋଦ ସାହୁ, କ୍ଷୀରୋଦ ସାହୁ, ଅରବିନ୍ଦ ସାହୁ, ପି:ସିଦ୍ଧେଶ୍ୱର ସାହୁ, ଜା:ଚଷା, ବା:ନିଜଗାଁ | ୧୨୧/ ୨୧୩ | ୩୯୦ | ଶାରଦ ଏକ | ୦.୦୨୦ | ୦.୦୨୦ | |
| ୧୬୯ | | | ୩୯୧ | ତଇଳା ଏକ | ୦.୦୩୦ | ୦.୦୩୦ | |
| | | | | | ମୋଟ | ୦.୦୫୦ | |
| | | | | | ମୋଟ ରକବା-ଏ | ୧୭.୪୩୦ | |

ସ୍ୱା./–
ଅମିନ
ଓଡାପଡା ତହସିଲ

ସ୍ୱା./–
ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ଓଡାପଡା

Sd./-
COLLECTOR
DHENKANAL
OIPR-24034/14/0008/2526

## ଫୁଲ ଚାଷ



**ଗୋ**ଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

## ପନିପରିବା ଚାଷ



**ବି**ଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଚିନାବାଦମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆ ଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ସମ୍ବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ଫ୍ଲୁବେଣ୍ଡିଆମାଇଡ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

# ପ୍ରାଣୀଙ୍କୁ ଫାଟୁଆ ରୋଗ



ଡା.ବୀରକିଶୋର ପରିଡ଼ା

"ଫାଟୁଆ ପ୍ରାଣୀମାନଙ୍କର ଏକ ସବୁଠାରୁ ବଡ଼ ଅନିଷ୍ଟକାରୀ ଏବଂ ଉଚ୍ଚ ସଂକ୍ରମିତ ରୋଗ ରୂପେ ଦେଖାଦେଇଥାଏ । ଏହି ରୋଗ ଖୁବ୍‌ଶୀଘ୍ର ଗୋଟିଏ ପ୍ରାଣୀରୁ ଆଉ ଗୋଟିଏ ପ୍ରାଣୀକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବ୍ୟାପି ଯାଇଥାଏ । ଭୂତାଣୁଗୁଡ଼ିକ ପାଟିର ଆବରଣ, ନାକ, ଆଖି କିମ୍ବା ଚର୍ମର ଖଣ୍ଡିଆ ବା କ୍ଷତର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ଶରୀରରେ ସହଜରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ ।"

**ଫା**ଟୁଆ ରୋଗ ଏକ ମାରାତ୍ମକ ଭୂତାଣୁଜନିତ ସଂକ୍ରାମକ ରୋଗ । ଏହି ଭାଇରସ୍ ପିକର୍ଣ୍ଣା ପରିବାର ଏବଂ ଆପ୍‌ଥୋ ଭୂତାଣୁ ଜାତିର ଅନ୍ତର୍ଭୁକ୍ତ । ୧୯୯୨ ମସିହାରେ ପ୍ରସିଦ୍ଧ ବୈଜ୍ଞାନିକ ଲଫଲର୍ ଏହି ପ୍ରସ୍ତୁତ ଭୂତାଣୁକୁ ସବୁଠାରୁ ପ୍ରଥମ କ୍ଷୁଦ୍ର ଭୂତାଣୁ ରୂପରେ ଚିହ୍ନଟ କରିଥିଲେ । ୧୮୩୯ ମସିହାରେ ଇଂଲଣ୍ଡର ଷ୍ଟାଟ୍‌ଫୋର୍ଡଠାରେ ଏହି ଭୂତାଣୁ ସର୍ବପ୍ରଥମେ ଦେଖାଦେଇଥିଲା । ତା'ପରେ ଏହା ସ୍କଟଲାଣ୍ଡ, ଆୟରଲାଣ୍ଡ ଭଳି ଦେଶରେ ବ୍ୟାପି ଯାଇଥିଲା । ବର୍ତ୍ତମାନ ପୃଥିବୀର ସବୁ ଦେଶରେ ଏହା ଏକ ମାରାତ୍ମକ ସଂକ୍ରାମକ ରୋଗ ରୂପେ ଦେଖାଦେଇ ଡାଏରୀ ଶିଳ୍ପରେ ଏକ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଅଛି । ଏହା ଏକ ଗୋଟିକିଆ ସୂତାକୃତିର ଆର୍.ଏନ୍.ଏ. ଭୂତାଣୁ। ଏଥିରେ ସାଧାରଣତଃ ଗାଈଗୋରୁ ସବୁଠାରୁ ବେଶି ଆକ୍ରାନ୍ତ ହୋଇଥାନ୍ତି। ଆମ ଦେଶ ଭାରତ ଓ ଏସିଆ ମହାଦେଶରେ ସାଧାରଣତଃ ପାଞ୍ଚ ପ୍ରକାରର ଫାଟୁଆ ଭୂତାଣୁ ଦେଖିବାକୁ ମିଳେ । ସେଗୁଡ଼ିକ ହେଲା – ଓ, ଏ, ସି, ଏସିଆଟିକ୍ –୧ ଏବଂ ଏ –୨୨। ଏପର୍ଯ୍ୟନ୍ତ ମୋଟ ୭୪ ପ୍ରକାରରୁ ଊର୍ଦ୍ଧ୍ୱ ଫାଟୁଆ ଉପଜାତିର ଭୂତାଣୁ ପୃଥିବୀର ବିଭିନ୍ନ ସ୍ଥାନରେ ଚିହ୍ନଟ କରାଯାଇଅଛି।

ଏହି ଭୂତାଣୁ ଗୁହାଳର ଚଟାଣ, କାନ୍ଥ, ବ୍ୟବହୃତ ଲୁଗାପଟା, ଖାଦ୍ୟପାତ୍ରରେ ଗରମ ଦିନରେ ୧ମାସ ଏବଂ ଶୀତଦିନରେ ୨ମାସ ପର୍ଯ୍ୟନ୍ତ ସଂକ୍ରମିତ ଅବସ୍ଥାରେ ବଞ୍ଚିରହିଥାନ୍ତି । ଏହି ଭୂତାଣୁ ୩୭ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପରେ ଦୁଇଦିନ ବଞ୍ଚିଥାନ୍ତି। ପାଣି ଓ ପବନ ଦ୍ୱାରା ଏମାନେ ଖୁବ୍ ଶୀଘ୍ର ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ମାଡ଼ି ଯାଆନ୍ତି ଏବଂ ଖୁବ୍ ଶୀଘ୍ର ସେମାନଙ୍କର ରୂପ ଓ ଗୁଣ ବଦଳାନ୍ତି । ଫାଟୁଆ ରୋଗର ଭୂତାଣୁ ମଧ୍ୟ ଗାଈଗୋରୁଙ୍କ ଶରୀରରେ ରୋଗର ଲକ୍ଷଣ ନ ଦେଖାଇ ବାହକ ଅବସ୍ଥାରେ ବହୁଦିନ ପର୍ଯ୍ୟନ୍ତ ରହିଥାଆନ୍ତି ଏବଂ ଅନ୍ୟ ଏକ ସୁସ୍ଥ ଗୋରୁର ସଂସ୍ପର୍ଶରେ ଆସିଲେ ଭୂତାଣୁ ରୋଗ ସୃଷ୍ଟି କରାନ୍ତି ।

**ରୋଗ ବ୍ୟାପେ କିପରି:** ଫାଟୁଆ ପ୍ରାଣୀମାନଙ୍କର ଏକ ସବୁଠାରୁ ବଡ଼ ଅନିଷ୍ଟକାରୀ ଏବଂ ଉଚ୍ଚ ସଂକ୍ରମିତ ରୋଗ ରୂପେ ଦେଖାଦେଇଥାଏ । ଏହି ରୋଗ ଖୁବ୍‌ଶୀଘ୍ର ଗୋଟିଏ ପ୍ରାଣୀରୁ ଆଉ ଗୋଟିଏ ପ୍ରାଣୀକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସହଜରେ ବ୍ୟାପି ଯାଇଥାଏ। ଭୂତାଣୁଗୁଡ଼ିକ ପାଟିର ଆବରଣ, ନାକ, ଆଖି କିମ୍ବା ଚର୍ମର ଖଣ୍ଡିଆ ବା କ୍ଷତର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ଶରୀରରେ ସହଜରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ । ରୋଗାକ୍ରାନ୍ତ ପ୍ରାଣୀଙ୍କ ଦେହର ଫୋଟକା, ପାଟିର ଲାଳ, ଦୁଗ୍ଧ, ଝାଡ଼ା, ପରିସ୍ରା ଓ ଗୋଡ଼ ଖୁରାର ବକଳାରେ ଏହି ରୋଗର ଭୂତାଣୁ ଭରପୂର ଥାଆନ୍ତି । ତେଣୁ ସୁସ୍ଥ ଗାଈଗୋରୁ ସଂକ୍ରମିତ ଗାଈଗୋରୁର ଉପରୋକ୍ତ ନିଷ୍କାସିତ ସଂସ୍ପର୍ଶରେ ପ୍ରତ୍ୟକ୍ଷ ଭାବେ ଆସିଲେ ଏହି ରୋଗ ସହଜରେ ବ୍ୟାପିଥାଏ । ଏହାକୁ ଡ୍ରପ୍‌ଲେଟ୍ ସଂକ୍ରମଣ କହନ୍ତି । ଏହି ରୋଗରୁ ଆରୋଗ୍ୟ ହେବା ପରେ ମଧ୍ୟ ଗାଈଗୋରୁ ଓ ମେଣ୍ଢାମାନଙ୍କର ଅଧିଜିହ୍ୱା, ପାଟିର ଉପର ତାଳୁ ଏବଂ ପାଟି ଭିତର ଫାରିଙ୍ଗସ୍ ବା ଅଧିଜିହ୍ୱାରେ ରୋଗର ଭୂତାଣୁମାନେ ବହୁଦିନ ପର୍ଯ୍ୟନ୍ତ ଶରୀରରେ ବାହକ ଅବସ୍ଥାରେ ରହିଥାନ୍ତି ଏବଂ ସୁସ୍ଥ ପ୍ରାଣୀମାନେ ଏହି ବାହକ ପ୍ରାଣୀମାନଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ଏହି ରୋଗ ବ୍ୟାପିବାର ସମ୍ଭାବନା ଥାଏ ।

**ପରୋକ୍ଷ ସଂସ୍ପର୍ଶ ଦ୍ୱାରା :** ଫାଟୁଆ ରୋଗ ବ୍ୟାପିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସୁସ୍ଥ ଗାଈଗୋରୁ ସଂକ୍ରମିତ ଗୋଚର ବା ଚାରଣ ଭୂମିରେ ଚରି ବୁଲିଲେ କିମ୍ବା ସଂକ୍ରମିତ ଖାଦ୍ୟପାଣି ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ସହଜରେ ଶରୀରରେ ପ୍ରବେଶ କରି ରୋଗ ସୃଷ୍ଟିକରିଥାନ୍ତି। ପରୀକ୍ଷା କରି ଦେଖାଯାଇଛି ଯେ ଏହି ଭୂତାଣୁ ଗୁହାଳରେ ବ୍ୟବହୃତ ଜୋତା, ଦଉଡ଼ି, ଲୁଗାପଟା, ନଡ଼ା ବା କୁଟା, ଘାସ, ପ୍ରାଣୀମାନଙ୍କର ପଶମ ଓ ଲୋମ, ପକ୍ଷୀ ପରରେ ଅନେକ ଦିନ ଧରି ବଞ୍ଚି ରହିଥାନ୍ତି । ଉପଯୁକ୍ତ ଅନୁକୂଳ ଅବସ୍ଥାରେ ଏହି ଭୂତାଣୁଗୁଡ଼ିକ ବାୟୁ ବା ପବନ ସାହାଯ୍ୟରେ ସଂକ୍ରମିତ ସ୍ଥାନରୁ ୬୦ମାଇଲ୍‌ରୁ ଊର୍ଦ୍ଧ୍ୱ ଦୂରତା ପର୍ଯ୍ୟନ୍ତ ବ୍ୟାପି ଯାଇଥାଏ। ସର୍କସ ବା ଚିଡ଼ିଆଖାନାରେ ଖେଳ ପାଇଁ ବାହାରୁ ଆସିଥିବା ବିଭିନ୍ନ ବନ୍ୟଜନ୍ତୁଙ୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିବାରେ ଅନେକ ସହାୟତା କରିଥାଏ । ମୁଖ୍ୟତଃ ଏହି ଭୂତାଣୁମାନେ ଖାଦ୍ୟପେୟ କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ବାୟୁ ମାଧ୍ୟମରେ ଶରୀରରେ ପ୍ରବେଶ କରିଥାନ୍ତି ।



**ରୋଗ କିପରି ସୃଷ୍ଟି ହୁଏ :** ଭୂତାଣୁମାନେ ପ୍ରାଣୀଙ୍କ ଶରୀରରେ ବିଭିନ୍ନ ବାଟ ମାଧ୍ୟମ ଦେଇ ପ୍ରବେଶ କଲା ପରେ ଲସିକା ଗ୍ରନ୍ଥିରେ ବଂଶବୃଦ୍ଧି କରନ୍ତି । ତା'ପରେ ଭୂତାଣୁ ଲସିକା ଗ୍ରନ୍ଥିରୁ ଲସିକା ନଳୀ ଦେଇ ରକ୍ତରେ ମିଶି 'ଭାଇରେସିଆ' ଅବସ୍ଥା ସୃଷ୍ଟି କରେ । ଫଳରେ ଶରୀରର ଉତ୍ତାପ ବୃଦ୍ଧି ପାଏ । ରକ୍ତରୁ ଏହି ଭୂତାଣୁ ଶରୀରର ବିଭିନ୍ନ ଜୀବକୋଷରେ ପହଞ୍ଚି ବଂଶବୃଦ୍ଧି କରିବା ସଙ୍ଗେ ସଙ୍ଗେ ପାଟି ଭିତର, ପହ୍ମା ବା ଚିରର ଉପରିଭାଗ କିମ୍ବା ଖୁରାର ଲୋମବିହୀନ ମଝି ଅଂଶରେ ଲାଲ କ୍ଷୁଦ୍ର ଫୋଟକା ଧୀରେ ଧୀରେ ବଡ଼ ହୋଇ ଦୁଇ ତିନିଦିନ ମଧ୍ୟରେ ଫାଟିଯାଇ ପାଣି ବାହାରେ ଏବଂ ପରେ ଘା' ସୃଷ୍ଟି ହୁଏ । ପାଟିରେ ଘା' ବା କ୍ଷତ ସୃଷ୍ଟି ହେବା ପୂର୍ବରୁ ଲାଳଗ୍ରନ୍ଥିରେ ଭୂତାଣୁର ବଂଶ ବୃଦ୍ଧି ଘଟିଥାଏ । ଜିଭର ସଂକ୍ରମିତ ଉପର ସ୍ତର, ପାଟିର ଫୋଟକାରେ ଥିବା ପାଣି, ଲାଳ କିମ୍ବା ଖୁରାର ବକଳାରେ ପ୍ରତି ଏକ ମିଲିମିଟରରେ ଲକ୍ଷାଧିକ ଭୂତାଣୁ ଦେଖିବାକୁ ମିଳେ ।

**ଲକ୍ଷଣ :** ଏହି ରୋଗ ଆରମ୍ଭ ହେବାର ପ୍ରଥମ ଲକ୍ଷଣ ହେଉଛି – ଶାରୀରିକ ଉତ୍ତାପ ୧୦୪–୧୦୬ ଡିଗ୍ରୀ ଫାରେନ୍‌ହିଟ୍‌କୁ ବୃଦ୍ଧି ପାଇଥାଏ । ଗୋରୁମାନେ ଦୁର୍ବଳ ଦେଖାଯାଆନ୍ତି । ମୁହଁର ଥୋମଣି ଶୁଖିଲା ଦେଖାଯାଏ। ଖାଇବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ହଠାତ୍ ଗାଈଙ୍କର କ୍ଷୀର ଦେବା ବନ୍ଦ ହୋଇଯାଏ। ଖୁରା, ପାଟି, ପହ୍ମା ବା ଚିରରେ ବିଭିନ୍ନ ଆକୃତିର ଫୋଟକାମାନ ବାହାରିଥାଏ । ପାଟିର ବିଭିନ୍ନ ଅଂଶ ଯଥା – ଜିଭର ଉପରିଭାଗ, ଗାଲର ଭିତର ପଟ, ମାଢ଼ି ଓ ଓଠର ଭିତର ଅଂଶ ଏବଂ ଖୁରାର ମଝି ଅଂଶ ବିଶେଷଭାବେ ସଂକ୍ରମିତ ହୋଇ ଘା' ସୃଷ୍ଟି ହୁଏ । ଦୁଇ ବା ତିନିଦିନ ମଧ୍ୟରେ ଫୋଟକାଗୁଡ଼ିକ ଫାଟିଯାଇ ଘା'ରେ ପରିଣତ ହୁଏ । ପାଟିରୁ ଅତିମାତ୍ରାରେ ଲାଳ ବୋହିବାର ଦେଖାଯାଏ । ଖୁରା ଫୁଲିଯାଇ ଗରମ ଲାଗେ ଓ ଯନ୍ତ୍ରଣାଦାୟକ ହୁଏ । ଗାଈଗୋରୁ ଛୋଟାନ୍ତି ରୋଗର ଉତ୍କଟ ଅବସ୍ଥାରେ ୪ଦିନ ଏବଂ ମଧ୍ୟମ ଅବସ୍ଥାରେ ୭–୧୦ ଦିନ ପର୍ଯ୍ୟନ୍ତ ଲକ୍ଷଣ ପ୍ରକାଶ ପାଇଥାଏ । କିନ୍ତୁ ଉପଯୁକ୍ତ ଯତ୍ନର ଅଭାବ ଏବଂ ରୋଗର ଶିଥିଳ ଅବସ୍ଥାରେ ଫାଟୁଆ ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ମାସ ମାସ ଧରି ସମୟ ଲାଗେ ଓ ଘା'ରେ ପୋକ ସୃଷ୍ଟି ହୁଏ । (କ୍ରମଶଃ...)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ : ୯୪୩୭୬୦୭୩୧୨

## ଅଳ୍ପରେ



**ଲଙ୍କା :** ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

**ଫୁଲକୋବି :** ଫୁଲକୋବି ଫସଲରେ ଶୁଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ଏକ ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।



**ସୋରିଷ:** ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିଷାନ୍, ପୁଷା ମସ୍‌ଟାର୍ଡ–୨୫ ଓ ୨୭, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନ କରି ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ାଖୁସା କରନ୍ତୁ ।



## ମାଛ ଯାଆଁଳଙ୍କ ପାଇଁ ଖାଦ୍ୟ



ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ। ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ । ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏ ରଖନ୍ତୁ । ଏପରି ଦୁଇରୁ ତିନିଦିନ କରିବେ। ପଚା ଘା' ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।

# ଆଖୁ କିଆରିରେ ଅଗବିନ୍ଧା ପୋକ ଦମନ



**ଆ**ଖୁ କିଆରିରେ ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩–୪ ଥର ଛାଡନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ। ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଲିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।

## ଡାଲିଜାତୀୟ ଫସଲ ଚାଷ କରୁଥିଲେ...



ଏକ କି.ଗ୍ରା. ଡାଲିଜାତୀୟ ବିହନ ପିଛା କାର୍ବୋକ୍ସିନ୍ ୩୭.୫% ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ଔଷଧ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।



# ଖରିଫ ଧାନ ଅମଳ ସମୟରେ...

**ଖ**ରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩–୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ୍।

ଅନ୍ୟପକ୍ଷରେ ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

**ବିହନ କିସମ :** ସହଳ – ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ –ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଳିବା ନିମନ୍ତେ ନାଳିମାନ ରଖନ୍ତୁ । ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।